R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୦
ତିଥି : ଏକାଦଶୀ
୦୫ ଏପ୍ରିଲ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 180
05 April 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ଦୁଇଦିନ ଭୀଷଣ ତାତି

ଭୁବନେଶ୍ୱର, ୪।୪ (ସବ୍ୟୁ) : ଦିନ ହେଉ କି ରାତି ସବୁ ବେଳେ ଅସହ୍ୟାଳ ଗରମ। ଦିନରେ ସୂର୍ଯ୍ୟଙ୍କ ପ୍ରଖର ଉତ୍ତାପ ସାଙ୍ଗକୁ ଆର୍ଦ୍ରତା କଲବଲ କରୁଛି । ରାଜ୍ୟରେ ଆଜି ୪୨ ଡିଗ୍ରୀ ଛୁଇଁଛି । ୧୧ସହରରେ ୪୦ଡ଼ିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଛି । ଆଗାମୀ ଦୁଇଦିନ ଭୀଷଣ ତାତି ଅନୁଭୂତ ହେବ । ଏପରିକି ୬ଟି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ପ୍ରବାହିତ ଲାଗି ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାର ଦୁଇ ଦିନ ପରେ ଅର୍ଥାତ ୭ ତାରିଖ ବେଳକୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ । ଏଭଳି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଗ୍ରୀଷ୍ମ ପ୍ରବାହକୁ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲରେ ପାଣି ପିଇବା ଲାଗି ନିୟମିତ

ବ୍ୟବଧାନରେ ଘଣ୍ଟି ବାଜିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିଲାଗି ସମସ୍ତ ଜିଲ୍ଲା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି । ସମସ୍ତ ବିଦ୍ୟାଳୟରେ ଜଳ ବିରତି ଘଣ୍ଟି ଲାଗୁ କରିବାକୁ କୁହାଯାଇଛି । କ୍ଲାସ୍ ସମୟରେ ୩ ଥର ଏହି ଘଣ୍ଟି ବାଜିବ । ସକାଳ ୮.୩୦, ୧୦.୦୦ ଓ ୧୧.୦୦ ସମୟରେ ଘଣ୍ଟି ବାଜିବ । ଘଣ୍ଟି ବାଜିଲେ ପିଲାମାନେ ପାଣି ପିଉଛନ୍ତି କି ନାହିଁ ତାହା ଶିକ୍ଷକ, ଶିକ୍ଷୟତ୍ରୀ ତଦାରଖ କରିବେ । ସ୍କୁଲ ଯିବା ଆସିବା ସମୟରେ ଛତା କିମ୍ବା ଟୋପି ବ୍ୟବହାର ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବାକୁ କୁହାଯାଇଛି ।

ପାଣିପାଗ ବିଭାଗର କହିବାନୁସାରେ, ଗୁରୁବାର ମାଲକାନଗିରି ଏବଂ ବୌଦ୍ଧରେ ଚଳିତବର୍ଷର ସର୍ବୋଚ୍ଚ ଦିନ ତାପମାତ୍ରା ୪୨ଡ଼ିଗ୍ରୀ ରେକର୍ଡ ହୋଇଛି । ଆସନ୍ତାକାଲି(ଶୁକ୍ରବାର) ଠାରୁ ୬ ତାରିଖ ଯାଏ ବଲାଙ୍ଗୀର, କେନ୍ଦୁଝର, ବୌଦ୍ଧ, ମାଲକାନଗିରି, ନୟାଗଡ଼, ଅନୁଗୁଳ ଜିଲ୍ଲାର ସ୍ଥାନେ ସ୍ଥାନେ ଗ୍ରୀଷ୍ମ ଲହରୀ ପ୍ରବାହିତ ହୋଇପାରେ । ଉପକୂଳ ଅଞ୍ଚଳରେ (୯ ପୃଷ୍ଠାରେ)

୬ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ଲାଗି ୱାର୍ଣ୍ଣିଂ
ଦିନ–ରାତି ଅସହ୍ୟ ହେବ ଗରମ
ଉପକୂଳ ପିକରେ ୫୦–୭୦% ଆର୍ଦ୍ରତା
ଆଭ୍ୟନ୍ତରୀଣରେ ୩୦–୫୦% ଆର୍ଦ୍ରତା
ମାଲକାନଗିରି, ବୌଦ୍ଧରେ ୪୨° ଛୁଇଁଲା
ସ୍କୁଲରେ ବାଜିବ ଜଳ ବିରତି ଘଣ୍ଟି

ଅଗ୍ନି ପ୍ରାଇମର ସଫଳ ପରୀକ୍ଷଣ

ବାଲେଶ୍ୱର, ୪।୪ (ସବ୍ୟୁ) : ବୁଧବାର ସନ୍ଧ୍ୟା ସାଢ଼େ ୬ଟାରେ ଧାମରାସ୍ଥିତ ଅବଦୁଲ କାଲାମ ଦ୍ୱୀପରୁ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷଣ କରାଯାଇଛି । ଅଗ୍ନି ପ୍ରାଇମ ଇଣ୍ଟରିମ୍ ବାଲାଷ୍ଟିକ ମିଜାଇଲ ଶ୍ରେଣୀର । ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ଦୂରତା ୧୦୦୦ କି.ମି.ରୁ ୨୦୦୦ କି.ମି. ମଧ୍ୟରେ ରହିଛି । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯିବାକୁ ଥିବା ଏହି କ୍ଷେପଣାସ୍ତ୍ରର ଓଜନ ୩ ଟନ୍, ଲମ୍ବର ୧୫ ମିଟର, ଓ ମୋଟେଇ ୧ ମିଟର । ଏହି କ୍ଷେପଣାସ୍ତ୍ରକୁ ବହନ କରୁଥିବା ଇଞ୍ଜିନ ୨ ପର୍ଯ୍ୟାୟ ବିଶିଷ୍ଟ ହୋଇଥିବା ବେଳେ ଏହା କଠିନ ଇନ୍ଧନ ଦ୍ୱାରା ଚାଲିବ । ଏହାର ବେଗ ସେକେଣ୍ଡ ପ୍ରତି ୨୫ କି.ମି.। ଅଗ୍ନି ପ୍ରାଇମ୍ ଉତ୍କ୍ଷେପଣ ସମୟରେ ଭାରତର ପୂର୍ବାଞ୍ଚଳରେ ଥିବା ସମସ୍ତ ରାଡାରରେ ଏହାର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଥିଲା । ଏହି ମିଜାଇଲ ଭାରତୀୟ ଜ୍ଞାନ କୌଶଳରେ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ଦ୍ୱାରା (୯ ପୃଷ୍ଠାରେ)

ଯୁଦ୍ଧାସ୍ତ୍ର ବହନ କରିବା ସହ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏହି କ୍ଷେପଣାସ୍ତ୍ରର ଓଜନ ୬

କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ମାମଲା ଖାରଜ

ଗଣତନ୍ତ୍ର ତା ବାଟରେ ଯାଉ : ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୪।୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଅରବିନ୍ଦ କେଜରିୱାଲଙ୍କୁ ହଟାଇବା ପାଇଁ ଯେଉଁ ମାମଲା ଦାଏର କରାଯାଇଥିଲା ତାହାକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଛନ୍ତି । ଏହି ମାମଲାକୁ ଖାରଜ କରି କାର୍ଯ୍ୟରତ ପ୍ରଧାନ ବିଚାରପତି କହିଛନ୍ତି ଯେ ଗଣତନ୍ତ୍ରକୁ ତା ବାଟରେ ଯିବାକୁ ଦିଆଯାଉ । ହିନ୍ଦୁ ସେନା ପକ୍ଷରୁ କେଜରିୱାଲଙ୍କୁ ଇସ୍ତଫା ଦେବାପାଇଁ ଦିଲ୍ଲୀ ଏଲ୍‌ଜିଙ୍କୁ ନିର୍ଦ୍ଦେଶ ଦେବାପାଇଁ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା । ଏହାକୁ ବିଚାର କରି ଆଜି ଏଭଳି ରାୟ ଆସିଛି । ଆବେଦନକାରୀ ଦର୍ଶାଇଥିଲେ ଯେ ଜାତୀୟ ସ୍ୱାର୍ଥକୁ ବ୍ୟକ୍ତିଗତ ପ୍ରସଙ୍ଗ ଠାରୁ ପ୍ରାଧାନ୍ୟ ଦିଆଯାଉ । ତେଣୁ ଏହାକୁ ଗୁରୁତ୍ୱ ଦିଆଯାଇ ବିଚାର କରାଯାଉ । କୋର୍ଟ ଏହାକୁ ଖାରଜ କରିଥିଲେ । ସେହିଭଳି ଗତ ସପ୍ତାହରେ ଓ ଜାନୁଆରୀରେ ମଧ୍ୟ ଏଭଳି ଆଉଏକ ମାମଲା ଆସିଥିଲା । କାର୍ଯ୍ୟକାରୀ ପ୍ରଧାନ ବିଚାରପତି କହିଥିଲେ ଯେ ପଦବୀରେ ଥିବା ଜଣେ ମୁଖ୍ୟମନ୍ତ୍ରୀଙ୍କୁ ବାହାର କରିବାରେ ବିଚାର ବିଭାଗର ହସ୍ତକ୍ଷେପ ନେଇ କୌଣସି ବ୍ୟବସ୍ଥା ନାହିଁ । ଏହାକୁ ସରକାରଙ୍କର ଅନ୍ୟ ଏକ ବିଭାଗ ଦେଖିବ । ଯାହା ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ତାହା କରାଯିବ ।

ଅରବିନ୍ଦ କେଜରିୱାଲ ମାର୍ଚ୍ଚ ୨୧ରେ ଦିଲ୍ଲୀ ମଦନୀତି ଦୁର୍ନୀତିରେ ଗିରଫ ହୋଇଥିଲେ । ବିରୋଧୀ ଦଳ ମଧ୍ୟ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିବା ନେଇ ସମାଲୋଚନା କରିଥିଲେ । କେଜରିୱାଲଙ୍କ ପାଇଁ ଅନ୍ତରୀଣ ଆଶ୍ୱସ୍ତି ଦେବାପାଇଁ ତାଙ୍କ ଓକିଲ ଆବେଦନ କରିଥିଲେ । ସେମାନେ ଯୁକ୍ତି ବାଢ଼ିଥିଲେ (୯ ପୃଷ୍ଠାରେ)

ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ଓଡ଼ିଶାର ୩ ସଦସ୍ୟ

ନୂଆଦିଲ୍ଲୀ, ୪।୪ : ରାଜ୍ୟସଭା ସଦସ୍ୟ ଭାବେ ୧୪ ଜଣ ଆଜି ଶପଥ ଗ୍ରହଣ କରିଛନ୍ତି । ପୂର୍ବତନ କଂଗ୍ରେସ ସଭାପତି ସୋନିଆ ଗାନ୍ଧି ଓ ଓଡ଼ିଶାରୁ ସାଂସଦ ହୋଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଶପଥ ଗ୍ରହଣ କରିଛନ୍ତି । ଏହାଛଡା ବିଜେଡିରୁ ନିର୍ବାଚିତ ହୋଇଥିବା ଦେବାଶିସ୍ ସାମନ୍ତରାୟ, ସୁଭାଶିଷ୍ ଖୁଣ୍ଟିଆ ମଧ୍ୟ ଶପଥ ନେଇଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦ୍ଦୀପ ଧନଖଡ ଏମାନଙ୍କୁ ଶପଥପାଠ କରାଇଛନ୍ତି । ସେହିଭଳି ରାଜ୍ୟସଭା ଉପାଧ୍ୟକ୍ଷ, ରାଜ୍ୟସଭାର ନେତା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ନୂଆଦିଲ୍ଲୀର ସଂସଦ ଭବନର ସମ୍ମିଳନୀ କକ୍ଷରେ ଏହି ଶପଥ ଉତ୍ସବ ଅନୁଷ୍ଠିତ ହୋଇଛି ।

ଗ୍ରୀଷ୍ମ ପ୍ରବାହ ଲାଗି କେନ୍ଦ୍ରର ସତର୍କତା

ନୂଆଦିଲ୍ଲୀ, ୪।୪ : ଦେଶରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ଦେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ଗାଇଡ୍‌ଲାଇନ୍ ଜାରି କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଆଜି ଏକ ବୈଠକରେ ସ୍ଥିତି ନେଇ ସମୀକ୍ଷା କରିଥିଲେ । ବୃଦ୍ଧି ପାଉଥିବା ତାପମାତ୍ରା ନେଇ (୯ ପୃଷ୍ଠାରେ)

ମେଡିକାଲରୁ ନବଜାତ ଶିଶୁପୁତ୍ର ଚୋରି

ବାଲେଶ୍ୱର, ୪।୪ (ସବ୍ୟୁ) : ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ ନବଜାତ ଶିଶୁପୁତ୍ର ଚୋରି ଅଭିଯୋଗ ହୋଇଛି। ୮ ଦିନର ଶିଶୁ ପୁତ୍ର ଚୋରି ହୋଇଥିବା ଅଭିଯୋଗ ଆଣଛନ୍ତି ପରିବାର ଲୋକେ।ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଆଠବାଟିଆ ଅଞ୍ଚଳର ସୁଶାନ୍ତ ବାରିକ ଓ ପତ୍ନୀ ଟିକିଲି ରାଣୀ ୨ତାରିଖ ଦିନ ନବଜାତ ଶିଶୁପୁତ୍ରକୁ ଜଣ୍ଡିସ୍ ହୋଇଥିବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।ଶିଶୁକୁ ପ୍ରସୂତି ବିଭାଗର ଏସଏନସିୟୁରେ ଚିକିତ୍ସିତ ହେଉଥିଲା ବେଳେ ଗୁରୁବାର ଦିନ ୧୨ ପରଠୁ ପିଲାକୁ ପାଇନଥିଲେବହୁ ଖୋଜାଖୋଜି କର୍ମଚାରୀଙ୍କୁ ପଚରା ଉଚରା ପରେ ବି ପିଲାକୁ ନ ପାଇବାରୁ ମେଡ଼ିକାଲ ଫାଣ୍ଡିରେ ଜଣାଇଛନ୍ତା ଏନେଇ ପୁଲିସ ଘଟଣାର ତଦନ୍ତ କରୁଛି ।

'ମିତ୍ର, ଭ୍ରଷ୍ଟାଚାରିଙ୍କ ବିରୁଦ୍ଧରେ ଆକ୍ସନ ନେବି' ଜଣ-ଜଣ କରି ଜୁମଲା ପାର୍ଟିରେ ଭରି ଦେବି ।

Issued in public interest by
All India Congress Committee.

ପିଠି ଓ ବେକର ଯତ୍ନ

ଆଜିକାଲି ସମସ୍ତେ ଅଫିସ୍‌ରେ ଚେୟାରରେ ପାଖାପାଖି ୭ ରୁ ୮ ଘଣ୍ଟା ବସି କାମ କରିବାକୁ ପଡୁଛି । ତେବେ ଏହି କାରଣରୁ ପିଠି, ବେକରେ ଯନ୍ତ୍ରଣା ଅନୁଭୂତ ହେଉଛି । ଏତେ ସମୟ ଗୋଟିଏ ସ୍ଥାନରେ ବସି କାମ କରିବା ଦ୍ୱାରା ଆମର ମେରୁଦଣ୍ଡ ଉପରେ ପ୍ରଭାବ ପଡୁଛି, ଯେଉଁ କାରଣରୁ ପିଠି ଓ ବେକରେ ଯନ୍ତ୍ରଣା ହେଉଛି । ତେବେ କିଛି ବ୍ୟାୟାମ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଏହି ଯନ୍ତ୍ରଣାରୁ ମୁକ୍ତି ମିଳିବ । ଏହି ସମସ୍ତ ବ୍ୟାୟାମକୁ କୌଣସି ଟ୍ରେନରଙ୍କ ଠାରୁ ଶିଖି ଆପଣ ଘରେ ଅଭ୍ୟାସ କରିପାରିବେ । ତେବେ ସବୁବେଳେ ଧ୍ୟାନ ରଖନ୍ତୁ ଯେପରି ଏକ୍ସରସାଇଜ୍‌କୁ ନିର୍ଭୁଲ ଭାବେ କରିପାରିବେ ।

ପ୍ଲାଙ୍କ୍ : ଏହି ସମସ୍ତ ଯନ୍ତ୍ରଣା ପାଇଁ ପ୍ଲାଙ୍କ ସବୁଠାରୁ ଭଲ ଏକ୍ସରସାଇଜ୍ ହୋଇଥାଏ । ପ୍ଲାଙ୍କ କରିବା ଦ୍ୱାରା ପୂରା ଶରୀରର ବ୍ୟାୟାମ ହୋଇଥାଏ । ଏହି ବ୍ୟାୟାମରେ ଶରୀରର ଭାର ଗୋଡ ଆଙ୍ଗୁଠି ଓ ହାତ ଉପରେ ରହିଥାଏ, ଯାହା ପିଠି ଯନ୍ତ୍ରଣା ପାଇଁ ବେଶ୍ ଉପକାରୀ ହୋଇଥାଏ । ଏହାକୁ ଧ୍ୟାନର ସହ ଦିନକୁ ୨ମିନିଟ୍ ପର୍ଯ୍ୟନ୍ତ କରନ୍ତୁ ବିଶେଷ ଲାଭ ମିଳିବ ।

ବ୍ରିଜ୍ ପୋଜ୍ : ଏହି ଏକ୍ସରସାଇଜ୍ ମଧ୍ୟ ଆମର ମେରୁଦଣ୍ଡ ପାଇଁ ଲାଭଦାୟକ ହୋଇଥାଏ । ଏହି ପୋଜ୍‌ର ଆକୃତି ବ୍ରିଜ୍ ଭଳି ହୋଇଥିବାରୁ ଏହାର ନାଁ ବ୍ରିଜ୍ ପୋଜ ରଖାଯାଇଛି । ଏହି ପୋଜ୍ କରିବା ଦ୍ୱାରା ପିଠି ଓ କାନ୍ଧ ଉପରେ ଖୁବ ଭଲ ପ୍ରଭାବ ପଡିଥାଏ । ଏହା ଦ୍ୱାରା କାନ୍ଧ ଓ ପିଠିର ଏକ୍ସରସାଇଜ୍ ହୋଇଥାଏ ।

ବ୍ୟାକ୍ ଏକ୍ସଟେନସନ୍ : ଏହା ପିଠି ଯନ୍ତ୍ରଣା ସହିତ ବେକ ଯନ୍ତ୍ରଣା ପାଇଁ ବେଶ୍ ଅବଶ୍ୟକ ହୋଇଥାଏ । ଏଥିରେ ହାତକୁ ଷ୍ଟ୍ରେଚ୍ କରିବାକୁ ପଡିଥାଏ, ତେଣୁ ଖୁବ ଭଲ ଭାବେ ପିଠିର ବ୍ୟାୟାମ ହୋଇଥାଏ । ସେହିଭଳି ବେକ ସିଧା ରଖି ଏହି ବ୍ୟାୟାମ କରାଯାଉଥିବାରୁ ବେକର ଷ୍ଟ୍ରେଚିଂ ଖୁବ ଭଲରେ ହୋଇଥାଏ ।

ନିଜ ଘରେ ରହିବାକୁ ଭଡା

ସାଧାରଣତଃ ପିଲାମାନେ ରୋଜଗାର କ୍ଷମ ହେବା ପର୍ଯ୍ୟନ୍ତ ବାପା ମାଆମାନେ ସେମାନଙ୍କ ଦାୟିତ୍ୱ ନେଇଥାଆନ୍ତି । ସେମାନଙ୍କ ରହିବା, ଖାଇବା, ପାଠ ପଢିବା ଆଦିର ବ୍ୟବସ୍ଥା ବାପାମାଆ କରିଥାଆନ୍ତି । ହେଲେ ନ୍ୟୁୟର୍କର ଜଣେ ମହିଳା ଏହି ଧାରାକୁ ଅନୁକରଣ କରିବାକୁ ନାରାଜ । ସେ ନିଜେ ନିଜର ରୁଲ୍ ବନାଇ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି । ତାଙ୍କର ପିଲାମାନଙ୍କୁ ନିଜ ଘରେ ରହିବା ପାଇଁ ଘର ଭଡା ଦେବାକୁ ହେଉଛି । ସୂଚନା ଅନୁସାରେ ମହିଳାଙ୍କର ଯଥାକ୍ରମେ ୬,୮ ଓ ୯ ବର୍ଷର ତିନୋଟି ସନ୍ତାନ ଅଛନ୍ତି, ଯେଉଁମାନଙ୍କ ଠାରୁ ସେ ଘର ଭଡା ଆଦାୟ କରନ୍ତି । କେବଳ ଘର ଭଡା ନୁହେଁ ସେମାନଙ୍କୁ ଗ୍ରସରୀ ବିଲ୍ ଓ ଡଲାର ୟୁଟିଲିଟି ପାଇଁ ମଧ୍ୟ ଭଡା ଦେବାକୁ ହୋଇଥାଏ । ସେମାନେ ଘର ଭଡା ବାବଦକୁ ଏକ ଡଲାର, ଗ୍ରସରୀ ବାବଦକୁ ୧ ଡଲାର ଓ ୟୁଟିଲିଟି ବାବଦକୁ ଏକ ଡଲାର ପୈଠ କରନ୍ତି । ଏହିପରି ଭାବେ ପିଲାମାନେ ମାସକୁ ୩ଡଲାର ମହିଳାଙ୍କୁ ଦେଇଥାଆନ୍ତି । ପିଲାମାନଙ୍କୁ ପ୍ରତି ମାସରେ ପକେଟ ମନି ଭାବେ ୬ ଡଲାର ମିଳିଥାଏ, ସେଥିରୁ ସେମାନେ ୩ ଡଲାର ଘର ଖର୍ଚ୍ଚ କରନ୍ତି ବାକି ୩ ଡଲାର ନିଜେ ଖର୍ଚ୍ଚ କରିଥାଆନ୍ତି । ମହିଳାଜଣଙ୍କ ମଧ୍ୟ ସମସ୍ତ ଖର୍ଚ୍ଚ ବଜେଟ୍ ଅନୁସାରେ କରନ୍ତି ବୋଲି ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି । ମହିଳାଙ୍କର ଏହି ପ୍ରକ୍ରିୟା ପଛରେ ପିଲାଙ୍କୁ ପଇସାର ମହତ୍ତ୍ୱ ଶିଖାଇବା ଉଦ୍ଦେଶ୍ୟ ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ସେମାନେ ବଡ ହେବା ପରେ ଯେପରି ନିଜ ବଜେଟ୍‌କୁ ସୁରୁଖୁରୁରେ ସମ୍ଭାଳିପାରିବେ ସେଥିପାଇଁ ମହିଳା ଜଣଙ୍କ ତାଙ୍କୁ ଏବେ ଠାରୁ ପ୍ରସ୍ତୁତ କରୁଥିବା ପ୍ରକାଶ କରିଛନ୍ତି । ତେବେ ମହିଳାଙ୍କର ଏହି ପ୍ରକ୍ରିୟାକୁ କେତେଜଣ ପସନ୍ଦ କରୁଥିବାବେଳେ କେତେଜଣ ନାପସନ୍ଦ ମଧ୍ୟ କରୁଛନ୍ତି ।

ବିରଳ ସଫେଇ ଟେକ୍‌ନିକ୍

ସାଧାରଣତଃ ପଶୁପକ୍ଷୀମାନଙ୍କୁ ଆମକୁ ସଫା କରିବାକୁ ପଡିଥାଏ । ହେଲେ ବିଲେଇ ଏଭଳି ଏକ ପଶୁ ଯିଏ ମନକୁ ମନ ସଫା ରହିଥାଏ । ନିକଟରେ ଏନେଇ ଏକ ରିସର୍ଚ୍ଚ କରାଯାଇଥିଲା, ଯେଉଁଥିରେ ଅନେକ ତଥ୍ୟ ସାମନାକୁ ଆସିଛି । ବିଲେଇମାନଙ୍କ ସଫା ସୁତୁରା ରହିବା ପଛର ଶ୍ରେୟ ସେମାନଙ୍କ ଜିଭକୁ ଯାଇଥାଏ । ସେମାନଙ୍କ ଜିଭରେ ଏକ ପ୍ରକାରର ସ୍ୱତନ୍ତ୍ର ଷ୍ଟ୍ରକଚର ରହିଛି ଯାହା ସେମାନଙ୍କୁ ସଫା ରଖିବାରେ ସାହାଯ୍ୟ କରିଥାଏ । ଦେଖିବାକୁ ମିଳିଥାଏ ବିଲେଇମାନେ ତାଙ୍କ ଶରୀରକୁ ସବୁବେଳେ ଜିଭରେ ଚାଟି ଥାଆନ୍ତି । ଏହି ସମୟରେ ସେମାନଙ୍କ ଜିଭରେ ଥିବା ସ୍ପାଇକ୍‌ସ ଗୁଡିକ ଶରୀରରୁ ମଇଳା ସଫା କରିବାରେ ସହାୟକ ହୋଇଥାଆନ୍ତି । କେବଳ ବିଲେଇ ନୁହେଁ ବାଘ ଶରୀରରେ ମଧ୍ୟ ଏଭଳି ସ୍ପାଇକ୍ ଦେଖିବାକୁ ମିଳିଥାଏ । ଏହି ଷ୍ଟ୍ରକଚର ନାଁ କାଭୋ ପପିଲାଏ, ଯାହା ଲାଳକୁ ସେମାନଙ୍କ ରୁମରେ ଭିଜିବାକୁ ଦେଇଥାଏ ଏବଂ ଖୁବ ସହଜରେ ସଫା ମଧ୍ୟ କରିଥାଏ । ବିଲେଇଙ୍କର ଏହି ଟେକ୍‌ନିକ୍‌କୁ ଆଗକୁ ସଫ୍ଟ ରୋବଟ ଗୁଡିକରେ ବ୍ୟବହାର କରାଯିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ସେହିଭଳି ବିଲେଇ ନିଜକୁ ଚାରୋଟି ପର୍ଯ୍ୟାୟରେ ସଫା କରିଥାଏ ବୋଲି ଜଣାପଡିଛି । ଏହି ସମୟରେ ସ୍ପାଇକରଗୁଡିକ ଖୁବ ଏଫିସିଏଣ୍ଟଲି କାମ କରିଥାଆନ୍ତି ।

ଇତିହାସ

୧୭୨୨ – ୟାକୁବ୍ ରୋଗଗୀନ ଇଷ୍ଟର ଆଇଲାଣ୍ଡର ସନ୍ଧାନ କରିଥିଲେ ।
୧୭୬୨ – ବ୍ରିଟିଶମାନଙ୍କର ୱେଷ୍ଟଇଣ୍ଡିଜ୍ ଉପରେ କବଜା ।
୧୭୬୪ – ଗ୍ରେଟ୍ ବ୍ରିଟେନ୍‌ରେ ଚୀନ୍ ଅଧିନିୟମ ପାରିତ ।
୧୭୬୮ – ପ୍ରଥମ ଚାମ୍ବର ଅଫ କମର୍ସର ସ୍ଥାପନା ।
୧୮୪୭ – ବ୍ରିଟେନ୍‌ରେ ପ୍ରଥମଥର ପାଇଁ ସାର୍ବଜନୀନ ପାର୍କ ଖୋଲା ଯାଇଥିଲା ।
୧୯୧୩ – ଆମେରିକାରେ ଫୁଟବଲ୍ ଫେଡେରେସନ୍‌ର ଗଠନ ।
୧୯୫୫ – ବ୍ରିଟେନ୍ ପ୍ରଧାନମନ୍ତ୍ରୀ ୱିଷ୍ଟନ୍ ଚର୍ଚ୍ଚିଲ ଇସ୍ତଫା ଦେଇଥିଲେ ।
୧୯୬୪ – ନୌସେନା ପ୍ରଥମ ଥର ପାଇଁ ରାଷ୍ଟ୍ରୀୟ ସମୁଦ୍ର ଦିବସ ପାଳନ କରିଥିଲା ।
୧୯୭୫ – ସାଉଦି ଆରବର ରାଜା ଫୈଜଲ୍‌ଙ୍କ ହତ୍ୟା ।

ସୋସିଆଲ କୋଟ୍ସ

ମୁମ୍ବାଇ ଆସିବା ସମୟରେ ପାଞ୍ଚ ହଜାର ଟଙ୍କା ସାଙ୍ଗରେ ନେଇ ଆସିଥିଲି । ଏଠି ଅନେକ ଦିନ ପର୍ଯ୍ୟନ୍ତ ଷ୍ଟ୍ରଗଲ କରିଛି । ୯ଜଣଙ୍କ ସହିତ ରୁମ୍ ସେୟାର କରି ରହିଛି, ଯାହା ଖୁବ୍ କଷ୍ଟଦାୟକ ଥିଲା ।
ନୋରା ଫତେହି, ଅଭିନେତ୍ରୀ

ମଜାକ୍‌ରେ କୁହାଯାଇଥିବା କଥାର ଭୁଲ ଅର୍ଥ ବାହାର କରାଯାଇଛି । ମୁଁ ଅନିଲ ସହିତ କଥା ହୋଇ ଏହାର ସମାଧାନ କରିବି । ତାକୁ ସବୁ କଥା ସ୍ପଷ୍ଟ କରିବି ।
ବୋନି କପୁର, ଅଭିନେତା

କ୍ୟାରିୟରରେ ସଫଳତା ପାଇବା ପାଇଁ ଅନେକ ପରିଶ୍ରମ କରିଛି । ସଫଳ ହେବା ଆଗରୁ ଅନେକ ଥର ରିଜେକ୍ଟ ମଧ୍ୟ ହୋଇଛି । ପ୍ରଥମ ଫିଲ୍ମର ଅଡିସନରେ ମୁଁ ରିଜେକ୍ଟ ହୋଇଥିଲି ।
ବିକ୍ରାନ୍ତ ମେସି, ଅଭିନେତା

ଜେବନାହିଁ ବାୟୋପିକ୍

ପାଳଙ୍ଗ ଶାଗ ଚାଟ୍

ସାମଗ୍ରୀ– ପାଳଙ୍ଗ ପତ୍ର ୭ ରୁ ୮ ଟି, ଗୋଟିଏ କପ୍ ବେସନ, ଗୋଟିଏ କପ ଚାଉଳ ଚୁନା, କର୍ଣ୍ଣଫ୍ଲୋର ୨ ଛୋଟ ଚାମଚ, ଲଙ୍କା ଗୁଣ୍ଡ ଏକ ଚାମଚ, ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗରମ ମସଲା ।

ସଜାଇବା ପାଇଁ ସାମଗ୍ରୀ– ଦହି ଅଧା କପ, ଗୁଣ୍ଡ ଚିନି ଏକ ଚାମଚ, କଳା ଲୁଣ ଏକ ଚାମଚ, ଧନିଆ ଗୁଣ୍ଡ ଏକ ଚାମଚ, ଗ୍ରୀନ ଚଟଣୀ, ମିଠା ଚଟଣୀ, ଛୋଟ କଟା ହୋଇଥିବା ଅଦା, ଡାଳିମ୍ବ ମଞ୍ଜି, ଧନିଆ ପତ୍ର କଟା ।

ପ୍ରଣାଳୀ– ପ୍ରଥମେ ପାଳଙ୍ଗ ପତ୍ରକୁ ଭଲ କରି ଧୋଇ ନିଅନ୍ତୁ । ଗୋଟିଏ ପାତ୍ରରେ ବେସନ, ଚାଉଳ ଗୁଣ୍ଡ, କର୍ଣ୍ଣଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ, ଗରମ ମସଲା ପକାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ପାଳଙ୍ଗ ଶାଗକୁ ଏହି ମିଶ୍ରଣରେ ବୁଡାଇ ଛାଣି ନିଅନ୍ତୁ । ଏହା ପରେ ଆଉ ଏକ ପାତ୍ରରେ ଦହିରେ ଗୁଣ୍ଡ ଚିନି ଓ କଳା ଲୁଣ ପକାଇ ଭଲକରି ଗୋଳାଇ ନିଅନ୍ତୁ । ବର୍ତ୍ତମାନ ଏହି ପାଳଙ୍ଗ ପତ୍ରକୁ ତଳେ ରଖି ଏଥିରେ ଭଜା ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ଦହିର ମିଶ୍ରଣ, ଗ୍ରୀନ ଚଟଣି, ମିଠା ଚଟଣି, କଟା ହୋଇଥିବା ଧନିଆ ପତ୍ର, ଡାଳିମ୍ବ ମଞ୍ଜି ପକାନ୍ତୁ । ଏହିପରି ଯେତେ ଚାହିଁବେ ସେତୋଟି ପାଳଙ୍ଗ ପତ୍ରରେ ଏପରି ଚାଟ୍ ପ୍ରସ୍ତୁତ କରିପାରିବେ । ଏହା ଖାଇବାକୁ ବେଶ୍ ସ୍ୱାଦିଷ୍ଟ ହୋଇଥାଏ ।

ସେଲିବ୍ରିଟିଙ୍କ ଲାଇଫ୍ ବିଷୟରେ ଜାଣିବା ପାଇଁ ସମସ୍ତଙ୍କର ସବୁବେଳେ ଆଗ୍ରହ ରହିଥାଏ । ତେଣୁ ଅନେକ ଫିଲ୍ମ ମେକର ବାୟୋପିକ୍ ନିର୍ମାଣ କରିବାକୁ ଗୁରୁତ୍ୱ ଦେଇଥାଆନ୍ତି । ବି-ଟାଉନ୍‌ର ଅନେକ ସେଲିବ୍ରିଟିଙ୍କ ଉପରେ ବାୟୋପିକ୍ ନିର୍ମାଣ ସରିଛି । ତେବେ ଆଜି ପର୍ଯ୍ୟନ୍ତ ଏହି ତାଲିକାରେ ବି ଟାଉନ୍‌ର ପରିଚିତ ନାୟିକା ଦିବଙ୍ଗତ ଶ୍ରୀଦେବୀଙ୍କ ନାଁ ସାମିଲ ହୋଇ ନାହିଁ । ତାଙ୍କ ଲାଇଫ୍ ବିଷୟରେ ଜାଣିବାକୁ ଦର୍ଶକଙ୍କ ଭିତରେ ସବୁବେଳେ ଉତ୍ସୁକତା ଦେଖିବାକୁ ମିଳିଥାଏ । ହେଲେ ତାଙ୍କର ବାୟୋପିକ୍ ନିର୍ମାଣ ହେବ ନାହିଁ ବୋଲି ତାଙ୍କ ସ୍ୱାମୀ ବୋନି କପୁର ମତ ଦେଇଛନ୍ତି। ବୋନିଙ୍କର ଏହି ଷ୍ଟେଟ୍‌ମେଣ୍ଟ୍ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ବୋନିଙ୍କ ମତରେ ଶ୍ରୀଦେବୀ ଖୁବ ପ୍ରାଇଭେଟ୍ ପର୍ସନ ଥିଲେ, ତେଣୁ ତାଙ୍କ ମୃତ୍ୟୁ ପରେ ମଧ୍ୟ ଏହା ପ୍ରାଇଭେଟ୍ ହିଁ ରହିବା ଆବଶ୍ୟକ । ସେ ବଞ୍ଚିଥିବା ପର୍ଯ୍ୟନ୍ତ ଶ୍ରୀଙ୍କର ବାୟୋପିକ୍ ନିର୍ମାଣ ହେବ ନାହିଁ ବୋଲି ବୋନି କପୁର ମତ ଦେଇଛନ୍ତି । ୨୦୧୯ରେ ଫିଲ୍ମ 'ଶ୍ରୀଦେବୀ ବଙ୍ଗଲୋ'ର ରିଲିଜ୍ ବୋନିଙ୍କ ନୋଟିସ କାରଣରୁ ଅଟକି ଥିଲା । ଯାହା ଆଜିଯାଏଁ ରିଲିଜ୍ ହୋଇ ନାହିଁ । ଫିଲ୍ମର ଟ୍ରେଲର ଦେଖି ବୋନି ସେତେବେଳେ ଖୁବ ଦୁଃଖିତ ଥିଲେ । ସୂଚନା ଅନୁସାରେ ଶ୍ରୀଦେବୀଙ୍କର ୨୦୧୮ରେ ୫୪ ବର୍ଷରେ ମୃତ୍ୟୁ ହୋଇଥିଲା । ତାଙ୍କର ମୃତ୍ୟୁ ବାଥ୍ ଟବ୍‌ରେ ବୁଢିବା କାରଣରୁ ହୋଇଥିବା କୁହାଯାଇଥିଲା । ୧୯୯୬ରେ ଶ୍ରୀଦେବୀ ବୋନି କପୁରଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଦୁଇଟି କନ୍ୟା ସନ୍ତାନ ରହିଛନ୍ତି, ଜାହ୍ନବୀ ଓ ଖୁସୀ । ଶ୍ରୀଦେବୀ ବଲିଉଡ୍‌ରେ ପାଖାପାଖି ୩୦୦ରୁ ଅଧିକ ଫିଲ୍ମ କରିଛନ୍ତି, ଯାହା ତାଙ୍କୁ ବଲିଉଡ୍ କୁଇନ୍‌ର ପରିଚୟ ପ୍ରଦାନ କରିଥିଲା । ତାଙ୍କ ଫିଲ୍ମର ଏବେ ମଧ୍ୟ ଫ୍ୟାନ ରହିଛନ୍ତି । ଫିଲ୍ମ ଦୁନିଆରେ ତାଙ୍କର ଅବଦାନ ପାଇଁ ତାଙ୍କୁ ୨୦୧୩ରେ ପଦ୍ମଶ୍ରୀ ପୁରସ୍କାର ମିଳିଥିଲା ।

ଗୋମୁଖାସନ

ଯୋଗ ମ୍ୟାଟରେ ପ୍ରଥମେ ଗୋଡ ଲମ୍ବାଇ ବସିଯାଆନ୍ତୁ । ଏହାପରେ ବାମ ଗୋଡକୁ ଭାଙ୍ଗି ଡାହାଣ ଗୋଡ ଉପରେ ଚିତ୍ରରେ ଦିଆଯାଇଥିବା ଭଳି କ୍ରସ୍ କରି ରଖନ୍ତୁ । ଦୁଇଗୋଡର ଆଣ୍ଠୁକୁ ଉପର ତଳ କରି ପାଖାପାଖି ରଖନ୍ତୁ । ଏହାପରେ ବାମ ହାତକୁ କହୁଣୀ ପାଖରୁ ଭାଙ୍ଗି ପିଠିରେ ଲଗାଇ ରଖନ୍ତୁ । ଏହାପରେ ଡାହାଣ ହାତକୁ କାନ୍ଧ ଉପରେ ଭାଙ୍ଗି ବାମହାତକୁ ଧରିବାକୁ ଚେଷ୍ଟା କରନ୍ତୁ । ଯେତିକି ସମ୍ଭବ ସେତିକି ଷ୍ଟ୍ରେଚ୍ କରନ୍ତୁ, ଏପରି ଅବସ୍ଥାରେ ୩୦ ରୁ ୬୦ ସେକେଣ୍ଡ୍ ରହିପାରିବେ ।



ଉପକାର

* ପିଠି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।
* ସାଇଟିକା ରୋଗୀଙ୍କ ପାଇଁ ଏହା ଖୁବ ଉପକାରୀ ହୋଇଥାଏ ।
* ଷ୍ଟ୍ରେସ ଓ ଆଙ୍ଗଜାଇଟ୍ ପାଇଁ ଏହି ଆସନ ଭଲ ହୋଇଥାଏ ।
* ଏହି ଆସନ କରିବା ଦ୍ୱାରା ମନ ମଧ୍ୟ ଶାନ୍ତ ରହିଥାଏ ।

ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍

ରୂପାନ୍ତରଣ ଭିଜନର ଏକ ଜ୍ୱଳନ୍ତ ଉଦାହରଣ

ଭୁବନେଶ୍ୱର,(ସବ୍ୟୁ) : ଭୁବନେଶ୍ୱରରେ ନୂଆକରି ନିର୍ମାଣ ହୋଇଥିବା ବାବାସାହେମ୍ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ ଏବେ ପ୍ରମୁଖ ପରିବହନ ହବ୍ ପାଲଟିଛି ଏବଂ ଏହା ଯାତ୍ରୀମାନଙ୍କୁ ଅତି ଉନ୍ନତ ସ୍ତରରେ ସୁବିଧା ସୁଯୋଗ ଯୋଗାଉଛି । ରୂପାନ୍ତରିତ ଭିଜନର ଏହା ହେଉଛି ଏକ ଜ୍ୱଳନ୍ତ ଉଦାହରଣ । ଏହି ଟର୍ମିନାଲରେ ଦୈନନ୍ଦିନ ୨୦ ହଜାର ଯାତ୍ରୀ ଓ ୧୫୦୦ ବସ୍ ଯାତାୟତ କରୁଛି । ୫-ଟି ଅଧକ୍ଷ ଭିକେ ପାଣ୍ଡିଆନ କହିଛନ୍ତି ଯେ ଏହା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ମନ୍ତ୍ରର ଏକ ସନ୍ତୋଷଜନକ ପ୍ରକଳ୍ପ । ଏହାର ଉପଯୋଗିତା ଏବେ ସମସ୍ତେ ପାଉଛନ୍ତି । ଆମେ ଏହି ବିଶ୍ୱସ୍ତରୀୟ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ଚେଷ୍ଟା କରିବା ଉଚିତ୍ ।

ଏହି ବସ୍ ଟର୍ମିନାଲରେ ଅନେକ ସୁବିଧା ସୁଯୋଗ ଉପଲବ୍ଧ କରାଯାଇଛି । ଏହାର ସ୍ଥପତି ଯାତ୍ରୀମାନଙ୍କୁ ବେଶ୍ ଆକର୍ଷିତ କରୁଛି । ୧୫.୫ ଏକର ଜମିରେ ଏହା ନିର୍ମାଣ ହୋଇଛି । ଏହାର ଟର୍ମିନାଲଗୁଡିକ ବ୍ୟବସ୍ଥିତ ଢ଼ଙ୍ଗରେ କରାଯାଇଛି । ବିମାନବନ୍ଦର ସଦୃଶ ଟର୍ମିନାଲ କରାଯାଇ ଆହାର କେନ୍ଦ୍ର, ପିଲାଙ୍କୁ କ୍ଷିର ଦେବା ପ୍ରକୋଷ୍ଠ, ସୁରକ୍ଷିତ କ୍ଲକ୍‌ରୁମ୍, ଯାତ୍ରୀଙ୍କ ପାଇଁ ଡର୍ମିଟାରୀ, ବହୁମୁଖୀ ଫୁଡ୍ କୋର୍ଟ ଏହାଛଡା ସଫାସୁତରା ଅପେକ୍ଷା ସ୍ଥଳ, ବିଶାଳ ପାର୍କିଂ ସୁବିଧା ଆଦି କରାଯାଇଛି । ଯାହା ଯାତ୍ରୀମାନଙ୍କୁ ବେଶ୍ ସହାୟକ ହେଉଛି । ୫-ଟି ଅଧକ୍ଷ କହିଛନ୍ତି ଯେ ଏହି ଟର୍ମିନାଲରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କର ଏକ ଗ୍ୟାଲେରି ରହିଛି । ଯାହା ପରବର୍ତ୍ତି ପିଢ଼ୀକୁ ପ୍ରେରଣା ଯୋଗାଇବ । ଏଥିରେ ଏକ ସ୍ୱତନ୍ତ୍ର ଲାଉନ୍ସ ରହିଛି ଯୋଉଠି ଆରାମ୍ ଦାୟକ ଭାବେ ବସିହେବ ଏବଂ ଏଠାରେ ଟେଲିଭିଜନ ସେଟ୍ ସହ ଅନ୍ୟାନ୍ୟ ସୁବିଧା ରହିଛି । ଯେଉଁ ପରିବାର ପିଲାମାନଙ୍କୁ ନେଇ ଯାତ୍ରା କରୁଛନ୍ତି ସେମାନଙ୍କ ପାଇଁ ମଧ ଖେଳିବା ସ୍ଥାନ ରହିଛି । ଜଣେ ଯାତ୍ରୀ କହିଛନ୍ତି ଯେ ସେ ଓ ତାଙ୍କ ପରିବାର ବିମାନବନ୍ଦର ସଦୃଶ ଟର୍ମିନାଲ ଦେଖି ବିମୋହିତ । ଏଥିପାଇଁ ରାଜ୍ୟ ସରକାର ଓ ଅଧିକାରୀମାନଙ୍କୁ ସେ ଧନ୍ୟବାଦ ଦେଉଛନ୍ତି । ବସ୍ ଧରି ଅନ୍ୟ ସ୍ଥାନକୁ ଯିବାପାଇଁ ଏଠାରେ ଅପେକ୍ଷା କରିବାବେଳେ ମୁଁ ବିଶେଷ ଭଲ ଅଭିଜ୍ଞତା ପାଇଛି । ଭୁବନେଶ୍ୱର ମେଟ୍ରୋ ଯେତେବେଳେ ଏହି ଟର୍ମିନାଲକୁ ସଂଯୋଗ କରିବ ଏହା ଏକ ରୂପାନ୍ତରଣର ଅନ୍ୟ ଏକ ଦିଗକୁ ଛୁଇଁବ । ଭୁବନେଶ୍ୱର ମେଟ୍ରୋ ବିବିଏସ୍‌ଏଟିକୁ ସଂଯୋଗ କରିବା ସହ ବିମାନବନ୍ଦର, ରେଳ ଷ୍ଟେସନ, ଇନ୍‌ଫୋସିଟି ଓ ତ୍ରିଶୁଳିଆକୁ ଯିବ । ମୁଖ୍ୟମନ୍ତ୍ରୀଙ୍କର ଏହି ସ୍ୱପ୍ନ ଖୁବ୍‌ଶୀଘ୍ର ରୂପାନ୍ତରିତ ହେବ ବୋଲି ସେ କହିଛନ୍ତି ।

ବଢ଼ିଲା ବିଧାୟକ ରାଜେନ୍ଦ୍ର ସାହୁଙ୍କ ଚିନ୍ତା

ପୁଣି ଏସଡିଜେଏମ କୋର୍ଟରେ ହେବ ମୋକଦ୍ଦମା

ଖୋର୍ଦ୍ଧା (ସବ୍ୟୁ): ବଢିଲା ବିଧାୟକ ରାଜେନ୍ଦ୍ର ସାହୁଙ୍କ ଚିନ୍ତା । ଏସଡିଜେଏନ୍ କୋର୍ଟରେ ଖାରଜ ହୋଇଥିବା ମକୋଦ୍ଦମାକୁ ଚ୍ୟାଲେଞ୍ଜ କରି ଅଭିଯୋଗକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ପ୍ରମାଣ ପତ୍ର ଜାଲିଆତି ଘଟଣାରେ ଆଉ ଏକ ମାମଲାକୁ ସ୍ୱତନ୍ତ୍ରତା ଦେବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଯାହାକୁ ନେଇ ବିଧାୟକ ସାହୁଙ୍କ ଚିନ୍ତା ବଢିଥିବା କୁହାଯାଉଛି । ଦିନ କେଇଟା ପରେ ନିର୍ବାଚନ ଥିବାବେଳେ ବିଧାୟକଙ୍କୁ ପୁଣି କୋର୍ଟ କୁ ଭିଡିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ବେଗୁନିଆ ବୋଲଗଡ଼ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନାମରେ ଖୋର୍ଦ୍ଧା ଏସଡିଜେଏମ୍ କୋର୍ଟରେ ଏକ ମୋକଦ୍ଦମା ଗତ ନଭେମ୍ବର ୧୫ରେ ରୁଜୁ କରାଯାଇଥିଲା । ଖୋର୍ଦ୍ଧା ପୌରାଂଚଳ ର ୧୫ନଂ ୱାର୍ଡ ର ଉପେନ୍ଦ୍ର କୁମାର ରାଉତରାୟ ନାମକ ଜଣେ ବ୍ୟକ୍ତି ଏହି ମୋକଦ୍ଦମା କରିଥିଲେ । ବିଧାୟକ ଶ୍ରୀ ସାହୁ ନିର୍ବାଚନରେ ଅନିୟମିତତା କରିଥିବାର ଅଭିଯୋଗ କରିଥିଲେ । ସେ ବିଧାୟକ ପାଇଁ ୨୦୧୯ ନିର୍ବାଚନ ରେ ପାର୍ଥି ପତ୍ର ଦାଖଲ କରିବା ସମୟରେ ଦେଇଥିବା ତଥ୍ୟ ମିଥ୍ୟା ଅଟେ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ଏହି କେସ ରେ ଖୋର୍ଦ୍ଧା

ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ, ବିଜେବି ହାଇସ୍କୁଲ ପ୍ରଧାନ ଶିକ୍ଷକ, ଓଡ଼ିଶା ବୋର୍ଡ ଅଧିକାରୀ ପ୍ରମୁଖ ଙ୍କୁ ସାକ୍ଷୀ ରୂପେ ଦର୍ଶାଯାଇଥିଲା । ଖୋର୍ଦ୍ଧା ଏସଡିଜେଏମ୍ କୋର୍ଟ ରେ ଅଭିଯୋଗ ହୋଇଥିବାବେଳେ କେସ ନଂ ୨୧୩/୨୦୨୩ ରହିଥିଲା । ମାତ୍ର ଏହି ମକୋଦ୍ଦମା ୧ମାସ ମଧ୍ୟରେ ଏସଡିଜେଏମ୍ କୋର୍ଟ ରେ ଖାରଜ ହୋଇଥିଲା । କିନ୍ତୁ ଏଥିକିରେ ଥକି ପଡିନଥିଲେ ଉପେନ୍ଦ୍ର । ଏହାକୁ ଚ୍ୟାଲେଞ୍ଜ କରି ଉପେନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ତାଙ୍କର ଆବେଦନକୁ ଗ୍ରହଣ କରିବା ସହ ଖୋର୍ଦ୍ଧା ଏସଡିଜେଏମ୍ କୋର୍ଟ ରେ ପୁଣି ଏକ ମକୋଦ୍ଦମା କରିବାକୁ ନିର୍ଦ୍ଦେଶ ଦେଇଥିବା ଆଇନଜିବୀ ସନ୍ତୋଷ କୁମାର ଅତିବୁଦ୍ଧି ସୂଚନା ଦେଇଛନ୍ତି ।

ଆନ୍ତର୍ଜାତିକ ଲେଖକ ପୁରସ୍କାର ପ୍ରାପ୍ତ ଇସାନ ପ୍ରଜ୍ଞାଙ୍କୁ ଅଭିନନ୍ଦନ

ସମ୍ବଲପୁର ଲେଖାପଢ଼ା ଓ ଅଭିବ୍ୟକ୍ତିର ଗୋଟିଏ ମହାନ ପରମ୍ପରା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଆନ୍ତର୍ଜାତିକ ସଂଗଠନ 'ବ୍ରିବୁକ୍ସ' ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ସମ୍ବଲପୁର ସହରର ୧୦ ବର୍ଷୀୟ ଇସାନ ପ୍ରଜ୍ଞାଙ୍କୁ ଟ୍ୱିଟ୍ କରି ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଇସାନ 'ଦ ଥ୍ରୀ ଲେସନ' ପୁସ୍ତକ ପାଇଁ ଦ ଗୋଲ୍ଡେନ ପେନ୍ ଜୁରି ଆୱାର୍ଡରେ ସମ୍ମାନିତ ହୋଇଛନ୍ତି । ସୃଜନଶୀଳତା, ଶବ୍ଦକୋଷ, ବିଷୟବସ୍ତୁ ଇତ୍ୟାଦି ଅନେକ ବିଷୟ ଉପରେ ଆଧାର କରି ତାଙ୍କୁ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସମ୍ମାନିତ କରାଯାଇଛି । ଶ୍ରୀ ପ୍ରଧାନ ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁର ଲେଖାପଢ଼ା ଓ ଅଭିବ୍ୟକ୍ତିର ଗୋଟିଏ ମହାନ ପରମ୍ପରା । ଇସାନଙ୍କ ପ୍ରତିଭା ଆଗକୁ ଆହୁରି ପ୍ରସ୍ଫୁଟିତ ହେଉ, ଏହା ମା' ସମଲେଇଙ୍କ ପାଖରେ ପ୍ରାର୍ଥନା । ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ଡକାୟତି ପାଇଁ ପ୍ରସ୍ତୁତି, ୪ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର, (ସବ୍ୟୁ) : ଡକାୟତି ପାଇଁ ପ୍ରସ୍ତୁତ ହେଉଥିବାବେଳେ ତମାଣ୍ଡୋ ଥାନା ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଛି । ଘଟଣାସ୍ଥଳରୁ ଦୁଇଜଣ ଖସିଯିବାରେ ସମର୍ଥ ହୋଇଥିଲେ ।

ତମାଣ୍ଡୋ ଥାନା ଅନ୍ତର୍ଗତ ସୁବୁଦ୍ଧିପୁର କ୍ରିକେଟ ପଡ଼ିଆର ଅନ୍ଧାରୁଆ ସ୍ଥାନରେ ୬ ଜଣ ବସି ଡକାୟତି ପାଇଁ ପ୍ରସ୍ତୁତ ହେଉଥିବାବେଳେ ପାଟ୍ରୋଲିଂ ଭ୍ୟାନ ଚଢ଼ାଉ କରିଥିଲା । ସେମାନଙ୍କ ମଧ୍ୟରୁ ଦୁଇଜଣ ଖସିଯବାରେ ସମର୍ଥ ହୋଇଥିବାବେଳେ ପୋଲିସ ୪ ଜଣଙ୍କୁ କାବୁ କରିନେଇଥିଲା । ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ୩ଟି ଛୁରି, ଗୋଟିଏ ହାମର, ଲଙ୍କାଗୁଣ୍ଡ ଓ ମୋବାଇଲ ଫୋନ ପ୍ରଭୃତି ଜବତ କରାଯାଇଥିବା ପୋଲିସ କହିଛି । ଗିରଫ ୪ ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

ବିଜେଡ଼ିରେ ମିଶିଲେ ବିଜେପି ନେତା ଦିଲ୍ଲୀପ ନାୟକ

ଭୁବନେଶ୍ୱର(ସବ୍ୟୁ): ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡା ନିର୍ବାଚନମଣ୍ଡଳୀର ବିଜେପି ନେତା ଦିଲ୍ଲୀପ ନାୟକଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସମୀର ଦାସ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ନିମାପଡା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ଦାସ ଓ ଡକ୍ଟର ପାତ୍ର କହିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଦିଲ୍ଲୀପ ନାୟକ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ଗୋପ୍ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ପ୍ରତାପ ସ୍ୱାଇଁ, ଚିତ୍ତରଂଜନ ପାତ୍ର, ସମିତିସଭ୍ୟ ପୂଜାରାଣୀ ମହାପାତ୍ର, ଲକିବାଳା ନାୟକ, ସରପଞ୍ଚ ଅଜୟ ପରିଡା, ପୂର୍ବତନ ସରପଞ୍ଚ ଗଦାଧର ସାମନ୍ତରାୟ, ନିମାପଡା ମଣ୍ଡଳ ସଭାପତି ମାନସ ପ୍ରଧାନ, ପୂର୍ବତନ ନିମାପଡା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ନିମାପଡା ଏନ୍‌ଏସି ଅଧ୍ୟକ୍ଷ ଅଜୟ କୁମାର ଭୋଇଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ବେଗୁନିଆ ନିର୍ବାଚନ ମଣ୍ଡଳିରେ ବିଜେଡି ଟିକେଟପାଇଁ ଘଡିକେ ଘୋଡା ଛୁଟୁଛି

ବୋଲଗଡ଼,(ସବ୍ୟୁ) : ଆସନ୍ତା ସାଧାରଣ ନିର୍ବାଚନପାଇଁ ବିଗୁଲ ବାଜି ସାରିଲାଣି । ମଇଦାନ ପ୍ରସ୍ତୁତ ହୋଇରହିଛି । କିନ୍ତୁ ଅଦ୍ୟାବଧି ଖୋର୍ଦ୍ଧାଜିଲ୍ଲା ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀପାଇଁ ଅଦ୍ୟାବଧି କୌଣସି ରାଜନୈତିକ ଦଳର ପ୍ରାର୍ଥୀ ବଛା ହୋଇନାହିଁ । ବିଶେଷକରି ବିଜେଡି ଦଳ ତାର ପ୍ରାର୍ଥୀ ଚୟନ ପାଇଁ ବହୁ କସରତ କରୁଥିବାରୁ କର୍ମୀମାନେ ଦୋଛକିରେ ରହିଛନ୍ତି। ଏପରିକି ଆଶାୟୀ ପ୍ରାର୍ଥୀମାନେ ଦଳୀୟ କର୍ମୀମାନଙ୍କୁ ଖୋର୍ଦ୍ଧା-ଭୁବନେଶ୍ୱର ଡକାଇ ପତିଆରା ପଦର୍ଶନ କରୁଛନ୍ତି, ଯାହାଫଳରେ ବିଜେଡି, ବିଜେପି, କଂଗ୍ରେସ ତିନି ଦଳର ଆଶାୟୀ ପ୍ରାର୍ଥୀଙ୍କ ପାଇଁ ଘଡିକେ ଘୋଡା ଛୁଟୁଛି। ପ୍ରକାଶ ଯେ, ପୂର୍ବରୁ ବୋଲଗଡ-ବେଗୁନିଆ ନିର୍ବାଚନ ମଣ୍ଡଳୀ କଂଗ୍ରେସର ଗଡ ଥିଲା । ପରବର୍ତ୍ତି କ୍ଷେତ୍ରରେ ୨୦୦୯ମସିହାରୁ ଧୀରେ ଧୀରେ କଂଗ୍ରେସର ଦୁର୍ଗ ଭୁଷୁଡିବାକୁ ଲାଗିଲା ଓ ବିଜୁ ଜନତା ଦଳ ତାର ସଙ୍ଗଠନ ମଜବୁ କଲା । ସେହିପରି ବିଜେପିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୋଷ୍ଠୀ ଏବଂ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଛି । ଯାହାଫଳରେ ସଂଗଠନ ଅପେକ୍ଷା ପରସ୍ପର ଭିତରେ କାଦୁଅ ଫିଙ୍ଗାଫିଙ୍ଗି ଚାଲିଛି । ବିଜେପିରୁ ପ୍ରଶାନ୍ତ ଜଗଦେବ, ଯତୀନ ମହାନ୍ତି, ପ୍ରକାଶ ରଣବିଜୁଲି ପ୍ରମୁଖ ଟିକେଟପାଇଁ ଆଶାୟୀ ଅଛନ୍ତି । ସେହିପରି କଂଗ୍ରେସ ଦଳରୁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ବିଧାୟକ କୈଳାସ ମହାପାତ୍ରଙ୍କ ପୁଅ ସଦାଶିବ ମହାପାତ୍ର , ଯୁବନେତା ରାଜୀବ ପଟ୍ଟନାୟକ ଏବଂ କଂଗ୍ରେସ ନେତା ତାରାପଟ୍ଟନାୟକଙ୍କ ସହଧର୍ମିଣୀ ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଟିକେଟପାଇଁ ଦାବୀଦାର ଅଛନ୍ତି । ବିଜେଡି ଦଳରେ ସାଧାରଣ ଜନତା ସ୍ଥାନୀୟ ନେତାଙ୍କୁ ଟିକେଟ ଦେବାପାଇଁ ଆଶାବାନ୍ଧି ବସିଛନ୍ତି । ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ପୂର୍ବ ନିର୍ବାଚନ ଅପେକ୍ଷା ଏଥରକ ଟିକେଟ ନଦେବାପାଇଁ ଗୋଟିଏ ବଡ ଗୋଷ୍ଠୀ ବିରୋଧ କରୁଛନ୍ତି । ଏଣୁ ତାଙ୍କ ପାଇଁ ଏଠାରେ ପ୍ରାର୍ଥୀ ହେଲେ ମହଙ୍ଗା ପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବିଶେଷକରି କଂଗ୍ରେସରୁ ଆମଦାନୀ ହୋଇଆସିଥିବା ଯୁବନେତା ପ୍ରଦୀପ କୁମାର ସାହୁ ସ୍ଥାନୀୟ ଅଞ୍ଚଳର ପୁଅ ହୋଇଥିବାରୁ ସେ ଗତ ୩ବର୍ଷ ଧରି ବିଜେଡିର ସଙ୍ଗଠନ ସହିତ ଜଡିତ ହୋଇଛନ୍ତି କିନ୍ତୁ ତାଙ୍କ ନିଜ ସମର୍ଥକ ଥିବା କଂଗ୍ରେସ ଦଳର କିଛି କର୍ମୀଙ୍କୁ ଆପଣାଇଥିଲାବେଳେ ବିଜେଡିର ତଳସ୍ତରର ପୁରୁଖାକର୍ମୀ ଓ ନେତାମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ଥିବାରୁ ତାଙ୍କପାଇଁ ଟିକେଟ ମିଳିବା ଆଶା ଓ ଆଶଙ୍କାରେ ରହିଛି । ସେ ବାରମ୍ବାର ତାଙ୍କ ଅନୁଗତମାନଙ୍କୁ ଖୋର୍ଦ୍ଧା ବାସଭବନକୁ ଡକାଇ ସମୀକ୍ଷା ଚଳାଇଛନ୍ତି । ଅନୁରୂପ ଭାବେ ସ୍ଥାନୀୟ ବେଗୁନିଆ ଅଞ୍ଚଳର ପୁଅ ଯେକି, କମିଶନର ପୋଲିସରେ କନେଷ୍ଟବଳ ହାବିଲଦାର ସଂଘର ନେତା ସାଜିଥିବା ପ୍ରବୋଧ ଦାଶ ସେ ମଧ୍ୟ ବିଜେଡି ଟିକେଟପାଇଁ ପ୍ରମୁଖ ଦାବୀଦାର ଅଛନ୍ତି । ପ୍ରବୋଧ ଦାଶ ୨୦୧୪ ମସିହା, ୨୦୧୯ମସିହାରେ ବିଜେଡି ଟିକେଟପାଇଁ ଲବି ଜୋରଦାର କରିଥିଲେ । ଏବେ ସାଧାରଣ ଜନତା ବିଜେଡିରୁ ସ୍ଥାନୀୟ ନେତାଙ୍କୁ ଟିକେଟ ଦେବାପାଇଁ ଦାବୀ କରୁଥିବାରୁ ପ୍ରଦୀପ ସାହୁ କିମ୍ବା ପ୍ରବୋଧ ଦାଶ ଏମାନଙ୍କ ମଧ୍ୟରୁ ଜଣକୁ ଟିକେଟ ଦିଆଗଲେ ଅଞ୍ଚଳର ଉନ୍ନତି ହେବା ସହିତ ଲୋକମାନଙ୍କର ଦୁଃଖ ସୁଖରେ ସାଥୀ ହୋଇପାରିବେ ବୋଲି ସବୁଆଡେ ଚର୍ଚ୍ଚା ହେଉଛି ।

ବିଜେପି ନେତା ସମ୍ବିତ ତ୍ରିପାଠୀଙ୍କୁ ଘୋର ବିରୋଧ

ବଡ଼ମ୍ବା(ସବ୍ୟୁ) :ବଡ଼ମ୍ବା ବିଜେପି ଅନ୍ତଃକନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି ପାର୍ଥି ଚୟନ ତାଲିକାରେ ବାଦ ପଡ଼ିଥିବା ବିଜୟ କୁମାର ଦଳବେହେରାଙ୍କ ସମର୍ଥକ ମାନେ ସମ୍ବିତ ତ୍ରିପାଠୀଙ୍କୁ ଘୋର ବିରୋଧ କରିଥିବା ଜଣାପଡ଼ିଛି । ଗୁରୁବାର ଅପରାହ୍ନ ସମୟରେ ସମ୍ବିତ ତ୍ରିପାଠୀ ନିଜ ସମର୍ଥକ ମାନଙ୍କ ସହ ନରସିଂହପୁର ଅଭିମୁଖେ ଗସ୍ତ କରୁଥିବା ବେଳେ ବଡ଼ମ୍ବା ଗୋପାଳପୁର ଛକ ନିକଟରେ ବିଜୟଙ୍କ ସମର୍ଥକ ମାନେ ଗାଡ଼ି ଅଟକାଇ ଗୋ-ବ୍ୟାକ ନାରା ଦେବା ସହ ଗାଡ଼ି ଅଟକାଇ ଥିଲେ । ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିରେ ସୁଧାର ଆଣିଥିଲେ । ଅନ୍ୟପକ୍ଷରେ ସମ୍ବିତ ତ୍ରିପାଠୀ ସମର୍ଥକ ମାନଙ୍କ ସହ ବଡ଼ମ୍ବା ଥାନାରେ ଅଭିଯୋଗ କରିବା ସହ ଥାନା ସମ୍ମୁଖରେ ଦୀର୍ଘ ସମୟ ଧର୍ଣ୍ଣ ଧାରଣା ବସିଥିବା ବେଳେ ଦେଖିବାକୁ ମିଳିଥିଲା ।

ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ବନ୍ଧନ ଇନୋଭେଶନ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ବନ୍ଧନ ଇନୋଭେଶନ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହା ହେଉଛି ଏକ ଓପନ୍-ଏଣ୍ଡେଡ ଥିମାଟିକ ଫଣ୍ଡ ଯାହାକି ଉଦ୍ଭାବନର ଆଗଧାଡିରେ ଥିବା କମ୍ପାନୀଗୁଡିକରେ ନିବେଶ କରିବା ପାଇଁ ଉତ୍ସର୍ଗୀକୃତ ଏହି ଫଣ୍ଡ ଗୁରୁତ୍ୱପୂର୍ଣ୍ଣ ଆର୍‌ଆଣ୍ଡଡି ନିବେଶ, ଉଚ୍ଚ କୁଶଳୀ କର୍ମଚାରୀ ଖର୍ଚ୍ଚ, ଅପେକ୍ଷାକୃତ ଅଧିକ ମାର୍ଜିନ କିମ୍ବା ଅଭିବୃଦ୍ଧି, ସ୍ୱତନ୍ତ୍ର ଉତ୍ପାଦ କିମ୍ବା ସେବା, ନନ୍-ଲିନିୟର ବିଜ୍‌ନେସ ମଡେଲ ଓ ଏକ ଉଲ୍ଲେଖନୀୟ ବ୍ରାଣ୍ଡ ଉପସ୍ଥିତି ଥିବା ବ୍ରାଣ୍ଡଗୁଡ଼ିକୁ ଟାର୍ଗେଟ କରୁଛି। ଏହି ନୂଆ ଫଣ୍ଡ ଅଫର୍ (ଏନ୍‌ଏଫ୍‌ଓ) ଏପ୍ରିଲ ୧୦ ତାରିଖ ୨୦୨୪ ବୁଧବାର ଆରମ୍ଭ ହେବ ଏବଂ ବୁଧବାର ଏପ୍ରିଲ ୨୪ ତାରିଖ ୨୦୨୪ରେ ଶେଷ ହେବ। ବନ୍ଧନ ଇନୋଭେଶନ ଫଣ୍ଡରେ ନିବେଶ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରଣକାରୀ, ନିବେଶ ପରାମର୍ଶଦାତା, ଅନଲାଇନ ପ୍ଲାଟଫର୍ମ କିମ୍ବା ସିଧାସଳଖ https://bandhanmutual.com/nfo/bandhan-innovation-fund/. ରେ କରାଯାଇପାରିବ।

ସୁକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ସୁକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ରେଡ୍‌କ୍ରସ୍ ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମାଷ୍ଟର ଶାଶ୍ୱତଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥିଭାବେ ଡ. କଳ୍ପନା ଦାସ, ବ୍ଲଡ ମୋଟିଭେଟର ଲକ୍ଷ୍ମଣ ସ୍ୱାଇଁ ଯୋଗ ଦେଇଥିଲେ । କଲ୍ୟାଣୀ ଟ୍ରଷ୍ଟର ସଚିବ ଓ ଅନ୍ୟ ସଦସ୍ୟମାନେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ପେଣ୍ଠକଟା ହତ୍ୟା ମାମଲା : ୨ ଗିରଫ

ପୁରୀ (ସବ୍ୟୁ) : ଗତ ମଙ୍ଗଳବାର ରାତିରେ ପୁରୀ ପେଣ୍ଠ କଟା ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଘଟିଥିବା ଜଣେ ଯୁବକଙ୍କୁ ନିର୍ମମ ହତ୍ୟା କାଣ୍ଡ ଘଟଣାରେ ସମୁଦ୍ର କୂଳ ଥାନା ପୋଲିସ ଗୁରୁବାର ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛିଛ ସାମାନ୍ୟ କଥାକୁ କେନ୍ଦ୍ରକରି ଏହି ହତ୍ୟା କାଣ୍ଡ ଘଟି ଥିବା ପୋଲିସ କହିଛି । ମୃତ ଯୁବକ ଜଣେ ହୋଟେଲ କର୍ମଚାରୀ ଅଟନ୍ତି । ମଙ୍ଗଳବାର ବିଳମ୍ବିତ ରାତିରେ ପୁରୀ ଚକ୍ରତୀର୍ଥ ରୋଡରେ ହୋଟେଲ କର୍ମଚାରୀ ବିକ୍ରମ କେଶରୀ ପ୍ରଧାନ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୁରୀ ପୋଲିସ । ମୋବାଇଲ ଚୋରି ଘଟଣାକୁ କେନ୍ଦ୍ରକରି ଦୁଇ ଜଣ ଅଭିଯୁକ୍ତ ବିକ୍ରମ କେଶରୀକୁ ଅତି ବିଭତ୍ସ ଭାବେ ହତ୍ୟା କରିଥିଲେ ବୋଲି ଗୁରୁବାର ଦିନ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପୁରୀ ଏସପି ପିନାକ ମିଶ୍ରଛ ଗିରଫ ଦୁଇଜଣ ଅଭିଯୁକ୍ତ ହେଉଛନ୍ତି ଚନ୍ଦନପୁରର ସନ୍ତୋଷ କୁମାର ନାୟକ ଓ ଚକ୍ରତୀର୍ଥ ରୋଡର ବିଶ୍ୱଜିତ କୁମାର ରଥ । ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ଗୋଟିଏ କଟୁରୀ, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ କରିଥିବା ବେଳେ ସେମାନଙ୍କୁ କୋର୍ଟ ଚାଲାଣ କରିଛି । ତେବେ ସୂଚନା ଅନୁଯାୟୀ ବିକ୍ରମ କେଶରୀଙ୍କ ୬ ଶହ ଟଙ୍କା ଆବଶ୍ୟକ ଥିବା ବେଳେ ସେ ନିଜ ମୋବାଇଲ୍ ଫୋନ୍ ଅଭିଯୁକ୍ତଙ୍କୁ ଦେଇ ୬ ଶହ ଟଙ୍କା ଆଣିଥିଲେ । ହେଲେ ଅଭିଯୁକ୍ତ ମାନେ ବିକ୍ରମର ମୋବାଇଲ୍ ଫୋନକୁ ଅନ୍ୟତ୍ର ବିକ୍ରି କରିଦେଇଥିଲେ । ମଙ୍ଗଳବାର ସନ୍ଧ୍ୟାରେ ବିକ୍ରମ ଅଭିଯୁକ୍ତ ମାନଙ୍କୁ ୬ଶହ ଟଙ୍କା ଫେରସ୍ତ କରି ମୋବାଇଲ୍ ଫୋନ୍ ମାଗିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଏହି ବଚସା ଉଗ୍ର ରୂପ ନେଇଥିଲାଛ ଦୁଇ ଅଭିଯୁକ୍ତ ସନ୍ତୋଷ ଓ ବିଶ୍ୱଜିତ ପ୍ରଥମେ ପଥରରେ ଓ ପରେ କଟୁରୀରେ ଅତି ବିଭତ୍ସ ଭାବେ ବିକ୍ରମ କେଶରୀକୁ ହତ୍ୟା କରିଥିଲେ ବୋଲି ଏସପି କହିଛନ୍ତି ।

ଜୀ ସାର୍ଥକର ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ସଫଳତାର ସହ ୪୦୦ ଅଧ୍ୟାୟରେ ପହଞ୍ଚିଲା

ଭୁବନେଶ୍ୱର (ସବ୍ୟୁ): ଓଡିଶାର ଘରେ ଘରେ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଛି ଧାରାବାହିକ 'ତୁ ଖରା ମୁଁ ଛାଇ' । ସୋମବାରରୁ ଶନିବାର ରାତି ୮:୩୦ ରେ ପ୍ରସାରିତ ଭିନ୍ନ ଧରଣର ଏହି ଧାରାବାହିକ କାହାଣୀର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଏଜେ ଓ ମାନିନୀ । ସମୟର ଅଗ୍ରଗତି ସହ କାହାଣୀର ଗତି ମଧ୍ୟ ଆଗକୁ ବଢି ଚାଲିଛି । ଅନେକ ରୋଚକ ମୋଡ଼ ସହ ଦର୍ଶକଙ୍କ ମନ ଜିତିବାରେ ସଫଳ ହୋଇ 'ତୁ ଖରା ମୁଁ ଛାଇ' ୪୦୦ ଅଧ୍ୟାୟର ପୂର୍ଣ୍ଣ କରିଛି । ଆପଣଙ୍କର ଏହି ସହଯୋଗ ଓ ଭଲପାଇବା ଏହି ମେଗା ଧାରାବାହିକାକୁ ଆଗକୁ ନେବାକୁ ଆମକୁ ପ୍ରେରଣା ଯୋଗାଇଆସୁଛି । ଜଣେ ଅଜଣା ଝିଅ, ମୟୁରୀ ହୋଇ ମାନିନୀକୁ ମାରିବାକୁ ଚେଷ୍ଟା କରିଛି, ସେପଟେ ମାନିନୀ ତାର ସବୁପ୍ରକାରର ଚେଷ୍ଟା ଜାରି ରଖିଛି କିପରି ଏଜେ ଓ ତା'

ପରିବାର ଖୁସିରେ ରହିବେ । ଏପରିକି ସେ ଏଜେ କୁ ମୟୁରୀ ସହ ଏକ ଡେଟରେ ପଠାଇବାକୁ ଯୋଜନା କରିଛି କିନ୍ତୁ ମୟୁରୀ ମନା କରିଛି ଯିବା ପାଇଁ ଯାହା ଏଜେ କୁ ବହୁତ ଦୁଃଖ ଦେଇଛି ଛ ମାନିନୀ ଏଜେ କୁ ବୁଝାଇଛନ୍ତି ଓ ସରସ୍ୱତୀଙ୍କ ଆଭ୍ୟନ୍ତରୀଣ ବିରୋଧ ସତ୍ୱେ ଦୁଇ ଜଣ ଏକ ସାଙ୍ଗରେ ରାତ୍ରି ଭୋଜନ କରନ୍ତି ଓ ସ୍ୱାମୀଙ୍କ ପାଇଁ ଏକ ବିଶେଷ ପୂଜା କରିବା ମଧ୍ୟରେ ବିଭିନ୍ନ ରୋଚକ ଘଟଣା ସବୁ ମଧ୍ୟ ଘଟିଛି । ମୟୁରୀ ଏହା ଦେଖିଲା ପରେ ମାନିନୀ ଓ ଏଜେଙ୍କ ମଧ୍ୟରେ କିପରି ଦୂରତା ସୃଷ୍ଟି କରିବା ତାହାପାଇଁ ଚକ୍ରାନ୍ତ କରେ କିପରି ମୟୂରୀର ଏହି ଚକ୍ରାନ୍ତଙ୍କୁ ସମସ୍ତଙ୍କ ସାମନାରେ ମାନିନୀ ପର୍ଦାଫାଶ କରିବା ସହ ଏଜେ ଓ ତାର ପରିବାକୁ ଖୁସିରେ ରଖିବ ତାହା କାହାଣୀକୁ ଏକ ରୋଚକ ମୋଡରେ ପହଚାଂଇବ । ଅକ୍ଷୟ ପରିଜା ଓ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ' ନଟଖଟି ଅଭିନେତ୍ରୀ ସ୍ମୃତିରେଖାଙ୍କୁ ମୁଖ୍ୟ ଭୂମିକା ମାନିନୀ ଚରିତ୍ରରେ ଦେଖିବାକୁ ମିଳିଥିବା ବେଳେ ମଡେଲିଂରୁ ନିଜର କ୍ୟାରିଅର ଆରମ୍ଭ କରିଥିବା ରଞ୍ଜନ ଏଜେ ଚରିତ୍ରରେ ଓ ମୟୂରୀ ଚରିତ୍ର ରେ ଥିବା ଅନନ୍ୟା ଶର୍ମା ନିଜର ଅଭିନୟର ଯାଦୁରେ ଓଡ଼ିଆ ଦର୍ଶକଙ୍କ ମନ ଜିତିପାରିଛନ୍ତି ।

ସ୍କର୍ପିଓ ସ୍କୁଟି ଧକ୍କା ଯୁବତୀ ଆହତ

ପାଣିକୋଇଲି (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଏକ ସ୍କୋର୍ପିଓ ସହିତ ସ୍କୁଟି ଧକ୍କା ଲାଗି ଜଣେ ଯୁବତୀ ଆହତ ହୋଇଅଛି । ପ୍ରକାଶଯେ ପାଣିକୋଇଲି ଆଡୁ ଏକ ସ୍କୁଟିରେ ପଥରପଦା ପଂଚାୟତ ଅନ୍ତର୍ଗତ ନରପଦା ଗ୍ରାମର ମଣି ଚରଣ ସାହୁଙ୍କ ଝିଅ ଦିବ୍ୟାର୍ଚ୍ଚନା (୨୬) ଘରକୁ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ସ୍କୋର୍ପିଓ ରଙ୍ଗରୁଟରେ ଆସି ଉକ୍ତ ଯୁବତୀଙ୍କୁ ଧକ୍କା ଦେଇଥିଲା। ଫଳରେ ଯୁବତୀ ଜଣକ ତଳେ ପଡ଼ି ଆହତ ହୋଇଥିଲେ। ପରେ ଉକ୍ତ ସ୍କରପିଓ ଆରୋହୀ ମାନେ ଉକ୍ତ ଯୁବତୀଙ୍କୁ ସ୍ଥାନୀୟ ଏକ ନର୍ସିଂ ହୋମରେ ଚିକିତ୍ସିତ କରାଇଥିଲେ।

ରାଜ୍ୟସ୍ତରୀୟ ଅମର ଶହୀଦ ରଘୁ-ଦିବାକରଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର (ସବ୍ୟୁ): ସୂଚନା ଓ ଲୋକସଂପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଗୁରୁବାର ସ୍ଥାନୀୟ ଜୟଦେବ ଭବନଠାରେ ଅମର ଶହୀଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ କୃଷ୍ଣଚନ୍ଦ୍ର ଶତପଥୀ କହିଲେ ଯେ ବ୍ରିଟିଶ ସରକାରଙ୍କ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ରଣପୁରର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଐତିହାସିକ ଘଟଣା । ୧୯୪୧ ମସିହା ଅପ୍ରେଲ ୪ ତାରିଖରେ ବିହାରର ଭାଗଲପୁର ଜେଲରେ ତାଙ୍କୁ ଫାଶୀ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୟାଗଡ଼ର ଗଡ଼ବାଣୀକିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରୀମତୀ ସୌଦାମିନୀ ପାଇକରାୟ କହିଲେ ଯେ ଗଡ଼ଜାତ ଶାସନ ସମୟରେ ବେଠି, ବେଗାରୀ, ସଲାମୀ, ରସଦ ଆଦି ପ୍ରଚଳିତ କୁପ୍ରଥା ଯୋଗୁଁ ପ୍ରଜାମାନଙ୍କର ଅର୍ଥନୈତିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ରଘୁ-ଦିବାକରଙ୍କ ବଳିଷ୍ଠ ନେତୃତ୍ୱ, ସତ୍ୟାଗ୍ରହୀମାନଙ୍କ ଧୈର୍ଯ୍ୟ ଓ ମନୋବଳକୁ ସୁଦୃଢ଼ କରିବା ଦିଗରେ ପ୍ରେରଣା ଯୋଗାଉଥିଲା । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଶହୀଦ ରଘୁ- ଦିବାକରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ, ବୈଷୟିକ ସୁରେନ୍ଦ୍ରନାଥ ପରିଡ଼ା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । କହିଲେ ଯେ ଶହୀଦ ଇଂରେଜ ଶାସନ ବିରୁଦ୍ଧରେ ରଘୁ-ଦିବାକରଙ୍କ ସଂଗ୍ରାମ ଓ ବଳିଦାନ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଉଲ୍ଲେଖ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥିମାନେ ଅମର ଶହୀଦ ରଘୁ-ଦିବାକରଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ଗୌରାଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଓଡ଼ିଶାରେ ପାଇପ୍‌ଲାଇନ ଇନ୍ସପେକ୍ସନ କଣ୍ଟ୍ରାକ୍ଟର ହାସଲ କରିଛି ଆଇଜି ଡ୍ରୋନ୍ସ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ଡ୍ରୋନ୍ ଟେକ୍ନୋଲୋଜି ଓ ଆନାଲିଟିକ୍ସ କମ୍ପାନୀ ଆଇଜି ଡ୍ରୋନ୍ସ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍ଘାଟନ ହୋଇଥିବା ଓଡିଶାର ଏନ୍‌ଟିପିସି ଦର୍ଲିପାଲି ଥର୍ମାଲ ପାୱାର ଷ୍ଟେସନରେ ପାଇପ୍‌ଲାଇନ ଯାଂଚ ପାଇଁ ଏକ ବଡ କଂଟ୍ରାକ୍ଟ ହାସଲ କରିଛି। କମ୍ପାନୀ ଦୁଇ ବର୍ଷ ପାଇଁ ଥର୍ମାଲ ପାୱାର ଷ୍ଟେସନରେ ଏମ୍‌ୟୁଡବ୍ଲ୍ୟୁ ପାଇପିଂ ସିଷ୍ଟମର ଡ୍ରୋନ୍ ତଦାରଖି ପାଇଁ ଏହି ଚୁକ୍ତି ହାସଲ କରିଛି। ଏନ୍‌ଟିପିସି ଦର୍ଲିପାଲୀ ସୁପର ଥର୍ମାଲ ପାୱାର ଷ୍ଟେସନ (୨*୮୦୦ଏମ୍‌ଡବ୍ଲ୍ୟୁ)କୁ ଗତ ଫେବୃଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦେଶ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏକ ୨୦ ଇଂଚ୍‌ର ପାଇପ୍‌ଲାଇନରେ ୧%ର ଲିକେଜ ବର୍ଷକୁ ୪୫୦,୦୦୦ ବ୍ୟାରେଲର କ୍ଷତିର କାରଣ ହୋଇପାରେ ଏବଂ ୧୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଅଂଚଳକୁ କ୍ଷତି ପହଂଚାଇପାରେ। ତେଣୁ ପାଇପ୍‌ଲାଇନଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଡ୍ରୋନ୍‌ଗୁଡିକ ଯାଂଚ ମାଧ୍ୟମରେ ପାଇପ୍‌ଲାଇନ୍‌ଗୁଡିକର ଦକ୍ଷତାକୁ ୮୦% ବୃଦ୍ଧି କରିଥାନ୍ତି ।

ଶଙ୍ଖ ଧରିଲେ ରାମଚନ୍ଦ୍ର ପାଙ୍ଗୀ, ଅଭିରାମ ହନ୍ତାଳ

ଭୁବନେଶ୍ୱର (ସବ୍ୟୁ): କୋରାପୁଟ ଜିଲ୍ଲା ଅନ୍ତର୍ଗତ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ୨୦୧୯ ସାଧାରଣ ନିର୍ବାଚନର ବିଜେପି ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗୀ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଗୁରୁବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ୨୦୨୪ ସାଧାରଣ ନିର୍ବାଚନର ପଟ୍ଟାଙ୍ଗୀ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ବିଜେପି ନେତା ରାମଚନ୍ଦ୍ର ପାଙ୍ଗୀ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀ ପାଣିଗ୍ରାହୀ ଓ ଶ୍ରୀ ପାଙ୍ଗୀଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ।

ଏହି ମିଶ୍ରଣ ପର୍ବରେ ବିଜେପି ନେତା ରାମଚନ୍ଦ୍ର ପାଙ୍ଗୀ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳଙ୍କ ସମେତ କଂଗ୍ରେସର ଶ୍ୟାମ ହନ୍ତାଳ, ହରିରାମ ଖୋରା, ସୋମୁ ଶିଶା, ପିଣ୍ଟୁ ଖୋରା, ଧୋନୁ ଘୁଣ୍ଟା, ବୀରେନ୍ଦ୍ର ଘୁଣ୍ଟା, ବିଜୟ ହନ୍ତାଳ, ନୋନା ମୋଣ୍ଡ, ମନୋଜ ଦୁରିଆ, ବିଜେପି ନେତା ଦାମୋଦର ସେଠୀ, ନାଗେଶ୍ୱର ପୂଜାରୀ, ନକୁଳ ନାୟକ, ଉପେନ୍ଦ୍ର ହନ୍ତାଳ, ଶ୍ୟାମସୁନ୍ଦର ଘୁଣ୍ଟା, ଉଗ୍ରେସେନ ପେଟିଆ, ମୁକୁନ୍ଦ ଘୁଙ୍ଗେ, ପର୍ଶୁରାମ ପାଙ୍ଗୀ, ଜଗତରାୟ ଖିଲୋ, ରାମ ଦାସ ଖମୁନ୍ଦୁ, ଦାଶରଥୀ ଖିଲୋ, ପର୍ଶୁରାମ ପାଙ୍ଗୀ, ରାଜେନ୍ଦ୍ର ପ୍ରଧାନ, ଗୁନା ପାଙ୍ଗୀଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ ଉପସ୍ଥିତ ଥିଲେ ।

ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ

୮ମ ପ୍ରତିଷ୍ଠା ଦିବସ, ଉତ୍କଳ ଦିବସ

ଭୁବନେଶ୍ୱର (ସବ୍ୟୁ): ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ ଏହାର ୮ମ ପ୍ରତିଷ୍ଠା ଦିବସ ସହ ଉତ୍କଳ ଦିବସ ୧ ଏପ୍ରିଲ ୨୦୨୪ରେ ପାଳିତ ହୋଇଯାଇଛି । ଡିକ୍ୟୁ ଏରଟେନ୍‌ମେଇରନ୍ୟାଶନାଲ ଲିଃ ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ତାପସ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଏବଂ ବିର୍ଲା ପରିବାର ତରଫରୁ ଶିକ୍ଷାକ୍ଷେତ୍ରରେ ଥିବା ଅବଦାନଗୁଡିକ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସତ୍ୟଜିତ୍ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରିବା ସହ ଯୁବ ପିଢ଼ୀମାନଙ୍କୁ ସେମାନଙ୍କ ମାତା, ପିତା, ସମ୍ପର୍କୀୟ, ଜନ୍ମ ସ୍ଥାନ ଏବଂ ଶିକ୍ଷାନୁଷ୍ଠାନର ସମ୍ମାନ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ । ବିର୍ଲା ଗ୍ଲୋବାଲ ୟୁନିଭରସିଟି ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ବିକାଶ କାଣ୍ଡୋଇ ଶିକ୍ଷା କ୍ଷେତ୍ରରେ ବିଜିୟୁର ସ୍ୱତନ୍ତ୍ର ଅବଦାନ ଉପରେ ଆଲୋକପାତ କରିଥିଲେ । ବିଜିୟୁ କୁଳପତି ପ୍ରଫେସର ପି.ପି. ମାଥୁରଙ୍କ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବିଜିୟୁ ରେଜିଷ୍ଟ୍ରାର ଡଃ ବି.କେ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୂତନ ଏକାଡେମିକ ବ୍ଲକ୍‌ର ଭିତ୍ତି ପ୍ରସ୍ତର ସ୍ଥାପନା ଉତ୍ସବ ଆୟୋଜିତ ହୋଇଥିଲା ।

୮ ଫୋନ ଜବତ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବାଲିଅନ୍ତା ଥାନା ପୋଲିସ ଜଣେ ଚୋରକୁ ଗିରଫ କରିବା ସହ ତା' ନିକଟରୁ ୮ଟି ମୂଲ୍ୟବାନ ଆଣ୍ଡ୍ରୋଏଡ୍ ମୋବାଇଲ ଫୋନ ଜବତ କରିଛି । ଗିରଫ ଅଭିଯୁକ୍ତର ପେଶା ଚୋରି କରିବା ବୋଲି ପୋଲିସ କହିଛି ।

ସତ୍ୟଜିତ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଭିଙ୍ଗାରପୁର ଅନ୍ତର୍ଗତ ବକ୍ରେଶ୍ୱର ହାଇସ୍କୁଲ ସମ୍ମୁଖରେ ନିର୍ମାଣାଧୀନ କୋଠାରେ କାମ କରିବା ସହ ବାହାର ରାଜ୍ୟର ଶ୍ରମିକମାନେ ସେଠାରେ ରୁହନ୍ତି । ଗତ ୩୧ ତାରିଖ ଦିନ ବିଳମ୍ବିତ ରାତିରେ ଶ୍ରମିକମାନେ ଶୋଇଥିବାବେଳେ ଚୋର ଅଭୟ କୁମାର ଭୋଇ ସେଠାକୁ ଯାଇ ୪ଟି ମୋବାଇଲ ଫୋନ ଚୋରି କରି ବାଇକରେ ଘଟଣାସ୍ଥଳରୁ ଖସିଯାଇଥିଲା । ସକାଳେ ଶ୍ରମିକମାନେ ସେମାନଙ୍କ ମୋବାଇଲ ନପାଇବାରୁ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତିକରି ସିସି କ୍ୟାମେରା ଫୁଟେଜ ଆଧାରରେ ଚୋର ଅଭୟକୁ ଚିହ୍ନଟ କରାଯାଇଥିଲା । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ କାକରୁଦ୍ରପୁର ଓଭରବ୍ରିଜ ତଳେ ପୋଲିସ ଚଢ଼ାଉ କରି ଚୋର ଅଭୟକୁ କାବୁ କରିଥିଲା । ତା' ପାଖରୁ ୮ଟି ଚୋରା ମୋବାଇଲ ଜବତ କରାଯିବା ସହ ସେ ବ୍ୟବହାର କରୁଥିବା ପଲସର ବାଇକ୍ ମଧ୍ୟ ଜବତ ହୋଇଥିବା କୁହାଯାଇଛି । ଅଭୟକୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

ଆଇନଜୀବୀଙ୍କ ଘର ଉପରକୁ ବୋମା ଘଟଣା : ଦୁଇ ଗିରଫ

ପୁରୀ (ସବ୍ୟୁ): ବୁଧବାର ଦିନ ଜଣେ ଆଇନ ଜିବୀଙ୍କ ଉପରକୁ ବୋମା ଘଟଣାରେ ମେରାଇନ ଥାନା ପୋଲିସ ଆଜି ଦୁଇ ଜଣ ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରିଛି । ଧାର୍ ଟଙ୍କା ମାଗିବା ନେଇ କୋର୍ଟରେ ମାମଲା ରୁଜୁ କରିଥିବାରୁ ବରିଷ୍ଠ ଆଇନଜୀବୀଙ୍କ ଉପରକୁ ହୋଇଥିଲା ବୋମାମାଡଛ ବୁଧବାର ପୁରୀ ଗୋପାଳପୁର ଛକରେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁଙ୍କ ଉପରକୁ ବୋମାମାଡ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ବୋମାମାଡ ଘଟଣାରେ ପେଣ୍ଠକଟା ମେରାଇନ୍ ଥାନା ପୋଲିସ ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଗିରଫ ଅଭିଯୁକ୍ତ ଦୁଇ ଭାଇ ହେଉଛନ୍ତି ଗୋପାଳପୁର ଅଞ୍ଚଳର ଅର୍ଜୁନ ମହାରଣା ଓ ବାସୁଦେବ ମହାରଣା । ଏସପିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ବାସୁଦେବ ମହାରଣା କିଛି ବର୍ଷ ତଳେ ସୁବାଷଙ୍କ ଠାରୁ ୧ ଲକ୍ଷ ଟଙ୍କା ଧାର ନେଇଥିବା ବେଳେ ଏହା ବଦଳରେ ଏକ ଚେକ୍ ସୁବାଷଙ୍କୁ ଦେଇଥିଲାଛ ସେହି ଚେକଟି ବାଉନ୍ସ ହୋଇଯିବାରୁ ସୁବାଷ କୋର୍ଟଙ୍କ ଆଶ୍ରୟ ନେଇ ଚେକ୍ ବାଉନ୍ସ ମାମଲା ରୁଜୁ କରିଥିଲେ । ଏହାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା । ତେବେ ଗତକାଲି ସୁବାଷ ସାଇକେଲ ଯୋଗେ କୋର୍ଟ ଯାଉଥିବା ସମୟରେ ଅଭିଯୁକ୍ତ ଦୁଇଭାଇ ଅର୍ଜୁନ ଓ ବାସୁଦେବ ଗୋପାଳପୁର ଛକରେ ତାଙ୍କ ଉପରକୁ ବୋମାମାଡ କରିଥିଲେଛ ବୋମାମାଡରେ ସୁବାଷ ଙ୍କ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସଦର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି ।

ୟୁନିୟନ୍ ବ୍ୟାଙ୍କ, ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରାୟତ୍ତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବଂଶୀଧର ତ୍ରିପାଠୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ କାନପୁର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ୨୦୦୯ ମସିହାରେ ବ୍ୟାଙ୍କରେ ଯୋଗ ଦେଇଥିବା ଶ୍ରୀ ତ୍ରିପାଠୀଙ୍କର ମୁମ୍ବାଇ, ଅହମ୍ମଦାବାଦ, ଚଣ୍ଡିଗଡ, ପୁନା, ରାଜକୋଟ ଏବଂ କାନପୁର ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି। ବ୍ରହ୍ମପୁର କ୍ଷେତ୍ର ଅଧିନରେ ଥିବା ଗଞ୍ଜାମ, ବୌଦ୍ଧ, ନୟାଗଡ ଓ କନ୍ଧମାଳ ଜିଲ୍ଲାରେ ବ୍ୟାଙ୍କର ୬୩ଟି ଶାଖା ରହିଥିବା ବେଳେ ଏହି କ୍ଷେତ୍ରରେ ବ୍ୟାଙ୍କର ମୋଟ୍ ବ୍ୟବସାୟ ୬,୪୩୬ କୋଟିରେ ପହଞ୍ଚିଛି । ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଶ୍ରୀ ତ୍ରିପାଠୀ ଡିଜିଟାଇଜେସନ୍ ଓ କ୍ରେଡିଟ୍ ଉପରେ ଅଧିକ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି ।

କରଦା ଦଧିବାମନ ଜୀଉ ମେଳଣ ଉଦ୍‌ଯାପିତ

ପାଣିକୋଇଲି (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ୧୫ତମ କରଦା ଦଧିବାମନ ଜୀଉ ମେଳଣ ଆଜି ଉଦ୍‌ଯାପିତ ହୋଇଛି । କରଦା ମଠ ସମ୍ମୁଖରେ ଏହି ମେଳଣ ଅନୁଷ୍ଠିତ ହୋଇଥିଲା । ଶତାଧିକ ଦୋକାନୀ ଓ ଭକ୍ତ ଏବଂ ଦର୍ଶକଙ୍କ ଭିଡ ମେଳଣର ଶ୍ରୀବୃଦ୍ଧି କରିଥିଲା । ପଥରପଦା ମଦନ ମୋହନ ଜୀଉ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଗୋପାଳପୁର ଗୋପିନାଥ ଜୀଉ ଭଜନ ସନ୍ଧ୍ୟା ଦର୍ଶକଙ୍କୁ ବିମୋହିତ କରିଥିଲା । ମଠ ଦାଣ୍ଡରୁ ଥାନପତି ଦଧିବାମନ ଜୀଉ ବିଜେ କରିଥିବା ବେଳେ କରଦା ମଦନମୋହନ ଜୀଉ ଓ ସୁଆଁସାହି ରାଧାକୃଷ୍ଣ ଜୀଉ ବିଜେ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ଦଧବବାମନ ଜୀଉ ମେଳଣ କମିଟି ପକ୍ଷରୁ ସମସ୍ତ ବିମାନ ଠାକୁରଙ୍କୁ ଭୋଗ ଲାଗି କରାଯିବା ସହ ବିଦାକି ଦେଇ ବିଦାୟ ଦିଆଯାଇଥିଲା । କମିଟିର ସମସ୍ତ ସଦସ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ ।

ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଯୁବ ଓ ଛାତ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଷଷ୍ଠଥର ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରି ରେକର୍ଡ କର : ସଂନ୍ତୃପ୍ତ

କଟକ, (ସ୍ୱପ୍ର): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆରମ୍ଭ ହୋଇଛି ସମରସଜା। ସାଧାରଣ ନିର୍ବାଚନ ପରିପ୍ରେକ୍ଷିରେ ଗୁରୁବାର ଚୌଦ୍ୱାର କଟକ ବିଜେଡି ପକ୍ଷରୁ ବିଭୁ ଯୁବ, ଛାତ୍ର ଜନତା ଦଳ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମହାନଦୀବିହାର ସ୍ଥିତ ରିଦ୍ଧି ସିଦ୍ଧି କଲ୍ୟାଣ ମଣ୍ଡପ ଏକ ସଭା କରାଯାଇଥିଲା । ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ କଟକ ଲୋକସଭା ପାଇଁ ବିଜେଡି ପ୍ରାର୍ଥୀ ଡ଼ଃ ସନ୍ତୃପ୍ତ ମିଶ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଯୁବକମାନେ ହେଉଛନ୍ତି ଦଳର ମେରୁଦଣ୍ଡ। ଯାହାଙ୍କ ପାଇଁ ବିଜେଡି ଏତେ ସଶକ୍ତ ହୋଇ ଠିଆ ହୋଇଛି। ତେଣୁ ଆପଣମାନେ ହେଉଛନ୍ତି ଆମ୍ଭମାନଙ୍କର ମୁଖ୍ୟ ବଳ। ନୂତନ ଓଡିଶା ଗଠନରେ ଆପଣମାନଙ୍କ ଭୂମିକା ସର୍ବାଗ୍ରେ ରହିବ । ତେଣୁ ମିଳିମିଶି କାର୍ଯ୍ୟକଲେ ବହୁତ । ଯେଉଁମାନଙ୍କ ପାଇଁ ଦଳ ଆଜି ଶିଖର ଛୁଇଁପାରିଛି। ତେଣୁ ଆପଣମାନେ ପ୍ରତ୍ୟହ ଆହୁରି ଅଧିକ ପରିଶ୍ରମ କରି ମୁଖ୍ୟମନ୍ତ୍ରୀ ନବୀନ

ଷଷ୍ଠଥର ପାଇଁ ଆମ୍ଭ ପ୍ରିୟ ମୁଖ୍ୟମନ୍ତ୍ରୀ ପୁଣି ଗାଦିସିନ ହୋଇ ବିରଳ ରେକର୍ଡ ସ୍ଥାପନ କରିବେ। ବୈଠକରେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବଶ୍ୱାଳ ଯୋଗଦେଇ ଦଳ ଗଠନରେ ଯୁବ ଛାତ୍ରଙ୍କ ଭୂମୀକା ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସହ ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ ନିବେଦନ କରିଥିଲେ । ଏଥିରେ ବିଜେଡି ଯୁବନେତା ଶୋଭନ୍ ମହାନ୍ତି ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ବିଜେଡିର ବିଭିନ୍ନ ପଦାଧିକାରୀ, କର୍ପୋରେଟରମାନେ ସାଂସଦ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତିରଞ୍ଜନ ନାୟକ, କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ନାୟକ, ରାଜ୍ୟ ଛାତ୍ର ଉପସଭାପତି ଭବାନୀ ଶଙ୍କର ଦାସ, ସମ୍ପାଦକ ଚନ୍ଦ୍ରକାନ୍ତ ସାହୁ, ଚୌଦ୍ୱାର କଟକ ବିଜେଡି ଛାତ୍ର ଯୁବ ସଭାପତି ଅଶୋକ ମିଶ୍ର, ଛାତ୍ର ସଭାପତି ଅଚ୍ୟୁତ ଘୋଷ, ଚୌଦ୍ୱାର ଯୁବ ସଭାପତି ସାରଦା ରଞ୍ଜନ ପରିଜା, ଛାତ୍ର ସଭାପତି ଭରତ ସାହୁ, ଅଭିଷେକ ବଳ, ଋଷିକେଶ ମିଶ୍ର, ଅଭିଜିତ ପାତ୍ର, ପପୁ ପାତ୍ର, ସୌରଭ ପାତ୍ରଙ୍କ ସମେତ ସମସ୍ତ କର୍ପୋରେଟର ଏବଂ ବହୁ ସଂଖ୍ୟାରେ ବିଜେଡି ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

ନନ୍ଦନକାନନ:ଆସାମରୁ ଆସିଲା ହାଡଗିଲା

ବାରଙ୍ଗ,(ସବ୍ୟୁ) : ନନ୍ଦନକାନନରେ ଆରମ୍ଭ ହୋଇଥିବା ଚଳିତବର୍ଷର ୪ର୍ଥପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକିୟା ଆଧାରରେ ଆସିଥିବା ଜୀବଜନ୍ତୁ ଡାକ୍ତରଖାନାରେ ଡାକ୍ତରମାନଙ୍କ ନଜରବନ୍ଦିରେ ରହିଥିଲେ ।ସେମାନଙ୍କ ମଧ୍ୟରୁ ୪ ପେଲିକାନ ପକ୍ଷୀକୁ ଗୁରୁବାରଦିନ ପକ୍ଷୀଶାଳାର ଏକ ଏନକ୍ଲୋଜରରେ ଛଡାଯାଇଛି । ଗତମାସ ୧୯ତାରିଖରେ ଆସାମ ଷ୍ଟେଟ କୁ ବଟାନିକାର୍ଲଗାର୍ଡେନ ରୁ ୪ପେଲିକାନପକ୍ଷୀ କୁ ନନ୍ଦନକାନନକୁ ଅଣାଯାଇଥିଲା ।ଅନ୍ୟପଟେ ଏହି ଅଦଳବଦଳ ପ୍ରକିୟାରେ ବାକିଥିବା ୪ହାଡଗିଳାପକ୍ଷୀକୁ ଗୁରୁବାର ବିଳମ୍ବିତ ରାତିରେ ଏକ ଟିମ ନେଇଆସି ନନ୍ଦନକାନନରେ ପହଂଚିବ ବୋଲି ଜଣାପଡିଛି ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ କୁଆଲା ଲୁମ୍ପୁର ଠାରେ ସମ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଉତମ ମାନର ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ନୂତନତମ କ୍ୱାଟରନାରି କେୟାର ହସ୍ପିଟାଲ ସମ୍

ଅଲ୍ଟିମେଟ ମେଡିକେୟାର (ସମ୍)କୁ ଗତ ମାର୍ଚ୍ଚ ୨୨ ତାରିଖରେ କୁଆଲା ଲୁମ୍ପୁର ଠାରେ 'ଏକ୍ସିଲେନ୍ସ ଇନ୍ ହସ୍ପିଟାଲିଟି ଆଣ୍ଡ ହେଲ୍‌ଥ କେୟାର ସର୍ଭିସ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କର୍ଷତା ନେଇ ପୂର୍ବ ଭାରତର ଶ୍ରେଷ୍ଠ ହସ୍ପିଟାଲ୍ ଭାବେ ସମ୍ମକୁ 'ମିର୍ଚି' ପକ୍ଷରୁ ଦିଆଯାଇଥିବା ଏହି ସମ୍ମାନକୁ ହସ୍ପିଟାଲ୍‌ର ଚିଫ୍ ଏଗ୍‌ଜିକ୍ୟୁଟିଭ୍ ଅଫିସର ଡକ୍ଟର ଶ୍ୱେତପଦ୍ମା ଦାଶ ଗ୍ରହଣ କରିଥିଲେ । 'ଏହି ସମ୍ମାନ ଆମ ପାଇଁ ଗର୍ବ ଓ ଗୌରବ ଭରି ଦେଇଥିବା ବେଳେ ମୁଁ ଅତି ବିନମ୍ରତାର ସହ ଏହାକୁ ଗ୍ରହଣ କରୁଛି' ବୋଲି ଡକ୍ଟର ଦାଶ କହିଛନ୍ତି । ମାତ୍ର ୪ ବର୍ଷ ମଧ୍ୟରେ ଏହି ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲଟି ସାଧାରଣରେ ଆଦୃତ ହେବା ସହ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସବୁଠାରୁ ପସନ୍ଦ ଯୋଗ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନ ଭାବେ ଉଭା ହୋଇପାରିଛି। ଏହି ସମ୍ମାନ ହସ୍ପିଟାଲର ପ୍ରତ୍ୟେକ ସଦସ୍ୟଙ୍କର କଠିନ ପରିଶ୍ରମ ଓ ଏକାଗ୍ରତାକୁ ଇଙ୍ଗିତ କରେ ବୋଲି ସେ କହିଛନ୍ତି । 'ମିଳିତ ଭାବେ ଆମେ ଇତିହାସ ରଚିଛୁ ଏବଂ ସ୍ୱାସ୍ଥ୍ୟସେବା ଶିଳ୍ପରେ ନୂତନ ମାନର ଉତ୍କର୍ଷ ସୃଷ୍ଟି କରିଛୁ। ଏ ନେଇ ମୁଁ ଆମ ରୋଗୀ, ସେମାନଙ୍କର ପରିବାରବର୍ଗ ଓ ସମାଜକୁ ସେମାନଙ୍କର ଆକୁଣ୍ଠ ସହଯୋଗ ପାଇଁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି। ଏହି ସମ୍ମାନରେ ଆମ ଠାରୁ ସେମାନଙ୍କର ଅଧିକ ଅଧିକାର ଅଛି' ବୋଲି ଡକ୍ଟର ଦାଶ କହିଛନ୍ତି ।

ଲଞ୍ଚ ଅପେକ୍ଷାରେ

ମହିନ୍ଦ୍ରାର ଏକ୍ସୟୁଭି ୩ଏକ୍ସଓ

ଭୁବନେଶ୍ୱର : ଦେଶର ଅଗ୍ରଣୀ ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ବହୁ ଆକାଂକ୍ଷିତ ଏସ୍‌ୟୁଭିର ସର୍ବାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଯାଉଥିବା ଏକ୍ସୟୁଭି ୩ଏକ୍ସଓର ନାମକରଣ ଉନ୍ମୋଚନ କରିଛି । ଚଳିତ ମାସ ୨୯ ତାରିଖରେ ଏହା ବିଶ୍ୱ ବଜାରରେ ପ୍ରବେଶ କରିବ । ସର୍ବାଧୁନିକ ଜ୍ଞାନକୌଶଳରେ



ନିର୍ମିତ ଏହି ଯାନ ଆଶାଠାରୁ ଅଧିକ ଭାବରେ ଲୋକପ୍ରିୟ ହେବ ବୋଲି ଆଶା କରାଯାଉଛି । ଏକ୍ସୟୁ ବ୍ରାଣ୍ଡର ଡିଏନ୍‌ଏଠାରୁ ଏହା କୌଣସି ଗୁଣରେ କମ୍ ନୁହେଁ । ଯାନପ୍ରେମୀ ହୁଅନ୍ତୁ ଅଥବା ସହରାଞ୍ଚଳର ଗାଡିଚାଳକ ହୁଅନ୍ତୁ ସମସ୍ତଙ୍କ ପାଇଁ ମହିନ୍ଦ୍ରାର ଏହି ଯାନ ବେଶ୍ ଗ୍ରହଣୀୟ ହେବ । ଯେମିତି ଜ୍ଞାନକୌଶଳରେ ନିର୍ମିତ ସେମିତି ଡିଜାଇନରେ ମଧ୍ୟ ଗ୍ରାହକଙ୍କ ମନଛୁଆଁ ହୋଇପାରିବ । ଏସ୍‌ୟୁଭି ମାଲିକଙ୍କ ପାଇଁ ଏହା ଏକ ନୂଆ ଅନୁଭୂତି ଆଣିବ ବୋଲି କମ୍ପାନୀ ଆଶା ରଖିଛି । ନୂଆ ଏକ୍ସୟୁଭି ୩ଏକ୍ସଓ ମହାରାଷ୍ଟ୍ରର ନାସିକ ଠାରେ କମ୍ପାନୀର ନିଜସ୍ୱ ୱାର୍କସପ୍‌ରେ ଏହାର ନିର୍ମାଣ କରାଯାଉଛି । ଯେଉଁମାନେ ଏସ୍‌ୟୁଭି ବ୍ୟବହାର କରୁଛନ୍ତି ସେମାନେ ବିଶ୍ୱର ଏହି ପ୍ରିମିୟମ୍ ଧରଣର ଏକ୍ସୟୁଭି ୩ଏକ୍ସଓକୁ ଅଧିକ ପସନ୍ଦ କରିବେ । ଏହି ଯାନରେ ଏଭଳି ଜ୍ଞାନକୌଶଳର ଉପଯୋଗ କରାଯାଇଛି ଯାହାଦ୍ୱାରା ଜଣେ ଗାଡିଚାଳକ ଅତି ସହଜରେ ଏବଂ ନିରାପଦରେ ଏହାକୁ ଚଳାଇ ପାରିବ ବୋଲି କମ୍ପାନୀର ପ୍ରେସ୍ ବିବୃତିରେ କୁହାଯାଇଛି ।

ବଦଳିପାରେ ସୋର ବିଜେପି ପ୍ରାର୍ଥୀ ତାଲିକା !

ସୋର, (ସବ୍ୟୁ) : ସୋର ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଭାବେ ଧାମନଗରର ରାଜେନ୍ଦ୍ର ଦାସଙ୍କ ନାମ ଘୋଷଣା ହେବାପରେ ସୋର ବିଜେପି ଦଳୀୟ କର୍ମୀମାନଙ୍କ ମଧ୍ୟ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଆମଦାନୀ ନେତାଙ୍କୁ ସୋରରେ ସ୍ଥାନ ନଦେବା ଜିଦ୍‌ରେ ଗତକାଲି ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିବା ଶତାଧିକ ବିଜେପି କର୍ମୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦଳର ସଭାପତି ମନମୋହନ ସାମଲଙ୍କ ସହିତ ଆଲୋଚନା କରିଥିଲେ। ଏହି ଦାବିକୁ ହୃଦୟଙ୍ଗମ କରି ଆଗାମୀ ୨ ଦିନ ଭିତରେ ପୁର୍ନବିଚାର କରିବେ ବୋଲି ଶ୍ରୀ ସାମଲ ପ୍ରତିଶ୍ରୁତି ଦେଇଥିବା କର୍ମୀଙ୍କ ମହଲରୁ ସୂଚନା ମିଳିଛି। ଗତକାଲି ସଂଧ୍ୟାରେ ବିଜେପି ନେତା ଈଶ୍ୱରଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟରେ ପହଞ୍ଚି ସୋର ଅଞ୍ଚଳର ଜଣେ ବିଜେପି କର୍ମୀଙ୍କୁ ବିଧାୟକ



ଟିକେଟ ଦେବା ପାଇଁ ଦାବି କରି ସଭାପତି ମନମୋହନ ସାମଲଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ରାକେଶ ମଲ୍ଲିକ, ରବୀନ୍ଦ୍ର କୁମାର ଜେନା, ନଳିନୀ ମହାପାତ୍ର, ନିରୋଦପ୍ରଭା ପଣ୍ଡା, ରାଜେନ୍ଦ୍ର ଦ୍ୱିବେଦୀ, ମହେଶ ଜେନା, ରଜତ ମହାପାତ୍ର ଏବଂ ସୋର ଏବଂ ବାହାନଗା ବ୍ଲକ ସମସ୍ତ ୭ଟି ମଣ୍ଡଳ ସଭାପତି, ସରପଞ୍ଚ, ସମିତି ସଭ୍ୟସଭ୍ୟା, ପଞ୍ଚାୟତ ସଭାପତି, କାଉନ୍‌ସିଲର ଏବଂ ଶତାଧିକ କର୍ମୀ ଯୋଗଦେଇ ଘୋଷିତ ପ୍ରାର୍ଥୀ ଶ୍ରୀ ଦାସଙ୍କୁ ପରିବର୍ତ୍ତନ କରି ସୋରର ବିଜେପି ନେତା ରାକେଶ ମଲ୍ଲିକ କିମ୍ବା ରବୀନ୍ଦ୍ର ଜେନାଙ୍କ ମଧ୍ୟରୁ ଜଣକୁ ବିଧାୟକ ପ୍ରାର୍ଥୀ କରାଯିବା ପାଇଁ ଦାବି କରିଥିଲେ।

ମତଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରଶିକ୍ଷଣ

ପୋଷ୍ଟାଲ ବାଲଟ ନିର୍ବାଚନ ମତଦାନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ : ଜିଲ୍ଲା ନିର୍ବାଚନ ଅଧିକାରୀ

ବାରିପଦା, (ସବ୍ୟୁ) : ନିର୍ବାଚନ ସମୟରେ ମତଦାନରେ ସବୁଠୁ ମହତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରେ, ପୋଷ୍ଟାଲ ବାଲଟ । ଏଣୁ ୨୦୨୪ ସାଧାରଣ ନିର୍ବାଚନର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ମୟୂରଭଞ୍ଜ ଜିଲ୍ଲାରେ ମୁଖ୍ୟ ପ୍ରାଧାନ୍ୟ ସହିତ ସମ୍ପାଦନା କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ତଥା ସମସ୍ତ ରିଟର୍ଣ୍ଣିଙ୍ଗ ଅଫିସର ଏବଂ ଅତିରିକ୍ତ ରିଟର୍ଣ୍ଣିଙ୍ଗ ଅଫିସର ମାନଙ୍କ ଅଧ୍ୟକ୍ଷତାରେ ଉଦଳା ଏବଂ ବାରିପଦା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ କାର୍ଯ୍ୟକାରୀ ଅଧିକାରୀ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି ପ୍ରଶିକ୍ଷଣ, ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହେଉଥିବାବେଳେ, ଜିଲ୍ଲାପାଳ ଶ୍ରୀ ସିନ୍ଦେ କହିଥିଲେ ଯେ, ଏହି ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥା ପ୍ରତ୍ୟେକଟି ମତଦାତାଙ୍କୁ ଦାୟିତ୍ୱର ସହିତ ଏବଂ ସମସ୍ତ ଅଧିକାରୀ ମାନଙ୍କୁ କର୍ତ୍ତବ୍ୟନିଷ୍ଠତା ସହିତ ଅନୁଧାନ କରିବାକୁ ହେବ । ପ୍ରକାଶ ଥାଉକି, ଏହି ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ (ସର୍ବନିମ୍ନ ୪୦%) ଶାରୀରିକ ଅକ୍ଷମ ବ୍ୟକ୍ତି, ସମସ୍ତ ଚାକିରିଆ ବ୍ୟକ୍ତି ଏବଂ ୮୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ଚାଲିବୁଲି ପାରୁ ନଥିବେ ସେମାନଙ୍କ ପାଇଁ ଉର୍ଦ୍ଦିଷ୍ଟ । ସୂଚନା ଥାଉକି, ମୟୂରଭଞ୍ଜ ଜିଲ୍ଲାରେ ସର୍ବମୋଟ ୪୮୯୩ ଜଣ ଚାକିରିଆ ମତଦାତା ଅଛନ୍ତି ଏବଂ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅସୁସାରେ ସମସ୍ତ ସରକାରୀ ଚାକିରିଆଙ୍କ ପାଟି ବା ପତ୍ନୀ ଯଦି ତାଙ୍କ ସହିତ ରହୁ ଥିବେ ତେବେ ସେମାନେ ମଧ୍ୟ ଏହି ପୋଷ୍ଟାଲ ବାଲଟ ଭୋଟିଂ ପାଇଁ ଯୋଗ୍ୟ ଅଟନ୍ତି । ପୋଲିସ ସେବା, ଜରୁରୀକାଳୀନ ସେବା, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା ଇତ୍ୟାଦି ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରାଧୀକୃତ ଗଣମାଧ୍ୟମ ପ୍ରତିନିଧି ଯେଉଁମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି, ସେମାନଙ୍କୁ ମଧ୍ୟ ଏହି ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି । ସରକାରୀ ଚାକିରିଆ ମାନେ ନିର୍ବାଚନ କମିଶନ ଫର୍ମ-୧୨ ଦ୍ୱାରା ଏହି ବ୍ୟବସ୍ଥାର କାର୍ଯ୍ୟକାରୀ କରାଇ ପାରିବେ । ଅତ୍ୟାବଶ୍ୟକୀୟ ସେବାରେ କାର୍ଯ୍ୟକାରୀ ଥିବା କର୍ମଚାରୀ ମାନେ ମଧ୍ୟ ହୋମ-ଭୋଟିଂ ବା ଗୃହ ମତଦାନ କରିବା ନେଇ ମଧ୍ୟ ଏହି ପ୍ରଶିକ୍ଷଣରେ କୁହାଯାଇଥିଲା । ଏହା ଫଳରେ କେହି ଯେମିତି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେ ଦିଗରେ ପ୍ରଶାସନ ଧ୍ୟାନ ଦେବ ବୋଲି ସମବେତ ଭୋଟରଙ୍କୁ ସୂଚନା ଦେଇଥିଲେ ଶ୍ରୀ ମହାପାତ୍ର । ପୋଷ୍ଟାଲ ବାଲାଟ ଭୋଟିଂ, ଆପ ବ୍ୟବହାର ଦ୍ୱାରା ଭୋଟ ପ୍ରକ୍ରିୟା ସରଳୀକରଣ ହେବା ଦ୍ୱାରା ମତଦାନ ଲୋକାଭିମୁଖୀ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ମତଦାତାଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନବାନ ହେଲେ ମତଦାନ ପରିମାଣ ବୃଦ୍ଧି ହେବା ସହ ଏକ ରାଷ୍ଟ୍ର ଗଠନରେ ସମସ୍ତଙ୍କ ଭୂମିକା ରହିବା ବୋଲି ସେ କହିଥିଲେ । ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମତଦାତା ମାନଙ୍କୁ ମତଦାନ କେନ୍ଦ୍ରକୁ ନେବା ଆଣିବା ସାଙ୍ଗକୁ ଏହି ମତଦାତା ମାନଙ୍କୁ ପ୍ରାଥମିକତା ଭିତ୍ତିରେ ମତଦାନ କରିବା ସୁଯୋଗ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ହୋମ ଭୋଟିଂ, ପୋଷ୍ଟାଲ ବାଲାଟ, ସ୍ୱତନ୍ତ୍ର ଗାଡି ଦ୍ୱାରା ମତଦାନ କେନ୍ଦ୍ରକୁ ଯିବା, ରାମ୍ପ ବ୍ୟବସ୍ଥା ସହ ହୁଇଲଚେୟାର ଆଦି ଉପଲବ୍ଧ କରାଯିବାକୁ ନେଇ ସେମାନଙ୍କୁ ଜଣାଯାଇଥିଲା । ନିୟୋଜିତ ବିଏଲଓ ମାନେ ଘରକୁ ଘରଯାଇ ଏହି ସମସ୍ତ ଭୋଟର ମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ରିଟର୍ନିଂ ଅଧିକାରୀଙ୍କ ନିକଟରେ ଏହାକୁ ଦାଖଲ କରିବେ । ଦୃଷ୍ଟି ବାଧିତ ଭୋଟରମାନେ ନିଜସହ ଜଣକୁ ଭୋଟ ଦେବାକୁ କେନ୍ଦ୍ରକୁ ନେଇପାରିବେ । ଏହାସହ ଇଭିଏମରେ ବ୍ରେଲି ସଲଗ୍ନ ସୁବିଧା ଯୋଗୁଁ ସେମାନଙ୍କୁ ଭୋଟ ଦେବାକୁ ସୁବିଧା ହେବ ବୋଲି ସୂଚନା ଦିଆଯାଇଥିଲା । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ, ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମସ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କ ସମେତ କପ୍ତିପଦା ଏବଂ ବାରିପଦା ଉପଖଣ୍ଡର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀଗଣ ଉପସ୍ଥିତ ଥିବାର ସୂଚନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ ।

ଚଉଦ ଦେଶ ଅନୁସୂଚୀତ ଜାତି ମତ୍ସ୍ୟଜୀବୀ ମହାସଭା

ରମ୍ଭା, (ସବ୍ୟୁ): ଗୁରୁବାର ଦିନ ରମ୍ଭା ଥାନା ଇଲାକା ଗଜପତି ନଗର ଶିବ ମନ୍ଦିର ଠାରେ ଚଉଦ ଦେଶ ଅନୁସୂଚୀତ ଜାତି ମତ୍ସ୍ୟଜୀବି କୋର କମିଟି ସଭା ସ୍ଥାୟୀ ଦେଶ ସଭାପତି ବ୍ରଜବନ୍ଧୁ ବେହେରାଙ୍କ ପରାମର୍ଶ କ୍ରମେ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମତ୍ସ୍ୟଜୀବି ସଂଘ ନେତା ତଥା ଦେଶ ସଂଘ ଉପଦେଷ୍ଟା ରାମଚନ୍ଦ୍ର ମଲିକ ପରଲୋକରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ଓ ୨ ମିନିଟ ନିରବ ପ୍ରାର୍ଥନା ହେବା ସହ ପରିବାରକୁ ସମବେଦନା ଜଣାଇବା ସହ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତବ୍ୟ ରଖିଥିଲେ । ଏଥି ସହିତ ପାରମ୍ପରିକ ମତ୍ସ୍ୟଜୀବିଙ୍କ ଜୀବନ ଜୀବିକା ମୌଳିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା ।

ଏଥିରେ ଦେଶର ସମ୍ପାଦକ ଉପଦେଷ୍ଟା ମଣ୍ଡଳୀ ଯଥା ରାଧାମୋହନ ପୃଷ୍ଟି, ଗୋବିନ୍ଦ ବେହେରା, ଭୀମସେନ ବେହେରା, ଗୋବିନ୍ଦ ପ୍ରଧାନ, ସେନାପତି ବେହେରା, ସୁଜିତ କୁମାର ବେହେରା, ନଟବର ବେହେରା, ନରସିଂହ ବେହେରା, ଧନୁର୍ଦ୍ଧର ମଲିକ, ନାରାୟଣ ବେହେରା, ଚକ୍ରପାଣି ବେହେରା, ପ୍ରଫୁଲ ମଲିକ ସମେତ କୋର କମିଟି ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ୭ ଏପ୍ରିଲ ଖୋଲମୂହ ଗ୍ରାମ (କୃଷ୍ଣପ୍ରସାଦ ବ୍ଲକ୍) ଠାରେ ଅପରାହ୍ନ ୩ ଘଣ୍ଟ ସମୟର ସମସ୍ତ ସଦସ୍ୟ ମିଶିବା ପାଇଁ ସ୍ଥିର କରାଯାଇଥିଲା ।

ଆରମ୍ଭ ହେଲା ପ୍ରସିଦ୍ଧ ଦଣ୍ଡଯାତ୍ରା, ଜମୁଛି ମୟୂର ପୁଚ୍ଛ ବେପାର

ବୁଗୁଡା, (ସବ୍ୟୁ): ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଦଣ୍ଡଯାତ୍ରା ପର୍ବ ଆରମ୍ଭ ହୋଇଯାଇଛି । ମେରୁ ସଂକ୍ରାନ୍ତି ଯାଏଁ ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରା ପର୍ବ ଯୋଗୁଁ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ଦେବଦେବ ମହାଦେବ ଓ ମା' ମହାମାୟୀ କାଳୀଙ୍କ ପୂଜାର୍ଚ୍ଚନା ଲାଗି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହେଉଛି । ଚାରିଆଡ଼େ ଦେଖିବାକୁ ମିଳୁଛି ଦଣ୍ଡୁଆଦଳଙ୍କ ଗହଳି ଚହଳି ଓ ନଗର ପରିକ୍ରମା । ବର୍ଷ ତମାମ ବିଭିନ୍ନ ସମୟରେ ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବିକ୍ରିବଟା ହେଉଥିଲେ ମଧ୍ୟ ଦଣ୍ଡଯାତ୍ରା ସମୟରେ ମୟୂର ପୁଚ୍ଛ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି ।

ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଗୁଡ଼ା ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ବ୍ରହ୍ମପୁରରୁ ମୟୂର ପୁଚ୍ଛ ଆଣି ବିକ୍ରି କରୁଛନ୍ତି । ଦଣ୍ଡଯାତ୍ରା ସମୟରେ ବୁଗୁଡ଼ା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ମୟୁର ପୁଚ୍ଛ କାରବାର ହେଉଛି । ମାନସିକଧାରୀ ଦଣ୍ଡୁଆମାନେ ଏହି ମୟୂର ପୁଚ୍ଛକୁ ଧାରଣ କରିଥାନ୍ତି । ବୁଗୁଡ଼ା ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଦେଖିବାକୁ ମିଳୁଛି ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସମାଗ୍ରୀର ବିକ୍ରିବଟା ଛ ଏହିସବୁ ମୟୂର ପୁଚ୍ଛ ରାଜସ୍ଥାନର ଯୋଧପୁର, ଉତ୍ତର ପ୍ରଦେଶର ଆଗ୍ରା, ପଶ୍ଚିମବଙ୍ଗର କୋଲକାତାରୁ ପ୍ରଚୁର ପରିମାଣର ଆସୁଥିବା ନେଇ ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି ।

ରହଣିଆ ହାଇସ୍କୁଲରେ ଖେଳନା ପ୍ରସ୍ତୁତି କର୍ମଶାଳା

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଆମ ସଂସ୍କୃତି ଓ ଆମ ଖେଳନା ପ୍ରସ୍ତୁତି କର୍ମଶାଳା ବୁଧବାର ଉଦଯାପିତ ହୋଇଯାଇଛି। ଏହି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୩୦ ଶିକ୍ଷକ ଓ ଶିକ୍ଷୟତ୍ରୀ କର୍ମଶାଳାରେ ଅଂଶଗ୍ରହଣ କରି ୪୦ ମଡେଲର ଖେଳନା ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଶିକ୍ଷାସଂଯୋଜକ ତ୍ରିଲୋଚନ ନାୟକଙ୍କ ତତ୍ତ୍ୱାବଧାନରେ ସମ୍ବଳ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ଓ ପୁଷ୍ପକ ଚନ୍ଦ୍ର ଭାରତୀ କର୍ମଶାଳାରେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିନେଇ ସଭାରେ ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, ଏବିଇଓ ରମେଶ ଚନ୍ଦ୍ର ଜେନା ଓ ମଞ୍ଜୁଳା ନାୟକ ଯୋଗଦେଇ ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦିଲ୍ଲିପ କୁମାର ଓଝା, ଚକ୍ରଧର ଜେନା, ଜୟନ୍ତ ପ୍ରଧାନ, ନିର୍ମଳ ଧଳ, ସଞ୍ଜିତ ସାମଲ ବକ୍ତବ୍ୟ ରଖିଥିଲେ। ଶିକ୍ଷାସଂଯୋଜକ ଶ୍ରୀ ନାୟକ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଜୟନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ରାମ ପଣ୍ଡା ଓ ଟି ଗୋପି

ବ୍ରହ୍ମପୁର, (ସବ୍ୟୁ) : ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା ଓ ବରିଷ୍ଠ ନେତା ଟି. ଗୋପି ଆଜି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ସୂଚନା ଦେଇଛନ୍ତି। ବିଜେଡି ଆଗଭଳି ନାହିଁ। ନେତା ଓ କର୍ମୀ ମାନଙ୍କୁ ଅଣଦେଖା କରାଯାଉଛି। ଦଳୀୟ ସଂଗଠନିକ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଉ ନାହିଁ। ଦଳ ଭିତରେ ରହିଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଲେ ଅଣଦେଖା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ଦଳ ପକ୍ଷରୁ ବିଧାନସଭା ଓ ଲୋକସଭା ଆସନରେ ପ୍ରାର୍ଥୀ କରିବା ପାଇଁ ବିଚାର ବିମର୍ଶ ଚାଲିଛି। ଗତକାଲି ଅନ୍ୟ ଦଳର ଆମଦାନୀ ନେତାଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି । ବିଗତ ୫୦ ବର୍ଷଧରି ଛାତ୍ର ଜୀବନରୁ ଜନସେବା ସେବା କରିଆସିଛି। ଛାତ୍ର ଜୀବନରେ୧୯୭୧ ମସିହାରୁ ଋଷିକୂଲ୍ୟା ବଂଚାଅ ଆନ୍ଦୋଳନ ଓ ଜଳବାୟୁ ଦୂଷିତୀ କରଣ ବିରୁଦ୍ଧରେ ଆନ୍ଦୋଳନ ଗିରଫ ହୋଇଥିଲି । ୧୯୮୫ ମସିହାରୁ ଋଷିକୂଲ୍ୟା ମହାନଦୀ ସଂଯୋଗ ଆନ୍ଦୋଳନ ଓ ପୋଟଲାମ୍ପ ପୁର ନିକଟରେ ବ୍ୟାରେଜ ନିର୍ମାଣ ଦାବୀ ପ୍ରଭୃତିକୁ ନେଇ ଦଶନ୍ଧୀରୁ ଉର୍ଦ୍ଧ୍ୱକାଳ ଜନ ଆନ୍ଦୋଳନ କରିଥିବା ନେଇ ଜାଣନ୍ତି। ଜରୁରୀ ପରିସ୍ଥିତି ପରେ ଜନତା ଦଳକୁ ସଂଗଠନ କରିବା, ବିଜୁ ବାବୁଙ୍କ ସରକାରରେ ଉଠାଜଳସେଚନ ନିଗମ ଅଧ୍ୟକ୍ଷ ହିସାବରେ ଜଳସେଚନର ବିକାଶ ଓ ୧୯୯୯ ମିଳିତ ସରକାରରେ ଉପବାଚସ୍ପତି ପଦରେ ଅଧିଷ୍ଠିତ ହୋଇ ଛତ୍ରପୁର ତଥା ଜିଲ୍ଲାର ବିକାଶ ଦିଗରେ ମୋର ବିଭିନ୍ନ ପ୍ରଚେଷ୍ଟା ସମ୍ପର୍କରେ ପ୍ରିୟ ଜିଲ୍ଲାବାସୀ ଅବଗତ ଅଛନ୍ତି । ବିଗତ ସାତ ବର୍ଷଧରି ବିଭିନ୍ନ ସରକାରୀ ପଦବୀରେ ରହି ଲୋକଙ୍କ ସେବା କରିବାର ମୌକା ମୋତେ ମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗାଇଥିଲେ ଓ ମୁଁ ମଧ୍ୟ ନିଷ୍ଠାପର ସହିତ ଦାୟିତ୍ୱ ତୁଲାଇଥିଲି ଓ ନିଜସ୍ୱ ପରମ୍ପରା ଅନୁଯାୟୀ ନିର୍ବାଚନ ଆଚରଣ ବିଧି ଲାଗୁହେବା ପରବର୍ତୀ ମୁହୂର୍ତ୍ତରେ ସରକାରୀ ଦାୟିତ୍ୱରୁ ଇସ୍ତଫା ଦେଇଥିବା ଶ୍ରୀ ପଣ୍ଡା କହିଛନ୍ତି। ସେହିପରି ଛାତ୍ର ରାଜନୀତିରୁ ଆରମ୍ଭ କରି ବିଜୁବାବୁଙ୍କ ଜନତା ଦଳ ଓ ବିଜୁ ଜନତା ଦଳର ଜଣେ ସକ୍ରୀୟ କର୍ମୀ ଭାବେ କାର୍ଯ୍ୟ କରିଥିଲେ ମଧ୍ୟ ଏହି ସାଧାରଣ ନିର୍ବାଚନରେ ବିଜେପି ଛାଡି ବିଜେଡିରେ ଯୋଗ ଦେଇ ଥିବା ପ୍ରାର୍ଥୀ ଘୋଷଣା କରିଛନ୍ତି। ଶଙ୍ଖ ଭବନରେ ଥିବା ବେଳେ ଘୋଷଣା କରାଯାଇଛି। ଯାହା ଦୁଃଖର ବିଷୟ ବୋଲି ଟି ଗୋପି କହିଥିଲେ। ଛତ୍ରପୁର ନିର୍ବାଚନ ମଣ୍ଡଳୀ ବହୁ ବିଜେଡିର ସରପଞ୍ଚ ସମିତି ସଭ୍ୟ ଓ ବହୁ ସଦସ୍ୟ ବିଜେଡି ଛାଡି ଦେଇଛନ୍ତି ବୋଲି ସେ କହିଛନ୍ତି ।

ପ୍ରାଣୀ ଚିକିତ୍ସାଳୟ କାମ ନିମ୍ନମାନର ଅଭିଯୋଗ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ନୂତନ ଭାବେ ନିର୍ମାଣ ହେଉଥିବା ଚିକିତ୍ସାଳୟ ଘର କୁ ଠିକାଦାର ନିମ୍ନ ମାନର କାମ କରୁଥିବାର ଅଭିଯୋଗ ହେଉଛି । ଅପର ପକ୍ଷରେ ଏହି ପ୍ରାଣୀ ଚିକିତ୍ସାଳୟରେ ନିର୍ମାଣ ହେଉଥିବା ଘର ସମ୍ପର୍କ ରେ କୌଣସି ସୂଚନା ଫଳକ ଦିଆଯାଇନାହିଁ । ଏହି ଗୃହ ନିର୍ମାଣରେ କେତେ ଟଙ୍କା ବିନିଯୋଗ କରାଯାଉଛି,କେବେ ଆରମ୍ଭ ହୋଇ କେବେ ଶେଷ ହେବ ଓ କାର୍ଯ୍ୟାଦେଶ କାହା ନାମରେ ରହିଛି ସେ ସମ୍ପର୍କ ରେ କୌଣସି ସୂଚନା ଦିଆନଯାଇ ଜନସାଧାରଣଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହେଉଛି । ଏହି ନିର୍ମାଣ ହେଉଥିବା ଗୃହରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଇଥିବା ର ଅଭିଯୋଗ ହେଉଛି। କେବଳ ଭେଟନାରୀ ଡିସପେନସରି ,ଠାକୁରମୁଣ୍ଡା, ଏଚସିଏସଏଲ ଏଲଟିଡି ନାମକ ଭୁବନେଶ୍ୱର, ଭାରତ ସରକାର ବୋଲି ଏକ ସାଇନବୋର୍ଡ ଲଗାଯାଇ କାର୍ଯ୍ୟ ଚାଲିଥିବାର ଦେଖାଯାଇଛି । ନିର୍ମାଣ ସ୍ଥଳିରେ କୌଣସି ଯନ୍ତ୍ରୀ ଉପସ୍ଥିତ ନରହି କିଭଳି ଏହି କାର୍ଯ୍ୟ ଚାଲିଛି ସେନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ଦେଖାଦେଇଛି ।ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ରହସ୍ୟ ର ପର୍ଦାଫାଶ ହୋଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

ଯୋକପାଣି ସପ୍ତଦୋଳ ମହୋତ୍ସବ ଉଦଯାପିତ

ପାଲଲହଡା, (ସବ୍ୟୁ) : ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ପାଲଲହଡା ଉପଖଣ୍ଡର ପେଚାମୁଣ୍ଡି ଗ୍ରାମ ପଞ୍ଚାୟତ ଯୋକପାଣି ଗ୍ରାମ ରେ ଚାରି ଦିନ ଧରି ଚାଲିଥିବା ସପ୍ତଦୋଳ ଇତିମଧ୍ୟରେ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳ ର ଜନସାଧାରଣ ହଜାର ହଜାର ସଂଖ୍ୟା ରେ ଯୋଗଦାନ କରିଥିଲେ । ଗତ ଶୁକ୍ରବାର ଠାରୁ ରାଧାକୃଷ୍ଣ ମହାପ୍ରଭୁ ନଗର ପରିକ୍ରମା କରିଥିଲେ । ସୋମବାର ସନ୍ଧ୍ୟା ସମୟ ରେ ଘଣ୍ଟବାଦ୍ୟ , ଦହଲା ମଣ୍ଡଳୀ , ଲଉଡ଼ ବାଡ଼ି , କୀର୍ତ୍ତନ ମଣ୍ଡଳୀ , ହୁଳହୁଳି , ଡିଜେ ର କୋଳାହଳ ରେ ହଜାର ହଜାର ଭକ୍ତ ଙ୍କ ସମାଗମ ରେ ରାଧାକୃଷ୍ଣ ମନ୍ଦିର ରୁ ଯାତ୍ରା ପଡିଆ ଅଭିମୁଖେ ବାହାରି ଥିଲେ । ଯାତ୍ରା ପଡିଆରେ ପହଂଚିବା ପରେ ଦର୍ଶକ ମାନଙ୍କ ପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମ ଅପେରା ପ୍ରଦର୍ଶନ କରାଯାଇଥିଲା । ମଙ୍ଗଳ ବାର ସକାଳୁ ଦିବା ଦୁଇ ଘଣ୍ଟା ପର୍ଯ୍ୟନ୍ତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ତା ପରେ ରାଧେକୃଷ୍ଣ ମହାପ୍ରଭୁ ଙ୍କୁ ମହା ଆଡମ୍ବର ରେ ମନ୍ଦିର ଅଭିମୁଖେ ଶୋଭାଯାତ୍ରା ମାଧ୍ୟମରେ ନିଆଯାଇଥିଲା ଠାକୁରଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଯାଇଥିଲା !ଉକ୍ତ ମହୋତ୍ସବ କୁ ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ଙ୍କ ସହିତ ବସନ୍ତ ପ୍ରଧାନ , ରୋହିତାଶ୍ୱ ଦାସ, ତନ୍ମୟ ବାରିକ , ଧ୍ରୁବ ନାୟକ, ପ୍ରଦୀପ , ରୂପକ, ପ୍ରଶାନ୍ତ, ସଞ୍ଜୟ, ରଘୁନାଥ, ଅକ୍ଷୟ, ଯଦୁମଣି, ପ୍ରମୁଖ ଦାୟିତ୍ୱ ନେଇଥିବା ବେଳେ ଦିବ୍ୟ ଜନନୀ ଯୁବକ ସଙ୍ଘ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ବାଲିଗୁଡା ଆସନକୁ ଝୁଲାଇ ରଖିଛି ବିଜେଡି, ବଢୁଛି କଳ୍ପନାଜଳ୍ପନା

ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲ୍ଲାର ୩ ବିଧାନସଭା ଆସନରୁ ଫୁଲବାଣୀ ଓ ଘୁ. ଉଦୟଗିରି ଆସନ ପାଇଁ ବିଜେଡି ପ୍ରାର୍ଥୀ ତାଲିକା ପ୍ରକାଶ କରି ସାରିଛି। ହେଲେ ବାଲିଗୁଡା ଆସନକୁ ବିଜେଡି ଏପର୍ଯ୍ୟନ୍ତ ଝୁଲାଇ ରଖିଛି। ଏହାକୁ ନେଇ ଆଶାୟୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଜିଲାର ଫୁଲବାଣୀ ଆସନରେ ନୂତନ ମହିଳା ପ୍ରାର୍ଥୀ ଜୟଶ୍ରୀ କହଁରଙ୍କୁ ଦେଇଥିବା ବେଳେ ଘୁ.ଉଦୟଗିରି ଆସନରେ ପୁରୁଣା ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କୁ ଦୋହରାଇଛି। ହେଲେ ବାଲିଗୁଡା ଆସନ କ୍ଷେତ୍ରରେ ଦଳ କାହିଁକି ଏପର୍ଯ୍ୟନ୍ତ ସେଭଳି କିଛି ନିଷ୍ପତ୍ତି ନେଇ ନାହିଁ, ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି।

ଏହି ନିର୍ବାଚନ ମଣ୍ଡଳୀରେ ଭାଜପା ଆଦିବାସୀ କାର୍ଡ ଖେଳି ସ୍ଥାନୀୟ ଟାଉନର ମହିଳା ଆଦିବାସୀ ନେତ୍ରୀ ଭାବେ ଜଣାଶୁଣା କଳ୍ପନା କହଁର ଙ୍କ ପ୍ରଥମ ଥର ପାଇଁ ଦଳୀୟ ପ୍ରାର୍ଥୀ କରିଛି। କଂଗ୍ରେସ ମଧ୍ୟ ବାଲିଗୁଡା ନିର୍ବାଚନ ମଣ୍ଡଳୀ କୋଟଗଡ ବ୍ଲକ ପାରିଗଡ ପଞ୍ଚାୟତ ସମିତି ସଭ୍ୟ ସୁରଦା ପ୍ରଧାନଙ୍କୁ ପ୍ରାର୍ଥୀ କରିଛି । ହେଲେ ବହୁ କଂଗ୍ରେସ କର୍ମୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରାର୍ଥୀ ଜଣକ ଆଦିବାସୀ ନୁହଁନ୍ତି ବୋଲି ଯୁକ୍ତି ବାଢ଼ି ସ୍ଥାନୀୟ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ କରିଛନ୍ତି। ଏସବୁ ଭିତରେ ଲଗାତାର ବିଜୟ ଧାରାକୁ ଅବ୍ୟାହତ ରଖିବା ପାଇଁ ବିଜେଡି ମଧ୍ୟ ଏଠାରେ ଆଦିବାସୀ କାର୍ଡ ଖେଳିପାରେ। ଏଭଳି ସ୍ଥିତିରେ ବିଜେଡି ବିଧାୟକ ପାଇଁ ଆଶାୟୀ ଥିବା ପ୍ରାର୍ଥୀ ମାନଙ୍କ ମଧ୍ୟରେ ବିଧାୟକ ଚକ୍ରମଣି କହଁରଙ୍କୁ ପୁଣି ଥରେ ପ୍ରାର୍ଥୀ ଘୋଷଣା କରିବ ବୋଲି ଚର୍ଚ୍ଚା ଚାଲିଛି। କିନ୍ତୁ ଅନ୍ୟପକ୍ଷରେ ଏକାଧିକ ଆଶାୟୀ ଥିବା ପୂର୍ବତନ ବିଧାୟକ ରାଜୀବ ପାତ୍ର, ବାଲିଗୁଡା ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, କ୍ଲେଶ ପ୍ରଧାନ ଓ କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକଙ୍କ ଭାଇ ବିଜେଶ୍ୱର ମଲ୍ଲିକଙ୍କ ଭଳି ନୂଆଁ ବେହେରାଙ୍କୁ ଦଳ ଏଠାରୁ ନିର୍ବାଚନ ମଇଦାନକୁ ଛାଡ଼ି ଚମକ ସୃଷ୍ଟି କରିବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେଉ ନାହିଁ। ହେଲେ ଦଳ ସ୍ଥାନୀୟ ଭୋଟରଙ୍କ ସୁଖ ଦୁଃଖରେ ସର୍ବଦା ଭାଗିଦାର ହୋଇ ପାରୁଥିବା କିଛି ନୂଆ ଚେହେରା ଙ୍କୁ ଚାହୁଁଥିବା ଦୃଷ୍ଟିରୁ ବିଜେଡି ସେଭଳି କିଛି ଗୋଟିଚାଳନା କରିପାରେ ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ବାଲିଗୁଡା ବିଧାନସଭା ଆସନରୁ ବିଜେଡି କାହାକୁ ପ୍ରାର୍ଥୀ କରୁଛି, ସେଥିପ୍ରତି ସମସ୍ତଙ୍କର ନଜର ରହିଛି ।

ବେଲପଦର ଆଶ୍ରମର ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ, ଥାନାରେ ଏତଲା

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ ପଞ୍ଚାୟତର ବେଲପଦର ଆଶ୍ରମ ସ୍କୁଲରେ ଗୋଛାପଡା ଅଞ୍ଚଳର କାଲିମୁଣ୍ଡା ଗ୍ରାମର ଶୁଭଲକ୍ଷ୍ମୀ ଦେହୁରୀ, ଆଶ୍ରମରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଗତ ୨ ତାରିଖ ଦିନ ତାର ଦେହ ଖରାପ ହେବାରୁ ମେଡିକାଲରେ ଭର୍ତି କରାଯାଇଥିଲା । ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ନାବାଳିକାର ପିତା ଗୋଛାପଡା ଥାନାରେ ଏତଲା ଦେଇଥିଲେ। ସୂଚନା ଅନୁଯାୟୀ କିଛିଦିନ ପୂର୍ବରୁ ଅର୍ଥାତ ଏପ୍ରିଲ ୧ ତାରିଖରୁ ତାର ଦେହ ସାମାନ୍ୟ ଅସୁସ୍ଥ ରହୁଥିଲା ।

ଗତ ୨ ତାରିଖ ମଙ୍ଗଳବାର ଦିନ ଦେହ ଭିଷଣ ଖରାପ ଥିବା ନେଇ ଖବର ପାଇ ପରିବାର ଲୋକେ ସ୍କୁଲରେ ପହଞ୍ଚି ତାଙ୍କ ଝିଅକୁ ଭେଟିବା ସହ ଛାତ୍ରାବାସ ଦାୟିତ୍ୱରେ ଥିବା ଦିଦିଙ୍କୁ ଝିଅକୁ ନେବା ପାଇଁ କହିଥିଲେ। ହେଲେ ଦିଦି ଛାତ୍ରୀଙ୍କୁ ଘରକୁ ଯିବା ପାଇଁ ଛାଡି ନଥିଲେ। ଫଳରେ ପରିବାର ଲୋକେ ନିରାଶ ହୋଇ ଘରକୁ ଫେରିଥିଲେ। ସେହିଦିନ ରାତିରେ ନାବାଳିକାର ଦେହ ଭିଷଣ ଖରାପ ହେବାରୁ ଆଶ୍ରମର ଦିଦି ମାନେ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନେଇଥିଲେ । ତା ପର ଦିନ ସକାଳ ୮ ଟା ବେଳେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ ।

ଖବର ପାଇ ଗୋଛାପଡା ଥାନା ପୋଲିସ ଡାକ୍ତରଖାନା ରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ୪/୨୦୨୪ ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଝିଅର ମୃତ୍ୟୁ ଖବର ପାଇ ଛାତ୍ରୀଙ୍କ ପରିବାର ଲୋକେ, ଡାକ୍ତରଖାନାରେ ପହଞ୍ଚିବା ପରେ ପୋଲିସ ଶବକୁ ବ୍ୟବଚ୍ଛେଦ ପରେ ତାଙ୍କୁ ହସ୍ତାନ୍ତର କରିଥିଲା। ତେବେ ଅବହେଳା ଯୋଗୁଁ ତାଙ୍କ ଝିଅର ମୃତ୍ୟୁ ଘଟିଛି ବୋଲି ମୃତ ଛାତ୍ରୀ ଶୁଭଲକ୍ଷ୍ମୀ ଦେହୁରୀଙ୍କ ପିତା ଅନନ୍ତ ଦେହୁରୀ ଅଭିଯୋଗ କରିବା ସହିତ ଗୋଛାପଡା ଥାନାରେ ଏକ ଏତଲା ଦେଇଥିବା ଜଣାପଡିଛି। ହେଲେ ଛାତ୍ରୀଙ୍କ ମୃତ୍ୟୁ ବାବଦରେ ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା ବେଲପଦର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ କୌଣସି ସୁଚନା ଦେଇ ନାହାନ୍ତି ।

ମୋହରୀର ସଂଘ ପକ୍ଷରୁ ନବନିର୍ବାଚିତ ଓକିଲ ସଙ୍ଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ଜିଲ୍ଲା ଓକିଲ ସଙ୍ଘର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଆଜି ବାରିପଦା ମୋହରୀର ସଙ୍ଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମୋହରୀର ସଙ୍ଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଓକିଲ ସଙ୍ଘର ସଭାପତି ବିଭୁ ପ୍ରସାଦ ଦାସ ସାଧାରଣ ସମ୍ପାଦକ ବିପ୍ଳବ କୁମାର ବାରିକ, ଉପସଭାପତି ସୁଜାତା ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପଙ୍କଜ ମହାକୁଡ଼, ଯୁଗ୍ମ ସମ୍ପାଦକ ୱେଲଫେୟାର ସ୍ୱରୂପ ମିଶ୍ର, ଯୁଗ୍ମ ସମ୍ପାଦକ ପାଠାଗାର ସତ୍ୟନାରାୟଣ ବେହେରା, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ ଏବଂ ପରିଚାଳନା କମିଟି ସଦସ୍ୟ ଦେବରାଜ ମିଶ୍ର, ଉତ୍ତମ ଶଙ୍କର ରାୟ, ଜ୍ଞାନ ରଂଜନ ଜେନା, ମାନସ ରଞ୍ଜନ ବେହେରା, ସୁଧାଂଶୁ ଶେଖର ପାଲ, ସୁସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି, ଉତ୍ତମ କୁମାର ଦଳବେହେରା ଯୋଗଦେଇ ଓକିଲ ଏବଂ ମୋହରୀର ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉଭୟଙ୍କ ସମନ୍ୱୟ ସହଯୋଗରେ ଲୋକେ ଆଇନଗତ ସହାୟତା ପାଇଥାନ୍ତି ବୋଲି କହିଥିଲେ । ଏହି ଅବସରରେ ଓକିଲ ସଙ୍ଘର କର୍ମକର୍ତ୍ତା ମାନଙ୍କୁ ମୋହରୀର ସଙ୍ଘ ତରଫରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ମୋହରୀର ସଙ୍ଘର ସମ୍ପାଦକ ସଂଗ୍ରାମ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, କୋଷାଧ୍ୟକ୍ଷ ଜୋତିନ ଚନ୍ଦ୍ର ଗିରି, ସଦସ୍ୟ ପିତାମ୍ବର ମଲ୍ଲିକ ଓ ତ୍ରିଲୋଚନ କର୍ମିଳା ପ୍ରମୁଖ ସହଯୋଗ କରିଥିଲେ ।

ଏଫଏମ୍ ମେଡିକାଲ କଲେଜ ହସପିଟାଲରେ ରୋଗୀସେବା ଅବ୍ୟବସ୍ଥା

ବାଲେଶ୍ୱର, (ସବ୍ୟୁ): ଫକୀରମୋହନ ମେଡିକାଲ କଲେଜ ହସପିଟାଲରେ ସ୍ୱାସ୍ଥ୍ୟସେବା ଏକ ବିପର୍ଯ୍ୟୟ ଅବସ୍ଥାକୁ ଚାଲିଯାଇଛି ବୋଲି ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି । ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ସରକାରୀ ସ୍ୱାସ୍ଥ୍ୟସେବା ପାଇବା ପାଇଁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉପସ୍ଥାପିତ କରିଥିଲେ । ଗତ ସପ୍ତାହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ରେମୁଣାରେ ଫକୀରମୋହନ ମେଡିକାଲ କଲେଜ ସଂଲଗ୍ନ ୬୫୦ ଶଯ୍ୟାବିଶିଷ୍ଟ ନିର୍ମାଣାଧିନ ହସପିଟାଲକୁ ମାତ୍ର ୪ଟି ବିଭାଗକୁ ତରବରିଆ ଭାବେ ସ୍ଥାନାନ୍ତର କରାଯାଇଥିବାରୁ ରୋଗୀମାନେ ଜିଲ୍ଲା ମୁଖ୍ୟ ହସପିଟାଲରୁ ମେଡିକାଲ୍ କଲେଜ୍ ହସ୍ପିଟାଲକୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଯାତାୟତ କରିବାରେ ବ୍ୟାଘାତ ସୃଷ୍ଟି ହେଉଛି । ମେଡିକାଲ କଲେଜ୍ ସଂଲଗ୍ନ ହସପିଟାଲର ନିର୍ମାଣକାର୍ଯ୍ୟ ସଂପୂର୍ଣ୍ଣ ହୋଇନଥିବାରୁ ବର୍ଷା ସମୟରେ ବହିର୍ବିଭାଗରେ ଚିକିତ୍ସାପାଇଁ ଅପେକ୍ଷା କରିଥିବା ରୋଗୀମାନେ ବର୍ଷାପାଣିରେ ଭିଜି ଯାଉଛନ୍ତି । ହସ୍ପିଟାଲକୁ ଏକମାତ୍ର ପ୍ରବେଶ ପଥ ସନ୍ଧ୍ୟା ପରେ ସଂପୂର୍ଣ୍ଣ ଅନ୍ଧାରରେ ରହୁଛି । ଜାତୀୟ ରାଜପଥରୁ ମୁଖ୍ୟ ରାସ୍ତା ପାଇଁ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣ ନିମିତ୍ତ ପ୍ରକ୍ରିୟା ଆରମ୍ଭ ବି ହୋଇନାହିଁ । ମେଡିକାଲ କଲେଜ୍ ହସପିଟାଲରେ ଥିବା ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ରୋଗୀମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି । ନୂତନ ହସପିଟାଲରେ କେଉଁ ବିଭାଗର ରୋଗୀ କେଉଁ କୋଠରୀରେ ଚିକିତ୍ସିତ ହେଉଛନ୍ତି ବା ଚିକିତ୍ସିତ ହେବେ ସେଥିପାଇଁ କୌଣସି ମାର୍ଗଦର୍ଶିକା କିମ୍ବା ସୂଚନା ଫଳକ ନାହିଁ । ବାଲେଶ୍ୱରରେ ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ ହେବାର ଛଅବର୍ଷ ପରେ ବି ହୃଦରୋଗ, ସ୍ନାୟୁରୋଗ ଓ ମୁତ୍ରାଶୟ ରୋଗ ପ୍ରଭୃତି ଗୁରୁତର ରୋଗର ଚିକିତ୍ସକ ନଥିବାରୁ ପୂର୍ବଭଳି ରୋଗୀମାନଙ୍କୁ କଟକ-ଭୁବନେଶ୍ୱର ଯିବାକୁ ପଡୁଛି ବୋଲି ସଂପାଦକ ଶ୍ରୀଦାସ ଅଭିଯୋଗ କରିଥିଲେ । ରାଜ୍ୟ ସରକାର ଓ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ବହୁବାର ଅଭିଯୋଗ ଦେଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରି ନାହିଁ । ଗତବର୍ଷ ବାହାନଗା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ତୁରନ୍ତ ଆଶୁ ଚିକିତ୍ସା ଯୋଗାଇ ଦେଇଥିବା ପ୍ରଥମ ବ୍ୟାଚର ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଂବର୍ଦ୍ଧିତ କରିବା ପ୍ରସ୍ତାବକୁ ମେଡିକାଲ କଲେଜର ପ୍ରଶାସକମାନେ ବିଭିନ୍ନ ଆଳରେ ବିଳମ୍ବିତ କରିଚାଲିଛନ୍ତି । ସରକାରୀ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜନଗଣଙ୍କ ସହଯୋଗ ନିମିତ୍ତ ନିବେଦନ କରୁଥିବାବେଳେ ଏହି ଅଧିକାରୀମାନଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ସରକାରୀ ସ୍ୱାସ୍ଥ୍ୟସେବାରେ ହତାଶ ହୋଇ ବହୁ ରୋଗୀ ଘରୋଇ ଚିକିତ୍ସାଳୟରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି ।

ଆଲୋଚନାରେ ଅଂଶଗ୍ରହଣ କରି ସୀତାରାମ ପ୍ରଧାନ, ଦୀନବନ୍ଧୁ ଲେଙ୍କା, ଇଂ. ହୃଷିକେଶ ସାହୁ, ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଦାମୋଦର ନାୟକ, ଇଂ. ବନମାଳୀ ନାୟକ, ଡ. କେଶବ ଚରଣ ପଣ୍ଡା, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରମିତା ଦାସ, ଶ୍ୟାମସୁନ୍ଦର ଜେନା ଓ ଯଶୋଦାନନ୍ଦନ ଆଶ୍ ପ୍ରମୁଖ ଜିଲ୍ଲାସ୍ତରରେ ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ । ଚଳିତ ମାର୍ଚ୍ଚ ମାସ ଶେଷ ସପ୍ତାହରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଜିଲ୍ଲାସ୍ତରୀୟ ସମାବେଶ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । କ୍ରିୟାନୁଷ୍ଠାନ କମିଟିର ସମସ୍ତ ଅଞ୍ଚଳ, ବ୍ଲକ୍ ଓ ଶାଖା କମିଟିର ସଭ୍ୟସଭ୍ୟା ଏହି ଆନ୍ଦୋଳନରେ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି । ଅତୀତରେ ମେଡିକାଲ କଲେଜ ପ୍ରତିଷ୍ଠା ଆନ୍ଦୋଳନରେ ସହଯୋଗ ପ୍ରଦାନ କରିଆସିଥିବା ସମସ୍ତ ଗଣସଂଗଠନ ଏହି ଆନ୍ଦୋଳନରେ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି । ଏହି ବୈଠକରେ ଡା. ତାରାକାନ୍ତ ନନ୍ଦ, ରବିନାରାୟଣ ଭୋଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଭାଗିରଥୀ ମହାନ୍ତି, କମଳାକାନ୍ତ ନାୟକ ଓ ବିଜନ ଦେ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଦନା ବିଶ୍ୱାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବାଣିଶ୍ରୀ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ



ରଙ୍ଗେଇଲୁଣ୍ଡା, (ସବ୍ୟୁ): ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଳନ୍ଥରା ଚଟି ନିକଟସ୍ଥ ବାଣିଶ୍ରୀ ବିଦ୍ୟାମନ୍ଦିରରେ ୩୪ତମ ବାର୍ଷିକ ଉତ୍ସବ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଏସଇ ଡେପୁଟି ସେକ୍ରେଟାରୀ ବ୍ରହ୍ମପୁର ଜୁର୍ନାଲ ଅଫିସ୍ ସୁବାସ ବେହେରା, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ତଥା ଅବସରପ୍ରାପ୍ତ ସହ ଶିକ୍ଷା ନିରୀକ୍ଷକ କୃଷ୍ଣ ମୂର୍ତ୍ତି, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଶାକ୍ଷାବିତ୍ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷା ନିରିକ୍ଷକ ଗଣେଶ ପଣ୍ଡା, ଅନୁଷ୍ଠାନର ସଭାପତି ଯୁଧିଷ୍ଠିର ଭଞ୍ଜ ସାମନ୍ତ, ସମ୍ପାଦକ ବିଘ୍ନରାଜ ଜେନା, ଯୁଗ୍ମ ସମ୍ପାଦକ ସୁଦର୍ଶନ ରାଉଳ, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ଜେନା, ସଭ୍ୟ ଗୋପାଳ ସେଠୀ, ଉମା ସାହୁ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିଲେ । ବିଦ୍ୟାମନ୍ଦିରର ସଭାପତି ଯୁଧିଷ୍ଠିର ଭଞ୍ଜ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସମ୍ପାଦକ ବିଘ୍ନରାଜ ଜେନା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବିଦ୍ୟାମନ୍ଦିର ବିଦ୍ୟୁତ ପ୍ରଭା ମହାରଣା ଏବଂ ଆଶିଷ ଆଚାର୍ଯ୍ୟ ପରିଚୟ ପ୍ରଦାନ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଶିଶୁମାନଙ୍କ ଦ୍ୱାରା ମାତୃ ବନ୍ଦନା ଗାନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ନିଜ ଭାଷଣରେ ଛାତ୍ରଛାତ୍ରୀମାନେ କିପରି ସେମାନେ ଭଲ ଶିକ୍ଷା ଲାଭ କରି ଓଡ଼ିଶାର ଟେକ ରଖିବେ ଏବଂ ଦେଶ ବିଦେଶରେ ଓଡ଼ିଶାର ନାମକୁ ବିଖ୍ୟାତ କରିପାରିବେ ସେହି ବିଷୟରେ ଅତିଥି ମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିବା ବେଳେ ସଭାପତି ଯୁଧିଷ୍ଠିର ଭଞ୍ଜ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ଏବଂ ବ୍ଲକ ସ୍ତରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହ ସେମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉତ୍ସବ ପରିଚାଳନାରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

ନଳିନୀଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା

ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ବିଜେଡି ପ୍ରାର୍ଥ ଭାବରେ ବୁଧବାର ଦିନ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନଳିନୀ ପ୍ରଧାନଙ୍କ ନାମ ଘୋଷଣା କରିବା ପରେ ବିଜେଡି କର୍ମୀଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଛି । ବଇଣ୍ଡା ଅଞ୍ଚଳରେ ବାଣ ଫୁଟାଇ କର୍ମୀମାନେ ଖୁସି ବନାଇଥିବା ବେଳେ ଗୁରୁବାର ଦିନ ତାଙ୍କୁ ତୁରୁଡ଼ା ଗ୍ରାମରେ ସମ୍ବର୍ଦ୍ଧନା ଦିଆଯାଇଛି । ଅଞ୍ଚଳବାସୀଙ୍କ ପକ୍ଷରୁ ପୁଷ୍ପ ଗୁଚ୍ଛ ଦେଇ ଗ୍ରାମକୁ ସ୍ୱାଗତ କରାଯାଇଥିବା ବେଳେ ପରେ ତାଙ୍କ ବାସ ଭବନରେ ବିଭିନ୍ନ ପଞ୍ଚାୟତର କର୍ମୀ ଓ ନେତା ମାନେ ପହଂଚି ଶୁଭେଚ୍ଛା ଜଣାଇଛନ୍ତି । ଏପରିକି କିଭଳି ଏହି ନିର୍ବାଚନରେ ବିଜେଡି ସର୍ବାଧିକ ଭୋଟ ହାର ରେ ବିଜୟୀ ହେବ ସେ ନେଇ ଦଳ ପାଇଁ କାମ କରିବାକୁ ନଳିନୀ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

କିଶୋରନଗର ବ୍ଲକ ଅଧକ୍ଷ୍ୟା ଶୈରେନ୍ଦ୍ରି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ବିଜେଡ଼ି ନେତା ସନ୍ତୋଷ ପ୍ରଧାନ, ମାନସ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ସୁନିଲ ପ୍ରଧାନ, ଅରୁଣ କୁମାର ସାହୁ, ରାଜା ଶର୍ମା, ପୂର୍ବତନ ସରପଞ୍ଚ ଜଳଧର ସାହୁଙ୍କ ସମେତ ବହୁ ବିଜେଡ଼ି ନେତାମାନେ ଯୋଗଦେଇ ସମ୍ବର୍ଦ୍ଧନା କରିଥିଲେ ।

ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

ନୀଳଗିର, (ସବ୍ୟୁ) : ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଅଧିନ ସାରୁପାଳସ୍ଥିତ ଅମୃତବାଣୀ ଗୁରୁକୂଳ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଶିକ୍ଷା ସଭ୍ୟତାର ସର୍ବଶିକ୍ଷା ବୋଲି ମତବ୍ୟକ୍ତ କରିଥିଲେ । ଲକ୍ଷ୍ୟସ୍ଥଳ ସ୍ଥିରରଖିଲେ ବିଦ୍ୟାର୍ଥୀ ସଫଳତାରେ ଶୀର୍ଷକୁ ଛୁଇଁପାରେ ବୋଲି ମୁଖ୍ୟବକ୍ତା ଭାବେ ନୀଳଗିରି ସମାଜର ପ୍ରତିନିଧି ଅଶେଷ ସ କହିଥିଲେ । ସମ୍ମାନୀତ ଅତିଥିଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ସୁଶାନ୍ତ ମହାପାତ୍ର, ଅନୁଷ୍ଠାନର ସଭାପତି ନରେନ୍ଦ୍ର ବାରିକ,ପୂର୍ବତନ ସମ୍ପାଦକ ଲଳିତ ମହାପାତ୍ର,ପଣ୍ଡିତ ଗୋପାଳଚନ୍ଦ୍ର, ବେଦ ବିଦ୍ୟାପୀଠର ପ୍ରଧାନ ଆଚାର୍ଯ୍ୟ ତପନ ପଣ୍ଡା, ଅନୁଷ୍ଠାନର ସମ୍ପାଦକ ଗୌରୀ ଶଙ୍କର ଦେ ପ୍ରମୁଖ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଅନୁଷ୍ଠାନର ଉଦ୍ୟୋକ୍ତା ଡକ୍ଟର କୁମାର ଚନ୍ଦ୍ର ମିଶ୍ର ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ମୀନାରାଣୀ ପାଲିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଏହି ଅବସରରେ ସାମ୍ବାଦିକ ଅଶେଷ ସ ଏବଂ ପୂର୍ବତନ ସମ୍ପାଦକ ଶ୍ରୀ ମହାପାତ୍ରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଅଜୟ ମହାପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା, ସେବକ,ସେବିକାମାନେ ସହଯୋଗ କରିଥିଲେ । ଉତ୍ସବ ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସୌରଶକ୍ତି ପ୍ରକଳ୍ପ ଉଦ୍‌ଘାଟିତ

ତାଳଚେର, (ସବ୍ୟୁ) : ଜାତୀୟ ତାପଜ ବିଦ୍ୟୁତ୍‌କେନ୍ଦ୍ର କଣିହାଁ ଦ୍ୱାରା ତାଳଚେର କଲେଜରେ ୨୦ କିଲୋୱାଟ ବିଶିଷ୍ଟ ସୌରଶକ୍ତି ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ଡ଼ଃ ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଘାଟନ ଉତ୍ସବରେ ଉଦଘାଟକ ରୂପେ ଜାତୀୟ ତାପଜ ବିଦ୍ୟୁତ୍ କେନ୍ଦ୍ର ମୁଖ୍ୟ ମହାପ୍ରବନ୍ଧକ ଅଶୋକ କୁମାର ସେହଗଲ୍, ମୁଖ୍ୟ ଅତିଥି ରୂପେ ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ସମ୍ମାନୀୟ ଅତିଥିରୂପେ ଏନଟିପିସି କଣିହାଁର ମାନବସମ୍ବଳ ମୁଖ୍ୟ ବ୍ରିଜ୍ କିଶୋର ପାଣ୍ଡେ, ପ୍ରବନ୍ଧକ ମନରଞ୍ଜନ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସୌରଶକ୍ତି ପ୍ରକଳ୍ପ ଦ୍ୱାରା ମହାବିଦ୍ୟାଳୟର ସମଗ୍ର ଅଂଚଳରେ ଆଲୋକର ସୁବିଧା ଦୃଢ଼ିଭୂତ ହେବାସହ ଛାତ୍ରଛାତ୍ରୀଗଣ ବିଶେଷ ଉପକୃତ ହୋଇପାରିବେ । ଉତ୍ସବରେ ପ୍ରାକ୍ତନ ଅଧକ୍ଷା ପୁଷ୍ପଲତା ରଥ, ବିନୟ କୁମାର ଖିଲାରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଧନ୍ୟବାଦ୍ ଅର୍ପଣ ସହସଂଯୋଜକ ରୂପେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ ।

ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ପରିବର୍ଦ୍ଧିତ ବୈଠକ

ବାଲେଶ୍ୱର, (ସବ୍ୟୁ) : ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ପରିବର୍ଦ୍ଧିତ ବୈଠକ ସ୍ଥାନୀୟ ନୃତ୍ୟ-ସଂଗୀତ-କଳା ମନ୍ଦିର ପରିସରରେ ଥିବା ନିଜସ୍ୱ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଅଧକ୍ଷତା କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ବର୍ଷୀୟାନ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡ. ଦାମୋଦର ରାଉତଙ୍କ ବିୟୋଗରେ ଶୋକପ୍ରସ୍ତାବ ଗୃହୀତ ହୋଇଥିଲା । ସାଧାରଣ ସଂପାଦକ ଦାମୋଦର ନାୟକ ମଞ୍ଚର ଦୀର୍ଘଦିନର ଦାବି ସହ କେତେକ ଜନଦାବି ଉପରେ ନିଷ୍ପତ୍ତି ନେବାକୁ ବୈଠକରେ ପ୍ରସ୍ତାବ ଆଗତ କରିଥିଲେ । ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖୀ ପ୍ରକଳ୍ପ (ଆଇ.ଆଇ.ସି.) ନିର୍ମାଣ କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ଚରମ ଅବହେଳାକୁ ବୈଠକରେ ବହୁ ସଭ୍ୟ ସମାଲୋଚନା କରିଥିଲେ । ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଥିବାବେଳେ ବାଲେଶ୍ୱର ଜିଲ୍ଲାରେ ଭୂମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇପାରିନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସୀତାରାମ ପ୍ରଧାନ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ଜେନା, କୋଷାଧକ୍ଷ ଲକ୍ଷ୍ମୀନାରାୟଣ ଘୋଷ ପ୍ରମୁଖ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନଗତ ସୁବିଧାସୁଯୋଗ ଓ ସହାୟତା ବାବଦରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ତରଫରୁ କରାଯାଉନଥିବାର ଅଭିଯୋଗ କରିଥିଲେ । ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ସବ୍‌ଡିଭିଜନସ୍ତରୀୟ ଟ୍ରିବ୍ୟୁନାଲ୍ କାର୍ଯ୍ୟକ୍ରମ ହେଉନଥିବାରୁ ଜିଲ୍ଲାର ବହୁ ବରିଷ୍ଠ ନାଗରିକମାନେ ସେମାନଙ୍କ ସମସ୍ୟା ନେଇ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ଜିଲ୍ଲା ସଦର ମହକୁମାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବରିଷ୍ଠ ନାଗରିକମାନଙ୍କ ବିଶ୍ରାମ ପାଇଁ ଜିଲ୍ଲାପାଳଙ୍କୁ ବହୁବାର ଆବେଦନ କଲେ ମଧ ଏକ କୋଠରୀ ପ୍ରଦାନ କରାଯାଇପାରିଲା ନାହିଁ । ଜିଲ୍ଲା ମୁଖ୍ୟ କେନ୍ଦ୍ରରେ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡ଼ିକୁ ଗୋଟିଏ ପରିସରରେ ରଖିବା ପାଇଁ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ଆଇ.ଟି.ଆଇ. ନିକଟସ୍ଥ ଜଳସେଚନ କାର୍ଯ୍ୟାଳୟ ପରିସରରେ ଚିହ୍ନଟ କରାଯାଇଥିବାବେଳେ ଏହାକୁ ପୁନଶ୍ଚ ଜିଲ୍ଲା ମୁଖ୍ୟ ଦପ୍ତରରୁ ପ୍ରାୟ ୧୩ କିଲୋମିଟର ଦୂର ବିଦ୍ୟାଧରପୁରକୁ ସ୍ଥାନାନ୍ତର ପ୍ରସ୍ତାବକୁ ବୈଠକରେ ଦୃଢ଼ ବିରୋଧ କରାଯାଇଛି । ବାଲେଶ୍ୱର ରେଳଷ୍ଟେସନର ଆଧୁନିକୀକରଣ ସହ ପଶ୍ଚିମପଟକୁ ପ୍ଲାଟ୍‌ଫର୍ମ ନିର୍ମାଣ କାର୍ଯ୍ୟର ଭିତିପ୍ରସ୍ତର ଦିଆଯାଇଥିଲେ ମଧ ଏହି କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରି ନାହିଁ । ସେହିପରି ରେଳବିଭାଗ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ରେଳଯାତ୍ରାରେ ଦିଆଯାଉଥିବା ରିହାତିକୁ ସଂପୃକ୍ତ ବିଭାଗ ବହୁ ଦାବି ପରେ ବି ପୁନଃପ୍ରଚଳନ କରୁନାହାନ୍ତି । ଫକୀରମୋହନ ମେଡିକାଲ୍ କଲେଜ୍ ସଂଲଗ୍ନ ୬୫୦ ଶଯ୍ୟାବିଶିଷ୍ଟ ହସପିଟାଲ୍‌କୁ ମାତ୍ର ୫ଟି ବିଭାଗ ସ୍ଥାନାନ୍ତରଣ କରାଯାଇଥିବାବେଳେ ଅନ୍ୟ ବିଭାଗ ଗୁଡ଼ିକ ତୁରନ୍ତ ସେହି ପରିସରରେ କାର୍ଯ୍ୟକ୍ଷମ କରିବାକୁ ଓ ମେଡିକାଲ୍ କଲେଜ୍ ହସପିଟାଲ୍‌କୁ ଜାତୀୟ ରାଜପଥରୁ ସଂଯୋଗୀକରଣ ନିମିତ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଥବାରୁ ଏହା ତୁରନ୍ତ ଆରମ୍ଭ କରିବାକୁ ବୈଠକରେ ଦାବି କରାଯାଇଛି ।

ଏମ୍ସ୍ ସାଟେଲାଇଟ୍ ସେଣ୍ଟରର ବହିର୍ବିଭାଗ ସପ୍ତାହରେ ମାତ୍ର ୨ ଦିନ କାର୍ଯ୍ୟକ୍ଷମ ହେଉଥିବାରୁ ଏହାକୁ ୭ଦିନ କାର୍ଯ୍ୟକ୍ଷମ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସବୁ ରାଜନୈତିକ ଦଳର ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏହି ଜନସମସ୍ୟାଗୁଡ଼ିକ ସମାଧାନ ନିମିତ୍ତ ସେମାନଙ୍କ ପ୍ରତିଶ୍ରୁତି ସ୍ଥାନୀତ କରିବାକୁ ନିବେଦନ କରାଯାଇଛି । ଏହି ଆଲୋଚନାରେ ମୁଖ୍ୟ ଉପଦେଷ୍ଟା କମଳାକାନ୍ତ ବେହେରା, ବିଷ୍ଣୁପ୍ରସାଦ ମହାନ୍ତି ଓ ଗୋପୀନାଥ ଦାସଙ୍କ ସମେତ ସୁରେନ୍ଦ୍ରନାଥ ପଣ୍ଡା, ଦେବବ୍ରତ ପାଣିଗ୍ରାହୀ, ଶରତ ଚନ୍ଦ୍ର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ଶରତ କୁମାର ମହାପାତ୍ର, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

'ସନ୍ଥ ବଳରାମ ଦାସଙ୍କ ଜୀବନ ଓ ଦର୍ଶନ' ଆଲୋଚନାଚକ୍ର

ତାଳଚେର/ସାଉଥବଲଣ୍ଡା, (ସବ୍ୟୁ) : ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୪୩ତମ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ ।

ଆଲୋଚକ ଭାବରେ ବିଶିଷ୍ଟ ପ୍ରବଚକ ଅଧ୍ୟାପକ ଡ. ନିରଞ୍ଜନ ସାହୁ 'ସନ୍ଥ ବଳରାମ ଦାସଙ୍କ ଜୀବନ ଓ ଦର୍ଶନ' ଶୀର୍ଷକ ଆଭାସୀ ଆଲୋଚନାଚକ୍ରରେ ଯୋଗ ଦେଇ ସନ୍ଥ ବଳରାମ ଦାସ ଥିଲେ ଯୋଗଜନ୍ମା ପୁଣ୍ୟ ପୁରୁଷ । ତତ୍କାଳୀନ କୁସଂସ୍କାରଗ୍ରସ୍ତ ସମାଜରେ ସଂସ୍କାର ଆଣିବା ପାଇଁ ସେ ରଚନା କରି ଯାଇଛନ୍ତି ଅନେକ ଗୁଡ଼ିଏ ଗ୍ରନ୍ଥ । ନାରୀ ନିର୍ଯ୍ୟାତନାର କୁପରିଣାମ ଦର୍ଶାଇବା ସହିତ ନାରୀଙ୍କୁ ନିଜର କର୍ତ୍ତବ୍ୟ ବିଷୟରେ ମଧ ସଚେତନ କରାଇଛନ୍ତି । ତାହାସହିତ ସେ ନିଜର ଲେଖନୀ ମାଧମରେ ଓଡିଶାକୁ କବଳିତ କରି ରଖିଥିବା ଜାତିପ୍ରଥା, କୁସଂସ୍କାର, ସାମାଜିକ ଅସାମଞ୍ଜସ୍ୟ ଇତ୍ୟାଦିକୁ ଦୂର କରିବା ନିମନ୍ତେ ନିରନ୍ତର ଉଦ୍ୟମ କରିଥିଲେ ବୋଲି ଆଲୋଚକ ଡ. ସାହୁ କହିଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ଓଁକାର ବନ୍ଦନା କରିଥିବା ବେଳେ ସଂସଦର ସଂଚାର ଓ ସମନ୍ୱୟ ସଦସ୍ୟ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ । ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସଂଜିତା ତ୍ରିପାଠୀ ଶାନ୍ତିପାଠ କରିଥିଲେ ।

ଏହି ପାଠ୍ୟଚକ୍ରରେ ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ସଂଯୋଜକ ଡ. ଚିତ୍ତରଞ୍ଜନ ନାୟକ, ଅନୁଗୋଳ ଶାଖା ଉପସଭାପତି ପ୍ରତାପ ତ୍ରିପାଠୀ, ଡ. ବିଶ୍ୱଜିତ ଖମାରୀ, ଡ. ଚୈତନ୍ୟ ସାହୁ, ହରେକୃଷ୍ଣ ଗିରି, ପ୍ରଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ବିପିନ ଶତପଥୀ, ପ୍ରଭାତ ନଳିନୀ ଦାସ, ସଂକର୍ଷଣ ଶତପଥୀ, ବିବେକାନନ୍ଦ ଠାକୁର, ଅଭୟ ସୁତାର, ବିପିନ ଶତପଥୀ, ଦେବରାଜ ବେହେରାଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟ, ସଦସ୍ୟା ଯୋଗ ଦେଇଥିଲେ ।

ଅବସରପ୍ରାପ୍ତ ଶିକ୍ଷକ ବୁଦ୍ଧିରାମ ଖିଲାରଙ୍କ ସ୍ମୃତିଚାରଣ ସଭା

ବନ୍ତ, (ସବ୍ୟୁ) : ବନ୍ତ ବ୍ଲକ ନିଲୋକ ପଞ୍ଚାୟତ ଘରପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବୁଦ୍ଧିରାମ ଖିଲାରଙ୍କର ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ।

ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ବନ୍ତ କଲେଜର ଅବସରପ୍ରାପ୍ତ ଅଧକ୍ଷ ଶୁଭେନ୍ଦ୍ର କୁମାର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ଅଲେଖ ଚନ୍ଦ୍ର ନାୟକ, ଅକ୍ଷୟ ନାରାୟଣ ଜେନା, ନାରାୟଣ ଚନ୍ଦ୍ର ଲେଙ୍କା, ବାବାଜି ଚରଣ ଦଳେଇ, ସମାଜସେବୀ ସୁକାନ୍ତ କୁମାର ନାୟକ, ପଦ୍ମନାଭ ଦାସ, ଧନେଶ୍ୱର ଖିଲାର, ଭାଗବତ ସାହୁ, ଶିକ୍ଷକ ସୁକାନ୍ତ କୁମାର ବେହେରା, ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ସାହୁ, ସୀତାରାମ ପତି, କୈଳାସ ଚନ୍ଦ୍ର ଚଢେଇ, ଗୌରାଙ୍ଗ ଖିଲାର, ଗତିକୃଷ୍ଣ ବାରିକଙ୍କ ସମେତ ସମେତ ବହୁ ଅତିଥି ଯୋଗ ଦେଇ ସ୍ୱର୍ଗତ ଖିଲାର ଜଣେ କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପୁତ୍ର ସୁଶାନ୍ତ ଖିଲାର, ସନ୍ତୋଷ ଖିଲାର, ପ୍ରଶାନ୍ତ ଖିଲାର, ପୁତୁରା ରତିକାନ୍ତ ଦାସ, ମୁକ୍ତିକାନ୍ତ ଦାସଙ୍କ ସମେତ ପରିବାରବର୍ଗ ଓ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

ପବିତ୍ର ମୋହନ ସରକାରୀ ମେଡିକାଲ୍‌କୁ କଲେଜ୍‌ରେ ପରିଣତ କରିବା ଦାବିରେ ବୈଠକ

ତାଳଚେର, (ସବ୍ୟୁ) : ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ପ୍ରତିଷ୍ଠା ଦିବସ ଉପଲକ୍ଷେ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ୍ କଲେଜ ସମ୍ମୁଖରେ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏହି ବୈଠକରେ ମେଡିକାଲ୍ କଲେଜକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଯଥାଶୀଘ୍ର ଆବଶ୍ୟକ ସଂଖ୍ୟକ ପ୍ରଫେସର, ବିଶେଷଜ୍ଞ, ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି କରାଯାଇ ଆନୁସଙ୍ଗିକ ଯନ୍ତ୍ରପାତିର ସୁବିଧା କରାଯାଉ । ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ସମସ୍ତ ସରକାରୀ ମେଡିକାଲ୍ ରୁ ରୋଗୀମାନଙ୍କୁ ଉତମ ଚିକିତ୍ସା ପାଇଁ ତାଳଚେର ମେଡିକାଲ୍ କଲେଜ୍ କୁ ରେଫର କରି ଏହାକୁ ମେଡିକାଲ୍ କଲେଜ୍ ରେ ପରିଣତ କରିବା ପାଇଁ ଦାବୀ କରାଯାଇଥିଲା । କମିଟିର ଅନ୍ୟତମ ସଦସ୍ୟ ଚୈତନ୍ୟ ପ୍ରଧାନ, ଦିଗାମ୍ବର ଗଡନାୟକ, କେଶବ ଭୂତିଆ, ବିନୋଦ ଲାଲ୍, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସୁକାନ୍ତ ଦାସ, ଗଗନ ବିହାରୀ ଦାସ, ପ୍ରେମାନନ୍ଦ ମହାନ୍ତି, ଉପେନ୍ଦ୍ର ପରିଡା, ବିଛନ୍ଦ ପ୍ରଧାନ, ରାହାସ ବିହାରୀ ପଟ୍ଟନାୟକ, ସଂଗ୍ରାମ କେଶରୀ କୁଅଁର, ଉଲ୍ଲାସ ମୁଦୁଲି, ଭୂପେନ୍ ଥମ୍ବ, ନଖିଆ ସାହୁ, ପର୍ଶୁରାମ ସାମଲ, ରାଜୁ ନାଏକ, ସୋଭାଗିନୀ ଦାସ ପ୍ରମୁଖ ଉପସ୍ଥିତ ରହି କମିଟିର ଉତୋରତର ଅଗ୍ରଗତି କାମନା କରି ମେଡିକାଲ୍ କଲେଜ୍ ସରକାର ଚଳାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇ ରଖିବା ପାଇଁ କହିଥିଲେ । ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆସନ୍ତା ହିଙ୍ଗୁଳା ଯାତ୍ରାରେ କୋଡ଼ିଏ ହଜାର ପ୍ରଚାର ପତ୍ର ବଂଟନ କରିବାକୁ ନିଷ୍ପତି ନିଆଯାଇଛି ।

ବାଇକ ଜବତ, ଜଣେ ଗିରଫ

ଠାକୁରଗଡ଼ , (ସବ୍ୟୁ) : କିଶୋରନଗର ପୋଲିସ ବୁଧବାର ରାତି ରେ କିଶୋରନଗର ଅଞ୍ଚଳରୁ ଏକ ବାଇକ ଜବତ କରିଛି । ଏଥିସହ ଘୋଷର ଗ୍ରାମର ଲିଟୁ ପ୍ରଧାନ ଙ୍କୁ ଗିରଫ କରିଛି । ସେ ମଦ୍ୟପାନ କରି ବାଇକ ଚଲାଉଥିବା ବେଳେ ପୋଲିସ ତାଙ୍କୁ ଯାଞ୍ଚ କରି ଗିରଫ କରିଥିଲା । ଏ ନେଇ ନମ୍ବର ୭୯/୨୪ ରେ ଏକ ମାମଲା ରୁଜୁ କରାଯାଇଛି ।

ଜାମୁନାଳିରେ ଶହୀଦ ଦିବସ ପାଳିତ

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ପଂଚାୟତ ଜାମୁନାଳି ଠାରେ ଥିବା ଶହୀଦ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ଶହୀଦ ଦିବସ ଅଞ୍ଚଳବାସୀଙ୍କ ପକ୍ଷରୁ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ନାଗାଝରଣ ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ କୋରାପୁଟ ଜିଲ୍ଲା ବୈପାରିଗୁଡା ଅଞ୍ଚଳରେ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ତା ୦୪/୦୪/୨୦୧୦ ମସିହାରେ ଶହୀଦ ହୋଇଥିଲେ । ପରେ ଅଞ୍ଚଳବାସୀଙ୍କ ସହାୟତାରେ ଜାମୁନାଳି ଠାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ପ୍ରତ୍ୟେକ ବର୍ଷ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ମୃତି ସଭା କରାଯାଉଛି । ଗୁରୁବାର ଦିନ ଏହି ସଭାରେ ପୂର୍ବତନ ସରପଞ୍ଚ ସ୍ୱୟମ୍ବର ପ୍ରଧାନ ଶିକ୍ଷାବିତ, ଉଛବ ବେହେରା, ସନ୍ତୋଷ ପ୍ରଧାନ, କାଳନ୍ଦୀ ପ୍ରଧାନ, କଲ୍ୟାଣ ସାହୁ, କୈଳାସ ପ୍ରଧାନ, ରାଜୁ ସାହୁଅଶୋକ ସାହୁ, ସନ୍ତୋଷ ବେହେରା, ଉମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରିବା ପରେ ତାଙ୍କ ଶହୀଦ ଯୋଗୁଁ ଏହି ଅଞ୍ଚଳ ବେଶ ଗର୍ବିତ ବୋଲି ମତ ପ୍ରକାଶ କରିଥିଲେ ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଭୁଲ ନିଷ୍ପତ୍ତି ଯୋଗୁଁ ଯକ୍ଷ୍ମା ରୋଗୀ ହନ୍ତସନ୍ତ

ବାଲେଶ୍ୱର, (ସବ୍ୟୁ) :କେନ୍ଦ୍ର ସରକାର ଯକ୍ଷ୍ମାମୁକ୍ତ ଭାରତ ଗଠନ କରିବାକୁ ୧୦ବର୍ଷ ତଳେ ଏକ ଯୋଜନା ପ୍ରଣୟନ କରିଥିଲେ । ପ୍ରତିବ୍ଲକ,ସହରାଞ୍ଚଳ, ପ୍ରତି ପଞ୍ଚାୟତ ଓ ପ୍ରତିୱାର୍ଡରେ ଆଶାଦିଦି, ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ଯକ୍ଷ୍ମାରୋଗୀଙ୍କ ତଥ୍ୟ ସଂଗ୍ରହ କରି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ରିର୍ପୋଟ ପ୍ରଦାନ କରିଥିଲେ । ତେବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମିଳିତଭାବେ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ଗଠନ ଲାଗି କାମ କରୁଥିଲେ ।

ମାତ୍ର ଏବେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିନରେ ଥିବା ଯକ୍ଷ୍ମା ହସ୍ପିଟାଲରେ ରୋଗୀ ସଂଖ୍ୟା ବଢୁଥିଲେ ମଧ ଯକ୍ଷ୍ମାରୋଗୀଙ୍କ ପାଇଁ ଔଷଧ ମିଳୁନାହିଁ । ବଜାରରେ ଥିବା ମେଡ଼ିସିନ୍‌ଷ୍ଟୋରରେ ମଧ ଡାକ୍ତରଙ୍କ ଚିଠାମୁତାବକ ଔଷଧ ମିଳୁନି ବସ୍ତା, ଭୋଗରାଇ, ଜଳେଶ୍ୱର, ଖଇରା, ସିମୁଳିଆ, ସୋର, ବାହାନଗା, ରେମୁଣା, ନୀଳଗିରି ବ୍ଲକରୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସୁଥିଲେ ମଧ ଔଷଧ ନପାଇ ନିରାଶ ହୋଇ ଫେରୁଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦେବ କହିଛନ୍ତିଯେ ଯକ୍ଷ୍ମାରୋଗର ଔଷଧ ମଗାଯାଇଛି,ଏପ୍ରିଲ ମାସରେ ଆସିଯିବ । ବିଗତ କିଛିବର୍ଷ ଧରି ଯକ୍ଷ୍ମାରୋଗୀମାନେ ଔଷଧ ପାଇଁ ଛଟପଟ ହେଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି । ଅସଲକଥା ହେଲା ଭାରତବର୍ଷରେ ଥିବା ନାମୀଦାମୀ ଔଷଧ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ଅଧିକ ଚାହିଦା ନଥିବାରୁ ଯକ୍ଷ୍ମା ଔଷଧ ଆଗଭଳି ଉତ୍ପାଦନ କରୁ ନାହାଁନ୍ତି । ରାଜ୍ୟ ସରକାର ବାରମ୍ବାର ଔଷଧ କମ୍ପାନୀ ଠାରୁ ଯକ୍ଷ୍ମା ଔଷଧ ପାଇଁ ଟେଣ୍ଡର ଆହ୍ୱାନ କରୁଥିଲେ ମଧ କମ୍ପାନୀଗୁଡ଼ିକ ଟେଣ୍ଡରରେ ଅଂଶଗ୍ରହଣ କରୁ ନାହାଁନ୍ତି । ଉଲ୍ଲେଖଯୋଗ୍ୟ ଦକ୍ଷିଣ ଆଫ୍ରିକା, କଙ୍ଗୋ, ଇଥିଓପିଆ, ମାଡାଗସ୍କର ଭଳି ଅନେକ ଆଫ୍ରିକୀୟ ରାଷ୍ଟ୍ରକୁ ଏକଦା ଭାରତ ଯକ୍ଷ୍ମା ଔଷଧ ରପ୍ତାନୀ କରୁଥିଲା । ମାତ୍ର ଏବେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଭୁଲ ନିଷ୍ପତ୍ତି ଯୋଗୁଁ ଏବେ ରୋଗୀମାନେ ଔଷଧ ବିନା ହନ୍ତସନ୍ତ ହେଉଛନ୍ତି ।

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍ସୃଜୀ ମହାମହୋତ୍ସବ

ବେତନଟୀ,(ସବ୍ୟୁ) : ପରମ ପ୍ରେମମୟ, ସାଂସାରିକ ଜୀବନର ମାର୍ଗଦର୍ଶକ ତଥା କଳିଯୁଗର ତ୍ରାଣକର୍ତ୍ତା ଯୁଗମାନବ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତିଷ୍ଠା କଳ୍ପେ ୧୭ତମ ଉତ୍ସୃଜୀ ମହା ମହୋତ୍ସବ ବୈଶିଙ୍ଗା ନିକଟସ୍ଥ ମହୁରୀ ଉଡା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ଚରଣାଶ୍ରୀତ ଶହ ଶହ ଭକ୍ତ ବୃନ୍ଦ ସମାଗମ ସହଯୋଗରେ ବ୍ରାହ୍ମ ମୁହୁର୍ତ୍ତରେ ନହବତ, ଉଷା କୀର୍ତ୍ତନ, ବିନତୀ ପ୍ରାର୍ଥନା ସହିତ ସତଗ୍ରନ୍ଥ ପଠନ ପରେ ୭ ଘଟିକା ସମୟରେ ଠାକୁରଙ୍କ ପ୍ରତିମୂର୍ତ୍ତୀଙ୍କୁ ବିମାନରେ ନେଇ ନଗର କୀର୍ତ୍ତନ କରାଯାଇଥିଲା। ଋତ୍ତିକ୍‌ଙ୍କ ଅଧକ୍ଷତାରେ ଆର୍ଯ୍ୟ କୃଷ୍ଟି ପତାକା ଉତ୍ତୋଳନ କରାଯାଇଥିଲା।ଏହା ପରେ ବୋଧ ବିକ୍ଷଣୀ ସଭା ଅନୁଷ୍ଠିତ ହୋଇଥିଲା ଔ ଉପସ୍ଥିତ ଜ୍ଞାନୀ, ଗୁଣୀ, ଧର୍ମଯାଜକ ବୃନ୍ଦ ଶ୍ରୀଶ୍ରୀ ଠାକୁରଙ୍କ ବାଣୀ 'ସମଗ୍ର ମାନବ ଜାତିର ଉଦ୍ଧାର ମାନସେ, ଯୁଗ ଗୁରୁଙ୍କ ବାସ୍ତବ ଧର୍ମାଚରଣର ଧାରା'କୁ ନେଇ ବାସ୍ତବ ଜୀବନରେ ସଦ୍ ଗୁରୁଙ୍କର ଆବଶ୍ୟକତା ଉପରେ ଭକ୍ତଙ୍କୁ ଉପଦେଶ ଦେଇଥିଲେଛ ଆନନ୍ଦ ବଜାରରେ ମଧାହ୍ନ ଭୋଜନ ବିରତି ପରେ ୩ଘଟିକା ସମୟରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।'ଆଦର୍ଶ ସମାଜ ଗଠନରେ ନାରୀର ଭୂମିକା 'ଶୀର୍ଷକ ବିଷୟବସ୍ତୁ ଉପରେ ମହିଳା ଭକ୍ତମାନେ ନିଜନିଜର ଅନୁଭୂତିକୁ ନେଇ ବକ୍ତବ୍ୟ ରଖିଥିଲେ।ସୁସନ୍ତାନ ପ୍ରାପ୍ତି ପାଇଁ ଉତ୍ତମ ପରିବେଶ, ସାତ୍ତ୍ୱିକ ଆହାର, ତଥା ଭଗବତଜ୍ଞାନର ଆବଶ୍ୟକତା ଉପରେ ପର୍ଯ୍ୟବେକ୍ଷିତ ହୋଇଥିଲା ।ସନ୍ଧ୍ୟାର ଦେଓଘର ମୁଖ୍ୟ ଆଶ୍ରମର ଶ୍ରୀଶ୍ରୀ ଠାକୁରଙ୍କ ପୌତ୍ର ପୂଜ୍ୟପାଦ ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀଙ୍କ ପୌରହିତ୍ୟରେ ମହାଧିବେଶନ ଆରମ୍ଭ ହୋଇଥିଲାଛ ଏଥିରେ ବିଷୟ ବସ୍ତୁ ଥିଲା ସାଧନ ଜୀବନରେ ସଦଗୁରୁ ସତନାମ ସଦାଚାର ଓ ସତ୍ୟର ବ୍ୟାପକ ପ୍ରଚାର ଉପରେ ଆଲୋକପାତ କରାଯାଇଥିଲାଛ ଏହି ଅବସରରେ ବହୁ ଋତ୍ତିକ୍ ଶ୍ରୀଶ୍ରୀ ଠାକୁରଙ୍କ ଅମୃତ ବାଣୀ, ନୀତି, ଆଦର୍ଶ ଓ ଅନୁଶୀଳନର ତତ୍ତ୍ୱ ଉପରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ।

ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ସୋର, (ସବ୍ୟୁ): ସୋର କମରପୁର ସରକାରୀ ୟୁଜି ୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସବିତା ଜେନା ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଗୋଲକ ବିହାରୀ ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନନିତ ଅତିଥି ଭାବେ ଶିକ୍ଷକ ନେତା ମହେଶ୍ୱର ବେହେରା ଏବଂ ରମାକାନ୍ତ ମହାନ୍ତି, ପ୍ରାକ୍ତନ ଶିକ୍ଷାଧିକାରୀ ଦାଶରଥି ନାୟକ, ସିଆରସିସି ଏସ୍.କେ.ଇମିତିୟାତ ମହମ୍ମଦବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଗନ ଗୁଇଁ ଯୋଗଦେଇଥିଲେ । ସଭାରେ ବିଦାୟୀ ଶିକ୍ଷୟିତ୍ରି ବିଦାୟୀ ଶ୍ରୀମତୀ ଜେନାଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯିଥିଲା । ଏଥିରେ ଶିକ୍ଷୟିତ୍ରୀ ପ୍ରମିଳା ଜେନା, ମଞ୍ଜୁରାଣୀ ଜେନା, ଅରୋଶିଷ ବଲ୍ଲଭ ସାହୁ, ମାନସ ରଂଜନ ଦାସଙ୍କ ସହିତ କମିଟି ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ ।

ଗାଁ ମହାଜନଙ୍କଠୁ ବଳିଗଲେଣି ଘରୋଇ ଫାଇନାନ୍ସ ସଂସ୍ଥା

ତିହିଡି,(ସବ୍ୟୁ) : ଦିନ ଥିଲା ଯେତେବେଳେ ଗାଁ ଗହଳିରେ ଗାଁ ମହାଜନ ମାନେ ଲୋକଙ୍କ ସୁବିଧା ଅସୁବିଧାରେ ଆର୍ଥିକ ଋଣ ଦେଇ ମନଇଚ୍ଛା ସୁଧମୂଳ ଆଦାୟ ନାନା ଅନ୍ୟାୟ ଅତ୍ୟାଚାରର ପଥ ବାଛି ନେଉଥିଲେ । ଏବେ ସାରା ରାଜ୍ୟର ଗାଁ ଗହଳରେ ଛତୁ ଫୁଟିବା ଭଳି ଗଢି ଉଠିଥିବା ଘରୋଇ ଫାଇନାନ୍ସ ସଂସ୍ଥା ମାନେ ଋଣ ଆଦାୟ ଲାଗି ସମାନ ବାଟ ଆପଣାଇଛନ୍ତି । ଗାଁ ଗହଳିର ଅଶିକ୍ଷିତ ଓ ଅସଚେତନ ମହିଳା ମାନଙ୍କୁ ବୋକା ବନାଇ ଗ୍ରୁପ ମାଧମରେ ସହଜ ଓ ସୁବିଧାରେ ଅର୍ଥ ଲଗାଣ କରୁଛନ୍ତି । ବିଭିନ୍ନ ଉପାୟରେ ଏହି ସଂସ୍ଥାମାନେ ସାମାନ୍ୟ କିଛି କାଗଜପତ୍ର ଉପରେ ନିର୍ଭର କରି ଏହି ଋଣ ପ୍ରଦାନ କରିଥାନ୍ତି ଏବଂ କାଗଜପତ୍ରର ଗୁରୁତ୍ୱ ନଥିବାରୁ ଅନେକ ଏହି ସଂସ୍ଥାରୁ ଋଣ ନେବାକୁ ସହଜ ମଣିଥାନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଧାର୍ଯ୍ୟ ସୁଧଠାରୁ ଢେର ଅଧିକ ସୁଧ ନେଉଥିଲେ ବି ଋଣୀ ଏହି ଅର୍ଥଲଗାଣକାରୀ ସଂସ୍ଥାର କୌଶଳକୁ ବୁଝି ନପାରି ଶୋଷଣର ଶିକାର ହୋଇଥାନ୍ତି । କେବଳ ସେତିକିନୁହେଁ ଅର୍ଥ ଆଦାୟ ପାଇଁ ଏହି ସଂସ୍ଥାର କର୍ମଚାରୀ ଓ ଋଣ ନେଇଥିବା ମହଳା ଗ୍ରୁପର ମହିଳା ମାନଙ୍କ ଦ୍ୱାରା ଯୋର ଜୁଲମ କରି ଅର୍ଥ ଆଦାୟ କରିଥାନ୍ତି ।

କେତେକ କ୍ଷେତ୍ରରେ ଆଇନର ଉର୍ଦ୍ଧ୍ୱକୁ ଯାଇ ବେନିୟମ ବାଟକୁ ମଧ ଆପଣାଇଥାନ୍ତି । ସଂପ୍ରତି ତିହିଡି ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ଘରୋଇ ଫାଇନାନ୍ସ ସଂସ୍ଥା ସମଗ୍ର ବ୍ଲକରେ ହଜାର ହଜାର ମହିଳା ଗ୍ରୁପକୁ ଋଣ ଲଗାଣ କରିଛନ୍ତି । ପୂର୍ବରୁ କିସ୍ତି ଆଦାୟ ପାଇଁ ସଂସ୍ଥାମାନଙ୍କର ଯୋର ଜୁଲମର ଖବର ବିଭିନ୍ନ ସମୟରେ ଗଣମାଧମରେ ପ୍ରକାଶିତ ହୋଇଥିଲେ ମଧ ସରକାର ଏଥିପ୍ରତି ଉଦାସୀନ ରହି ଆସିଛନ୍ତି । ଫଳରେ ଋଣ ଲଗାଣକାରୀ ସଂସ୍ଥା ମାନଙ୍କର ଦୌରାତ୍ମ୍ୟ ବଢି ବଢି ଚାଲିଛି । ସଦ୍ୟତମ ଘଟଣା ଏହି ବ୍ଲକ ଅନ୍ତର୍ଗତ ନୟାନନ୍ଦ ଗାଁରେ ଦେଖିବାକୁ ମିଳିଛି । ଏହି ଗାଁର ସ୍ୱର୍ଣ୍ଣପ୍ରଭା ଦାସ ଗ୍ରାମଶକ୍ତି ଓ ପିନକେୟାର ସଂସ୍ଥାରୁ ମୋଟ ୮୦ ହଜାର ଟଙ୍କା ଋଣ କରିଥିଲେ ଏବଂ କିସ୍ତି ମଧ ପରିଶୋଧ କରିଆସୁଥିଲେ । ଫେବୃଆରୀ ମାସରେ ଶ୍ରୀମତୀ ଦାସ ଅସାବଧାନତା ବଶତଃ ନିଆଁରେ ପୋଡି ହୋଇ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଏବଂ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ମାତ୍ର ଗୋଟିଏ କିସ୍ତି ପରିଶୋଧ କରିପାରି ନଥିଲେ । ଫଳରେ ଗ୍ରୁପର ମହିଳାମାନେ ଟଙ୍କା ଆଦାୟ ପାଇଁ ତାଙ୍କ ଘରେ ପହଞ୍ଚି ପାଟିତୁଣ୍ଡ ଗାଳିଗୁଲଜ କରିବା ସହିତ ତାଙ୍କ ଘରେ ତାଲା ମାରି ଓ ତାଙ୍କ ସ୍ୱାମୀଙ୍କ ଗାଡି ନେଇ ଯାଇଥିଲେ । ପୋଲିସରେ ଏତଲା ପରେ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ନିଷ୍ପତ୍ତି ଅନୁଯାୟୀ ସ୍ୱର୍ଣ୍ଣପ୍ରଭାଙ୍କ ସ୍ୱାମୀ ଗାଡି ଆଣିବାକୁ ଯାଇଥିବା ବେଳେ ତାଙ୍କୁ ନିସ୍ଥୁକ ମାଡ ମଡାଯାଇଥିଲା । ପରେ ଅବଶ୍ୟ ପୋଲିସର ହସ୍ତକ୍ଷେପ ଯୋଗୁଁ ଏହା ସମାଧାନ ହୋଇଛି । କେତେକ ପରିବାର ଏହି ସଂସ୍ଥାଗୁଡିକ ପାଇଁ ସର୍ବସ୍ୱାନ୍ତ ହୋଇ ଘର ବି ଛାଡିଥିବା ନଜିର ରହିଛି । ଏଭଳି ଅର୍ଥ ଲଗାଣକାରୀ ସଂସ୍ଥା ମାନଙ୍କ ବିରୋଧରେ ସରକାର, ପ୍ରଶାସନ ଦୃଷ୍ଟି ଦେଉ ନଥିବାରୁ ସାଧାରଣ ଗରିବ ଗୁରୁବା ଶୋଷଣର ଶିକାର ହୋଇ ଚାଲିଛନ୍ତି ।

କବି ପବନ କୁମାର ନାୟକ ଅତିଥି ପରିଚୟ ଓ ଶିକ୍ଷକ ନିର୍ମଳ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଗୁରୁଜୀ ସୁଶାନ୍ତ ସେନାପତିଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ 'ମଧୁ ମୂର୍ଚ୍ଛନା', 'ମୋ ମାଆ', 'ଦୁର୍ଘଟଣା', 'ସୁସ୍ଥ ନିର୍ବାଚନ', 'ମୋ ଦେଶ ଭାରତ' ଆଦି ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଉତ୍ସବକୁ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ ।

ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ ଫତେପୁର ପଂଚାୟତ ଥାଟୋଇ ସାହିର ଜଣେ ଯୁବକଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଧନେଶ୍ୱର ଥାଟୋଇଙ୍କ ପୁଅ ବସନ୍ତ (୩୬)। ଗତକାଲି ସକାଳ ସମୟରେ ଅସୁରାଳି ଠାରେ ଏକ କାର୍ଯ୍ୟକ୍ରମ ପାଇଁ ଟେଣ୍ଟ ହାଉସରେ କାମ କରୁଥିବା ବସନ୍ତ ଗଛରେ ଚଢ଼ି ଇଲେଭେନ କେଭିରୁ ତାର ସଂଯୋଗ କରୁଥିବା ବେଳେ ବିଦ୍ୟୁତ ଆଘାତ ଖାଇଥିଲେ। ଶରୀରର ଗୋଟିଏ ପାଶର୍ବ ପୋଡି ଯାଇଥିବା ବସନ୍ତଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସିତ ହେଉଥିବା ବେଳେ ସେଠାରେ ବସନ୍ତଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

ନଦୀରେ ବୁଡି ଦଶମ ଛାତ୍ରଙ୍କ ମୃତ୍ୟୁ

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଡା ଗ୍ରାମ ପଞ୍ଚାୟତ ଅଧୀନ ମିରିପୁର ଖଇରା ଗ୍ରାମର ବ୍ରହ୍ମାନନ୍ଦ ଗୋଛାୟତଙ୍କ ପୁଅ ଅମିତ(୧୪)ଗୁରୁବାର ଦିନ ଘର ପାଖ ନଦୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ଗଣ୍ଡ ଭିତରକୁ ଖସି ପଡିଥିଲେ । ପାଖରେ ଥିବା ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକ ଓ ଗ୍ରାମବାସୀ ମାନେ ଅମିତଙ୍କୁ ଉଦ୍ଧାର କରି ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଥିବା ଡାକ୍ତର ଅମିତଙ୍କୁ ମୃତ ଘୋଷଣା କରିଥିଲେ । ଅମିତ ନିକଟସ୍ଥ ମହମ୍ମଦପୁର ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀର ଛାତ୍ର ଅଟନ୍ତି।

ଶିଶୁ ମନ୍ଦିରରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ନଟାପଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଦିନ ସମ୍ବର୍ଦ୍ଧନା ପର୍ବ ଓ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ କମଳାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବୋଦୟ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ସୁଶ୍ରୀ ଶ୍ରୀୟାଂଶୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିବା ସହ ନୂତନ ଭାବେ ନାମ ଲେଖାଇ ଥିବା ନୂତନ ଛାତ୍ରୀଛାତ୍ର ଙ୍କୁ ସ୍ୱାଗତ କରାଯାଇଥିଲା। ଆଚାର୍ଯ୍ୟ ଦେବେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ମଧୁସ୍ମିତା ଜେନା, ଦିପ୍ତୀଶିଖା ପାଣି, ବବିତା ପାଣିଗ୍ରାହୀ, ମିତା ପାତ୍ର, ଗୁରୁଜୀ ପ୍ରଭାକର ଓଝା, ବଳରାମ ଲେଙ୍କା ଓ ପଙ୍କଜ ମହାନ୍ତି ପ୍ରମୁଖ ସହାୟତାର ହାତ ବଢାଇ ଥିଲେ।

ଚକା ତଳେ ପଡ଼ି ଆଖି ବୁଜିଲେ ଯୁବକ

ଟ୍ରକ୍ ଜାଳିଦେଲେ ଲୋକେ

କେନ୍ଦୁଝର , (ସ୍ୱପ୍ର) : ଟ୍ରକ ଚକା ତଳେ ପଡିବାରୁ ଆଖି ପିଛୁଳାକେ ଯୁବକଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା। ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ଗତକାଲି ବିଳମ୍ବିତ ରାତିରେ କେନ୍ଦୁଝର ସଦର ଥାନା ବାଂଶପାଳ ବ୍ଲକ ଅଧୀନ ଏକ ଘରୋଇ ପ୍ଲାଣ୍ଟ ନିକଟରେ ଘଟିଛି। ମୃତକ ହେଲେ ସ୍ଥାନୀୟ ବିନିନ୍ଦା ଗ୍ରାମର ସନ୍ତୋଷ ଦେହୁରୀ। ସନ୍ତୋଷ ନିଜ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ବୁଧବାର ରାତିରେ ଦ୍ରୁତ ଗତିରେ ଆସୁଥିବା ଏକ ୧୪ ଚକିଆ ଟ୍ରକ୍ ରାୟଗୋଡା ପଞ୍ଚାୟତ ସ୍ଥିତ ଏକ ଘରୋଇ ପ୍ଲାଣ୍ଟ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା।ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ରୁଣ୍ଡ ହେବା ସହ ତାତି ଯାଇଥିଲେ। ଏହାପରେ ସେମାନେ ଟ୍ରକଟିରେ ନିଆଁ ଲଗାଇ ଦେଇଥିଲେ।ଫଳରେ ଟ୍ରକଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଟ୍ରକ୍ ଡ୍ରାଇଭରଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନି ଖବର ପାଇ ପୁଲିସ୍ ଘଟଣାସ୍ଥଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ଏହାପରେ ଉତ୍ତେଜନା ପ୍ରଶମିତ ହେବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ଛାତ୍ରଛାତ୍ରୀଙ୍କ ଉପରେ ଶିକ୍ଷାକୁ ଲଦି ଦିଅନ୍ତୁ ନାହିଁ

ବାସୁଦେବପୁର,(ସବ୍ୟୁ):କୁନି କୁନି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭରି ରହିଛି ଅଲୌକିକ ପ୍ରତିଭା। ହସେଇ ଖେଳେଇ ଶିକ୍ଷାଦାନ କଲେ ଶିକ୍ଷା ସହଜ ହୋଇଥାଏ। ସକାଳ ଠାରୁ ରାତ୍ରୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାକୁ ଲଦି ଦେଲେ ଶିକ୍ଷା ବୋଝ ହୋଇଥାଏ। ଯାହା ଶିକ୍ଷାର୍ଥୀଙ୍କୁ ମାନସିକ ଭାରକ୍ରାନ୍ତ କରିଥାଏ। ପିଲାର ମନୋଭାବ ଜାଣି ବିଷୟ ଉପରେ ଗୁରୁତ୍ୱ ଦେଲେ କୁନି ପିଲାମାନଙ୍କୁ ଶିକ୍ଷା ସହଜ ହୋଇଥାଏ। ସମାଜ ଗଠନରେ ବଡ ମଣିଷ ନୁହେଁ ଜଣେ ଜଣେ ଭଲ ମଣିଷର ଆବଶ୍ୟକତା ରହିଛି। ଅଭିଭାବକମାନେ ପିଲାମାନଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବାକୁ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ କହିଥିଲେ। ବାସୁଦେବପୁର ବ୍ଲକର ବିଦେଇପୁର ମୁନୀ ପଡିଆ ପରିସର ପଂଚମ ବାର୍ଷିକ ଉତ୍ସବରେ ସୂର୍ଯ୍ୟକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଘଣ୍ଟେଶ୍ୱର ଡିଗ୍ରୀ କଲେଜର ଅଧକ୍ଷ ବିଜୟ କୁମାର ଦାସ,ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଯୋଗଦେଇ ମୂଲ୍ୟ ଭିତ୍ତିକ ଶିକ୍ଷା ଉପରେ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ବିପଦଭଞ୍ଜନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗୀତାର ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ହଜିଯାଇଥିବା ଶିଶୁକୁ ଫେରି ପାଇଲେ ପିତାମାତା

ଭଦ୍ରକ,(ସବ୍ୟୁ):ଭଦ୍ରକ ଟାଉନ୍ ଥାନାରେ ନିଖୋଜ ଶିଶୁ ସଂପର୍କିତ କାର୍ଯ୍ୟରତ ଦୁଇ ଜଣ ପି.ଏଲ.ଭି(ସ୍ୱେଚ୍ଛାସେବୀ) ସନ୍ତୋଷ କୁମାର ସ୍ୱାଇଁ, ଶକୁନ୍ତଳା ପାତ୍ରଙ୍କ ଉପସ୍ଥିତିରେ ନିଖୋଜ ଶିଶୁଟିକୁ ତାର ପିତାମାତାଙ୍କୁ ଜିମା ଦିଆଯାଇଥିଲା । ପ୍ରକାଶ ଥାଉକି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ନିଖୋଜ ଶିଶୁ ସଂପର୍କିତ ତଥ୍ୟ ଦେବା ପାଇଁ ତାଲିକାଭୁକ୍ତ ସ୍ୱେଚ୍ଛାସେବୀ (ପି.ଏଲ୍.ଭି) ସନ୍ତୋଷ କୁମାର ସ୍ୱାଇଁ ଓ ଶକୁନ୍ତଳା ପାତ୍ର ଉଭୟ ଭଦ୍ରକ ଟାଉନ୍ ଥାନାରେ କାର୍ଯ୍ୟରତ ଥିବା ସମୟରେ ନିଖୋଜ ଶିଶୁ ସୂର୍ଯ୍ୟ ମୁଣ୍ଡା ବୟସ ୧୦ ବର୍ଷ, ପିତା- ରବିନ୍ଦ୍ର ମୁଣ୍ଡା, ମାତା - କାନ୍ତି ମୁଣ୍ଡା, ଗ୍ରାମ କଣ୍ଡାପାଳ, ଚରମ୍ପା, ଜିଲ୍ଲା-ଭଦ୍ରକ ଏବଂ ଭଦ୍ରକ ଟାଉନ୍ ଥାନାରେ କାର୍ଯ୍ୟରତ ପୋଲିସ୍‌ମାନଙ୍କ ଉପସ୍ଥିତିରେ ନିଖୋଜ ପିଲାଟିର ପିତାମାତାଙ୍କୁ ଜିମା ଦିଆଗଲା । ସୂର୍ଯ୍ୟ ମୁଣ୍ଡା ଗତ ତା ୧୬-୨-୨୪ରିଖ ଠାରୁ ନିଖୋଜ ଥିଲା । ଉଭୟ ପିତାମାତା ସବୁଆଡ଼େ ଖୋଜାଖୋଜି ପରେ ପିଲାଟିକୁ ନ ପାଇବାରୁ ଭଦ୍ରକ ଟାଉନ୍ ଥାନାରେ ଏଫ୍.ଆଇ.ଆର. ଦେଇଥିଲେ ଏବଂ ତା ୩.୪.୨୪ରିଖରେ ନିଖୋଜ ପିଲାଟି ମିଳିବା ପରେ ତାର ପିତାମାତା ବହୁତ ଖୁସି ହୋଇଯାଇଥିଲେ।

ବିଜୁ ଛାତ୍ର ଜନତା ଦଳର ରକ୍ତଦାନ ଶିବିର

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଯେତେବେଳେ ଦେଖାଦେଇଛି ସେତେବେଳେ ବିଜୁଛାତ୍ର ଜନତାଦଳ ଆଗକୁ ଆସି ରକ୍ତଦାନ ଶିବିର ଆୟୋଜନ କରିବା ସହ ରକ୍ତର ସମସ୍ୟା ଦୂର କରିବାକୁ ଚେଷ୍ଟା କରିଛି । ଏବେ ପ୍ରବଳ ଗରମ ଓ ଖରା ଯୋଗୁଁ ରକ୍ତଦାନ ଶିବିରମାନ ଆୟୋଜନ କରାଯାଇ ପାରୁନଥିବାରୁ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛନ୍ତି । ଏହାକୁ ଉପଲକ୍ଷ କରି ବାଲେଶ୍ୱର ବିଜୁଛାତ୍ର ଜନତାଦଳ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରନେତା ରାଜ୍ୟ ସାଧାରଣ ସମ୍ପାଦକ ଓମ୍ ପ୍ରକାଶ ମହାପାତ୍ର, ଜିଲ୍ଲା ସମ୍ପାଦକ ନରୋତ୍ତମ ଦାସ, ଟାଉନ ସମ୍ପାଦକ ଗଜେନ୍ଦ୍ର ନାୟକଙ୍କ ଜନ୍ମଦିନ ଉପଲକ୍ଷେ ଏକ ବିଶାଳ ରକ୍ତଦାନ ଶିବିରର ଆୟୋଜନ କରାଯାଇ ଏହି ଶିବିରରୁ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଛାତ୍ରନେତା ସୁଶୀଲ ପଣ୍ଡା, ଚିନ୍ମୟ ମହାନ୍ତି, ଯାକବ ସିଂ, ମାଣିକ ଚାନ୍ଦ ପରିଡ଼ା, ସ୍ୱସ୍ତିକ ସାମନ୍ତ, ମୋନାଲିସା ମହାନ୍ତି, ସୌମ୍ୟ ପ୍ରଧାନ, ଧନଞ୍ଜୟ ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଯୁବ ସାମ୍ବାଦିକ ଜୀବନଜ୍ୟୋତି ନାୟକ ନିଜେ ରକ୍ତଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

ମୁଣ୍ଡଗଣ୍ଡି ଅଲଗା ଅବସ୍ଥାରେ ଗଳିତ ମୃତଦେହ ଉଦ୍ଧାର

ନୀଳଗିରି, (ସବ୍ୟୁ) : ନୀଳଗିରି ଥାନା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ନିକଟ ପାହାଡ଼ ଉପର ଜଙ୍ଗଲ ମଧ୍ୟରେ ମୁଣ୍ଡଗଣ୍ଡି ଅଲଗା ହୋଇପଡ଼ିଥିବା ଅବସ୍ଥାରେ ଥିବା ଏକ ଗଳିତ ମୃତ ଦେହ ଠାବ ହୋଇଛି । ଶରୀର ଠାରୁ ପ୍ରାୟ ୫୦ ମିଟର ଦୂରରେ ମୁଣ୍ଡଟି ଅଲଗା ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ଶ୍ୟାମସୁନ୍ଦରପୁର ପଞ୍ଚାୟତ କେନ୍ଦୁନାଳ ଗ୍ରାମର ମାଧ ସିଂ ଗତ ମାର୍ଚ୍ଚମାସ ୯ତାରିଖ ଠାରୁ ଘରେ ନିଖୋଜ ଥିବାବେଳେ ମୃତ ଦେହଟି ତାଙ୍କର ହୋଇଥିବା ନେଇ ଅନୁମାନ କରାଯାଉଛି । ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଅନ୍ୟପକ୍ଷରେ ଗଳିତ ମୃତଦେହ ନିକଟରେ ପଡ଼ିଥିବା ଲୁଗାପଟାକୁ ତାଙ୍କର ଭାଇ ଚିହ୍ନଟର କରିଥିବା ବେଳେ ଘରେ ଝଗଡ଼ା ହେବାପରେ ମାଧ ସିଂ ନିଖୋଜ ହୋଇଥିବା କହିଛନ୍ତି । ମାଧ ସିଂ ଆତ୍ମହତ୍ୟା କରି ଥାଇ ପାରନ୍ତି ବୋଲି ଅନୁମାନ କରାଯାଉଥିବା ବେଳେ ଶରୀରକୁ ମୁଣ୍ଡ ଅଲଗା ହୋଇ ପଡ଼ିଥିବା ଘଟଣାକୁ ନେଇ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରୁଥିବା ବେଳେ ଏବାବଦରେ ନୀଳଗିରି ଥାନାରେ କେସ୍ ନମ୍ବର ୧୩/୨୦୨୪ ମୂଳେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

ଥଣ୍ଡା ରୋଗୀକୁ କୁକୁରକାମୁଡା ଇଞ୍ଜେକ୍ସନ!

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ମେଡିକାଲରେ ଜନୈକ ଥଣ୍ଡା ଜନିତ ରୋଗୀକୁ ଗୁରୁବାର କୁକୁରକାମୁଡା ଇଞ୍ଜେକ୍ସନ ଦିଆଯାଇଥିବା ଜଣାଯାଇଛି। ସ୍ଥାନୀୟ ଦକ୍ଷିଣବାଡ ଗ୍ରାମର ବିଜୟ ବିଶ୍ୱାଳ(୫୬) ଥଣ୍ଡା ଜନିତ ଘୋଳାବିନ୍ଧା ରୋଗ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଗୁରୁବାର ସକାଳ ୮ଟାରେ ଆଉଟଡୋର ଖୋଲାଯିବା ପରେ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଡାଇକ୍ଲୋଫେନାକ ଇଞ୍ଜେକ୍ସନ ନେବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଡାକ୍ତରଖାନାର ସେବିକା ନିରୂପମା ମଲ୍ଲିକ ତାଙ୍କୁ ଭୁଲବଶତଃ କୁକୁରକାମୁଡା ଇଞ୍ଜେକ୍ସନ ଦେଇଥିଲେ। ପଛରେ ଥିବା କୁକୁରକାମୁଡା ଇଞ୍ଜେକ୍ସନ ନେବା ରୋଗୀ ଏକଥା ସୂଚୀତ କରିବା ପରେ ଘଟଣା ପ୍ରଘଟ ହୋଇଥିଲା। ସଙ୍ଗେ ସଙ୍ଗେ ରୋଗୀ ବିଜୟଙ୍କୁ ଆଡମିଶନ କରାଯାଇ ଚିକିତ୍ସା କରାଯାଇଥିଲା। ସେ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଏଥିନେଇ କୌଣସି ଅଭିଯୋଗ କରିନଥିଲେ। ମେଡିକାଲ ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ ସେବିକାଙ୍କୁ କାରଣ ଦର୍ଶାଓ ନୋଟିସ ଜାରି କରିଥିବା ଜଣାଯାଇଛି।

ସିପିଏମ୍‌ର ନିର୍ବାଚନୀ ବୈଠକ

ନୀଳଗିରି, (ସବ୍ୟୁ) :ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମାର୍କ୍ସବାଦୀ କମ୍ୟୁନିଷ୍ଟପାର୍ଟି ନୀଳଗିରି ତରଫରୁ ନରଣପୁର ପଞ୍ଚାୟତ ଭୁଲାପଡ଼ିଆ ଗ୍ରାମରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବରିଷ୍ଠ କମ୍ୟୁନିଷ୍ଟ ନେତା ମହେଶ୍ୱର ଭୂୟାଁ ସଭାପତିତ୍ୱ କରିଥିବା ବେଳେ ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ, ଆଦିବାସୀ, କୃଷକ, ଶ୍ରମିକ ବିରୋଧି ଅଟନ୍ତି ବୋଲି କହିଥିଲେ । ଏହି ସରକାରଙ୍କ ସମୟରେ ଗିରବ, ନିଷ୍ପେସିତ ଲୋକଙ୍କର କୌଣସି ଉନ୍ନତି ହୋଇନାହିଁ ବରଂ ବଡ଼ବଡ଼ ଶିଳ୍ପପତି ଏବଂ କମ୍ପାନୀଗୁଡ଼ିକ ଲାଭବାନ ହୋଇଛନ୍ତି । ତେଣୁ ଆଗାମୀ ନିର୍ବଚନରେ ଦଳ ନୀଳଗିରି ନିର୍ବାଚନ ମଣ୍ଡଳୀରେ ଦଳ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଇଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ବିଜୟ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ରଙ୍କ ସମେତ ସତ୍ୟଜିତ ଦାସ, ଯୋଗାନନ୍ଦ ଦାସ, ଗଙ୍ଗାଧର ମହାନ୍ତି, ନାନା ସିଂ, ଜୟରାମ ସିଂ, ରାମଚନ୍ଦ୍ର ପଢିଆର, ବାପୁନୁସିଂ ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବଚନରେ ଉଭୟ ବିଜେଡ଼ି ଓ ବିଜେପିକୁ କ୍ଷମତାଚ୍ୟୁତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଆନନ୍ଦପୁର , (ସବ୍ୟୁ) : ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଳିମାଟି ପଞ୍ଚାୟତର କନ୍ତୋ ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଘସିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ଏହି ଅବସରରେ ଦଳୀୟ କର୍ମୀମାନେ ଘର ଘର ବୁଲି ଶଙ୍ଖ ଚିହ୍ନ ପୋଷ୍ଟର ଲଗାଇବା ସହ ରାଜ୍ୟ ସରକାର ଜନ ହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଇଂ ଦେବଦତ୍ତ ନାୟକ, ଯୁବନେତା ନିରଞ୍ଜନ ସାହୁ,ଅନନ୍ତ ଚରଣ ମହାନ୍ତ, ମନୋରଞ୍ଜନ ରାଉତ, କୂଳଦୀପ ସାହୁ, ଦିବାକର ସାହୁ, ବ୍ରାହ୍ମେଶ୍ୱର ସାହୁ, ଅରୁଣ କୁମାର ରାଉତ , କୈଳାସ ନାୟକ, ଚୈତନ୍ୟ ଦାସ,ପୂର୍ଣ୍ଣ ମହାନ୍ତ, ଚନ୍ଦ୍ରମଣି ନାଏକ, ରବିନ୍ଦ୍ର ନାଏକ,ସନାତନ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

କଂଗ୍ରେସ ନେତା ଅର୍ଜୁନ ମୁଦୁଲିଙ୍କ ବିୟୋଗ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ କଟସାହି ପଂଚାୟତର ବରିଷ୍ଠ କଂଗ୍ରେସ ନେତା ଅର୍ଜୁନ ମୁଦୁଲି(୬୨)ଙ୍କର ଗୁରୁବାର ଦିନ ଭୁବନେଶ୍ୱର ଏମ୍ସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ କଟସାହି ସହିଦ ନଗର ଅଂଚଳରେ ଶୋକ ପ୍ରକାଶ ପାଇଛି। ଅର୍ଜୁନ ଗତ କିଛିଦିନ ଧରି ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମସରେ ଚିକିତ୍ସା ହେଉଥିବା ବେଳେ ଆଜି ସକାଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜନତା ଦଳର ଜଣେ ଦୃଢ ସଂଗଠକ ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିବା ଅର୍ଜୁନ ପରବର୍ତ୍ତୀ ସମୟରେ କଂଗ୍ରେସରେ ସାମିଲ ହୋଇଥିଲେ। କଟସାହି ଅଂଚଳରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବାରେ ସେ ପ୍ରମୁଖ ଭୂମିକା ନେଇଥିଲେ। ଜଣେ ମିଷ୍ଟଭାଷୀ ଉଦାରବାଦୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ଏମ୍ସରୁ ତାଙ୍କ ମରଶରୀର ଆସିବା ପରେ ସହିଦ ନଗର ଠାରେ ବିଭିନ୍ନ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଥରଡିହ କୁମ୍ଭାର ସାହିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ଝିଅ ରୂପା ମୁଖାଗ୍ନି ଦେଇଥିଲେ। ଅର୍ଜୁନଙ୍କ ପରଲୋକରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ,ପ୍ରାକ୍ତନ ସାଂସଦ ମୁରଲୀଧର ଯେନା,ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ,ବରିଷ୍ଠ ବିଜେଡି ନେତା ରଘୁନାଥ ଲେଙ୍କା,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ,ଧାମନଗର ବ୍ଲକ କଂଗ୍ରେସ ସଭାପତି ରମେଶ ବେହେରା,ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ,ଯୁବ କଂଗ୍ରେସ ନେତା ସୁରେଶ ମହାନ୍ତି,ଦେବେନ୍ଦ୍ର ମୁଦୁଲି,ଭାସ୍କର ଜେନା,ଶ୍ରୀକାନ୍ତ ପଣ୍ଡା,ସରୋଜ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ତୃପ୍ତି ମହିଳା ଡିଗ୍ରୀ କଲେଜରେ ଶିକ୍ଷା ବିଭାଗର ସେମିନାର

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ତୃପ୍ତି ମହିଳା ଡିଗ୍ରୀ କଲେଜ ପରିସର ମଧ୍ୟରେ ଶିକ୍ଷା ବିଭାଗର ଆଲୋଚନା (ସେମିନାର)ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଆୟୋଜିତ ସେମିନାରରେ ତୃପ୍ତି ମହିଳା ଡିଗ୍ରୀ କଲେଜର ଅଧକ୍ଷା ଅଳକାନନ୍ଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। କଲେଜ ପରିଚାଳନା କମିଟିର ସଭାପତି ଡଃ.ବସନ୍ତ କୁମାର ପାଢୀ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ସରକାରଙ୍କର ନୂତନ ଶିକ୍ଷା ନିତି – ୨୦୨୦ ଶିର୍ଷକ ଆଲୋଚନା ଚକ୍ରରେ ବରେଣ୍ୟ ଅତିଥି ଭାବେ ବାଲିଖଣ୍ଡ କଲେଜର ଅଧ୍ୟାପକ ସୁଧିରୀ ମୁଦୁଲି ଓ ଅନ୍ୟତମ ଅତିଥି ଭାବେ ଭଦ୍ରକ ନୟନମଣୀ କଲେଜର ଅଧ୍ୟାପକ ଲକ୍ଷ୍ମୀଧର ଦାସ ଯୋଗଦେଇ ସରକାରଙ୍କ ନୂତନ ଶିକ୍ଷାନିତି– ୨୦୨୦ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତୃପ୍ତି ମହିଳା ଡିଗ୍ରୀ କଲେଜର ଶିକ୍ଷା ବିଭାଗର ଅଧ୍ୟାପିକା ପୁଷ୍ପମାଳା ତ୍ରିପାଠୀ, ଅଧ୍ୟାପିକା ପ୍ରିୟଦର୍ଶନୀ ଦାସ, ଅଧ୍ୟାପିକା ପଙ୍କଜିନୀ ଦାସ, ଅଧ୍ୟାପକ ରମାକାନ୍ତ ଦାସ ଯୋଗଦେଇଥିଲେ। କଲେଜର ଏଜୁକେସନ୍ ବିଭାଗର ଛାତ୍ରୀମାନେ ଯୋଗଦେଇ ଆଲୋଚନା ଅଂଶ ଗ୍ରହଣ କରିଥିଲେ।

ଟିପିଏନ୍‌ଓଡିଏଲ୍‌ର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର, (ସବ୍ୟୁ) : ଟାଟାପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଓଡ଼ିଶାର ସମୃଦ୍ଧ, ସାଂସ୍କୃତିକ, ଐତିହ୍ୟ ଓ ଐତିହାସିକ ମହତ୍ୱପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଏପ୍ରିଲ ପହିଲାରେ ବାଲେଶ୍ୱରସ୍ଥିତ ନୋସି କେନ୍ଦ୍ରରେ ଉତ୍କଳ ଦିବସ ଓ ଟିପିଏନ୍‌ଓଡିଏଲ୍‌ର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୧୯୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନକୁ ସ୍ମରଣ କରି ପ୍ରତିବର୍ଷ ଏପ୍ରିଲ ପହିଲାରେ ଉତ୍କଳ ଦିବସ ପାଳନ କରାଯାଉଛି । ଉତ୍କଳ ଦିବସ ଓ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକଙ୍କ ସମତେ ସମସ୍ତ ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ସାହୀ କର୍ମଚାରୀମାନେ ଭାଷଣ, ନୃତ୍ୟ ଓ ଗୀତ ପ୍ରଦର୍ଶନ କରିଥିଲେ । ୨୦୨୧ ମସିହାରେ ଟିପିଏନ୍‌ଓଡିଏଲ୍ ପ୍ରତିଷ୍ଠା ପରଠାରୁ ଉଦ୍‌ଭାବନ ଓ ପ୍ରଗତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଉତ୍ତର ଓଡ଼ିଶାର ୨୦ଲକ୍ଷରୁ ଅଧିକ ଗ୍ରାହକଙ୍କ ଜୀବନକୁ ଏହି ସଂସ୍ଥା ଉଜ୍ଜ୍ୱଳ କରିଥିବା ବେଳେ ବିଭିନ୍ନ ଅଭିନବ ସମାଧାନ ସହିତ ଶକ୍ତିକ୍ଷେତ୍ରରେ ଉଚ୍ଚମାନଦଣ୍ଡ ସ୍ଥାପନ କରିବା ସହ କଠିନ ପରିସ୍ଥିତିରେ ମଧ୍ୟ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିଛି । ଟିପିଏନ୍‌ଓଡିଏଲ୍ ଦ୍ୱାରା ନିଆଯାଇଥିବା ବିଭିନ୍ନ ସବୁଜ ପଦକ୍ଷେପ ୩୦ହଜାରରୁ ଅଧିକ ପରିବାରକୁ ବିଦ୍ୟୁତ ଶକ୍ତି ପ୍ରଦାନ କରିବା ସହ ଅଧିକ ବିଦ୍ୟୁତ କରଣ ପାଇଁ ପ୍ରୟାସ ଜାରି ରଖିଛି । ଟିପିଏନ୍‌ଓଡିଏଲ୍ ଏହାର ପ୍ରାଥମିକ କାର୍ଯ୍ୟଠାରୁ ଆଗକୁ ବଢି ସିଏସ୍‌ଆର୍ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ କଲ୍ୟାଣକୁ ପ୍ରାଥମିକତା ଦେଇଛି । ୨୫ଶହ ଛାତ୍ରଛାତ୍ରୀଙ୍କ ପାଇଁ ୪ଟି ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା,୩୦ଟି ମହିଳା ସାକ୍ଷରତା କେନ୍ଦ୍ର ପ୍ରତିଷ୍ଠା ଏବଂ ୫ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା କେନ୍ଦ୍ର କାର୍ଯ୍ୟକାରୀ କରିଛି । କମ୍ପାନୀ ପ୍ରାୟ ୩ଶହ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସମର୍ଥନ କରୁଛି । ଏହା ବ୍ୟତୀତ ଟିପିଏନ୍‌ଓଡିଏଲ୍ ବିଭିନ୍ନ ବିଭାଗରେ ୪୦ଟି ଇଲେକ୍ଟ୍ରିକ୍ ଯାନ ପ୍ରଚଳନ କରିବାକୁ ଯୋଜନା ରଖିଥିବା ବେଳେ ସିମିଳିପାଳ ଏବଂ ଯୋଡ଼ାରେ ୧୮ଟି ମାଇକ୍ରୋଗ୍ରୀଡ଼ ସ୍ଥାପନ କରିଛି । ଯେଉଁଥିରୁ ବର୍ତ୍ତମାନ ୧୬ଟି କାର୍ଯ୍ୟକ୍ଷମ ରହିଛି । ୨୦୨୪ ପ୍ରାରମ୍ଭ ସୁଦ୍ଧା ମୟୁରଭଞ୍ଜ କେନ୍ଦୁଝର ଜିଲ୍ଲାର ୨୩ଶହରୁ ଅଧିକ ପରିବାରକୁ ବିଦ୍ୟୁତ ପ୍ରଦାନ କରିଛି । ଅଭିନବ ପଦକ୍ଷେପ ମଧ୍ୟରେ ଉଠା ଜଳସେଚନ ପାଇଁ ଡ୍ରୋନ୍ ମିଟର ରିଡ଼ିଂ ଏବଂ ଅପହଞ୍ଚ ଫିଡରଗୁଡ଼ିକର ଥର୍ମାଲସ୍କାନିଂ ବ୍ୟବସ୍ଥା କରିଛି । ଡିଜିଟାଲ ପେମେଣ୍ଟ ଉପରେ ଟିପିଏନ୍‌ଓଡିଏଲ୍ ଗୁରୁତ୍ୱ ଦେଉଥିବା ବେଳେ କମ୍ପାନୀର ୩୦ ପ୍ରତିଶତ ଗ୍ରାହକ ଏବେ ଡିଜିଟାଲ ମାଧ୍ୟମରେ ବିଲ୍ ପୈଠ କରୁଛନ୍ତି । ଟିପିଏନ୍‌ଓଡିଏଲ୍ ଉତ୍ତରଓଡ଼ିଶାର ସମୃଦ୍ଧି ଓ ପ୍ରଗତିଦିଗରେ ଉଦ୍‌ଭାବନ, ବିକାଶ ଓ ଯୋଗଦାନ ଯାରି ରଖିଛି ବୋଲି ସିଇଓ ଦ୍ୱିଜଦାସ ବସାକ କହିଥିଲେ ।

ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ପାଳିତ ହେବ ଶ୍ରୀରାମ ନବମୀ ମହୋତ୍ସବ

ଭଦ୍ରକ,(ସବ୍ୟୁ):ଓଡ଼ିଶା ପ୍ରସିଦ୍ଧ ଭଦ୍ରକର ଶ୍ରୀରାମ ନବମୀ ମହୋତ୍ସବ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଶ୍ରୀରାମ ନବମୀ ମହୋତ୍ସବ ପାଳନ ନେଇ ଶ୍ରୀରାମ ମହାଯଜ୍ଞ ସମିତିର ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ଶ୍ରୀରାମ ନବମୀ ପାଳନ କମିଟିର ସମ୍ପାଦକ ଶରତ ଚନ୍ଦ୍ର ପଢ଼ିଆରୀ ବୈଠକରେ ସୂଚନା ପ୍ରଦାନ କରିଥିଲେ । ପ୍ରଦତ୍ତ ସୂଚନା ଅନୁଯାୟୀ ଏହି ଉତ୍ସବ ପାଳନ ଉପଲକ୍ଷେ ଗତ ମାର୍ଚ୍ଚ ୩୧ରେ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି । ଏପ୍ରିଲ ୯ରେ ରାଷ୍ଟ୍ରୀୟ ନବବର୍ଷ ପାଳନ, ଗୋପୂଜନ, ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏପ୍ରିଲ ୧୧ ରୁ ୧୭ ପର୍ଯ୍ୟନ୍ତ ସଂସ୍କୃତିକ କାର୍ଯ୍ୟକ୍ରମ, ୧୫ ଏପ୍ରିଲରେ କଳସ ଶୋଭାଯାତ୍ରା, ଏପ୍ରିଲ ୧୬ରେ ୧୦୮ ହନୁମାନ ଚାଳିସା ପାଠ, ଏପ୍ରିଲ ୧୭ରେ ୧୨ କିଲୋମିଟର ରାସ୍ତାରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ । ବିଭିନ୍ନ ମେଢ଼ ସହ ଏହି ନଗର ସଂକୀର୍ତ୍ତନ ନେହେରୁ ଷ୍ଟାଡ଼ିୟମ୍ ଓ ସଦାବର୍ତ୍ତ ମଠରୁ ବାହରି ନିର୍ଦ୍ଧାରିତ ମାର୍ଗ ଅତିକ୍ରମ କରି ଗାନ୍ଧୀ ପଡ଼ିଆରେ ପହଞ୍ଚିବ । ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଜାରୀ ହୋଇଥିବା ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ଶାନ୍ତି ଶୃଙ୍ଖଳାର ସହିତ ଭଦ୍ରକ ପ୍ରସିଦ୍ଧ ଶ୍ରୀରାମ ନବମୀ ମହୋତ୍ସବ ପାଳନ କରାଯିବା ନେଇ ବୈଠକରେ ଜିଲ୍ଲାପାଳ ଓ ଏସ୍.ପି. ଉପସ୍ଥିତ ମୁସଲିମ୍ ଜମାତ୍ ଓ ଶ୍ରୀରାମ ନବମୀ ପାଳନ କମିଟି ଉଭୟର ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗ କାମନା କରିଥିଲେ ଏବଂ ସମସ୍ତେ ଏଥିରେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ନେଇ କମିଟି ତରଫରୁ ଅବଗତ କରାଯାଇଥିବା ଶୋଭାଯାତ୍ରା ପାଇଁ ନିର୍ଦ୍ଧାରିତ ରାସ୍ତା ଘାଟ ମରାମତି, ଯଥେଷ୍ଟ ପାନୀୟ ଜଳ ଯୋଗାଣ, ମେଢ଼ଯାତ୍ରା ପାଇଁ ଗଛର ଡ଼ାଳ କଟାଯିବା, ଝୁଲି ପଡ଼ିଥିବା ବିଦ୍ୟୁତ୍ ତାର ସମସ୍ୟା ସମାଧାନ ସହ ଶୋଭାଯାତ୍ରା ସମୟରେ ବିଦ୍ୟୁତ କାଟ ନକରିବା, ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ପରିସ୍ରାଗାର ବ୍ୟବସ୍ଥା, କଳସ ବୁଡ଼ା ଘାଟ ଶୋଭାଯାତ୍ରା ପାଇଁ ରାସ୍ତା ଓ ଅନ୍ୟ ସଂପୃକ୍ତ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପୁରୁଣାବଜାର ଡ଼ାକ୍ତରଖାନାରେ ଡ଼ାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ରଖିବା, ସାମାଜିକ ଗଣମାଧ୍ୟମର ଦୁରୁପଯୋଗ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଦି କ୍ଷେତ୍ରରେ ଆଶୁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଜିଲ୍ଲାପାଳ ସମୀକ୍ଷା କରିବା ସହିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନ ନେଇ ବିଶେଷ କରି କଳସବୁଡ଼ା ଶୋଭାଯାତ୍ରା ଓ ନଗର ସଂକୀର୍ତ୍ତନ, ମେଢ଼ ଶୋଭାଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା ଉଦ୍ଦେଶ୍ୟରେ ସମୟ ଓ ଆଇନଗତ ଅନ୍ୟାନ୍ୟ ବିଧି ବିଧାନ ପାଳନ ପାଇଁ ଏସ୍.ପି.ଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଥିଲା । ନଗର ସଂକୀର୍ତ୍ତନରେ ସାମିଲ ହେବାକୁ ଥିବା ସମସ୍ତ ମେଢ଼ର ଶୋଭଯାତ୍ରା ନେହେରୁ ଷ୍ଟାଡ଼ିୟମ୍ ଓ ସଦାବର୍ତ୍ତ ମଠ ଦୁଇଟି ସ୍ଥାନରୁ ଆରମ୍ଭ ହେବା ପାଇଁ ନିଦ୍ଧାରଣ କରାଯାଇଛି । ନେହେରୁ ଷ୍ଟାଡ଼ିୟମ୍ ରୁ ଅପରାହ୍ନ ୪ଟାରେ ଶୋଭାଯାତ୍ରା ବାହାରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟକି ଗ୍ରାମାଞ୍ଚଳ ବା ସହରାଞ୍ଚଳରୁ ବାହରୁଥିବା ମେଢ଼ ସବୁ ନିଜ ନିଜ ବାହାରିବା ସ୍ଥାନରୁ ଶବ୍ଦ ବ୍ୟବସ୍ଥା ଆରମ୍ଭ ନକରି ସାମୂହିକ ଶୋଭାଯାତ୍ରା ଆରମ୍ଭ ସ୍ଥାନ ଷ୍ଟାଡ଼ିୟମ୍ ବା ସଦାବର୍ତ୍ତ ମଠରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ପ୍ରତି ମେଢ଼ ପାଇଁ ୧୦ଜଣ ଲେଖାଏଁ ଭଲ୍ୟୁଣ୍ଟିଅରଙ୍କ ଯୋଗାଯୋଗ ନମ୍ବର , ପରିଚୟ ପତ୍ର ପାଇଁ ଆବଶ୍ୟକ ତଥ୍ୟ ନାମ ଆଦି ଯଥେଷ୍ଟ ପୂର୍ବରୁ ପ୍ରଶାସନକୁ ପ୍ରଦାନ କରିବାକୁ କୁହାଯାଇଅଛି । ରାଜନୈତିକ ପତାକା, ବ୍ୟାନର ବ୍ୟବହାର ନିଷେଧ, ବଡ଼ ବଡ଼ ପତାକା ଧରି ଗାଡ଼ିରେ ଯାଆ ଆସ ବନ୍ଦ କରାଯିବା, ଶୋଭାଯାତ୍ରାରେ ଅବକାରୀ ବ୍ୟବହାର ନିଷେଧ, ବିଶେଷ କରି ଶବ୍ଦ ବ୍ୟବସ୍ଥାରେ ଭାଇବ୍ରେଟର ଆଦୌ ବ୍ୟାବହାର କରାନଯିବା ଆଦି ସମ୍ବନ୍ଧରେ ଏସ୍.ପି. ବୈଠକରେ ପ୍ରକାଶ କରିଥିଲେ । କଳସ ବୁଡ଼ା ଶୋଭାଯାତ୍ରାରେ ଅଂଶ ଗ୍ରହଣକାରୀ ସଂଖ୍ୟା ସିମୀତ ରଖିବା ସହିତ ଶୋଭାଯାତ୍ରରେ ପ୍ରତିମେଢ଼ ପାଇଁ ୫୦ଜଣ ଲେଖାଁଏ ଜନ ସମାବେଶ ମଧ୍ୟରେ ସିମୀତ ରଖିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ । ବିଦ୍ୟୁତ ତାର ତଥା ଅନ୍ୟାନ୍ୟ ନିରାପତ୍ତା ଦୃଷ୍ଟିରୁ ସୁଉଚ୍ଚ ମେଢ଼ ଗୁଡ଼ିକର ଉଚ୍ଚତା ଯଥା ସମ୍ଭବ ହ୍ରାସ କରିବା ଦିଗରେ କମିଟି ତରଫରୁ ସହଯୋଗ କରିବାକୁ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଥିଲା । ସି.ଟି.ଡ଼ି.ଏସ୍.ପି ଅଂଶୁମାନ ଦ୍ୱିବେଦୀ, ଡ଼ି.ଏସ୍.ପି. ଡ଼ି.ଆଇ.ବି. ପ୍ରଭାତ କୁମାର ବିଶ୍ୱାଳ ସଂପୃକ୍ତ ଥାନାଧିକାରୀ ଓ ବିଭାଗୀୟ ପ୍ରଶାସନିକ ଅଧିକାରୀ, ମୁସଲିମ୍ ଜମାତ ଓ ଶ୍ରୀରାମ ନବମୀ କମିଟି, ଶାନ୍ତି କମିଟି ର ସଦସ୍ୟ ଓ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

(ଶ୍ରୀମଭଗବଦ୍ ଗୀତା ୪/୪୧)
–କର୍ମ୍ମଯୋଗଃ–
(ଶ୍ରୀଭଗବାନୁବାଚ)
ଯୋଗସଂନ୍ୟସ୍ତକର୍ମ୍ମାଣଂ ଜ୍ଞାନସଂଚ୍ଛିନ୍ନସଂଶୟମ୍ ।
ଆତ୍ମବନ୍ତଂ ନ କର୍ମ୍ମାଣି ନିବଧ୍ନନ୍ତି ଧନଞ୍ଜୟ ।।୪୧।।
ହେ ଧନଞ୍ଜୟ ! ଯେ ଯୋଗଦ୍ୱାରା ପରମେଶ୍ୱରଙ୍କଠାରେ ସମସ୍ତ କର୍ମ ଅର୍ପଣ କରିଛନ୍ତି ଯେ ଜ୍ଞାନଦ୍ୱାରା ସମସ୍ତ ସଂଶୟ ଛିନ୍ନ କରିଛନ୍ତି, ଏହିପରି ଆତ୍ମବାନ ଅପ୍ରମତ୍ତ ବ୍ୟକ୍ତିଙ୍କୁ କର୍ମଫଳ ଆବଦ୍ଧ କରିପାରେ ନାହିଁ ।।୪୧।।

ସମ୍ଭାବ୍ୟ ମଧ୍ୟସ୍ଥି

ରୁଷିଆର ୟୁକ୍ରେନ ଆକ୍ରମଣର ଦୁଇ ବର୍ଷ ପରେ ମଧ ଉଭୟ ନିଜ ନିଜ ଜିଦ୍‌ରେ ଅଟଳ ଅଛନ୍ତି ଏବଂ ଯୁଦ୍ଧର ସମାପ୍ତି ନେଇ କୌଣସି ସୂଚନା ମିଳୁନାହିଁ, ବରଂ ବଢ଼ିବାରେ ଲାଗିଛି । ଗଣମାଧମରେ ପ୍ରକାଶିତ କେତେକ ରିପୋର୍ଟ ଅନୁସାରେ, ରୁଷିଆ ଅଧୀନକୁ ଚାଲିଯାଇଥିବା ୟୁକ୍ରେନ ଅଞ୍ଚଳ ମଧ୍ୟରୁ ଏବେ ୟୁକ୍ରେନ ୫୪ ପ୍ରତିଶତ ଅଞ୍ଚଳକୁ ଫେରାଇ ଆଣି ପାରିଛି ଏବଂ ଏବେବି ରୁଷିଆ ଦଖଲରେ ୟୁକ୍ରେନର କିଛି ଅଞ୍ଚଳ ରହିଛି । ଏହି ସମୟରେ, ରୁଷିଆ ୟୁକ୍ରେନ ସହରଗୁଡିକ ଉପରେ ବୋମା ମାଡ କରିବା ଏବଂ ଏହାର ବନ୍ଦରଗୁଡିକୁ ଅବରୋଧ କରିବା ଜାରି ରଖିଛି ଏବଂ ୟୁକ୍ରେନ ରୁଷିଆର ଜାହାଜ ଏବଂ ଭିତ୍ତିଭୂମି ଉପରେ ଡ୍ରୋନ୍ ଆକ୍ରମଣକୁ ତ୍ୱରାନ୍ୱିତ କରିଛି । ଏହି ଯୁଦ୍ଧର ଏତେଦିନ ଧରି ଚାଲିବା ଏବଂ ଉଭୟ ଦେଶର ଏତେ ପରିମାଣରେ କ୍ଷୟକ୍ଷତି ହେବାର କାରଣ ଅନେକ କିଛି ହେଇପାରେ । ଅତୀତର ତିକ୍ତତା ଏବଂ ରୁଷିଆର ବିସ୍ତାରବାଦୀ ନୀତି ଏହି ଯୁଦ୍ଧ ପାଇଁ ମୋଟାମୋଟି ଦାୟୀ ଥିବା ବେଳେ, ଯୁଦ୍ଧ ସମୟରେ ସପକ୍ଷରେ ଓ ବିପକ୍ଷରେ ଥିବା ଦେଶ ସମୂହଙ୍କ ଯୋଗୁଁ ଏହା ଏବେବି ଚାଲିଛି ଏବଂ ଧୀରେ ଧୀରେ ଏହାର ଭୟାଭୟତା ବଢି ଚାଲିଛି । ଜାନୁୟାରୀ ୨୦୨୨ ପରଠାରୁ, ୟୁକ୍ରେନ ପ୍ରାୟ ୨୭୮ ବିଲିୟନ ଡ଼ଲାର ସହାୟତା ପାଇଛି, ସେଥିମଧ୍ୟରୁ ଆମେରିକାର ୭୫ ବିଲିୟନ ଡଲାର, ଯଦିଓ ଆଉ ଅଧିକ ସାହାଯ୍ୟ ନେଇ ଆମେରିକାରେ ଦ୍ୱନ୍ଦ ଦେଖାଦେଇଛି । ଏସବୁ ଭିତରେ, ସବୁଠାରୁ ବଡ ଦୁଃଖର ବିଷୟ ହେଉଛି, ଯୁଦ୍ଧ ଏବଂ ଏୟାର ଷ୍ଟ୍ରାଇକ୍‌ରେ ୩୦ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି, ହଜାର ହଜାର ଲୋକ ଆହତ ହେଇଛନ୍ତି, ୩.୭ ନିୟୁତ ଲୋକ ନିଜ ଦେଶ ମଧ୍ୟରେ ବିସ୍ଥାପିତ ହୋଇଛନ୍ତି ଏବଂ ୬.୫ ନିୟୁତ ୟୁକ୍ରେନ ଛାଡି ପଳାଇଛନ୍ତି । ସେହିପରି ଦୁଇ ଦେଶର ହଜାର ହଜାର ସୈନ୍ୟ ଏବଂ ପ୍ରତିରକ୍ଷା କର୍ମୀଙ୍କର ମୃତ୍ୟୁ ହେଇଛି ଏବଂ ଅନେକ ଆହତ ମଧ ହେଇଛନ୍ତି । ଦୁଇ ଦେଶର ଧନସମ୍ପତ୍ତିର କ୍ଷୟକ୍ଷତି କଥା କହିଲେ ନ ସରେ । ଏ ପର୍ଯ୍ୟନ୍ତ ମଧ ବିଶ୍ୱ ନିରବଦ୍ରଷ୍ଟା ସାଜିଛି । ପାଶ୍ଚାତ୍ୟ ଦେଶ ସମୂହ ଏବଂ ନାଟୋ ଅନ୍ତର୍ଭୁକ୍ତ ଦେଶଗୁଡିକ ୟୁକ୍ରେନକୁ ସହାୟତା ଦେଇଚାଲିଥିବା ବେଳେ ଚୀନ୍, ଉତ୍ତର କୋରିଆ ପରି କେତେକ ଦେଶ ରୁଷିଆକୁ ସମର୍ଥନ ଦେଇ ଚାଲିଛନ୍ତି । ଏହି ଯୁଦ୍ଧର ସମାପ୍ତି କିପରି ହେବ ଏବଂ କେବେ ହେବ, ତାର କୌଣସି ଉତ୍ତର ନାହିଁ, କାରଣ କେହିବି ଶାନ୍ତି ପାଇଁ ମଧ୍ୟସ୍ଥତା କରୁନାହାନ୍ତି ବା ପ୍ରଚେଷ୍ଟା କରୁନାହାନ୍ତି । କିନ୍ତୁ ଖୁସିର କଥା, ଭାରତ ଏହାର ନିରପେକ୍ଷତା ବଜାଇ ରଖିଛି ଏବଂ କୌଣସି ପକ୍ଷକୁ ସମର୍ଥନ କରୁନାହିଁ । ବରଂ ସବୁବେଳେ କହିଆସିଛି, କୂଟନୈତିକ ସ୍ତରରେ ରୁଷିଆ–ୟୁକେନ ଯୁଦ୍ଧର ସମାଧାନ ହେବା ଆବଶ୍ୟକ । ତେଣୁ ଏହା ଦୃଢତାର ସହ କୁହାଯାଇପାରେ ଯେ' ଚାଲିଥିବା ରୁଷିଆ–ୟୁକ୍ରେନ ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠାକାରୀ ଭୂମିକା ଗ୍ରହଣ କରିବାକୁ ଭାରତର ଆବଶ୍ୟକ କୂଟନୈତିକ ସ୍ତରରେ ରହିଛି । ଉଭୟ ଦେଶ ସହିତ ନିକଟରେ ହେଇଥିବା ଭାରତର କଥାବାର୍ତ୍ତାରୁ ଏହା ସ୍ପଷ୍ଟ ହେଇଛି । ଏହି ଦୁଇ ଦେଶ ମଧ୍ୟରେ ଶାନ୍ତି ପାଇଁ ନୂଆଦିଲ୍ଲୀର ଭୂମିକାକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳୁଛି । ନିକଟରେ ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଡିମିତ୍ରୋ କୁଲେବାଙ୍କ ଭାରତ ଗସ୍ତ ଏହି ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ଦୁଇ ବର୍ଷ ପୂର୍ବେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ଏହା ଥିଲା ୟୁକ୍ରେନ ନେତାଙ୍କ ପ୍ରଥମ ଭାରତ ଗସ୍ତ । ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ମଧ୍ୟରେ ଏକ ଦୀର୍ଘ ଟେଲିଫୋନିକ୍ ବାର୍ତ୍ତାଳାପ ପରେ ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଭାରତ ଆସିବାର ଅର୍ଥ, ୟୁକ୍ରେନ ଭାରତକୁ ବିଶ୍ୱାସ କରେ ଏବଂ ଭାରତର ଯୁଦ୍ଧ ନେଇ ଆଭିମୁଖ୍ୟକୁ ଗ୍ରହଣ କରୁଛି । ସେହିଦିନ ପ୍ରଧାନମନ୍ତ୍ରୀ ମୋଦି ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥାବାର୍ତ୍ତା କରି ରୁଷ–ଭାରତ ମଧ୍ୟରେ ସମ୍ପର୍କର ନିବିଡତାକୁ ଦର୍ଶାଇଥିଲେ । ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପାଶ୍ଚାତ୍ୟ ଦେଶମାନେ ରୁଷିଆର ସାମଗ୍ରୀ ବର୍ଜନ କରିଥିବା ବେଳେ ଭାରତ ଏହା କିଣିବା ଆରମ୍ଭ କରି ଦେଇଥିଲା । ରୁଷିଆ ୟୁକ୍ରେନରେ ଯୁଦ୍ଧ ଆରମ୍ଭ କରିବା ପରଠାରୁ, ଭାରତ ପାଶ୍ଚାତ୍ୟ ଦେଶଗୁଡିକର ସମାଲୋଚନାର ସ୍ୱୀକାର ହେଇଛି ଏବଂ ନିରପେକ୍ଷ ରହି ମସ୍କୋର ଅପ୍ରାକୃତିକ ଆକ୍ରମଣକୁ ନିନ୍ଦା ନକରି ମସ୍କୋ ସହିତ ବାଣିଜ୍ୟ ଏବଂ ଶକ୍ତି ସମ୍ପର୍କ ବଜାୟ ରଖିଛି । ନିଜ ଦେଶର ସ୍ୱାର୍ଥ ପାଇଁ ଏହା ବାଧ । ଯେଉଁଥିପାଇଁ ଭାରତ ଆସିଥିବା ୟୁକ୍ରେନ ବୈଦେଶିକ ମନ୍ତ୍ରୀ କୁଲେବା ନିଜେ ୨୦୨୨ ମସିହାରେ ରୁଷ ତେଲ କିଣିବା ନେଇ ଭାରତକୁ ସମାଲୋଚନା କରିଥିଲେ । କିନ୍ତୁ ଏବେ ଭାରତ ଗସ୍ତ ଅବସରରେ ସେ କହିଛନ୍ତି ଯେ ୟୁକ୍ରେନ ରୁଷିଆ ସହିତ ଭାରତର ଆର୍ଥିକ ଯୋଗଦାନକୁ ବିରୋଧ କରୁନାହିଁ । କୁଲେବା ଆହୁରି ମଧ କହିଛନ୍ତି ଯେ' ୟୁକ୍ରେନ ଭାରତ ସହ ଏହାର ସମ୍ପର୍କକୁ ପୁନର୍ଗଠିତ କରିବାକୁ ଚାହୁଁଛି ଓ ରୁଷିଆ ସହିତ ଏହାର ସମ୍ପର୍କକୁ ପୁଣିଥରେ ମୂଲ୍ୟାଙ୍କନ କରିବା ପାଇଁ ସେ ଅନୁରୋଧ କରିଛନ୍ତି । ତେବେ ଭାରତର ରଣନୀତି ଅନୁସାରେ, ଏହା ଯୁଦ୍ଧ ଓ ବିବାଦ ପାଇଁ କୌଣସି ପକ୍ଷକୁ ଦାୟୀ କରେନାହିଁ ବରଂ ଚାହେଁ ସହଜ ସମାଧାନ । କଥାବାର୍ତ୍ତା ଓ କୂଟନୈତିକ ସ୍ତରରେ ଯେ କୌଣସି ବିବାଦର ସମାଧାନ ସମ୍ଭବ ବୋଲି ଭାରତ ବିଶ୍ୱାସ କରେ ଏବଂ ରୁଷିଆ–ୟୁକ୍ରେନ ବିବାଦରେ ଭାରତ ଏକ ସମ୍ଭାବ୍ୟ ମଧ୍ୟସ୍ଥି ହୋଇପାରେ ବୋଲି ଅନେକଙ୍କ ବିଶ୍ୱାସ ରହିଛି । ସ୍ୱିଜରଲ୍ୟାଣ୍ଡ ଦ୍ୱାରା ଆୟୋଜିତ ହେବାକୁ ଥିବା ଶାନ୍ତି ସମ୍ମିଳନୀରେ ଉଚ୍ଚସ୍ତରୀୟ ଭାରତୀୟ ଦଳ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ୟୁକ୍ରେନ ପ୍ରୟାସ କରିଛି । ଯଦିଓ ପ୍ରସ୍ତାବିତ ଶାନ୍ତି ବୈଠକ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛି ଓ ହେବାକୁ ଯାଉଛି କିନ୍ତୁ ଏହା ଏକ ସ୍ଥାୟୀ ସମାଧାନ ଖୋଜିବା ଏବଂ ଯୁଦ୍ଧକୁ ସମାପ୍ତ କରିବା ପାଇଁ ଏକ ଭଲ ପ୍ରାରମ୍ଭ ହୋଇପାରେ । ଭାରତ ପାଇଁ ୟୁକ୍ରେନ ଯୁଦ୍ଧ ଏକ କୂଟନୈତିକ ଆହ୍ୱାନ ସୃଷ୍ଟି କରିଛି କାରଣ ପାଶ୍ଚାତ୍ୟର ଚାପରେ ନ ପଡି ଏହାର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଏକ ନୂତନ ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ । ଆମେରିକା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢାଇବା ନେଇ ଭାରତ ପ୍ରୟାସ କରୁଛି ଓ କ୍ରମେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆସିଛି । ଅନ୍ୟପକ୍ଷରେ ସର୍ବକାଳୀନ ବନ୍ଧୁ ଭାବରେ ରୁଷିଆର ହାତ କେବେବି ନ ଛାଡିବା ନେଇ ଭାରତ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଛି । ଏପର୍ଯ୍ୟନ୍ତ ସମସ୍ତ ବିବାଦର ସମାଧାନ ତଥା ଶତ୍ରୁତାକୁ ତୁରନ୍ତ ସମାପ୍ତ କରିବା ପାଇଁ ଭାରତ କ୍ରମାଗତ ଭାବରେ ପ୍ରଚେଷ୍ଟା ଜାହିର ରଖିଛି । ପାଶ୍ଚାତ୍ୟ ଦେଶଗୁଡ଼ିକର ଚାପର ବଶବର୍ତ୍ତୀ ହେଇ ମଧ ଭାରତ ରୁଷରୁ ତେଲ କିଣିବା ଜାରି ରଖିଛି ଏବଂ S–୪୦୦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଯୋଗାଣ ମଧ ଜାରି ରହିଛି । ରୁଷର ଯନ୍ତ୍ରପାତି, ବିଶେଷକରି କ୍ଷେପଣାସ୍ତ୍ର ଏବଂ ଆଣବିକ ପ୍ରଯୁକ୍ତିବିଦ୍ୟା, ଭାରତର ପ୍ରତିରକ୍ଷାର ମୂଳଦୁଆ ସୃଷ୍ଟି କରୁଥିବାବେଳେ ପାଶ୍ଚାତ୍ୟ ଦେଶ, ବିଶେଷକରି ଆମେରିକା ସହ ଆର୍ଥିକ ସହଭାଗୀତା ଏବଂ ଚୀନ୍ ବିରୁଦ୍ଧରେ ଏହାର ସମର୍ଥନ ଭାରତର ଭବିଷ୍ୟତ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ଯୁଦ୍ଧକୁ ନେଇ ରୁଷିଆ ପାଶ୍ଚାତ୍ୟ କଟକଣା ପରେ, ଭାରତ ଏବଂ ଚୀନ୍ ସହିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ ବିକ୍ରୟ ଉପରେ ନିର୍ଭରଶୀଳ । ପ୍ରସ୍ତାବିତ ଶାନ୍ତି ବୈଠକର ସବୁଠାରୁ ବଡ ସମସ୍ୟା ହେଉଛି ଏହା ରୁଷିଆକୁ ବାଦ ଦେଇଛି । ଜେଲେନସ୍କିଙ୍କ ଶାନ୍ତି ଯୋଜନା ଅନୁସାରେ, ରୁଷିଆ ଅଧିକୃତ ସମସ୍ତ ୟୁକ୍ରେନ ଅଞ୍ଚଳ ୟୁକ୍ରେନକୁ ଫେରାଇ ଦେବା ପାଇଁ ୟୁକ୍ରେନ ଦାବି କରିବ ଯାହା ମସ୍କୋ ପାଇଁ ଗ୍ରହଣୀୟ ହେଇ ନ ପାରେ । ଏହି ସମ୍ମିଳନୀରେ ଅନ୍ୟ ଗ୍ଲୋବାଲ୍ ସାଉଥ୍ ଦେଶମାନେ ଯୋଗଦେବେ କି ନାହିଁ ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ନାହିଁ । ଅବଶ୍ୟ, ଭାରତର ଅଂଶଗ୍ରହଣ ନିଶ୍ଚିତ ମନେହୁଏ ଏବଂ ଦୀର୍ଘଦିନର ଯୁଦ୍ଧରେ ପରଦା ପକାଇବା ପାଇଁ ହୁଏତ ଏହା ଗୋଟିଏ ବଡ ପଦକ୍ଷେପ ହେଇପାରେ । ୟୁକ୍ରେନ ଯୁଦ୍ଧରେ ଭାରତ ଦୁଇ ଦେଶ ମଧ୍ୟରେ ସନ୍ତୁଳନ ବଜାଇ ରଖିବା ବେଶ କଷ୍ଟକର କାର୍ଯ୍ୟ । କିନ୍ତୁ ଭାରତ ସଫଳତାର ସହ ଏହା କରିଆସୁଛି ଏବଂ ଏହି ଦୃଷ୍ଟିରୁ ଆଶା କରିବା କଥା– ଉଭୟ ରୁଷିଆ ଏବଂ ପାଶ୍ଚାତ୍ୟର ବନ୍ଧୁ ଭାବରେ ଏହା ଏକ ମଧ୍ୟସ୍ଥି ଭାବରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଦୀର୍ଘ ଦିନର ଯୁଦ୍ଧକୁ ସମାପ୍ତ କରିବାରେ ସହାୟକ ହେବ ।

ସମ୍ପାଦକୀୟ

ଜଳବାୟୁ ପରିବର୍ତ୍ତନ ସମସ୍ୟା

ଅସିତ ମହାନ୍ତି

ସମଗ୍ର ବିଶ୍ୱ ଅବଗତ ଯେ, କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଲଦାଖରେ ୨୧ ଦିନ ଉପବାସରେ ଥିଲେ । ବାସ୍ତବରେ, ସେ ଲଦାଖର ପରିବେଶକୁ ବଞ୍ଚାଇବା ପାଇଁ ଏହି ସଂଗ୍ରାମ କରୁଛନ୍ତି, ବିଶେଷ କରି ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ କିନ୍ତୁ ଦୁଃଖର ବିଷୟ ହେଉଛି ଲଦାଖର ଲୋକମାନଙ୍କ ବ୍ୟତୀତ ସେମାନେ ଭାରତର ସାଧାରଣ ଜନତାଙ୍କ ସହାୟତା ପାଉନାହାନ୍ତି ।

ପ୍ରଶ୍ନ ହେଉଛି ସାଧାରଣ ଜନତାଙ୍କ ମଧ୍ୟରେ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଷୟରେ କୌଣସି ବିଶେଷ ଧ୍ୟାନ ଧାରଣା ନାହିଁ । କାରଣ ଏ ବିଷୟରେ ଚର୍ଚ୍ଚା ଅତ୍ୟନ୍ତ କମ୍ । ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ କଣ ,ଏହାର ପ୍ରଭାବ ସମ୍ପୂର୍ଣ୍ଣ ମାନବ ସମାଜ ଏବଂ ଜୀବଜଗତ ଉପରେ କଣ ରହିଛି , ଯଦି ଏ ବିଷୟରେ ଅନବରତ ଚର୍ଚ୍ଚା'ର ପରିବେଶ ସୃଷ୍ଟି କରାଯାଏ ତେବେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା । ବାସ୍ତବରେ ମାନବ ସଭ୍ୟତା ଏବଂ ସମ୍ପୂର୍ଣ୍ଣ ଜୀବ ଜଗତ ଧ୍ୱଂସ ଆଡକୁ ଗତି କରୁଛି । ମାନବ ପ୍ରକୃତି ଦତ୍ତ ପ୍ରତ୍ୟେକ ବସ୍ତୁ ଉପରେ ତାର ଶୋଷଣ ଜାରି ରଖିଛି । ଏହାର ଫଳଫଳ ଆମ ସମ୍ମୁଖରେ ଦୃଷ୍ଟିଗୋଚର ହେଉଛି । ତେଣୁ ଆମକୁ ଅବଗତ ହେବାକୁ ପଡିବ ଯେ ପରିବେଶକୁ କିପରି ଦୋହନ କରାଯାଉଛି ଏବଂ ଜଳବାୟୁ ପରିବର୍ତ୍ତନ କଣ ଏବଂ ଏହାର ପ୍ରଭାବ କିପରି ମାନବ ତଥା ଜୀବଜଗତ ଉପରେ ପଡୁଛି ।

ବର୍ତ୍ତମାନ ସମଗ୍ର ବିଶ୍ୱରେ ୮୦୦ କୋଟି ଲୋକ ଅଛନ୍ତ । ସେଥିମଧ୍ୟରୁ ୩୦୦ କୋଟି ଲୋକ ଅଛନ୍ତି ଯେଉଁମାନେ ବର୍ତ୍ତମାନ ଉପଯୁକ୍ତ ଖାଦ୍ୟ ପାଆନ୍ତି ନାହିଁ । ସେଠାରେ ୨୪୦ କୋଟି ଲୋକ ଅଛନ୍ତି ଯେଉଁମାନେ ଖାଦ୍ୟ ପାଇବାରେ ସକ୍ଷମ ହେବେ, କିଛି ନିଶ୍ଚିତ ନୁହେଁ, ଯଦି ପାଇବେ ତେବେ ଠିକ୍ ଅଛି, ଯଦି ନ ପାଆନ୍ତି ତେବେ ଠିକ୍ ଅଛି । ପ୍ରାୟ ୮୦–୯୦ କୋଟି ଲୋକ ଅଛନ୍ତି ଯେଉଁମାନେ ମୁଖ୍ୟତଃ ଭୋକିଲା ଶୋଇଥାନ୍ତି । ସମସ୍ତେ ଏହା ଜାଣନ୍ତି କି? ଜଳବାୟୁ ପରିବର୍ତ୍ତନ ହେତୁ , ଗହମ, ଚାଉଳ, ମକା, ସୋରିଷ ଏବଂ ମିଲେଟ ଭଳି ପ୍ରମୁଖ ଫସଲର ଉତ୍ପାଦନ ୧୫ରୁ ୨୫ ପ୍ରତିଶତ ହ୍ରାସ ପାଇବ ବୋଲି ଆଶା କରାଯାଉଛି, ଯାହାର ପ୍ରଭାବ କମ୍ କ୍ରୟ କ୍ଷମତା ଥିବା ଲୋକଙ୍କ ଉପରେ ପଡ଼ିବ । କାରଣ ଯେତେବେଳେ ଉତ୍ପାଦନ ହ୍ରାସ ହୁଏ, ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇବ, ତେବେ କିଏ କିଣିବାକୁ ସକ୍ଷମ ହେବେ ନାହିଁ ? ନିଶ୍ଚିତ ଭାବେ ଧନୀ ଲୋକଙ୍କର କୌଣସି ଅସୁବିଧା ନାହିଁ । ଭୋକିଲା ଶୋଇଥିବା ୮୦ –୯୦ କୋଟି ଲୋକଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଭାରତରେ ଅଛନ୍ତି ଏବଂ ଏହି ଲୋକମାନେ ଜାଣନ୍ତି ନାହିଁ ଜଳବାୟୁ ପରିବର୍ତ୍ତନ କ'ଣ ଏବଂ ଏହା କିପରି ସେମାନଙ୍କୁ ପ୍ରଭାବିତ କରୁଛି?

ଜମିରେ ଫସଲ ଉତ୍ପାଦନ ବନ୍ଦ ହେବାକୁ ଯାଉଛି । ଯେଉଁମାନଙ୍କ ପାଇଁ ଫସଲ ଉତ୍ପାଦନ ବନ୍ଦ ହେବ, ସେମାନଙ୍କ ପାଇଁ କୌଣସି ଅସୁବିଧା ନାହିଁ । ସେମାନେ ସେମାନଙ୍କର ଆୟର ମାତ୍ର ୧ କିମ୍ବା ୨ ପ୍ରତିଶତ ଖାଇବାରେ ଖର୍ଚ୍ଚ କରନ୍ତି ଯେତେବେଳେ ମୂଲ୍ୟ ବୃଦ୍ଧି ହେବ ସେମାନେ ୩ ପ୍ରତିଶତ ଖର୍ଚ୍ଚ କରିବେ । କିଏ ପ୍ରଭାବିତ ହେବ?

ଆମ ଦେଶରେ ଗରିବଙ୍କ ସଂଖ୍ୟା ପ୍ରାୟ ୮୦ କୋଟି । ଆମ ଜନସଂଖ୍ୟାର ଦୁଇ ତୃତୀୟାଂଶ ସଠିକ୍ ଖାଇବାକୁ ସମ୍ବଳ ନାହିଁ । ଜଳବାୟୁ ପରିବର୍ତ୍ତନର ଭାର ଏହି ୮୦ କୋଟି ଲୋକଙ୍କ ଉପରେ ପଡ଼ିବ । ଏହା କେହି ଅନୁଭବ କରୁନାହାନ୍ତି ଯେ ଏହି ଗରିବ ଲୋକଙ୍କ ପାଇଁ ଭବିଷ୍ୟତ କେତେ ଭୟଙ୍କର ? ଏହି ଭୟଙ୍କର ପରିସ୍ଥିତି ପ୍ରକୃତରେ ଅନେକ ସମସ୍ୟା ଦ୍ୱାରା ସୃଷ୍ଟି ହେଉଛି । ଦେଖନ୍ତୁ, ଫସଲ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ହୁଏ ଉଦାହରଣ ସ୍ୱରୂପ, ଯଦି ଛିଡା ହୋଇଥିବା ଫସଲ ଉପରେ ପାଣି ପଡେ ତେବେ କ'ଣ ହୁଏ ? ମଞ୍ଜି ବୁଣାଯିବା ଦିନରେ ଯଦି ବର୍ଷା ହୁଏ ତେବେ କଣ ହେବ? ଅର୍ଥାତ୍ ଯେତେବେଳେ ସମଗ୍ର ଜଳବାୟୁ ଢାଞ୍ଚା ବ୍ୟାହତ ହୁଏ, ତେବେ କେଉଁ ଫସଲ ହେବ ?

ଗତ ବର୍ଷ ୩୬୫ ଦିନ ମଧ୍ୟରୁ ୩୧୪ ଦିନ ଅତ୍ୟଧିକ ପାଣିପାଗ ଘଟଣା ଥିଲା । ଅତ୍ୟଧିକ ପାଣିପାଗର ଅର୍ଥ ହେଉଛି ତାପମାତ୍ରା ଏବଂ ବର୍ଷା ଏଥିରେ ଝଡ –ତୋଫାନ ମଧ ଅଛି । ଏହି ଦୁଇଟି ମଧ୍ୟରେ କୌଣସି ସନ୍ତୁଳନ ନାହିଁ ଏହା ହେଉଛି ଜଳବାୟୁ ପରିବର୍ତ୍ତନ । ଏହାର ଅର୍ଥ ଭୟଙ୍କର ବର୍ଷା କିମ୍ବା ଆଦୌ ବର୍ଷା ନାହିଁ – କିମ୍ବା ଭୟଙ୍କର ଗରମ ଏଥିରେ କଣ ଫସଲ ହେବ ? ବିଶ୍ୱରେ ୬୦ ମିଲିଅନ ପିଲା କୁପୋଷଣର ଶିକାର । ପୂରା ବିଶ୍ୱରେ ଭୋକରେ ରହୁଥିବା ଲୋକମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ଏହାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ଏହାପରେ ପାଣି ବିଷୟରେ ଚିନ୍ତା କରିବା । ପୂରା ବିଶ୍ୱର ୧୦୦ ଟି ସହର ଅଛି, ଯେଉଁଠାରେ ଅତ୍ୟନ୍ତ ଜଳର ଅଭାବ ହେବ ବର୍ତ୍ତମାନ ବୋଙ୍ଗଲୁରୁର ଜଳ ଅଭାବ ବିଷୟରେ ସମସ୍ତେ ଜାଣିଛନ୍ତି । ଏହି ୧୦୦ଟି ସହର ମଧ୍ୟରେ ୩୦ଟି ସହର ଭାରତରେ ଅଛି ଏବଂ ଏହି ୩୦ଟି ସହର ୨୦୫୦ ମସିହା ଭିତରେ ଅତ୍ୟନ୍ତ ଜଳାଭାବର ଶିକାର ହେବ । ଆମେ କେବଳ ଭୋକରେ ମରିବା ନାହିଁ, ଏହା ସହିତ ଶୋଷରେ ମଧ ମୃତ୍ୟୁ ମୁଖରେ ପଡ଼ିବା । ଏହି ପ୍ରଶ୍ନକୁ ନେଇ ଯଦି କେଉଁଠି ଆନ୍ଦୋଳନ ହେଉଛି, ଆମେ ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ଯେଉଁମାନେ ଧନୀ , ସେମାନେ ପାଣି ବୋତଲ ୧୦୦୦ ଟଙ୍କା ଦେଇ ମଧ କିଣି ପାରିବେ , କିନ୍ତୁ ଗରିବ ଜନତା (ଯାହାର ସଂଖ୍ୟା ୮୦ କୋଟି) ସେମାନଙ୍କର କଣ ହେବ ?

ଯେତେବେଳେ ଗ୍ଲେସିୟର ତରଳିଯାଏ, ଏହା ପ୍ରଥମେ ବିସ୍ତାର ହେବ ଏବଂ ତା'ପରେ ସମ୍ପୂର୍ଣ୍ଣ ଶୁଖିଯିବ । ଯେଉଁ ଲଦାଖ ବିଷୟରେ କୁହାଯାଉଛି, ତାହା ପ୍ରକୃତରେ ହିମାଳୟର ଏକ ଅଂଶ । ଭାରତର ଜନସଂଖ୍ୟାର ଅଧା ହିମାଳୟ ନଦୀ ଉପରେ ନିର୍ଭର କରେ (ସମଗ୍ର ଉତ୍ତର ଭାରତ) । ତେଣୁ ଯେଉଁ ବନ୍ୟା ଆସେ, ଏହା ପରେ କୌଣସି ନଦୀ ଦେଖାଯିବ ନାହିଁ । ଲଦାଖରେ ଗ୍ଲେସିୟର ତରଳିବା କାରଣରୁ ସେଠାରେ ଥିବା ହ୍ରଦ ଓ ପୋଖରୀଗୁଡ଼ିକ ବିପଦପୂର୍ଣ୍ଣ ସ୍ତରରେ ପରିପୂର୍ଣ୍ଣ ହେଲା । ଯେତେବେଳେ ସେମାନେ ଭରିଗଲେ, ସେମାନେ ଫାଟିଗଲେ ଏବଂ ଯେତେବେଳେ ସେମାନେ ଫାଟିଗଲେ, ସେମାନେ ନିମ୍ନରେ ଥିବା ସ୍ଥାନଗୁଡ଼ିକୁ ଜଳମଗ୍ନ କଲେ । ୨୦୧୪ ରେ ଲଦାଖ ଉପତ୍ୟକାରେ ଏପରି ଘଟଣା ଘଟିଥିଲା । ୱାଙ୍ଗଚୁକ୍ କହିଥିଲେ – ଜଳର ସାଇଫନିଙ୍ଗ କରିଦିଆଯାଉ । ତାହା ହୋଇ ନ ପାରିବା ଫଳରେ ନିମ୍ନ ସ୍ଥାନରେ ସବୁକିଛି ଧ୍ୱଂସ ହେଲା, ଫସଲ ନଷ୍ଟ ହେଲା , ନଦୀ ବନ୍ଧ ନଷ୍ଟ ହେଲା ଏବଂ ଅନେକ ଜୀବନ ମଧ ଗଲା । ଯେତେବେଳେ ସିକ୍କିମରେ ଏପ୍ରକାର ଘଟଣା ଘଟିଥିଲା , ସେତେବେଳେ ସୋନମ ୱାଙ୍ଗଚୁକଙ୍କୁ ଡକାଯାଇ କୁହାଯାଇଥିଲା ଯେ ସାଇଫନିଙ୍ଗ କରିଦିଅନ୍ତୁ, ଯାହାଫଳରେ ଜଳସ୍ତର କିଛି ପରିମାଣରେ କାମ ହୋଇଯାଉ ।

ହିମାଳୟକୁ ହିମନଦୀ ମଧ କୁହାଯାଏ । ଏଥିରେ କେତେ ପରିମାଣରେ ବରଫ ରହିଛି । ତାହାର କୌଣସି ସୀମା ନାହିଁ । ପୁରା ନଦୀରେ ଯେତିକି ପାଣି ଅଛି ,ତାଠାରୁ ବହୁତ ଅଧିକ ପାଣି ଏହି ଗ୍ଲେସିଅରରେ ଅଛି । ଯେତେବେଳେ ଏହା ତରଳିବ, କିଭଳି ଧ୍ୱଂସର ତାଣ୍ଡବ ଦେଖିବାକୁ ମିଳିବ ? ତୁଷାର ରଙ୍ଗ ଧଳା, ଯେତେବେଳେ ସୂର୍ଯ୍ୟକିରଣ ବରଫ ଉପରେ ପଡ଼େ, ବରଫ ଏହାକୁ ପୁନର୍ବାର ପ୍ରତିଫଳିତ କରେ କିନ୍ତୁ ବରଫ ତରଳିଯିବା ସହିତ (ଯାହା ତରଳି ଯାଇଛି), ବରଫ ତଳେ ଥିବା ମାଟି ଏବଂ ପଥରଗୁଡ଼ିକ ପ୍ରକାଶ ପାଇଥାଏ । ତଳେ ଥିବା ମାଟି ଏବଂ ପଥରଗୁଡ଼ିକ ସୂର୍ଯ୍ୟ କିରଣ ଗ୍ରହଣ କରେ । ଯେତେବେଳେ ସେମାନେ ଭିଜନ୍ତି, ସେମାନେ ଗରମ ହୁଅନ୍ତି, ବାକି ବରଫକୁ ଆହୁରି ତରଳାଇ ଦିଅନ୍ତି । ଏହିପରି ଭାବରେ ପର୍ବତ ସମ୍ପୂର୍ଣ୍ଣ ରୂପେ ଉଲ୍ଲୁକ୍ତ ହୁଏ ।

ଏହି ପ୍ରକ୍ରିୟା ଜାରି ରହିଛି ଏହି ନକାରାତ୍ମକ ଚକ୍ର ଜାରି ରହିଛି । ଯେତେବେଳେ ଏହି ବରଫ ତରଳିଯାଏ, ଜଳ ବାଷ୍ପରେ ପରିଣତ ହୁଏ ଅର୍ଥାତ୍ h2o , h2o ନିଜେ ଗୋଟିଏ ଗ୍ରୀନ ହାଉସ ଗ୍ୟାସ ଅଟେ । ଗ୍ରୀନ୍ ହାଉସ୍ ଗ୍ୟାସ୍ କେବଳ କାର୍ବନ ଡାଇଅକ୍ସାଇଡ୍ ନୁହେଁ । ଗ୍ରୀନ୍ ହାଉସ୍ ଗ୍ୟାସ୍ ମିଥେନ – n2o h2o, ଏଗୁଡ଼ିକ ସବୁଜ ଘର ଗ୍ୟାସ୍ ପୂର୍ବରୁ ସମୁଦ୍ରରେ କାର୍ବନ ସିଙ୍କସ ବୁଡି ରହୁଥିଲା , ଏବେ ମଧ ଅଛି ।

ବର୍ତ୍ତମାନ କାର୍ବନ ସିଙ୍କ ବଦଳରେ କାର୍ବନ ନିର୍ଗତକାରୀ ସୃଷ୍ଟି ହୋଇଛି । କାରଣ ଜଳ କାର୍ବନ ଡାଇଅକ୍ସାଇଡ୍ ଶୋଷିଥାଏ । କିନ୍ତୁ ସେମାନଙ୍କର ତାପମାତ୍ରା ଏତେ ବୃଦ୍ଧି ପାଇଛି ଯେ ବର୍ତ୍ତମାନ ସେମାନେ ଅଙ୍ଗାରକାମ୍ଳ ନିର୍ଗତ କରିବାରେ ଲାଗିଛନ୍ତି । ଏହାର ଅର୍ଥ ମହାସାଗର'ର ଏସିଡିଫିକେସନ ଯେତେବେଳେ ଏହି ଜଳ ଗ୍ଲେସିୟରରୁ ବାହାରି ସମୁଦ୍ରକୁ ଭେଟିଥାଏ, ସେତେବେଳେ ଫଳସ୍ୱରୂପ ସମୁଦ୍ର ପତ୍ତନ ବୃଦ୍ଧି ପାଇବ । ତେବେ ଭାବନ୍ତୁ, ମୁମ୍ବାଇ ଭଳି ସହର ରକ୍ଷା ପାଇବା କି ?

ସୁଜନପୁର , ଯାଜପୁର
ମୋ–୯୩୪୭୬୮୮୧୨

କାଳଜୟୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାଶ

ହିମାଂଶୁ ଶେଖର ଆଚାର୍ଯ୍ୟ

ସବୁ ମଣିଷର ଜନ୍ମ ଏକପ୍ରକାର। ଅସାଧାରଣ କର୍ମ ହିଁ ଜଣକୁ କାଳଜୟୀ କରିଥାଏ । ସେହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ ଶିକ୍ଷକ ନେତା ଅର୍ଜୁନ ଚରଣ ଦାସ । ସାଧାରଣ ଶିକ୍ଷକଭାବେ କର୍ମମୟୀ ଜୀବନ ଆରମ୍ଭ କରି ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ପଦ ମଣ୍ଡନ କରିପାରିଥିଲେ । ଜନ୍ମ ନେଇଥିଲେ ୧୯୩୦ ମସିହା ଏପ୍ରିଲ ମାସ ୩ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗ୍ରାମରେ । ୨୦୧୩ ମସିହା ଏପ୍ରିଲ୍ ମାସ ୫ ତାରିଖରେ ତାଙ୍କର ଦେହାବସାନ ଘଟିଲା । ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହୋଇଗଲା । ଶିକ୍ଷକ ମହାସଂଘ ପରିବାରର ସେ ଥିଲେ ଜ୍ୟେଷ୍ଠ, ମୁରବୀ ଓ ମହାସାରଥୀ । – ଯେଉଁ ଯୁଗ ଥିଲା ଦାବି ହାସଲ ପାଇଁ ବେସାଲିସ୍ ସଂଗ୍ରାମର ତଥା ନିର୍ବିବାଦୀୟ ନିଷ୍ଠାର ଓ ସଂଗଠନ ପ୍ରତି ଅବିଚଳିତ ଆନୁଗତ୍ୟର ଯୁଗ ।

ଅର୍ଜୁନ ଦାଶଙ୍କ ପିତାଙ୍କ ନାମ ଥିଲା ଗୁଣନିଧି ଦାଶ ଓ ମାତାଙ୍କ ନାମ ଥିଲା ମାଗୁଣି ଦେବୀ । ବାଲ୍ୟକାଳରୁ ଲେଖାଲେଖି ପ୍ରତି ତାଙ୍କର ଗଭୀର ଆସକ୍ତି ଥିଲା । ଥରେ ସେ କୌଣସି ଲେଖା ଲେଖି ବସିଲେ ତାହା ନସରିବା ପର୍ଯ୍ୟନ୍ତ ସେଠାରୁ ଉଠୁ ନଥିଲେ । ଏହି ଅଭ୍ୟାସ ଓ ପ୍ରଚେଷ୍ଟା ହିଁ ତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସ୍ୱନାମଧନ୍ୟ ଲେଖକ ହେବାରେ ସହାୟକ ହୋଇଥିଲା । ଯାହାର ଫଳସ୍ୱରୂପ ସେ ଅନେକଗୁଡିଏ ନାଟକ ରଚନା କରି ନିଜକୁ ଜଣେ ସଫଳ ନାଟ୍ୟକାର ରୂପେ ପ୍ରତିଷ୍ଠିତ କରିପାରିଥିଲେ । ଅର୍ଜୁନ ଚରଣ ଦାଶ ଏକାଧାରରେ ଥିଲେ ଜଣେ ସ୍ୱନାମଧନ୍ୟ ଶିକ୍ଷକ, ଉଚ୍ଚକୋଟୀର ବାଗ୍ମୀ, ଦକ୍ଷ ସଂଗଠକ ତଥା ରାଜ୍ୟର ଜଣେ ଅଦ୍ୱିତୀୟ ଶିକ୍ଷକନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡିନଥିଲେ । ଶିକ୍ଷକମାନଙ୍କର ଜୀବନ ଜୀବିକା ସମସ୍ୟାର ସମାଧାନ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା ।

ଥରେ ସେ ଯାହା ଚିନ୍ତା କରୁଥିଲେ ତାହା କାମରେ କରି ଦେଖାଉଥିଲେ,ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ ହେଉ, ଓଡିଶାରେ ଶିକ୍ଷାର ବିକାଶ ହେଉ ଏହାହିଁ ଥିଲା ତାଙ୍କର ଅନବରତ ଚିନ୍ତା । ଏଥିପାଇଁ ସେ ନିଜ ଜୀବନକୁ ଶିକ୍ଷକ ସମାଜର ଉନ୍ନତି ନିମନ୍ତେ ଉତ୍ସର୍ଗ କରିଥିଲେ । ସଂଗଠନ କ୍ଷେତ୍ରରେ ଅର୍ଜୁନ ଚରଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତିର୍ତ୍ତୋଲ ବ୍ଲକର ସମ୍ପାଦକ,ଜିଲ୍ଲା ସମ୍ପାଦକ ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ଆଉ ତାପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ ।

ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକସଂଘ ଉପ–ସଭାପତି ଓ ୧୯୯୦ରୁ ୧୯୯୮ପର୍ଯ୍ୟନ୍ତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ କାର୍ଯ୍ୟକରି ସେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷକ ସଂଗଠନକୁ ଶକ୍ତିଶାଳୀ କରିବା ସହ ଶିକ୍ଷକ,ଅଧାପକ ଓ କର୍ମଚାରୀମାନଙ୍କର ଅନୁଦାନ ଓ ଚାକିରି ସର୍ତ୍ତାବଳୀ ପ୍ରମୁଖ ସମସ୍ୟା ସମାଧନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ଶିକ୍ଷକ ଗୌରବ ସ୍ୱର୍ଗତ ବନମାଳୀ ବ୍ରହ୍ମଚାରୀ, ସ୍ୱର୍ଗତ କୈଳାସ ମହାପାତ୍ର, ପ୍ରଫେସର ଅବନୀ ବରାଳ, ପ୍ରଫେସର ଭଗବାନ ଜେନା ଓ ଆହୁରି ଅନେକ ଶିକ୍ଷକ ନେତାଙ୍କ ସହ ସାମିଲ ହୋଇ ଶିକ୍ଷକମାନଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ, ପ୍ରତ୍ୟକ୍ଷ ଅନୁଦାନ ସୁବିଧା, ପେନ୍‌ସନ୍ ପ୍ରଦାନ, ଅଧାପକମାନଙ୍କୁ ୟୁ.ଜି.ସି ବେତନ ପ୍ରଦାନ ଆଦି ସୁବିଧା–ସୁଯୋଗ ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଏକଥା ଯେ କେହି ମୁକ୍ତ କଣ୍ଠରେ ସ୍ୱୀକାର କରିବେ ।

ଜଣେ ସଫଳ,ଦକ୍ଷ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅର୍ଜୁନ ଦାଶଙ୍କର ନିଆରା ପରିଚୟ ଥିଲା । ପ୍ରଥମେ ଭୁବନେଶ୍ୱର ଚନ୍ଦକା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସେ । ପରେ କସର୍ଦ୍ଦାର କୁଳଶ୍ରୀ ମାଇନର ସ୍କୁଲ ଏବଂ ତାପରେ ନିଜ ଗାଁ ଗୋପାଳପୁରରେ ଥିବା ବଟମଙ୍ଗଳା ବିଦ୍ୟାପୀଠର ମଙ୍ଗଧରି ୧୯୮୮ରେ ଅବସର ନେବା ପର୍ଯ୍ୟନ୍ତ ଜଣେ କୃତୀ ଶିକ୍ଷକ ଭାବେ ସେ ଯେଉଁ ଛାପ ଛାଡିଯାଇଛନ୍ତି ତାହା ଏବେବି ଅନେକଙ୍କ ପାଇଁ ଉଦାହରଣ ହୋଇ ରହିବ । ବାସ୍ତବରେ ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । କୁନି କୁନି ପିଲାମାନଙ୍କୁ କୋଳେଇ ନେଇ,ତାଙ୍କ ମନକୁ ମନେଇ, ପାଠ ପଢେଇବାର ଭିନ୍ନ ଭିନ୍ନ କୌଶଳ ଆପଣେଇବାରେ ସେ ବେଶ୍ ସିଦ୍ଧହସ୍ତ ଥିଲେ ।

ତାଙ୍କ ହାତଗଢା ଅନେକ ବିଦ୍ୟାର୍ଥୀ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରିପାରିଛନ୍ତି ଏକଥା ସର୍ବଜନବିଦିତ । ଏଥି ସହିତ ଏ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନକୁ ଭୁଲି ହେବନାହିଁ । ଏବେବି ସଅଁରା ହାଇସ୍କୁଲ, ବଟମଙ୍ଗଳା ହାଇସ୍କୁଲ ମୂକସାକ୍ଷୀ ରୂପେ ତାଙ୍କର ଗୁଣଗାନ କରି ଦଣ୍ଡାୟମାନ ।

ଜଣେ ସୁବକ୍ତା ଭାବରେ ସମଗ୍ର ରାଜ୍ୟରେ ବେଶ୍ ଜଣାଶୁଣା ଥିଲେ ଅର୍ଜୁନ ଦାଶ। ଅନ୍ୟ ବକ୍ତାମାନଙ୍କ ପରି ସେ ଆଳଙ୍କରିକ ଶବ୍ଦ ସମୂହ ବ୍ୟବହାର କରୁନଥିଲେ। ଖୁବ ଛୋଟ ଛୋଟ ଶବ୍ଦ, ଗାଉଁଲି ଲୋକକଥା, ନିତିଦିନିଆ ଘଟଣା ଓ ଅନୁଭୂତିକୁ ନେଇ ସେ ଯେଉଁ ବକ୍ତବ୍ୟ ରଖୁଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁପାରୁଥିଲା । ସବୁ ସେହି ଗାତର ଦୋଷ, ସଭାରେ ସଭାପତି କିଏ? ବା–ପା ପ୍ରସଙ୍ଗ ତାଙ୍କ ଭାଷଣରେ ଯେତିକି ରୋଚକ ହୋଇଥାଏ, ଶିକ୍ଷକ ଅଧ୍ୟାପକମାନଙ୍କୁ ଆନ୍ଦୋଳନ ପାଇଁ ସେତିକି ପ୍ରେରଣା ଦେଇଥାଏ । ଖାଲି ସେତିକି ନୁହେଁ, ତାଙ୍କ ଭାଷଣ କଟାକ୍ଷ ଓ ଶାଣିତ ଥିଲା । ଏହାହିଁ ଥିଲା ଏହି ଦୃଢମନା ଶିକ୍ଷକ ନେତାଙ୍କର ବିଶେଷତ୍ୱ। ଆଜିର ଦୁନିଆରେ ଅର୍ଜୁନ ଦାଶଙ୍କପରି ଶିକ୍ଷକ ନେତା ବିରଳ ବା କ୍ୱଚିତ ।

ଜଗତସିଂହପୁର
ମୋ– ୯୯୩୭୧୫୧୦୫୨

ଅମୃତବାଣୀ

ଢାଳେ ପାଣି

ସମ୍ମୁଖରେ ସଗର୍ବେ ଠିଆ ହୋଇଥାନ୍ତି ବିଶ୍ୱବିଜୟୀ ସମ୍ରାଟ. ହେଲେ ସାଧୁଙ୍କ ପାଇଁ ସତେ ଯେମିତି ସେ ଜଣେ ସାଧାରଣ ମଣିଷ. ନା' କୌଣସି ବିଶେଷ ଅଭିବାଦନ, ନା' ମୁଖମୁଣ୍ଡଳରେ କୃତଜ୍ଞତାର ଭାବ । ଏହି ଧୃଷ୍ଟତା ଏତେ ସମୟ ଧରି ବରଦାସ୍ତ କରିବା ସମ୍ରାଟଙ୍କ ପାଇଁ ଅସହ୍ୟ ହେଉଥାଏ । ରାଗ ତମତମ ହୋଇ ପ୍ରଶ୍ନ କଲେ... ତୁମେ ମୋ ଶକ୍ତି ଓ ସାମର୍ଥ୍ୟ ବିଷୟରେ ଅବଗତ ଅଛ ନା' ନାହିଁ ?

ମୋ ପାଖରେ ଏତେ ଧନ ସମ୍ପତ୍ତି ଅଛି ଯେ, ମୁଁ ସଂସାରର ସବୁକିଛି ଏକାକୀ କିଣି ପାରିବି । ଯାହାକୁ ଚାହିଁବି କ୍ଷଣକେ ତା ପ୍ରାଣ ହରଣ କରିପାରିବି ଇତ୍ୟାଦି ଇତ୍ୟାଦି । ସାଧୁ ଏସବୁ ଶୁଣି ସାମାନ୍ୟ ହସିଲେ ଏବଂ ଆଦରର ସହ ଆସନରେ ବସିବାପାଇଁ ଅନୁରୋଧ କଲେ । ପାଖରେ ଥୁଆ ହୋଇଥିବା ନିଜର ପାଣି ଢାଳ ଆଡକୁ ସାମାନ୍ୟ ଦୃଷ୍ଟି ପକାଇ ରାଜାଙ୍କୁ କହିଲେ... ଧରିନିଅନ୍ତୁ ଆପଣ ସାହାରା ମରୁଭୂମିରେ ପଥଭ୍ରଷ୍ଟ ହୋଇ ଅନେକ ସମୟ ଧରି ବୁନ୍ଦାଏ ପାଣି ନପାଇ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ସେହି ସମୟରେ ମୁଁ ଏହି ଢାଳ'କ ପାଣି ଦେଲେ ତା'ବଦଳରେ ଆପଣ ମୋତେ କଣ ଦେଇପାରିବେ ? ଜୀବନ ମରଣ ପରିସ୍ଥିତି ହୋଇଥିବାରୁ ରାଜା ନିଜର ଅଧା ରାଜ୍ୟ ଦେବାପାଇଁ କହିଲେ । ସାଧୁ ପ୍ରଶ୍ନ କଲେ, ମୁଁ ଯଦି ସେ ପ୍ରସ୍ତାବରେ ରାଜି ନହୋଇ, ପାଣି ବଦଳରେ ତୁମର ସମ୍ପୂର୍ଣ୍ଣ ରାଜ୍ୟ, ସମସ୍ତ ଧନ ସମ୍ପତ୍ତି ଦାବିକରେ ଏବଂ ତା'ସହ ଆପଣଙ୍କୁ ମୋର କ୍ରୀତଦାସ ହୋଇ ଅବଶିଷ୍ଟ ଜୀବନ ବଞ୍ଚିବାକୁ ପଡ଼ିବ ବୋଲି ସର୍ତ୍ତ ରଖେ ?



ଜୀବନ ବଞ୍ଚାଇବାକୁ ସବୁ ସର୍ତ୍ତ ମାନିବାକୁ ପଡ଼ିବ ବୋଲି ଉତ୍ତର ଦେଲେ କିଂକର୍ତ୍ତବ୍ୟ ବିମୁଢ଼ ରାଜା । ଯେଉଁ ଅପାର ସମ୍ପତ୍ତି ପାଇଁ ମନରେ ଏତେ ଗର୍ବ ଅହଂକାର ଥିଲା ତାହା ପରିସ୍ଥିତି ପଡ଼ିଲେ ଢାଳେ ପାଣି କିଣିବା ପାଇଁ ନିଅଣ୍ଟ ପଡ଼ିବ ବୋଲି ସମ୍ରାଟ ବୁଝିପାରିଲେ । ନିଜର ଅର୍ଥ ଓ ବାହୁବଳ ବଳରେ ଦୁନିଆକୁ ମୁଠିରେ ରଖିବାର ସାମର୍ଥ୍ୟ ରହିଛି ବୋଲି ଭାବ କେବଳ ନିଜର ଅଜ୍ଞତାରୁ ଆସେ । ଅନେକ ଦିବ୍ୟଶକ୍ତି ଅଧିକାରୀ ତଥା ସ୍ୱର୍ଣ୍ଣ ଲଙ୍କା ଅଧିପତି ତ୍ରିଭୁବନ ବିଜୟୀ ରାବଣ, ଆତ୍ମୀୟ ସ୍ୱଜନ ଏବଂ ନିଜ ମୃତ୍ୟୁକୁ ରୋକି ପାରିନଥିଲେ. ମଣିଷର ପାରିବା ପଣିଆ କେବଳ ଯେ' 'ବା କୁ ବତା' ତାହାର ଅନେକ ଉଦାହରଣ ଆମେ ଇତିହାସ ପୃଷ୍ଠା ତଥା ବର୍ତ୍ତମାନ ସମାଜରୁ ପାଇପାରିବା । ସର୍ବଶକ୍ତିମାନ ଈଶ୍ୱର ହିଁ ସମସ୍ତ ସମ୍ପଦର ଅଧିକାରୀ ଏବଂ ସର୍ବ ସମର୍ଥ । ମନୁଷ୍ୟ ମିଥ୍ୟା ଅହଂକାର ତ୍ୟାଗ କରି ଭଗବଦ ଶରଣାପନ୍ନ ହେବା ଉଚିତ ।

ଡକ୍ଟର ତପନ କୁମାର ଦାଶ
ପିପିଲି, ପୁରୀ
ମୋ–୯୪୩୯୮୭୦୫୧୬

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଦୁଇଦିନ...

ପିକ ସମୟ(ଦିନ ୧୧ଟାରୁ ଅପରାହ୍ନ ୩ଟା ଯାଏଁ) ୫୦-୭୦% ଆର୍ଦ୍ରତା ରହୁଥିବା ବେଳେ ଏହି ସମୟରେ ଆଭ୍ୟନ୍ତରୀଣରେ ୩୦-୫୦% ଆର୍ଦ୍ରତା ରେକର୍ଡ ହୋଇଛି । ସେହିପରି ଆଗାମୀ ଦୁଇଦିନ ଉପକୂଳରେ ଦିନରେ ସର୍ବୋଚ୍ଚ ତାପମାତ୍ରା ୩୬°-୩୮° ଓ ଆଭ୍ୟନ୍ତରୀଣରେ ୩୯°-୪୧° ତାପମାତ୍ରା ରେକର୍ଡ ହୋଇପାରେ । ରାତିରେ ଉପକୂଳ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୩୬°-୩୮° ଡିଗ୍ରୀ ରହିବା ସହିତ ଆଭ୍ୟନ୍ତରୀଣରେ ୩୯°-୪୧° ତାପମାତ୍ରା ରେକର୍ଡ ହୋଇପାରେ । ତେଣୁ ଦିନ ଓ ରାତି ଉଭୟ ସମୟରେ ପ୍ରଚଣ୍ଡ ଗରମ ଅନୁଭୂତ ହେବ ।

ଆସନ୍ତାକାଲି (ଶୁକ୍ରବାର) ବଲାଙ୍ଗୀର, ବୌଦ୍ଧ, ଅନୁଗୁଳ, ମାଲକାନଗିରି, ନୟାଗଡ଼, କେନ୍ଦୁଝର ଜିଲ୍ଲାରେ ହିଟ ୱେଭ୍(ଗ୍ରୀଷ୍ମ ପ୍ରବାହ) ଜାରି ହେବାର ସମ୍ଭାବନା ରହିଛି । ସେହିପରି ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ ଓ ଭଦ୍ରକ ଜିଲ୍ଲାରେ ରାତିରେ ପ୍ରବଳ ଗୁଳୁଗୁଳି ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଶନିବାର କେନ୍ଦୁଝର, ଅନୁଗୋଳ, ନୟାଗଡ଼, ବୌଦ୍ଧ, ବଲାଙ୍ଗିର ଓ ମାଲକାନଗିରି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ସେହିପରି ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଭଦ୍ରକ ଜିଲ୍ଲାରେ ରାତିରେ ପ୍ରବଳ ଗୁଳୁଗୁଳି ହେବା ସମ୍ଭାବନା ରହିଛି । ଏହାଛଡ଼ା ବରଗଡ଼, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼,ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ସହ ଘଡଘଡ଼ି ହେବାର ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ରବିବାର ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ । ରାଜ୍ୟରେ କେତେକ ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବର୍ଷା ସହ ବଜ୍ରପାତ ଏବଂ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛ । ଏହି ସବୁ ଜିଲ୍ଲା ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ସୋମବାର ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ସ୍ଥାନରେ ବର୍ଷା ସହ ବଜ୍ରପାତ ଏବଂ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲା ଘଣ୍ଟା ପ୍ରତି ୪୦ରୁ ୫୦କିମି ବେଗରେ ପବନ ବୋହିପାରେଛ ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛ । ବର୍ଷା ଯୋଗୁ ତାତିରୁ ତାତିରୁ ଆଶ୍ୱସ୍ତି ମିଳିବ । ଦିନରେ ତାତି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିବାର ରହିଛ । ସେହିପରି ରାତିରେ ତାପମାତ୍ର ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି।

ଅଗ୍ନି...

ଭାରତ ଡାଇନାମିକ୍ସ ଲିମିଟେଡ ଦ୍ୱାରା ନିର୍ମିତ ହୋଇଛି । ଏହି ପରୀକ୍ଷଣ ସମୟରେ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା ଘାଟିର ବହୁ ବୈଜ୍ଞାନିକ ଏବଂ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ । ପରୀକ୍ଷା ହୋଇଥିବା ଅଗ୍ନିପ୍ରାଇମ କ୍ଷେପଣାସ୍ତ୍ରଟି ନିର୍ଦ୍ଧାରିତ ସମୟରେ ୯୩୦ କି.ମି. ଦୂରତା ଅତିକ୍ରମ କରିଥିବା ଜଣାପଡ଼ିଛି ।

ଗଣତନ୍ତ୍ର...

ଯେ ରାଜନୀତି କଥା ନୁହେଁ ଆମେ ଆଇନ୍ କଥା କହୁଛୁ । ଏବେ ଭୋଟ୍ ପୂର୍ବରୁ ଆପ୍‌କୁ ଧ୍ୱଂସ କରିବା ପାଇଁ ଯୋଜନା ଚାଲିଛି । କେଜରିୱାଲ ହେଉଛନ୍ତି ଆପ୍‌ର ଏକ ବଡ ଚେହେରା ଓ ତାଙ୍କ ସଭାକୁ ଲୋକମାନେ ଟାଣି ହୋଇ ଆସନ୍ତି । ଏହା ଶୁଣିବା ପରେ ହାଇକୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଥିଲେ । କେରଜିୱାଲ ଏବେ ତିହାର ଜେଲ୍‌ରେ ଅଛନ୍ତି ।

ଗ୍ରୀଷ୍ମ...

ଉଦ୍‌ବେଗ ପ୍ରକାଶ କରାଯିବା ସହ କିଭଳି ଲୋକମାନଙ୍କୁ ସୁରକ୍ଷିତ କରିବା ପାଇଁ ଆଗୁଆ ପଦକ୍ଷେପ ନିଆଯାଇପାରିବ ସେଥିପାଇଁ ନିଷ୍ପତ୍ତି ନିଆଯାଇଛି ।

ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ଉଲ୍ଲେଖ କରାଯାଇଛି ଯେ ତାପମାତ୍ରା ଜନିତ ଅସୁସ୍ଥତା ଲାଗି ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି । ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା । କେଉଁଭଳି ଭାବରେ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ ଓ ଗ୍ରୀଷ୍ମ ପ୍ରବାହକୁ ଭଲ ଭାବରେ ପରିଚାଳନା କରିବା ପାଇଁ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଠିକ୍ ସମୟରେ ଓ ଆଗୁଆ ପ୍ରସ୍ତୁତି ଓ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଶେଷକରି ସିଧାସଳଖ ସୂର୍ଯ୍ୟ କିରଣରୁ ବଞ୍ଚିବା, ହାଇଡ୍ରେଡ୍ ରହିବା, ଶରୀରକୁ ଘୋଡାଇ ରଖିବା, ମଧ୍ୟାହ୍ନ ୧୨ ଟାରୁ ୪ଟା ଯାଏ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି । ସେହିଭଳି ୧୨ ଟାରୁ ୪ଟା ଭିତରେ ଘରୁ ନବାହାରିବା, ଖରା ସମୟରେ କୌଣସି କାର୍ଯ୍ୟ ନକରିବା, ଛୋଟ ପିଲାଙ୍କୁ ବାହାରକୁ ନଛାଡିବା, ରହିଥିବା ଗାଡିରେ ପିଲାଙ୍କୁ ନରଖିବା, ଆଲ୍‌କହଲ, ଚାହା, କଫି ଆଦି ସେବନ ନକରିବା, ଖାଲିପାଦରେ ନଚାଲିବା ପାଇଁ ପରାମର୍ଶ ଦିଆଯାଇଛି । ସେହିଭଳି ଘରକୁ ଥଣ୍ଡା ରଖିବା ସହ ଓ ରାତିରେ ଝରକା ଖୋଲା ରଖିବା ଲାଗି ପରାମର୍ଶ ଦିଆଯାଇଛି । ଦିନ ସମୟରେ ତଳ ମହଲାରେ ରହିବା ସହ ଫ୍ୟାନ୍ ଓ ଓଦା ଲୁଗା ଘୋଡିହୋଇ ଶରୀରକୁ ଥଣ୍ଡା ରଖିବା ଲାଗି ପରାମର୍ଶ ଦିଆଯାଇଛି ।

ସିଇଓଙ୍କୁ ବିଜେଡିର ଫେରାଦ

ସାମାଜିକ କର୍ମୀଙ୍କୁ ବିଜେପି ନେତାଙ୍କ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୪।୪ (ସବ୍ୟୁ) : ବିଜେପି ନେତାଙ୍କ ଦ୍ୱାରା ଜଣେ ସୋସିଆଲମିଡିଆ କର୍ମୀଙ୍କୁ ମରଣାତ୍ମକ ଆକ୍ରମଣ ନେଇ ବିଜେଡି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁଯାୟୀ ଚାନ୍ଦବାଲି ବ୍ଲକ୍‌ର ଖେରେଙ୍ଗା ପଞ୍ଚାୟତର ମହେନ୍ଦ୍ର ପାତ୍ରଙ୍କୁ ବିଜେପିର ରାଜ୍ୟସ୍ତରୀୟ ନେତା ଅଭୟ ବଳ ମରଣାତ୍ମକ ଆକ୍ରମଣ କରିଛନ୍ତି । ଶ୍ରୀ ବଳ ହେଉଛନ୍ତି ନଳଗୁଣ୍ଡା ପଞ୍ଚାୟତର ସମିତିସଭ୍ୟ । ଶ୍ରୀ ପାତ୍ର ହେଉଛନ୍ତି ଜଣେ ସୋସିଆଲ ମିଡିଆ କର୍ମୀ । ସେ ସବୁବେଳେ ବିଜେଡି ଓ ବିଜେଡି ସରକାରଙ୍କର ବିଭିନ୍ନ କାର୍ଯ୍ୟ

ସମ୍ପର୍କରେ ପୋଷ୍ଟ କରିଥାନ୍ତି । ଏଥିପାଇଁ ତାଙ୍କୁ ଅଭୟ ବଳ ଓ ତାଙ୍କ ସହଯୋଗୀମାନେ ଗତ ୨ ତାରିଖ ଅପରାହ୍ନ ୩ଟାରେ ଚାନ୍ଦବାଲି ବ୍ଲକ୍‌ର ମୋଟୋ ପଞ୍ଚାୟତରେ ଆକ୍ରମଣ କରିଛନ୍ତି । ତାଙ୍କ ଉପରେ ହୋଇଥିବା ଆକ୍ରମଣ କେବଳ ଘୃଣ୍ୟ ଅପରାଧ ନୁହେଁ ଏହା ହେଉଛି ଆମ ସମାଜର ଗଣତାନ୍ତ୍ରୀକ ବ୍ୟବସ୍ଥା ପ୍ରତି ଏକ ଚେତାବନୀ । ଏହାକୁ କୌଣସିମତେ ଗ୍ରହଣ କରାଯାଇପାରିବ ନାହିଁ । ମହେନ୍ଦ୍ର ପାତ୍ରଙ୍କୁ ନ୍ୟାୟ ଦେବାସହ ତାଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଏମାନେ ଦାବି କରିଛନ୍ତି । ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସସ୍ମିତ୍ ପାତ୍ର, ସୁଲତା ଦେଓ, ବିଜେଡି ନେତା ପ୍ରିୟବ୍ରତ ମାଝୀ, ସଞ୍ଜୟ ବାବୁ, ମଧୁସ୍ମିତା ନାୟକ, ମିହିର ରାୟ ଓ ଇପ୍‌ସିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ବିଜୁ ଜନତା ଦଳର ପ୍ରଥମ ନିର୍ବାଚନୀ ସଭା

ନିର୍ବାଚନ ପରେ ସବୁ ସମୟରେ ଲୋକଙ୍କ ପାଖରେ ରହିବି : ଅରୂପ

ରଣପୁର, (ସବ୍ୟୁ) : ସାରା ରାଜ୍ୟ ରେ ନିର୍ବାଚନୀ ବିଗୁଲ ବାଜିବା ସହିତ ପ୍ରମୁଖ ପ୍ରତିଦ୍ୱନ୍ଦୀ ଦଳ ବିଜେଡି ଓ ବିଜେପି ତାର ପ୍ରାଥୀ ଘୋଷଣା କରିସାରିଛନ୍ତି। ଏହି ପରିପେକ୍ଷି ରେ ଗୁରୁବାର ରଣପୁର ବିଜୁଜନତା ଦଳ ତରଫରୁ ମା ମଣିନାଗ ଙ୍କ ଆଶ୍ରୀବାଦ ନେଇ ତାର ପ୍ରଥମ ନିର୍ବାଚନୀ ସଭା ମା ମଣିନାଗ ପୀଠ ରୁ ଆରମ୍ଭ ହୋଇଛି।ରଘୁଦିବାକର ସହିଦ ଦିବସ ଅବସରରେ ବିଜୁଜନତା ଦଳ ତାର ଶକ୍ତି ପଦର୍ଶନ କରିଛି ।ରଣପୁର ବିଧାୟକ ପ୍ରାଥୀ ସତ୍ୟନାରାୟଣ ପ୍ରଧାନ, ପୁରୀ ଲୋକସଭା ସାଂସଦ ଅରୂପ ପଟ୍ଟନାୟକ ଏବଂ ନୟାଗଡ ବିଧାୟକ ପ୍ରାଥୀ ଡ଼ଃ ଅରୁଣ କୁମାର ସାହୁ ପ୍ରମୁଖ ଗୁରୁବାର ସକାଳ ୧୧ଟାରେ ରଣପୁର ରେ ପହଞ୍ଚି ରଣପୁର ଆରାଧ ଦେବୀ ମା ମଣିନାଗଙ୍କ ଆର୍ଶୀବାଦ ନେଇ ସହିଦ ରଘୁଦିବାକରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟା ଅର୍ପଣ କରିଥିଲେ। ପରେ ମଣିନାଗ ମନ୍ଦିର ସ୍ଥିତ ବିଜୁବାବଙ୍କୁ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣକରି ନିର୍ବାଚନୀ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା।ପ୍ରବଳ ଗ୍ରୀଷ୍ମପ୍ରବାହ କୁ ଖାତିରି ନକରି ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିବା ବିଜୁଜନତା ଦଳ ଶୁଭେଚ୍ଛୁ କର୍ମୀ ଓ ନେତା ସେମାନଙ୍କ ବିଧାୟକ ଓ ସାଂସଦ ପ୍ରାର୍ଥୀ ଙ୍କ ପାଖରେ ପାଇଁ ଖୁବ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା ଏହି ଅବସରରେ ପୁରୀ ଲୋକସଭା ସାଂସଦ ପ୍ରାଥୀ ଅରୁପ ପଟ୍ଟନାୟକ ନିଜ ଅଭିଭାଷଣ ରଖି ନିଜ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ ନିର୍ବାଚନ ସମୟରେ ସେ ଯେତିକି ସମୟ ଲୋକ ପାଖକୁ ଆସୁଛନ୍ତି ତା ଠାରୁ ଯଥେଷ୍ଟ ଅଧିକ ସମୟ ତୁମ ପାଖକୁ ଆସିବି ବୋଲି କହିଥିଲେ ।ସେ ପୁରୀ ଜିଲ୍ଲା ଡେଲାଙ୍ଗ ମାଟିର ପୁଅ ହୋଇଥିବା ବେଳେ ମାନବ ସେବା ମାଧବ ସେବା ବୋଲି ଅଭିଭାଷଣରେ କହିଥିଲେ ।ସେହି ଭଳି ନୟାଗଡ ବିଧାୟକ ଅରୁଣ ସାହୁ ନିଜ ଅଭିଭାଷଣ ରେ ରଣପୁର ବିଧାୟକ

ପ୍ରାଥୀ ସତ୍ୟ ନାରାୟଣ ପ୍ରଧାନ ଜଣେ ଅମାୟିକ ସରଳ ବ୍ୟକ୍ତିତ୍ୱ ବୋଲି କହିବା ସହିତ ସେ ଜଣେ ଦରଦୀ ମଣିଷ ବୋଲି କହିଥିଲେ ।ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ରଣପୁର ରେ ହୋଇଥିବା ସମସ୍ତ ବିକାଶକାର୍ଯ୍ୟ ବଖାଣିବା ସହିତ ଆଗକୁ ଏହି ବିକାଶ ଧାରା ଜାରୀ ରଖିବାକୁ ଡବଲ ଶଙ୍ଖ ରେ ଭୋଟ ଦେବା ପାଇଁ ନିଜ କର୍ମୀ ଓ ନେତା କହିବା ସହିତ ସମସ୍ତେ ଆଜି ଠାରୁ ଦଳ ପାଇଁ ଉତ୍ସର୍ଗିକୃତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପ୍ରଥମ ନିର୍ବାଚନୀ ସଭା ରେ ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନ କରିଥିବା ବେଳେ ଏଥିରେ ରଣପୁର ନିର୍ବାଚନ ମଣ୍ଡଳୀ ର ସମସ୍ତ ବିଜୁଜନତା ଦଳ ର ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିଜୁ ଜନତା ଦଳ ବ୍ଲକ ସଭାପତି ସଚି ଷଡଙ୍ଗୀ ନଗରସଭାପତି ଲିଙ୍ଗରାଜ ନାୟକ ସମାଜ ସେବୀ ତଥା ରଣପୁର ବିଜୁ ଜନତା ଦଳ ସଂଗଠକ ପ୍ରଫୁଲ କୁମାର ନାୟକ ଙ୍କ ସହିତ ପାଞ୍ଚ ହଜାର ରୁ ଅଧିକ ବିଜୁଜନତା ଦଳ କର୍ମୀ ଯୋଗ ଦେଇଥିଲେ ।

ମନାର ବାର୍ଷିକ ଉତ୍ସବ ଜୁନ୍ ୮ରେ

ବାଲେଶ୍ୱର, (ସବ୍ୟୁ) : ମିଳିତ ନିଶା ନିବାରଣ ଅଭିଯାନ(ମନା), ବାଲେଶ୍ୱରର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । ଓଡ଼ିଶାର ୫ଟି ଜିଲ୍ଲାରେ ସରକାରଙ୍କ ତରଫରୁ ନିଶା ବିରୋଚନ କେନ୍ଦ୍ର ସ୍ଥାପନ ବିଷୟରେ ଅଗ୍ରଗତି ହୋଇ ନଥିବାରୁ ସଦସ୍ୟମାନେ ଚିନ୍ତା ପ୍ରକଟ କରିଥିଲେ । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ବିଗତ ଦୁଇମାସ ମଧ୍ୟରେ କୋଡ଼ିଏ କୋଟି ଟଙ୍କାର ବେଆଇନ ଅଫିମ ଚାଷକୁ ନଷ୍ଟ କରାଯାଇଥିବାରୁ ଆଜିକାର ବୈଠକରେ ବନବିଭାଗ, ପୋଲିସ ଓ ଅବକାରୀ ବିଭାଗର ଏହି ଉଦ୍ୟମକୁ ପ୍ରଶଂସା କରାଯାଇଥିଲ। ମାତ୍ର ଅଫିମ ମାଫିଆମାନେ ଧରାପଡୁ ନଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ଜୁନ୍ ଆଠରେ ମନାର ବାର୍ଷିକ ଉତ୍ସବ କରାଯିବା ପାଇଁ ସର୍ବସମ୍ମତ କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ବୈଠକରେ ସର୍ବଶ୍ରୀ ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ବେଣୁଧର ସାହୁ, ଶଚୀନ୍ଦ୍ର ଦାସ, ସୀତାରାମ ପ୍ରଧାନ, ପ୍ରସନ୍ନ ପାଢ଼ୀ, ପ୍ରଫୁଲ୍ଲ କୁମାର ଦାସ, କ୍ରୀଷ୍ଣା ସାହା, ରବି ନାରାୟଣ ଭୋଳ, ସନାତନ ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସରସ୍ୱତୀ ପଣ୍ଡା, ଭାରତୀ ପଣ୍ଡା, ସଂଯୁକ୍ତା ବେହେରା, ପ୍ରଭାକର ସାହୁ (ଖ) ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସମୀକ୍ଷକ ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ. ୧୧୪-ଇଏଲ୍‌ସି-ଜି-କେଜିପି-୨୪-୨୫-୦୧, ତାରିଖ : ୦୩.୦୪.୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟ/ଜି/ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟିମ୍ ସକାଶେ ସୂଚିତ ତାରିଖ ର ୧୨ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । **କାର୍ଯ୍ୟର ବିବରଣୀ :** ଖଡଗପୁର ଡିଭିଜନ ଅନ୍ତର୍ଗତ ରୂପସା ଜଙ୍କସନ-ବାରିପଦା-ବାଙ୍ଗିରିପୋଷୀ ସେକ୍ସନରେ ଯୁଗପୁରା (ଜେଆରଜି) ଏବଂ ଠାକୁରଟୋଟା (ଟିକେଏବ୍) ମଧ୍ୟସ୍ଥ ଗେଟ୍ ନଂ. ଲେଭ୍‌ଲ କ୍ରସିଂ - ୫ ନିକଟରେ ଥିବା ମାଛପଡାଠାରେ ପାସେଞ୍ଜର ହଲ୍ଟ ଖୋଲିବା ନିମନ୍ତେ ଇଲେକ୍ଟ୍ରିକାଲ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ :** ଟ. ୧୩,୯୨,୫୪୫.୭୮ । **ବିଡ୍ ସିକ୍ୟୁରିଟ୍/ଇ.ଏମ.ଡି :** ୨୭,୯୦୦/- । **ଟେଣ୍ଡର ଡକୁମେଣ୍ଟ ମୂଲ୍ୟ :** ଶୂନ୍ୟ । **ସମାପ୍ତି ସମୟ :** ସ୍ୱୀକାରୋକ୍ତି ପତ୍ର ଇସ୍ୟୁ ତାରିଖ ଠାରୁ ୦୬ ମାସ । **ଦାଖଲ ତାରିଖ :** ତା. ୨୪.୦୪.୨୦୨୪ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ । **ଖୋଲା ତାରିଖ :** ତା. ୨୪.୦୪.୨୦୨୪ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ, ବିବରଣୀ, ସ୍ପେଶିଫିକେସନ ପାଇଁ ୱେବସାଇଟ୍ **www.ireps.gov.in**କୁ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ୍ ଦାଖଲ ହେବ । ଏହି କାର୍ଯ୍ୟ ଲାଗି କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । ବି.ଦ୍ର : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ଚାହିଁଲେ **www.ireps.gov.in**କୁ ନିୟମିତ ଭାବେ ଦେଖିପାରିବେ । **(PR-11)**

ବୁଢ଼େଇ ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

ସୋର, (ସବ୍ୟୁ) :ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବୁଢ଼େଇ ଗ୍ରାମରେ ଶ୍ରୀ ଶ୍ରୀ ନୀଳମାଧବଙ୍କର ଷଷ୍ଠ ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଚୈତ୍ର ମାସ ୫ ଦିନରେ ଏହି ବାର୍ଷିକ ଉତ୍ସବ ପାଳିତ ହେଉଥିବା ବେଳେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଏହି ବିଶ୍ୱ ଶାନ୍ତି ଯଜ୍ଞ ଆୟୋଜିତ କରାଯାଏ। ମଙ୍ଗଳବାର ମହାସମାରୋହରେ କଳସ ଅଧିବାସ ହୋଇଥିବା ବେଳେ ବୁଧବାର ସକାଳୁ ପ୍ରଥମେ ଗୋପୂଜା ,ସୂର୍ଯ୍ୟପୂଜା କରାଯାଇ ଠାକୁରଙ୍କର ମହାସ୍ନାନ ସହିତ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବା ସହିତ ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତ ଦିଆଯାଇଥିଲା। ଏଥିରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ଦାମୋଦର ପଣ୍ଡା, ପଣ୍ଡିତ ରବି ନାରାୟଣ ଶତପଥୀ, ପଣ୍ଡିତ ବେଣୁଧର ମିଶ୍ର, ପଣ୍ଡିତ ନଟରାଜ ମିଶ୍ର ,ପଣ୍ଡିତ କରୁଣାକର ଦୀକ୍ଷିତ ଓ ପଣ୍ଡିତ ଅମୃତ କୁମାର ପଣ୍ଡା ପୂଜା କର୍ମ କରିଥିବା ବେଳେ ମୁଖ୍ୟ କର୍ତ୍ତା ଭାବେ ରାମଚନ୍ଦ୍ର ପତ୍ରି ଓ ମଦନମୋହନ ପତ୍ରି ଥିଲେ। ଶରତ ଦିକ୍ଷୀତ, ଅନ୍ତର୍ଯ୍ୟାମୀ ପତ୍ରୀ, ବିକ୍ରମ କେଶରୀ ମିଶ୍ର,ଅନନ୍ତ ମିଶ୍ର,ପୂର୍ଣଚନ୍ଦ୍ର ପତ୍ରି,କୈଳାଶ ପଣ୍ଡା,ଭଗବାନ ପତ୍ରୀ, ଅଜୟ କୁମାର ପତ୍ରି, ମାନସ କୁମାର ପତ୍ରି,ଶୁଭ୍ରଜିତ ଦିକ୍ଷୀତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

ଆଇସିଏଆର୍-ସିଫାର ୩୭ତମ ବାର୍ଷିକ ଉତ୍ସବ ପାଳିତ

ପିପିଲି (ସବ୍ୟୁ) :ମଧୁର ଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥା (ସିଫା)ର ୩୭ତମ ବାର୍ଷିକଉତ୍ସବ କୌଶଲ୍ୟାଗଙ୍ଗସ୍ଥିତ ମୁଖ୍ୟାଳୟ ଠାରେ ପାଳିତ ହୋଇଯାଇଛି।ପ୍ରକାଶଥାଉକି ୧୯୮୭ ମସିହାରେ ମଧୁର ଜଳ ଜୀବ ପାଳନ ଗବେଷଣାପାଇଁ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଭାବରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଅଧିନସ୍ଥ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ପ୍ରତିଷ୍ଠିତ ହୋଇ ସଫଳତାରସହ କାର୍ଯ୍ୟକରି ଦେଶ ବିଦେଶରେ ମତ୍ସ୍ୟ ଗବେଷଣା କ୍ଷେତ୍ରରେ ଏକ ସ୍ୱତନ୍ତ୍ରସ୍ଥାନ ଦଖଲ କରିଛି। ମୁଖ୍ୟ ଅତିଥି ଭାବେ କୋଲକାତାସ୍ଥିତଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଡଃ ଧ୍ରୀତି ବାନାର୍ଜୀ ଯୋଗଦାନ କରିଥିବାବେଳେ ଜାତୀୟ ଧାନ ଗବେଷଣା କେନ୍ଦ୍ରରନିର୍ଦ୍ଦେଶକ ଡଃ ଅମରେଶ କୁମାର ନାୟକ ଓ ଜୀବ ବିଜ୍ଞାନ ସଂସ୍ଥାରନିର୍ଦ୍ଦେଶକ ଡଃ ଦେବାଶିଷ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।ସିଫାର ୩୭ତମ ଜନ୍ମଦିବସରେ ସମସ୍ତଙ୍କୁ ଅଭିନନ୍ଦନର ଜଣାଇ ମୁଖ୍ୟ ଅତିଥିଡଃ ଧ୍ରୀତି ବାନାର୍ଜୀ ନିଜର ଅଭିଭାଷଣରେ କହିଲେ ଯେ ପ୍ରକୃତିକୁ ରକ୍ଷାକଲେ ମାନବ ସମାଜ ଦୀର୍ଘଜୀବି ହେବ। 'ପ୍ରକୃତି ରକ୍ଷତେ ରକ୍ଷିତା'ଅର୍ଥାତ୍ ପ୍ରକୃତି ଆମକୁ ରକ୍ଷା କରିବ ଯଦି ସେ ନିଜେ ସୁରକ୍ଷିତରହିବ। ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରତିବର୍ଷ ପ୍ରାୟତିନି ଶହ ପ୍ରଜାତିର ନୂତନ ପ୍ରାଣୀକୁ ଚିହ୍ନଟ କରାଯାଉଛି।ନିକଟରେ ଦୀଘାରୁ ଏକ ନୂଆ ପ୍ରଜାତିର ମାଛ ଆବିଷ୍କୃତହୋଇଛି। ଏହି ଅବସରରେ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଏବଂଆଇସିଏଆର୍-ସିଫା ମଧ୍ୟରେ ମିଳିତ ଗବେଷଣା ପାଇଁ ଏକବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିବା କଥା ଡଃ ବାନାର୍ଜୀ ପ୍ରକାଶକରିଥିଲେ। ସମ୍ମାନୀତ ଅତିଥି ଜାତୀୟ ଧାନ ଗବେଷଣା କେନ୍ଦ୍ରରନିର୍ଦ୍ଦେଶକ ଡଃ ଅମରେଶ କୁମାର ନାୟକ ନିଜ ବକ୍ତବ୍ୟରେ ମତ୍ସ୍ୟ ବିଜ୍ଞାନକ୍ଷେତ୍ରକୁ ସିଫାର ଅବଦାନ ସଂପର୍କରେ ଅବତାରଣା କରି କହିଥିଲେ ଯେସମାଜର ନିମ୍ନସ୍ତରରେ ଥିବା ମତ୍ସ୍ୟ ଚାଷୀ ଏବଂ ମହିଳା କୃଷିଜୀବିଙ୍କୁସଶକ୍ତିକରଣ କରିବାରେ ସିଫା ଯଥେଷ୍ଟ କାର୍ଯ୍ୟ କରୁଛି ବୋଲି ଡଃ ନାୟକପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ତଥା ଜୀବ ବିଜ୍ଞାନକେନ୍ଦ୍ରର ନିର୍ଦ୍ଦେଶକ ଡଃ ଦେବାଶିଷ ଦାଶ ନିଜର ବକ୍ତବ୍ୟ ରଖି ସିଫା ଓଆଇଏଲ୍ଏସ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଗବେଷଣା ସହଯୋଗଚାଲୁରହିଥିବା କଥା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସିଫାର ନିର୍ଦ୍ଦେଶକଡଃ ପି. କେ. ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସିଫାର ବିଭିନ୍ନକୃତୀତ୍ୱ ସଂପର୍କରେ ସେ ଆଲୋକପାତ କରିଥିଲେ। କ୍ୟାଟ୍‌ଫିସ୍‌ର ସଫଳପ୍ରଜନନ, ବିଭିନ୍ନ ଜୀନ୍ ଏଡିଟିଂ ଟେକ୍ନୋଲୋଜିରେ ସଫଳତା,ଅଟୋମେଟିକ୍ ଫିସ୍ ଫିଡର୍, ଆର୍ଏଏସ୍, ରଂଗୀନ ମାଛପୋଖରୀ, ଆଂଚଳିକ ଭାଷାରେ ମତ୍ସ୍ୟସେତୁ ଆପ୍, ଇଂରାଜୀ ଏବଂ୧୧ଟି ଆଂଚଳିକ ଭାଷାରେ ସିଫାର ୱେବ୍ ପୋର୍ଟାଲ ପ୍ରସ୍ତୁତିକରାଯାଇ ଜନସାଧାରଣଙ୍କୁ ମତ୍ସ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନକରାଯାଉଛି ବୋଲି ଡଃ ସାହୁ କହିଥିଲେ। ତତ୍‌ସହିତ ସେ କହିଥିଲେ ଯେବର୍ତମାନ ସୁଦ୍ଧା ୧୨ଗୋଟିବୈଷୟିକ/ଉତ୍ପାଦନ/ ମେଥୋଡୋଲୋଜିରେ ସିଫା ଆଇସିଏଆର୍‌ଠାରୁ ପ୍ରମାଣପତ୍ର ପାଇପାରିଛି ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଓଗବେଷଣା ପ୍ରତିଷ୍ଠାନ ସହିତ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛିଏବଂ ୩ଟି ପ୍ୟାଟେଂଟ ହାସଲ କରିଛି। ଅତିଥିମାନେ ସିଫା ଦ୍ୱାରାପ୍ରକାଶିତ ୯ଟି ପତ୍ରିକାର ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ଏସ୍. ସୁଶିଲାମା ସ୍ମୃତି ପୁରସ୍କାର, ଡଃ ଗିରିଶ ଚନ୍ଦ୍ରଚୌଧୁରୀ ସ୍ମୃତି ପୁରସ୍କାର, ଡଃ ଟି. ରାମପ୍ରଭୁ ସ୍ମୃତି ପୁରସ୍କାର, ଡଃବି. ଆର୍. ମହାନ୍ତି ସ୍ମୃତି ପୁରସ୍କାର ର ବିଜେତାଙ୍କୁ ସମ୍ମାନୀତକରାଯାଇଥିଲ।। ଭୁବନେଶ୍ୱର ଓ ଆଖପାଖରେ ଥିବା ଆଇସିଏଆର୍‌ସଂସ୍ଥା ଯଥା ଏନ୍‌ଆର୍‌ଆଇ ଓ ସିୱାର ନିର୍ଦ୍ଦେଶକ ଏବଂଏନ୍‌ଏଫ୍‌ଡିବିର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଏହିଉତ୍ସବରେ ସିଫାର ଅବସରପ୍ରାପ୍ତ କର୍ମଚାରୀମାନେ ମଧ ଯୋଗଦାନ କରିଥିଲେ। ଏହି ଅବସରରେ ମତ୍ସ୍ୟ ଅନୁବଂଶୀୟ ବିଭାଗୀୟ ମୁଖ୍ୟ ଡଃଜେ. କେ. ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରତ ସରକାର
ବୟନ ମନ୍ତ୍ରଣାଳୟ
ବିକାଶ ଆୟୁକ୍ତ (ହସ୍ତତନ୍ତ୍ର) କାର୍ଯ୍ୟାଳୟ

ବର୍ଷ ୨୦୨୩ ପାଇଁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ରାଷ୍ଟ୍ରୀୟ ହସ୍ତତନ୍ତ ପୁରସ୍କାର

ବର୍ଷ ୨୦୨୩ ପାଇଁ ହସ୍ତତନ୍ତ କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ଯୋଗୁ ହସ୍ତତନ୍ତ ପୁରସ୍କାରର ନିମ୍ନଲିଖିତ ଶ୍ରେଣୀ ନିମନ୍ତେ ଭାରତର ନାଗରିକମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମାଟରେ ବିଧିବଦ୍ଧଭାବେ ପୂରଣ ହୋଇଥିବା ଦରଖାସ୍ତ ଆହ୍ୱାନ କରାଯାଉଛି । ସବିଶେଷ ବିବରଣୀ ନିମ୍ନରେ ଦର୍ଶାଯାଇଛି :

କ୍ର.ନଂ.	ପୁରସ୍କାର ନାମ	ଶ୍ରେଣୀ	ଉପ-ଶ୍ରେଣୀ	ପୁରସ୍କାର ସଂଖ୍ୟା
୧	ସନ୍ଥ କବୀର ହସ୍ତତନ୍ତ ପୁରସ୍କାର (ଏସକେଏଚଏ)	ବୁଣାକାର୍ଯ୍ୟ	ବୁଣାକାର୍ଯ୍ୟ	୦୩
			ବିଶେଷ ଭାବେ ମହିଳା ବୁଣାକାରମାନଙ୍କ ପାଇଁ (ସନ୍ଥ କବୀର ହସ୍ତତନ୍ତ ପୁରସ୍କାର-କମଳାଦେବୀ ଚଟ୍ଟୋପାଧ୍ୟାୟ)	୦୧
			ଲଗୁଇସିଂ ବୁଣାକାର୍ଯ୍ୟ	୦୧
			ଆଦିବାସୀ ବୁଣାକାର୍ଯ୍ୟ	୦୧
			ମୋଟ	୦୬
୨	ଜାତୀୟ ହସ୍ତତନ୍ତ ପୁରସ୍କାର (ଏନଏଚଏ)	ବୁଣାକାର୍ଯ୍ୟ	ବୁଣାକାର୍ଯ୍ୟ	୦୮
			ବିଶେଷ ଭାବେ ମହିଳା ବୁଣାକାରମାନଙ୍କ ପାଇଁ (ଜାତୀୟ ହସ୍ତତନ୍ତ ପୁରସ୍କାର-କମଳାଦେବୀ ଚଟ୍ଟୋପାଧ୍ୟାୟ)	୦୨
			ଯୁବ ବୁଣାକାର (୩୦ ବର୍ଷରୁ ଅଧିକ ହୋଇନଥିବ	୦୧
			ଦିବ୍ୟାଙ୍ଗ ବୁଣାକାର	୦୧
			ଲିଙ୍ଗୁଇସିଂ ବୁଣାକାର୍ଯ୍ୟ	୦୧
			ମୋଟ ବୁଣାକାର୍ଯ୍ୟ	୦୧
		ଡିଜାଇନ୍ ବିକାଶ		୦୨
		ହସ୍ତତନ୍ତ ସାମଗ୍ରୀ ଗୁଡ଼ିକର ମାର୍କେଟିଂ		୦୨
		ଷ୍ଟାର୍ଟପ୍ ଉଦ୍ୟୋଗ/ ପ୍ରଡୁସର କମ୍ପାନୀ		୦୧
			ମୋଟ	୧୯

୨. ମାନଦଣ୍ଡ, ବୟସ, ଅଭିଜ୍ଞତା, ଦରଖାସ୍ତ ଫର୍ମ ପ୍ରଭୃତି ସମ୍ପର୍କିତ ଅଧିକ ସୂଚନା ପାଇଁ ବିକାଶ ଆୟୁକ୍ତ ହସ୍ତତନ୍ତ କାର୍ଯ୍ୟାଳୟର ୱେବସାଇଟ୍ **(www.handlooms.nic.in)** ରୁ ଡାଉନଲୋଡ କରାଯାଇପାରିବ । ଯେକୌଣସି ସୂଚନା/ସହାୟତା ଲାଗି ଆବେଦନକାରୀ ନିକଟତମ ବୁଣାକାର ସେବାକେନ୍ଦ୍ର (ଡବ୍ଲ୍ୟୁଏସସି) ସହ ଯୋଗାଯୋଗ କରିପାରିବେ ।

୩. ହାତ ଦ୍ୱାରା ବୁଣାଯାଇଥିବା ନମୁନା (ଯେଉଁଠାରେ ପ୍ରଯୁଜ୍ୟ ହେବ) ଏବଂ ଅନ୍ୟ ସମସ୍ତ ଆବଶ୍ୟକ ଦଲିଲ ସହିତ ସମସ୍ତ ଦିଗରୁ ବିବିଧତା ରୂପରେ ପୂରଣ ହୋଇଥିବା ଏବଂ ସମ୍ପୂର୍ଣ୍ଣ ହୋଇଥିବା ଦରଖାସ୍ତକୁ ୨୦ ମେ, ୨୦୨୪ ସୁଦ୍ଧା ନିକଟତମ ଡବ୍ଲ୍ୟୁଏସସି ନିକଟରେ ଦାଖଲ କରାଯିବ ।

cbc 41102/13/0001/2425

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ଭୁବନେଶ୍ୱର : ନିର୍ମାଣ ଚାଲିଛି ରୁକୁଣା ରଥ

ପ୍ରବଳ ଗ୍ରୀଷ୍ମ : ତୃଷା ନିବାରଣ କରୁଛନ୍ତି ବାଟୋଇ

କୋରେଇ ବିଜେଡ଼ିରେ କେଁ ଝିଲିକିକୁ ପ୍ରାର୍ଥୀ କରିବାକୁ ଦାବିକଲେ ମହିଳା

ବ୍ୟାସନଗର(ଜିପ୍ର): କୋରେଇ ବିଜେଡ଼ିରେ କେଁ ପରେ କେଁ ବାହାରିବାରେ ଲାଗିଛି । କେଁରେ ଅନେକ ଧସେଇ ପସିଆସିଥିବା ବେଳେ ସୁକିନ୍ଦା ବିଧାୟକ ତଥା ସିନେ ଅଭିନେତ୍ରୀ ପ୍ରୀତିରଂଜନ ଘଡ଼ାଇଙ୍କ ଧର୍ମପତ୍ନୀ ଝିଲିକି ଭଟାଚାର୍ଯ୍ୟ ପସିଆସିଛନ୍ତି । ଝିଲିକି କୋରେଇରୁ ନିର୍ବାଚନ ଲଢ଼ିବାକୁ ବିଜେଡ଼ି ସୁପ୍ରିମୋ ସୁଯୋଗ ଦେଲେ ଲଢ଼ିବେ ବୋଲି କହିଥିବା ବେଳେ ତାଙ୍କୁ ପ୍ରାର୍ଥୀ କରିବାକୁ ମହିଳା ମାନେ ଦାବି କରିଛନ୍ତି । ତାଙ୍କ ଧବଳଗିରି ବାସଭବନରେ ପହଁଚି ମହିଳା ମାନେ ଝିଲିକିଙ୍କ ନିକଟରେ ଦାବି ରଖିଥିବା ବେଳେ ବିଜେଡ଼ି ସୁପ୍ରିମୋ ସୁଯୋଗ ଦେଲେ ଲଢ଼ିବି ବୋଲି ସେ କହିଥିଲେ । କୋରେଇର ବୋହୂ ହେଲା ପରେ ମୋତେ କୋରେଇବାସୀ ବହୁତ ଭଲ ପାଇବା ଦେଇଛନ୍ତି । ଅନେକ ସମୟରେ କୋରେଇର ମା'ଭଉଣୀ ମୋ ପାଖକୁ ଆସି ଗପସପ ହୁଅନ୍ତି । ତାଙ୍କ ସୁଖଦୁଖ କଥା ମୋ ସହ ସେୟାର କରନ୍ତି । ମୁଁ ଜଣେ ରାଜନୈତିକ ପରିବାର ବୋହୂ, କୋରେଇକୁ ମୁଁ ବହୁତ ପାଖରୁ ଦେଖିଛି । ଏଣୁ ଯଦି ମୋତେ ସୁଯୋଗ ମିଳେ ତେବେ ନିଶ୍ଚିନ୍ତ ନିର୍ବାଚନ ଲଢ଼ିବି ବୋଲି କହିଥିଲେ ଝିଲିକି । ଝିଲିକିଙ୍କ ଏହି କଥା କୋରେଇ ରାଜନୈତିକ ମହଲରେ ଆଲୋଚ୍ୟର ବିଷୟ ହୋଇଛି । ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼ାଇଙ୍କ ବୋହୂ ସାଙ୍ଗକୁ ମନ୍ତ୍ରୀ ପ୍ରୀତିଙ୍କ ଧର୍ମପତ୍ନୀ ନିର୍ବାଚନ ଲଢ଼ିବାକୁ ମନ ବଳାଇବା ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି ।ଶୁଭେଚ୍ଛୁଙ୍କ କହିବା କଥା ହେଲା ପ୍ରୀତିରଂଜନ ଘଡ଼ାଇ କୋରେଇର ବିଧାୟକ ସମୟରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି । ସେହି ଉନ୍ନତି ମୂଳକ ଆଧାରରେ ଝିଲିକିଙ୍କୁ ପ୍ରାର୍ଥୀ କରାଗଲେ ତାଙ୍କ ବିଜୟ ସୁନିଶ୍ଚିନ୍ତ ବୋଲି ମତପ୍ରକାଶ ପାଉଛି ।

ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ଗ୍ରାମର ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ଆଜି ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ଗ୍ରାମର ବାସୁଦେବ ମାର୍ଥା ଙ୍କ ଗତ ୨ ତାରିଖରେ ଗୋଡ଼ିପଡ଼ା ଟୋଲ ଗେଟ ନିକଟରୁ ଘରକୁ ବାଇକ ଯୋଗେ ଫେରୁଥିବାବେଳେ ମଳିପଡା ଓଭର ବ୍ରିଜ ନିକଟରେ କୌଣସି ଅଜଣା ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବାସୁଦେବଙ୍କୁ ଭୁବନେଶ୍ୱର ହସ୍ପିଟାଲ ରେ ଚିକିତ୍ସିତ ହେଉଥିଲେଗୁରୁବାର ଦିନ ତାଙ୍କରମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ବାସ ଭବନ ନିକଟକୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ।

ପଦ୍ମ ଛାଡ଼ି ହାତ ଧରିଲେ ସୋନାଲି

ଭୁବନେଶ୍ୱର (ସବ୍ୟୁ): କଂଗ୍ରେସର ନୀତି ଓ ଆଦର୍ଶ ଉପରେ ଆସ୍ଥା ପ୍ରକଟ କରି ପଦ୍ମ ଛାଡ଼ି ହାତ ଧରିଲେ ମହିଳା ନେତ୍ରୀ ସୋନାଲି ସାହୁ । ରାହୁଲ ଗାନ୍ଧୀଙ୍କ ଦୃଢ଼ ନେତୃତ୍ୱ ଓ ଭାରତ ଯୋଡ଼ ନ୍ୟାୟ ଯାତ୍ରାବେଳେ ଅନୁପ୍ରାଣିତ ହୋଇ ଶ୍ରୀମତୀ ସାହୁ ବିଧିବଦ୍ଧ ଭାବରେ ପଦ୍ମ ଛାଡ଼ି ହାତ ଧରିଛନ୍ତି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କର ନେତୃତ୍ୱ ଉପରେ ଭରସା କରି ଶ୍ରୀମତୀ ସାହୁ କଂଗ୍ରେସରେ ଯୋଗ ଦେଇଛନ୍ତି । ଦୀର୍ଘ ଦିନର ରାଜନୀତିରେ ଅଭିଜ୍ଞତା ଥିବା ଶ୍ରୀମତୀ ସାହୁ ବିଜେପିର ମୁଖପାତ୍ର ଭାବେ କାମ କରୁଥିଲେ । କଂଗ୍ରେସରେ ଯୋଗ ଦେବା ପରେ ଶ୍ରୀମତୀ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଜେପି ଏକ ଅସହିଷ୍ଣୁମାନଙ୍କର ଦଳ। ତମାମ ଦେଶରେ ବିଜେପି ଯେପରି ଭାବେ ପ୍ରତିହିଂସାର ରାଜନୀତି କରୁଛି ତାହା ଗଣତନ୍ତ୍ର ପାଇଁ ବିପଦ । ଏ ସବୁ ଅବଗତ ହେବା ପରେ ସେ ବିଜେପି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ଶ୍ରୀମତୀ ସାହୁ କହିଛନ୍ତି । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧକ୍ଷତାରେ କଂଗ୍ରେସ ଭବନଠାରେ ଆୟୋଜିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ବିଧିବଦ୍ଧ ଭାବରେ ଶ୍ରୀମତୀ ସାହୁ ଦଳରେ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଦଳର ସଭାପତି ଶ୍ରୀ ପଟ୍ଟନାୟକ ଶ୍ରୀମତୀ ସାହୁଙ୍କୁ ସ୍ୱାଗତ କରିଥିବାବେଳେ ସେ କହିଥିଲେ ଯେ ଶ୍ରୀମତୀ ସାହୁ ଦଳରେ ଯୋଗଦାନ କରିବା ପରେ ଦଳ ଅଧିକ ସଶକ୍ତ ଓ ସକ୍ରୀୟ ହେବ । ତାଙ୍କର ରାଜନୈତିକ ଅନୁଭବ ନିଶ୍ଚିତ ଭାବେ ଦଳ ପାଇଁ ଉପଯୋଗୀ ହେବ ।

ହାଇଟେକ୍ ଠାରେ ଜେରିଆଟ୍ରିକ୍ ସୋସାଇଟିର ପ୍ରଥମ ବାର୍ଷିକ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଭାରତର ଜେରିଆଟ୍ରିକ୍ ସୋସାଇଟିର ପ୍ରଥମ ବାର୍ଷିକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଏସଆଇ ଷ୍ଟେଟ୍ ବ୍ରାଞ୍ଚ ଏବଂ ହାଇଟେକ୍ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ଓ ଶ୍ରୀ ରଥ ଫାଉଣ୍ଡେସନ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ଡ. ରାଧାମାଧବ ତ୍ରିପାଠୀ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡ.ବାସୁଦେବ ବେହେରା,

ଭାଇସ୍ ପ୍ରିନ୍ସିପାଲ ଡ.ଲିସା ଷଡଙ୍ଗୀ, ଚେୟାରମ୍ୟାନ ଜିଏସଆଇ ଓଡିଶା ଡ. ପି.ସି ଦାସ, ଜିଏସଆଇ ଓଡିଶା ସେକ୍ରେଟାରୀ ଡ. ଏସ୍.କେ ସ୍ୱାଇଁ ଯୋଗଦାନ କରିଥିଲେ। ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହାର ଥିମ୍ ଥିଲା ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବା–ଭବିଷ୍ୟତର କାର୍ଯ୍ୟ ପାଇଁ ଆହ୍ୱାନ ଏବଂ ଆବଶ୍ୟକତା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆୟୋଜନ ଅଧକ୍ଷା ତଥା ଭାଇସ୍ ପ୍ରିନ୍ସିପାଲ ଡ. ଲିସା ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ବର୍ତ୍ତମାନ ସମୟରେ ବୟସ୍କଙ୍କ ଠାରେ ଆଣ୍ଠୁ ଗଣ୍ଠି ସମସ୍ୟା ଏକ ସାଧାରଣ ରୋଗ ଭାବେ ଉଭା ହୋଇଛି । ଯାହାକୁ ନେଇ ବହୁ ବିଶେଷଜ୍ଞ ତଥା ଚିକିତ୍ସାବିତ୍ ଏହି ସମସ୍ୟାରୁ କିଭଳି ରକ୍ଷା ପାଇ ପରିବା ବା ଏଡାଇ ପରିବା ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟପଟେ ବିଭିନ୍ନ ରୋଗ ଏବଂ ତାର ସମାଧାନ ବିଷୟରେ ଚିକିତ୍ସାବିତ୍ ମତ ରଖିଥିଲେ। ଶେଷରେ ଆୟୋଜକ ସଚିବ ଡ. ମହେଶ ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ।

ମୋବିଲ୍ ୧ ୫୦ତମ ଆନିଭର୍ସାରୀ

ଭୁବନେଶ୍ୱର (ସବ୍ୟୁ): ଏକ୍ସନମୋବିଲ୍ ମୋଟର ଅଏଲ୍ ବିଶ୍ୱ ବଜାରରେ ମୋବିଲ୍ ୧ଟିମ୍ ପ୍ରଚଳନର ୫୦ତମ ବାର୍ଷିକ ପାଳନ କରିଛି । ୨୦୨୪ ରେ ଏକ୍ସନମୋବିଲ୍ ମୋବିଲ୍ ୧ଟିମ୍ ବ୍ରାଣ୍ଡର ୫୦ ବର୍ଷର ଇତିହାସକୁ ମନେ ପକାଇବ, ଯେଉଁଥିରେ ଭାଗିଦାରୀ, ମୋଟରସ୍ପୋର୍ଟସ ଓ ଭର୍ଚୁଆଲ୍ ରିଆଲିଟିରେ ଅନେକ ପଦକ୍ଷେପ ନିଆଯିବ, ଯେଉଁଥିରୁ ପ୍ରତ୍ୟେକ ବ୍ରାଣ୍ଡର ପରମ୍ପରା ଏବଂ ଆଗାମୀ ଦିନରେ କଣ ହେବ ତାହା ଉପରେ ଆଲୋକପାତ କରିବ । ପ୍ରଥମ ସମ୍ପୂର୍ଣ୍ଣ ସିନ୍ଥେଟିକ୍ ଅଟୋମୋଟିଭ୍ ମୋଟର ଅଏଲ୍ ଭାବରେ ଆରମ୍ଭ ହୋଇ ପରବର୍ତ୍ତି ସମୟରେ ମୋବିଲ୍ ୧ଟିମ୍ ବ୍ରାଣ୍ଡେଡ୍ ଅଏଲର ଲାଇନରେ ବିସ୍ତାରିତ, ମୋବିଲ୍ ୧ଟିମ୍ ବ୍ରାଣ୍ଡ ଗ୍ୟାସ ଚାଳିତ ଏବଂ ନିକଟରେ, ହାଇବ୍ରିଡ୍ ଓ ଇଲେକ୍ଟ୍ରିକ କାର ପାଇଁ ଇନ ସୁରକ୍ଷାରେ ସବୁଠାରୁ ଆଗରେ ରହିଛି ଯାହା ଗତ ପାଂଚ ଦଶନ୍ଧି ଧରି ଅତୁଳନୀୟ ଗୁଣବତା ପ୍ରଦର୍ଶନ ପ୍ରଦାନ କରୁଛି। ଆଜି ମୋବିଲ୍ ୧ଟିମ୍ ହେଉଛି ବିଶ୍ୱର ଅଗ୍ରଣୀ ସିନ୍ଥେଟିକ୍ ମୋଟର ଅଏଲ୍ ବ୍ରାଣ୍ଡ, ଯାହାର ଅଭିନବତା, ସହଯୋଗ ଓ ଗ୍ରାହକଙ୍କ ପ୍ରତି ଅତୁଟ ପ୍ରତିବଦ୍ଧତା ରହିଛି। ଏହି ଆଇକୋନିକ୍ ବ୍ରାଣ୍ଡ ସହିତ ଏକ୍ସନମୋବିଲ୍ ଇନ ସୁରକ୍ଷା ଏବଂ କାର୍ଯ୍ୟ ଦକ୍ଷତାର ଭବିଷ୍ୟତ ଗଠନ ଜାରି ରଖିବାକୁ ଉତ୍ସାହିତ ରହିଛି । ୨୦୨୪ ର ମୋଟରସ୍ପୋର୍ଟସ ର ରତୁରେ ମୋବିଲ୍ ୧ ବ୍ରାଣ୍ଡ ର ବ୍ୟାପକ ରେସିଂ ଇତିହାସର ବିଭିନ୍ନ ସ୍ୱତନ୍ତ୍ର ଡିଜାଇନ୍ ଓ ଅନ୍ୟାନ୍ୟ ହାଇଲାଇଟ୍ ସହିତ ଏହାର ପରମ୍ପରାକୁ ପାଳନ କରିବ।

ମହିଳା ସରପଞ୍ଚଙ୍କ ଅତ୍ମହତ୍ୟା

ଧର୍ମଶାଳା(ସବ୍ୟୁ): ଧର୍ମଶାଳା ବ୍ଲକ ଜେନାପୁର ପଂଚାୟତର ମହିଳା ସରପଂଚ ବେକରେ ରଶି ଲଗାଇ ଅତ୍ମହତ୍ୟା କରିଥିବା ଜଣାଯାଇଛି । ପରିବାରିକ କଳହ ଯୋଗୁ ଜେନାପୁର ପଂଚାୟତର ସରପଂଚ ସିପାଲତା ମଳିକ (୩୮) ଅପରାହ୍ନରେ ଘରେ ରଶି ଲାଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତୀ କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲ୍ଲାପରିଷଦ ତଥା ବ୍ଲକବିଜେଡି ସଭାପତି ଜଳଧର ମହାନ୍ତି,ଜିଲ୍ଲାପରିଷଦ ସଭ୍ୟା ପ୍ରଣତି ଲେଙ୍କା, ଜାରକା ସରପଂଚ ସୁଦାମ ଚରଣ ବେହେରା ଓ ବହୁ ଦଳୀୟ କର୍ମକର୍ତ୍ତା ମେଡିକାଲରେ ଉପସ୍ଥିତ ରହିଥିଲେ । ଜେନାପୁର ପଂଚାୟତ ଜେନାପୁର ଦଳିତସହିର ସୁକଦେବ ମଲିକଙ୍କ ପତ୍ନୀ ଶ୍ରୀମତି ସିପଲତା ଗତ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଜେନାପୁର ପଂଚାୟତ ସଂରକ୍ଷିତ ଆସନରୁ ସରପଂଚ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ଜେନାପୁର ପୁଲିସ ଧର୍ମଶାଳା ଡାକ୍ତରଖାନାରେ ପହଁଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି ।

ବହୁମୁଖୀ ପରିବହନ ଆଡକୁ ତ୍ୱରିତ ଅଗ୍ରଗତି କରୁଛି ପ୍ରୱାସ ୪.୦

ଭୁବନେଶ୍ୱର (ସବ୍ୟୁ): ବସ ଆଣ୍ଡ କାର ଅପରେଟରସ କନ ଫେଡେରେସନ ଅଫ ଇଣ୍ଡିଆ (ବିଓସିଆଇ) ର ବହୁ ପ୍ରତୀକ୍ଷିତ ପ୍ରୱାସ ୪.୦ ର ୪ର୍ଥ ସଂସ୍କରଣ ତଥା ବହୁଧା ପରିବହନ ପ୍ରଦର୍ଶନୀ ବାଙ୍ଗାଲୋର ଇଣ୍ଟରନ୍ୟାସନାଲ ଏକଜିବିସନ ସେଣ୍ଟର (ବିଆଇଇସି) ଠାରେ ଅଗଷ୍ଟ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଛି । 'ନିରାପଦ, ସ୍ମାର୍ଟ ଏବଂ ଦୀର୍ଘସ୍ଥାୟୀ ଯାତ୍ରୀ ଗମନାଗମନ'ର ବ୍ୟାପକ ବିଷୟବସ୍ତୁ ସହିତ ପ୍ରୱାସ ୪.୦ ବହୁଧା ପରିବହନ ସହଭାଗୀଙ୍କର ସମୁଦାୟ ବର୍ଗକୁ ଏକତ୍ର କରିବା ଦିଗରେ ଏକନିଷ୍ଠ ରହିଛି। ଏଗୁଡିକ ମଧ୍ୟରେ ରହିଛନ୍ତି ଭାରତର ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବସ ଓ କାର ନିର୍ମାତା, ଫ୍ଲିଟ ମାଲିକଗଣ ଏବଂ ତାହାସହିତ ମେଟ୍ରୋ ଓ ଏଲଇଭି କ୍ଷେତ୍ରର ସହଭାଗୀଗଣ । କର୍ଣ୍ଣାଟକ ରାଜ୍ୟ ବସ ମାଲିକ ସଂଘ, କର୍ଣ୍ଣାଟକ ରାଜ୍ୟ ପର୍ଯ୍ୟଟନ ଘରୋଇ ପରିବହନ ମାଲିକ ସଂଘ, କର୍ଣ୍ଣାଟକ ରାଜ୍ୟ ଟ୍ରାଭେଲ ଅପରେଟରସ ଆସୋସିଏସନ , କର୍ଣ୍ଣାଟକ ପର୍ଯ୍ୟଟକ ମୋଟର କ୍ୟାବ୍ ମାର୍କ୍ସ ଓନର୍ସ ୱେଲଫେୟାର ଆସୋସିଏସନ , ବାଙ୍ଗାଲୋର ପର୍ଯ୍ୟଟକ ଟାକ୍ସି ଓନର୍ସ ଆସୋସିଏସନ ଆଦି ପ୍ରୱାସ ୪.୦ର ଆୟୋଜନକାରୀ ସଂଘସମୂହ ରହିଛନ୍ତି । ଆଜିର ପ୍ରାକ ସୂଚନା ପ୍ରଦାନକାରୀ କାର୍ଯ୍ୟକ୍ରମରେ ପ୍ରୱାସ ୪.୦ ନିମନ୍ତେ ଯୋଜନା କରାଯାଇଥିବା ଆକର୍ଷଣୀୟ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଝଲକ ପ୍ରଦାନ କରାଯାଇଥିଲା ।

ଅନନ୍ତ ନ୍ୟାସନାଲ ୟୁନିଭର୍ସିଟି ଡିଜାଇନ ପାଠ୍ୟକ୍ରମ ପାଇଁ

୪ ଆଞ୍ଚଳିକ ଭାଷାରେ ପ୍ରବେଶିକା ପରୀକ୍ଷା ପରିଚାଳନା କରିବାରେ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର (ସବ୍ୟୁ): ଅନନ୍ତ ନ୍ୟାସନାଲ ବିଶ୍ୱବିଦ୍ୟାଳୟ ଡିଜାଇନରେ ସ୍ନାତକ ଡିଗ୍ରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଏହାର ପ୍ରବେଶିକା ପରୀକ୍ଷା (ଏଡିଇପିଟି)କୁ ପାଞ୍ଚଗୋଟି ଭାଷା ଇଂରାଜୀ, ହିନ୍ଦୀ, ଗୁଜରାଟୀ, ବଙ୍ଗଳା ଓ ତାମିଲ ଭାଷାରେ ପରିଚାଳନା କରିବ । ଏହି ପଦକ୍ଷେପ ଭାରତରେ ପ୍ରଥମ କରି ଆରମ୍ଭ କରାଯାଉଛି ଯେଉଁଥିରେ ଇଂରାଜୀ ଭାଷା ବ୍ୟତୀତ ଅନ୍ୟାନ୍ୟ ଭାଷାରେ ଦକ୍ଷତାକୁ ମୂଲ୍ୟାୟନ କରାଯାଇଥାଏ। ଅନନ୍ତ ବିଶ୍ୱବିଦ୍ୟାଳୟର ଏହି ସୁଯୋଗ ଡିଜାଇନ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ ପ୍ରଯୁଜ୍ୟ ହେବ। ଏହି ଡିଜାଇନ ପାଠ୍ୟକ୍ରମ ଲାଗି ପ୍ରବେଶିକା ପରୀକ୍ଷା ୦୭ ଏପ୍ରିଲ ୨୦୨୪ରେ ଆରମ୍ଭ ହେବ ଓ ଏହା ଅନଲାଇନରେ ପରିଚାଳିତ ହେବାକୁ ସ୍ଥିର କରାଯାଇଛି। ପିକରଣ ବର୍ତ୍ତମାନ ଖୋଲା ରହିଛି ଓ ଏହା ୦୬ ଏପ୍ରିଲରେ ବନ୍ଦ ହେବ। ଅନନ୍ତ ନ୍ୟାସନାଲ ବିଶ୍ୱବିଦ୍ୟାଳୟର ସଭାପତି ଅଜୟ ପିରାମଲ କହିଛନ୍ତି ଯେ ଡିଜାଇନ ଭାଷା ବାହାରେ ପାଂଚୋଟି ଭାଷାରେ ଏଡିଇପିଟି ପରିଚାଳନା ଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଲାଭ ପାଇଁ ବିଶେଷ ସୁବିଧା ପାଇପାରିବେ। ପ୍ରତ୍ୟେକ ଛାତ୍ର ନିଜ ଭାଷାରେ ଦକ୍ଷତା ପ୍ରଦର୍ଶନ ସୁଯୋଗ ପାଇପାରିବେ। ଜଣେ ଛାତ୍ରର ଚିଂଧାରା, ଡିଜାଇନ ଦକ୍ଷତା ଓ ସାମାଜିକ ତଥା ବିଶ୍ୱସ୍ତରୀୟ ଗତିଶୀଳତା ବିଷୟରେ ସଚେତନତା ପାଇଁ ଏଡିଇପିଟି ପରୀକ୍ଷାର ମୂଲ୍ୟାଙ୍କନ ପଦ୍ଧତି ରହିବ ।

ୱାନପ୍ଲସ , ୱାନପ୍ଲସ ନର୍ଡ଼ ସିଇ୪ ଲଞ୍ଚ କରିଛି, ଯାହା ପୂର୍ବ ଅପେକ୍ଷା ଅଧିକ କୋର ବ୍ୟବହାର କରୁଛି

ଭୁବନେଶ୍ୱର (ସବ୍ୟୁ): ଗ୍ଲୋବାଲ ଟେକ୍ନୋଲୋଜି ବ୍ରାଣ୍ଡ ୱାନପ୍ଲସ ଆଜି ୱାନପ୍ଲସ ନର୍ଡ଼ ସିଇ୪ ଘୋଷଣା କରିଛି, ଯାହା ସୁପର ସୁଲଭ ମୂଲ୍ୟ ସହିତ ୱାନପ୍ଲସ ଅନୁଭବର ମୂଳ ବୈଶିଷ୍ଟ୍ୟକୁ ରଖିବା ପାଇଁ ଡିଜାଇନ କରାଯାଇଛି । ୨୪,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ୱାନପ୍ଲସ ନର୍ଡ଼ ସିଇ୪ ର ବିକ୍ରି ୨୦୨୪ ଏପ୍ରିଲ ୪ ତାରିଖ ରାତି ୧୨ଟାରୁ ଆରମ୍ଭ ହେବ ।

ୱାନପ୍ଲସ ନର୍ଡ଼ ସିଇ୪ ହେଉଛି ୱାନପ୍ଲସ ନର୍ଡ଼ ସିରିଜର ନୂଆ ସଦସ୍ୟ । ଏହି ସିରିଜ୍, ୨୦୨୩ର ସଫଳ ୱାନପ୍ଲସ ନର୍ଡ଼ ସିଇ୩ ୫ଜି ସମେତ, ଏକ ୱାନପ୍ଲସ ସ୍ମାର୍ଟଫୋନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ବ୍ୟାପକ ସମ୍ଭାବ୍ୟ ଦର୍ଶକଙ୍କ ନିକଟରେ ପହଂଚାଇବା ପାଇଁ ସୃଷ୍ଟି କରାଯାଇଥିଲା । ଷ୍ଟାଇକ୍ ଡିଜାଇନ୍, ଅତ୍ୟାଧୁନିକ ଟେକ୍ନୋଲୋଜି,

ରାପିଡ୍ ଚାର୍ଜିଂ ଏବଂ ଚମତ୍କାର ସ୍କ୍ରିନ୍ ଭଳି ବୈଶିଷ୍ଟ୍ୟ ପୂର୍ବ ୱାନପ୍ଲସ ନର୍ଡ଼ ସିଇ ସ୍ମାର୍ଟଫୋନରେ ରହିଛି ଏବଂୱାନପ୍ଲସ ନର୍ଡ଼ ସିଇ୪ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ଆଣିଛି ୱାନପ୍ଲସ ନର୍ଡ଼ ସିଇ୪ ବ୍ୟବହାରକାରୀଙ୍କ ଭିଡ଼ରୁ ଅଲଗା ହେବାକୁ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଥିବା ଦୁଇଟି ରଙ୍ଗପଥ ସହିତ ଧ୍ୟାନ ଆକର୍ଷଣକାରୀ ଡିଜାଇନର ଧାରା ଜାରି ରଖିଛି। ପ୍ରଥମଟି ହେଉଛି ଡାର୍କ କ୍ରୋମ୍, ଯାହାକି ଅତୀତର ୱାନପ୍ଲସ ଡାର୍କ କଲରବେଜ୍ ଉପରେ ନିର୍ମାଣ ହୋଇଛି ଏବଂ ଅତିରିକ୍ତ ଗ୍ଲାମର ପାଇଁ ଏକ ସୂକ୍ଷ୍ମ ଚଳଚଞ୍ଚଳ ଗ୍ରେଡିଏଟଂ ଯୋଗ ହୋଇଛି। ଦ୍ୱିତୀୟଟି ହେଉଛି, ସେଲଡନ୍ ମାର୍ବଲ, ୱାନପ୍ଲସ ୧୧ ମାର୍ବଲ୍ ଓଡିସି ସଂସ୍କରଣରେ ପ୍ରଥମେ ଦେଖାଯାଇଥିବା ଡିଜାଇନ୍ ଉପରେ ଆଧାରିତ ଏକ ଜୀବ' ଏବଂ ରୋମାଞ୍ଚକର ସ୍ୱର ସହିତ ଏକ ପ୍ରିମିୟମ୍ ଏବଂ ସୁରୁଚିପୂର୍ଣ୍ଣ ଡିଜାଇନ୍ ।

ଏଚଆଣ୍ଡଏମର ନୂଆ ସ୍ପ୍ରିଙ୍ଗ ୨୦୨୪ କଲେକ୍ସନ

ଭୁବନେଶ୍ୱର (ସବ୍ୟୁ) : ସ୍ପ୍ରିଙ୍ଗ ୨୦୨୪ ପାଇଁ ସୂକ୍ଷ୍ମ ପରିଧାନ ଓ ଆରାମଦାୟକତା ସହିତ ନିଜର ନୂଆ କଲେକ୍ସନ ନେଇଆସିଛି ଏଚ୍ଆଣ୍ଡଏମ୍। ଏହି କଲେକ୍ସନରେ ସ୍କଲ୍ପଚରାଲ ଭଲ୍ୟୁମ ଓ ରିଫାଇନ୍‌ଡ ସୁଟ୍‌ସର ଶୃଙ୍ଖଳା, ବିଳାସପୂର୍ଣ୍ଣ ସାର୍ଟ ଓ ସାର୍ଟ ଡ୍ରେସ୍‌ଗୁଡିକ ସାମିଲ ରହିଛି । ଓ୍ୱର୍କୱେୟାର–ଅନୁପ୍ରାଣିତ ପୋଷାକଗୁଡ଼ିକ ଏକ ୟୁଟିଲିଟାରିଆନ ଏଜ୍ ପ୍ରଦାନ କରୁଥିବା ବେଳେ ଏମ୍ବ୍ରୟଡରଡ଼ ଡିଟେଲ, ପ୍ଲିଟ୍ ଓ ଟେକ୍ସଚର ଏକ ସୂକ୍ଷ୍ମ ସ୍ପର୍ଶକୁ ପ୍ରଦର୍ଶିତ କରୁଛନ୍ତି । ଏହି କଲେକ୍ସନକୁ ମାର୍ଚ୍ଚ ୨୧ ତାରିଖରେ ଶୁଭାରମ୍ଭ ହୋଇଛି ଏବଂ ଏହା ବିଶ୍ୱବ୍ୟାପୀ ନିର୍ଦ୍ଦିଷ୍ଟ ଷ୍ଟୋର୍ ଓ ଅନ୍‌ଲାଇନରେରେ ଉପଲବ୍ଧ ହେବ । ସ୍ପ୍ରିଙ୍ଗ ୨୦୨୪ର ୱମେନସ୍ୱେୟାର କଲେକ୍ସନରେ ସ୍ୱତନ୍ତ୍ର ଭାବେ ନିର୍ମିତ ସର୍ବୋତ୍କୃଷ୍ଟ ସୁଟିଙ୍ଗରେ କେବଳ ବ୍ଲେଜର ଓ ଟ୍ରାଉଜର ନୁହେଁ ବରଂ ୱେଷ୍ଟକୋଟ୍ ଓ ହଟ୍ ପ୍ୟାଣ୍ଟ ମଧ୍ୟ ସାମିଲ ରହିଛି। ରୋମାଣ୍ଟିକ ଭଲ୍ୟୁମ୍ ସହିତ ବ୍ଲାଉଜ, ଡ୍ରେସ୍ ଓ ସ୍କର୍ଟ, ପିନ୍‌ଟକ୍ସ ଓ ଫ୍ଲାଉନ୍ସେସ ଆଦି ଏଥିରେ ଉପଲବ୍ଧ ରହିଛି ।

ଯେଉଁଥିରେ ୯୦ ଦଶକ ଆକୃତିର ପାୱାର ଡେନିମ୍ ଓ ନରମ, ୱାଶ୍‌ଡ–ଆଉଟ୍ ବ୍ଲୁଗୁଡିକ କିଛି ସ୍ଥାୟୀତ୍ୱ ଯୋଗ କରୁଛନ୍ତି । ପ୍ରମୁଖ ପିସ୍‌ଗୁଡିକରେ ବେଲୁନ ସ୍ଲିଭ୍ ସହ ଏକ ହ୍ୱାଇଟ ମିନି–ଡ୍ରେସ୍, ରଚିଙ୍ଗ ଓ ଡ୍ର–ଷ୍ଟ୍ରିଙ୍ଗ ଡିଟେଲ, ଏକ ସିଲ୍‌ଭର ପେନ୍‌ସିଲ ସ୍କର୍ଟ, ଏକ ହାଲୁକା ଡେନିମ ସାର୍ଟ ସହ ବଡ଼ି–ସ୍କିନିଙ୍ଗ ସିମ୍ ଓ ଚଉଡା କଫ୍ ସହ ଏକ ହ୍ୱାଇଟ ଭଲ୍ୟୁମିନସ ଏମ୍ବ୍ରୟଡରଡ଼ କୋଲାରଲେସ ବ୍ଲାଉଜ ଅନ୍ତର୍ଭୁକ୍ତ ରହିଛି।

ସର୍ଭୋଟେକ ପାୱାର ସିଷ୍ଟମ୍‌ସ ଓ ଇଲେକ୍ଟ୍ରା ଇଭି ମଧ୍ୟରେ ସହଭାଗିତା

ଭୁବନେଶ୍ୱର (ସବ୍ୟୁ) : ଇଭି ଚାର୍ଜର ଓ ସୋଲାର ସଲ୍ୟୁଶନ୍‌ସର ବିକାଶ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ସର୍ଭୋଟେକ ପାୱାର ସିଷ୍ଟମସ ଲିଃ ଏବଂ ଭାରତର ଅଗ୍ରଣୀ ଇଲେକ୍ଟ୍ରିକ ଭେଇକିଲ ପାୱାରଟ୍ରେନ ସଲ୍ୟୁଶନ୍‌ସ କମ୍ପାନୀ ଇଲେକ୍ଟ୍ରା ଇଭି ପକ୍ଷରୁ ଯୁଗ୍ମ ମାଲିକାନାରେ ଥିବା ଏକ ବୈପ୍ଳବିକ ଇଭି ଚାର୍ଜର ଟେକ୍ନୋଲୋଜି ପାଇଁ ଏକ ସହଭାଗିତା ଘୋଷଣା କରାଯାଇଛି। ଏଥିପାଇଁ ନିକଟରେ ଉଭୟ କମ୍ପାନୀ ପାଟେଣ୍ଟ ଫାଇଲ କରିଛନ୍ତି । ଏହି ଅତ୍ୟାଧୁନିକ ସମାଧାନଗୁଡିକ ଏକ ଅତିରିକ୍ତ କ୍ଷୁଦ୍ର ଗ୍ୟାଜେଟର ବ୍ୟବହାର କରି ଏକ ଅତିରିକ୍ତ କନେକ୍ଟର ମାଧ୍ୟମରେ ସିସିଏସ୍୨ ଚାର୍ଜିଙ୍ଗ ନେଟ୍‌ୱର୍କରୁ ଯେକୌଣସି ଜିବି/ଟି ଭାରତ ଡିସି ୦୦୧ ଯାନର ଦ୍ରୁତ ଡିସି ଚାର୍ଜିଙ୍ଗକୁ ସକ୍ଷମ କରୁଛି। ଏହି ଉଭାବନ ବାଧାମୁକ୍ତ ଚାର୍ଜିଙ୍ଗ କମ୍ପାଟିବିଲିଟି ପାଇଁ ମାର୍ଗ ପ୍ରଶସ୍ତ କରୁଛି, ବ୍ୟୟବହୁଳ ଦ୍ୱୈତ ଭିତିଭୂମି ନିୟୋଜନ ପାଇଁ ଆବଶ୍ୟକତାକୁ ଦୂର କରୁଛି ଏବଂ ଜିବି/ଟି ଭାରତ ଡିସି

୦୦୧ ପ୍ରୋଟୋକଲ ଉପରେ ନିର୍ଭର କରୁଥିବା ଉଭୟ ଯାତ୍ରୀ ସେବା ଓ ବାଣିଜ୍ୟିକ ସେବାକୁ ଲାଭ ପ୍ରଦାନ କରୁଛି।

ଏହି ସହଭାଗିତା ସମ୍ପର୍କରେ ସର୍ଭୋଟେକ ପାୱାର ସିଷ୍ଟମ୍‌ସ ଲିମିଟେଡର ଚିଫ୍ ଟେକ୍ନିକାଲ ଅଫିସର ଅରୁଣ ହାଣ୍ଡା କହିଛନ୍ତି, 'ଆମେ ଇଲେକ୍ଟ୍ରା ଇଭି ସହ ସହଭାଗିତା କରି ଉତ୍ସାହିତ ଅଛୁ, ଏକ କମ୍ପାନୀ ଯାହା ଏକ ସ୍ଥାୟୀ ଓ ପହଂଚଯୋଗ୍ୟ ଇ–ମୋବିଲିଟି ଭବିଷ୍ୟତ ପାଇଁ ଆମର ଦୃଷ୍ଟିକୋଣକୁ ବାଂଟୁଛି। ଏହି ସହଭାଗିତା ଚମତ୍କାର ବୈଷୟିକ ବିଶେଷଜ୍ଞତା ଓ ଉଦ୍ଭାବନ ପ୍ରତି ଏକ ପ୍ରତିବଦ୍ଧତାକୁ ଏକତ୍ରିତ କରୁଛି। ଏହି ପାଟେଂଟ୍‌ଗୁଡିକର ମିଳିତ ମାଲିକାନା ପରବର୍ତ୍ତୀ ପିଢିର ଇଭି ଚାର୍ଜିଂ ଇକୋସିଷ୍ଟମର ବିକାଶକୁ ତ୍ୱରାନ୍ୱିତ କରିବ ଯାହା ଉଭୟ ବ୍ୟବସାୟ ଓ ଉପଭୋକ୍ତାଙ୍କୁ ଲାଭାନ୍ୱିତ କରିବ ।

ଔଷଧ ଦର ବୃଦ୍ଧି ନେଇ ବିଭ୍ରାନ୍ତିକର ରିପୋର୍ଟ

ଜବାବ ରଖିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ: ଚଳିତ ମାସରୁ ଔଷଧ ଦରରେ ୧୨% ପର୍ଯ୍ୟନ୍ତ ବୃଦ୍ଧି ଘଟିବ ବୋଲି କେତେକ ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଛି ।ଏହି ଦର ବୃଦ୍ଧି ଦ୍ୱାରା ୫୦୦ରୁ ଅଧିକ ଔଷଧ ପ୍ରଭାବିତ ହେବ ବୋଲି ଏହି ରିପୋର୍ଟରେ ଦାବି କରାଯାଇଛି । ଏଭଳି ଖବର ମିଥ୍ୟା, ବିଭ୍ରାନ୍ତିକର ଓ ଭ୍ରମାତ୍ମକ ବୋଲି କେନ୍ଦ୍ର ସରକାର ଜବାବ ରଖିଛନ୍ତି ।ଔଷଧ ମୂଲ୍ୟ ନିୟନ୍ତ୍ରଣ ଆଦେଶ (ଡିପିସିଓ) ୨୦୧୩ର ବ୍ୟବସ୍ଥା ଅନୁଯାୟୀ, ଔଷଧଗୁଡ଼ିକୁ ଅନୁସୂଚିତ ଏବଂ ଅଣ-ଅନୁସୂଚିତ ସୂତ୍ରୀକରଣ ବା ଫର୍ମୁଲେସନ୍ ଭାବରେ ବର୍ଗୀକୃତ କରାଯାଇଛିଛ ଡିପିସିଓ ୨୦୧୩ର ଅନୁସୂଚୀ-୧ରେ ତାଲିକାଭୁକ୍ତ ହୋଇଥିବା ସୂତ୍ରୀକରଣଗୁଡିକ ହେଉଛି ଅନୁସୂଚିତ ସୂତ୍ରୀକରଣ ଏବଂ ଡିପିସିଓ ୨୦୧୩ର ଅନୁସୂଚୀ-୧ରେ ନିର୍ଦ୍ଦିଷ୍ଟ ହୋଇନଥିବା ଫର୍ମୁଲେସନଗୁଡିକ ଅଣ-ଅନୁସୂଚୀ ସୂତ୍ରୀକରଣ ଅଟେ ।ଔଷଧ ବିଭାଗ ଅଧୀନରେ ଥିବା ନେସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନପିପିଏ) ବାର୍ଷିକ ହୋଲସେଲ ପ୍ରାଇସ୍ ଇଣ୍ଡେକ୍ସ (ଡବ୍ଲୁପିଆଇ) ଆଧାରରେ ଅନୁସୂଚିତ ଔଷଧର ସର୍ବୋଚ୍ଚ ମୂଲ୍ୟ ସଂଶୋଧନ କରିଥାଏ । ଡିପିସିଓ, ୨୦୧୩ର ଅନୁସୂଚୀ-୧ରେ ଅନ୍ତର୍ଭୁକ୍ତ ଅନୁସୂଚିତ ଔଷଧ ଗୁଡ଼ିକ ଅତ୍ୟାବଶ୍ୟକ ଔଷଧ ଅଟେ । ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୨ର ସମାନ ଅବଧି ତୁଳନାରେ କ୍ୟାଲେଣ୍ଡର ବର୍ଷ ୨୦୨୩ରେ ଆଧାର ବର୍ଷ ୨୦୧୧-୧୨ ସହିତ ଡବ୍ଲୁପିଆଇରେ ବାର୍ଷିକ ପରିବର୍ତ୍ତନ () ୦.୦୦୫୫୧% ଥିଲା ।ତଦନୁଯାୟୀ, କର୍ତ୍ତୃପକ୍ଷ ୨୦.୦୩.୨୦୨୪ରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଧାରିତ ଔଷଧ ପାଇଁ ଡବ୍ଲୁପିଆଇ ୦.୦୦୫୫୧% ହାରରେ ବୃଦ୍ଧିକୁ ଅନୁମୋଦନ କରିଛନ୍ତ ।

ହମାସ ଆତଙ୍କବାଦୀଙ୍କ ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍

କୋରିକୁଲମ୍: ଇସ୍ରାଏଲର ଗୁଇନ୍ଦା ସଂସ୍ଥା ମୋସାଦ ମଧ୍ୟ ଏହି ଆକ୍ରମଣର ଏକ ଭିଡିଓ ଜାରି କରିଛି । ଭିଡିଓରେ ଦେଖିବାକୁ ମିଳୁଛି ଯେ ୩ ଜଣ ଆତଙ୍କବାଦୀ ରାସ୍ତା ଦେଇ ଯାଉଥିଲେ । ଏହି ସମୟରେ ଇସ୍ରାଏଲ ସେନା ଏୟାର ଷ୍ଟ୍ରାଇକ କରିଥିଲା । ଏଥିରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଇସ୍ରାଏଲର ଗୁଇନ୍ଦା ସଂସ୍ଥା ମୋସାଦର କ୍ୟାମେରା ଗୁପ୍ତଭାବେ ଏହି ଆତଙ୍କବାଦୀଙ୍କୁ ପିଛା କରୁଥିଲା । ସୁଯୋଗ ମିଳିବା ମାତ୍ରେ ସେମାନଙ୍କୁ କ୍ଷେପଣାସ୍ତ୍ର ଆକ୍ରମଣରେ ଉଡ଼ାଇ ଦିଆଯାଇଥିଲା । ଭିଡିଓରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି ଯେ ଆତଙ୍କବାଦୀମାନେ ସଶସ୍ତ୍ର ଥିଲେ ଏବଂ ସେମାନେ କେଉଁଠି ଯାଉଥିବା ଦେଖିବାକୁ ମିଳୁଛି । ଏହି ସମୟରେ ସେମାନଙ୍କ ଉପରକୁ ଏକ କ୍ଷେପଣାସ୍ତ୍ର ମାଡ ହୋଇଥିଲା । ଫଳରେ ଆତଙ୍କବାଦୀମାନଙ୍କ ଶରୀରର ଚିହ୍ନବର୍ଣ୍ଣ ରହିନଥିଲା । ବିସ୍ଫୋରଣ ସ୍ଥଳରେ ଦୀର୍ଘ ସମୟ ଧରି ଆକାଶ ଆଡ଼କୁ କଳା ଓ ଘନ ଧୂଆଁ ଉଠୁଥିବା ଦେଖିବାକୁ ମିଳିଥିଲା ।

ଇସିଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସୀମାରେ କଡ଼ା ନଜର ନିର୍ଦ୍ଦେଶ

ନୂଆଦିଲ୍ଲୀ: ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଓ ପ୍ରଲୋଭନମୁକ୍ତ ନିର୍ବାଚନ ପାଇଁ ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନରେ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସୀମାରେ ଆଇନ ଶୃଙ୍ଖଳା ପରିସ୍ଥିତି, ବେଆଇନ କାର୍ଯ୍ୟକଳାପ ରୋକିବା ଏବଂ ଏହା ଉପରେ କଡ଼ା ନଜର ରଖିବା ପାଇଁ ନିର୍ବାଚନ ଆୟୋଗ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମୀକ୍ଷା କରିଛନ୍ତି ।ମିଳିତ ସମୀକ୍ଷାର ଉଦ୍ଦେଶ୍ୟ ଥିଲା ପଡ଼ୋଶୀ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଅଧିକାରୀଙ୍କ ସହିତ ସୀମା ରକ୍ଷଣାବେକ୍ଷଣ କରୁଥିବା କେନ୍ଦ୍ରୀୟ ଏଜେନ୍ସିମାନଙ୍କ ମଧ୍ୟରେ ଏକ ନିରବଚ୍ଛିନ୍ନ ସମନ୍ୱୟ ଏବଂ ସହଯୋଗ ପାଇଁ ସମସ୍ତ ସମ୍ପୃକ୍ତ ଅଂଶୀଦାରଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବା । ଆୟୋଗ ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁଙ୍କ ସହ ସୀମା ସୁରକ୍ଷାରେ ନିୟୋଜିତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ପ୍ରଲୋଭନମୁକ୍ତ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଆୟୋଗର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତା ବଜାୟ ରଖିବା ଏବଂ ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଂଶୀଦାରଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ପ୍ରତ୍ୟେକ ଭୋଟର ଯେପରି ବିନା ଭୟରେ କିମ୍ବା ବିନା ଭୟରେ ନିଜର ମତଦାନ ଅଧିକାର ବ୍ୟବହାର କରିପାରିବେ ତାହା ସୁନିଶ୍ଚିତ କରିବାକୁ ସେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସିଇସି ଶ୍ରୀ କୁମାର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଏଜେନ୍ସିମାନଙ୍କୁ ଏକ ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ଧମକମୁକ୍ତ ନିର୍ବାଚନ ପାଇଁ ସେମାନଙ୍କ 'ସଂକଳ୍ପ'କୁ ଦୃଢ଼ 'କାର୍ଯ୍ୟରେ' ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ପଡ଼ୋଶୀ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସମନ୍ୱୟ ବଢ଼ାଇବା, ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପ୍ରଦାନ କରାଯାଉଥିବା ସିଏପିଏଫର କଡ଼ାକଡ଼ି ମୁତୟନ ଉପରେ ଆଲୋଚନା ହୋଇଥିଲା । ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ସୀମାବର୍ତ୍ତୀ ନିର୍ବାଚନରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଏପିଏଫ୍) ଯବାନଙ୍କ ଗମନାଗମନ ଓ ପରିବହନ ପାଇଁ ଲଜିଷ୍ଟିକ୍ ସହାୟତା ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଭାବ ପକାଇଥିବା ସୀମାନ୍ତ ଅଞ୍ଚଳରେ ଫ୍ଲାସ୍ ପଏଣ୍ଟ ଚିହ୍ନଟ ଏବଂ ତଦାରଖ ଅତୀତର ଅନୁଭୂତି ଆଧାରରେ ସାମ୍ପ୍ରଦାୟିକ ଉତ୍ତେଜନାର ସମାଧାନ ପାଇଁ ପ୍ରାଥମିକ ପଦକ୍ଷେପ ତଥା ବେଆଇନ କାର୍ଯ୍ୟକଳାପ ବିରୋଧରେ ସୀମାକୁ ସୁରକ୍ଷିତ ରଖିବାର ଜରୁରୀ ଆବଶ୍ୟକତା ଉପରେ ବୈଠକରେ ଜୋର ଦିଆଯାଇଥିଲା । ଅନ୍ତର୍ଜାତୀୟ ସୀମାରେ ନିଶାଦ୍ରବ୍ୟ, ମଦ କାରବାର, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସମେତ ନିଷିଦ୍ଧ ସାମଗ୍ରୀ ପରିବହନ ଉପରେ ରୋକ୍ ଲଗାଇବା ପାଇଁ କଡ଼ା ସତର୍କତା ଅବଲମ୍ବନ କରିବା ଉପରେ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି । ସୀମାରେ ମଦ ଓ ନଗଦ ଟଙ୍କା ପରିବହନ ପାଇଁ ପ୍ରସ୍ଥାନ ଓ ପ୍ରବେଶ ପଥ ଚିହ୍ନଟ କରିବା ସହ କେତେକ ରାଜ୍ୟରେ ବେଆଇନ ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସିପିଏମ୍‌ର ନିର୍ବାଚନୀ ଇସ୍ତାହାର

ଜନ ବିରୋଧୀ ଆଇନ୍‌ର ହେବ ଉଚ୍ଛେଦ

ନୂଆଦିଲ୍ଲୀ: ଆସନ୍ତା ଲୋକସଭା ନିର୍ବାଚନ ପାଇଁ ସିପିଆଇଏମ୍ ତା'ର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛି । ଏଥିରେ ବେଆଇନ୍ କାର୍ଯ୍ୟକଳାପା ନିରୋଧି ଆଇନ୍ ଓ ମନିଲଣ୍ଡରିଂ ନିରୋଧୀ ଆଇନ୍ ଭଳି ସମସ୍ତ କଠୋର ଆଇନ୍‌କୁ ଉଚ୍ଛେଦ କରାଯିବାକୁ ସିପିଏମ୍ ନିର୍ବାଚନୀ ଇସ୍ତାହରରେ ଆହ୍ୱାନ ଦିଆଯାଇଛି । ନିର୍ବାଚନରେ ବିଜେପିକୁ ପରାସ୍ତ କରିବାକୁ ସିପିଏମ୍ ଭୋଟରଙ୍କୁ ନିବେଦନ ଜଣାଇବା ସହ କେନ୍ଦ୍ରର ଏକ ବିକଳ୍ପ ଧର୍ମନିରପେକ୍ଷ ସରକାର ଗଠନ ସୁନିଶ୍ଚିତ କରିବାକୁ କୁହାଯାଇଛି । ଇସ୍ତାହରରେ କୁହାଯାଇଛି ଯେ, ରାଜନୀତିଠାରୁ ଧର୍ମକୁ ଦୂରେଇ ରଖିବା ପାଇଁ ଦଳ ସାଲିସିବିହୀନ ସଂଗ୍ରାମ ଜାରି ରଖିବ । ଏତଦ୍‌ଭିନ୍ନ ଅପରାଧ ଏବଂ ଘୃଣିତ ଭାଷଣ ବିରୋଧରେ ଆଇନ ଅଣାଯିବାକୁ ସଂଗ୍ରାମ ଜାରି ରଖିବେ । ନାଗରିକ ସଂଶୋଧନ ଆଇନ ୨୦୧୯କୁ ରଦ୍ଦ କରାଯିବାକୁ ସିପିଏମ୍ ନିର୍ବାଚନୀ ଇସ୍ତାହରରେ ଉଲ୍ଲେଖ କରାଯାଇଛି । ଧନୀ ଶ୍ରେଣୀର ଲୋକଙ୍କ ଠାରୁ ଅଧିକ ଟିକସ ଆଦାୟ ଏବଂ ସାଧାରଣ ଟିକସ୍ ଉପରେ ଆଇନ ପ୍ରବର୍ତ୍ତନ କରାଯିବାକୁ ସିପିଏମ୍ ଇସ୍ତାହରରେ ପ୍ରତିଶ୍ରୁତି ଦିଆଯାଇଛି । ମନେରେଗା ଯୋଜନା ଅଧିକ ବଜେଟ୍ ବ୍ୟବସ୍ଥା କରାଯାଇ ସହରାଞ୍ଚଳର ବେକାର ଯୁବକମାନଙ୍କୁ କର୍ମ ନିଯୁକ୍ତର ଗ୍ୟାରେଣ୍ଟି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି । ଦଳର ବରିଷ୍ଠ ନେତା ସୀତାରାମ ଏଚୋରିଙ୍କ ମଧ୍ୟରେ ଗଠିତ ସିପିଏମ୍ ନିର୍ବାଚନୀ ଇସ୍ତାହାର କମିଟି ନିର୍ବାଚନ ପୂର୍ବରୁ ଏହି ଇସ୍ତାହାର ଜାରି କରିଛି ।

ବାୟୁସେନା ହେଲିକପ୍ଟରର ଜରୁରୀକାଳୀନ ଅବତରଣ

ନୂଆଦିଲ୍ଲୀ: ଲଦାଖରେ ଭାରତୀୟ ବାୟୁସେନାର ଏକ ହେଲିକପ୍ଟରର ଜରୁରୀ କାଳୀନ ଅବତରଣ ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ବୁଧବାର ସେନାର ଏକ ଆପାଚି ହେଲିକପ୍ଟର ପାହାଡିଆ ଅଞ୍ଚଳରେ ଜରୁରୀ କାଳୀନ ଅବତରଣ କରିଥିଲା । ହେଲିକପ୍ଟରରେ ଥିବା ଉଭୟ ପାଇଲଟ ସୁରକ୍ଷିତ ଅଛନ୍ତି ବୋଲି ସେନା ପକ୍ଷରୁ କୁହାଯାଇଛି । ବାୟୁସେନା ଏହି ଘଟଣାର କୋର୍ଟ ଅଫ୍ ଇନକ୍ୱାରି ନିର୍ଦ୍ଦେଶ ଦେଇଛି । ଭାରତୀୟ ବାୟୁସେନା ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଏପ୍ରିଲ ୩ ତାରିଖରେ ଲଦାଖରେ ଅପରେସନାଲ ଟ୍ରେନିଂ ଉଡ଼ାଣ ସମୟରେ ବାୟୁସେନାର ଆପାଚି ହେଲିକପ୍ଟର ସତର୍କତାମୂଳକ ଅବତରଣ କରିଥିଲା । ଏହି ଅବତରଣ ପ୍ରକ୍ରିୟା ସମୟରେ ଭୂଖଣ୍ଡର ଅସ୍ଥିରତା ଏବଂ ଉଚ୍ଚତା କାରଣରୁ ସେ କ୍ଷତିଗ୍ରସ୍ତ ହୋଇଛନ୍ତି । ହେଲିକପ୍ଟରରେ ଥିବା ଉଭୟ ପାଇଲଟ୍ ସୁରକ୍ଷିତ ଅଛନ୍ତି । ତାଙ୍କୁ ନିକଟସ୍ଥ ବାୟୁସେନା ଏୟାରବେସ୍‌କୁ ନିଆଯାଇଛି । ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନକ୍ୱାରି ନିର୍ଦ୍ଦେଶ ଦିଆଯାଇଛି । ବୋଇଂ କମ୍ପାନୀ ଦ୍ୱାରା ନିର୍ମିତ ଆପାଚି ହେଲିକପ୍ଟର ବିଶ୍ୱର ସବୁଠାରୁ ମାରାତ୍ମକ ହେଲିକପ୍ଟର ମଧ୍ୟରେ ଗଣାଯାଏ । କ୍ଷେପଣାସ୍ତ୍ର ସହ ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଥିବାରୁ ଏହାର ଶକ୍ତି ଅତୁଳନୀୟ ।

ମହାରାଷ୍ଟ୍ରରେ କଂଗ୍ରେସକୁ ଝଟକା ଦେଲେ ଶରଦ

ନୂଆଦିଲ୍ଲୀ: ମହାରାଷ୍ଟ୍ରରେ ଶରଦ ପାୱାର କଂଗ୍ରେସକୁ ଚମକାଇ ଦେଇଛନ୍ତି । ଯେଉଁଠାରୁ କଂଗ୍ରେସ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦାବି କରୁଥିଲା ସେହି ଭିୱଣ୍ଡି ଆସନରୁ ଶରଦ ନିଜ ପ୍ରାର୍ଥୀ ଘୋଷଣା କରିଛନ୍ତି । ଏହି ଆସନରୁ ଶରଦ ପାୱାର ସୁରେଶ ମତ୍ରେଙ୍କୁ ପ୍ରାର୍ଥୀ କରିଛନ୍ତି । ମିଳିଥିବା ସୂଚନା ମୁତାବକ ଶରଦ ଆଜି ଦଳର ଦ୍ୱିତୀୟ ତାଲିକା ପ୍ରକାଶ କରିଥିଲେ । ଦ୍ୱିତୀୟ ତାଲିକାରେ ବଜରଙ୍ଗ ସୋନାୱାନଙ୍କୁ ବିଡରୁ ଟିକେଟ ଦିଆଯାଇଛି, ଏଠାରୁ ବିଜେପି ପଙ୍କଜା ମୁଣ୍ଡେଙ୍କୁ ପ୍ରାର୍ଥୀ କରିଛି । ବାସ୍ତବରେ, ଗତ ଲୋକସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭିୱଣ୍ଡି ଆସନରେ ଭଲ ଭୋଟ୍ ପାଇଥିଲେ । ଗତ ନିର୍ବାଚନର ଆକଳନକୁ ଦେଖି କଂଗ୍ରେସ ଏହି ଆସନ ଛାଡିବାକୁ ପ୍ରସ୍ତୁତ ନଥିଲା । କପିଲ ପାଟିଲ ଏଠାରୁ ବିଜେପିର ବର୍ତ୍ତମାନର ସାଂସଦ ଥିବାବେଳେ ଏହାପୂର୍ବରୁ ଶରଦ ପାୱାରଙ୍କ ଦଳ ବାରମତିରୁ ସୁପ୍ରିୟା ସୁଲେ, ଦିଣ୍ଡରୀରୁ ଭାସ୍କର ଭଗରେ, ବାର୍ଦ୍ଧରୁ ଅମର କାଲେ, ଶିରୁରରୁ ଆମୋଲ କୋଲହେ ଏବଂ ଅହମ୍ମଦନଗରରୁ ନିଲେଶ ଲଙ୍କେଙ୍କୁ ଟିକେଟ ଦେଇଥିଲା । ମୋଟାମୋଟି ଭାବେ ଏପର୍ଯ୍ୟନ୍ତ ସାତୋଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । କଂଗ୍ରେସ ଏବଂ ଉଦ୍ଧବ ଠାକରେଙ୍କ ସହ ମିଶି ଶରଦ ପାୱାରଙ୍କ ଦଳ ପ୍ରତିଦ୍ୱନ୍ଦ୍ୱିତା କରୁଛି । ମହାରାଷ୍ଟ୍ରରେ ୪୮ଟି ଲୋକସଭା ଆସନ ଅଛି । ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ବାରମତିରୁ ନିର୍ବାଚନ ଲଢ଼ିପାରନ୍ତି । ଏଥର ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । କଂଗ୍ରେସର ଅନେକ ବଡ ନେତା ଦଳ ଛାଡି ଚାଲିଯାଇଛନ୍ତି ।

ନାମାଙ୍କନପତ୍ର ଦାଖଲ କଲେ ହେମା

ଲକ୍ଷ୍ନୌ: ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ କିଛିଦିନ ବାକିଥିବା ବେଳେ ଗୁରୁବାର ଭାଜପା ପ୍ରାର୍ଥୀ ହେମାମାଳିନୀ ମଥୁରା ଲୋକସଭା ଆସନରୁ ତାଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଗତବର୍ଷ ଅକ୍ଟୋବରରେ ହେମା ମାଳିନୀ ୭୫ ବର୍ଷ ବୟସରେ ପ୍ରଦାର୍ପଣ କରିଥିଲେ । ଏଭଳି ପରିସ୍ଥିତିରେ ସେ ଏଥର ଟିକେଟ ପାଇବେ କି ନାହିଁ ସେନେଇ କଳ୍ପନାଜଳ୍ପନା ଚାଲିଥିଲା । ଲୋକସଭା ନିର୍ବାଚନ-୨୦୨୪ରେ ବିଜେପି ହେମା ମାଳିନୀଙ୍କୁ ପ୍ରାର୍ଥୀ କରି ସମସ୍ତ କଳନାଜଳ୍ପନାର ଅନ୍ତ କରିଥିଲା । ନିକଟରେ ହେମା ମାଳିନି ନିଜେ ଘୋଷଣା କରିଥିଲେ ଯେ ଯଦି ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ତେବେ କେବଳ ମଥୁରାରୁ ହିଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ନଚେତ ସେ ନିର୍ବାଚନ ଲଢ଼ିବେ ନାହିଁ । ଏହି କାରଣରୁ ବିଜେପି ତାଙ୍କୁ ତୃତୀୟଥର ପାଇଁ ପୁଣି ପ୍ରାର୍ଥୀ କରି ନିର୍ବାଚନ ମୈଦାନକୁ ଓହ୍ଲାଇଛି । ଏହାପୂର୍ବରୁ ସେ ୨୦୧୪ ଏବଂ ୨୦୧୯ରେ ମଥୁରାରେ ଲୋକ ସଭା ନିର୍ବାଚନରେ ଜିତିଥିଲେ । ନାମାଙ୍କନପତ୍ର ଦାଖଲ ପୂର୍ବରୁ ହେମାମାଳିନୀ ମଥୁରାର ବିଶ୍ରାମ ଘାଟରେ ପହଞ୍ଚି ଯମୁନାଙ୍କୁ ପୂଜନ କରିଥିଲେ । ନାମାଙ୍କନପତ୍ର ଦାଖଲ ପରେ ହେମାମାଳିନୀ ଯମୁନାନଦୀକୁ ପ୍ରଦୂଷଣ ମୁକ୍ତ କରିବା ସହିତ ମଥୁରାବାସୀଙ୍କ ପାଇଁ ବିକାଶମୂଳକ ପ୍ରକଳ୍ପ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ହେମାମାଳିନୀଙ୍କ ଏହି ପ୍ରତିଶ୍ରୁତିରେ ମଥୁରାବାସୀ ଖୁସି ହୋଇ କହିଛନ୍ତି, 'ହେମାମାଳିନୀ କରିଥିବା ପ୍ରତିଶ୍ରୁତି ଯଦି ପୁରା ହୁଏ ତେବେ ଏହା ମଥୁରାବାସୀଙ୍କର ଏକ ବଡ଼ ଉପଲବ୍ଧି ହେବ ।

ମୋତେ ବିଜେପିରୁ ଅଫର ଆସିଛି: ଆତିଶୀ

ନୂଆଦିଲ୍ଲୀ: ଦିଲ୍ଲୀ ମନ୍ତ୍ରୀ ତଥା ଆପ୍ ନେତ୍ରୀ ଆତିଶୀଙ୍କ ସଙ୍ଗୀନ ଅଭିଯୋଗ । ତାଙ୍କୁ ବିଜେପି ପକ୍ଷରୁ ଅଫର୍ ଦିଆଯାଇଛି, ଯଦି ସେ ଦଳରେ ସାମିଲ ନ ହୁଅନ୍ତି, ତେବେ ତାଙ୍କୁ ଆସନ୍ତା ଗୋଟିଏ ମାସ ମଧ୍ୟରେ ଇଡି ଗିରଫ କରିନେବ ବୋଲି ସେ କହିଛନ୍ତି । ଏଥିସହ ସେମାନେ ଆପର ଆଉ ଚାରି ଜଣଙ୍କୁ ଗିରଫ କରିବେ ବୋଲି ଦାବି କରି କହିଛନ୍ତି ଆତିଶୀ । ସାମ୍ବାଦିକ ସମ୍ମିଳନୀରେ ଆତିଶୀ କହିଛନ୍ତି, ଲୋକସଭା ନିର୍ବାଚନର ଦୁଇ ମାସ ପୂର୍ବରୁ ସେମାନେ ଆଉ ୪ ଜଣ ଆପ୍ ନେତାଙ୍କୁ ଗିରଫ କରିବେ । ଆପର ଶୌରଭ ଭରଦ୍ୱାଜ, ଦୁର୍ଗେଶ ପାଠକ, ରାଘବ ଚଡ଼ା ଏବଂ ମୋତେ ଗିରଫ କରାଯିବ । ମୋର ଜଣେ ଘନିଷ୍ଠ ସହଯୋଗୀଙ୍କ ମାଧ୍ୟମରେ ବିଜେପି ମୋତେ ଅଫରେ ଦେଇଛି । ଯଦି ମୁଁ ବିଜେପିରେ ଯୋଗ ନ ଦିଏ, ତେବେ ମୋତେ ଆସନ୍ତା ଗୋଟିଏ ମାସ ମଧ୍ୟରେ ଇଡି ଗିରଫ କରିବ । ସେ ଆହୁରି କହିଛନ୍ତି, ଆପର ବହୁ ବରିଷ୍ଠ ନେତାଙ୍କୁ ଜେଲରେ ନେଇ ରଖିଛନ୍ତି ।

୫.୩ ତୀବ୍ରତାର ଭୂକମ୍ପ ଝଟକାରେ ଥରିଲା ହିମାଚଳ



ସିମଲା: ବଡ଼ଧରଣର ଭୂକମ୍ପ ଝଟକାରେ ଥରିଛି ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲା । ରିକ୍ଟର ସ୍କେଲରେ ଏହା ତୀବ୍ରତା ୫.୩ ରେକର୍ଡ କରାଯାଇଛି । ବଡ଼ଧରଣର ଭୂକମ୍ପ ଝଟକାରେ ଥରିଛି ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲା । ରିକ୍ଟର ସ୍କେଲରେ ଏହା ତୀବ୍ରତା ୫.୩ ରେକର୍ଡ କରାଯାଇଛି । ରାତି ୯.୩୪ରେ ଚାମ୍ବା ସମେତ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ଝଟକା ଅନୁଭୂତ ହୋଇଛି । ତେବେ ଏଯାଏ କ୍ଷୟକ୍ଷତି ସମ୍ପର୍କରେ କୌଣସି ପ୍ରକାରର ରିପୋର୍ଟ ମିଳି ନାହିଁ । ଝଟକା ପରେ ଲୋକମାନେ ନିଜ ନିଜର ଘର ଛାଡ଼ି ଖୋଲା ସ୍ଥାନକୁ ଚାଲି ଆସିଥିଲେ । ସେହିପରି ସେମାନେ ସେଠାରେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି ।

ଜାତିଗତ ପ୍ରମାଣପତ୍ର ମାମଲା

ସାଂସଦ ନବନୀତ ରାଣାଙ୍କୁ ମିଳିଲା ଆଶ୍ୱସ୍ତି

ନୂଆଦିଲ୍ଲୀ: ସାଂସଦ ନବନୀତ କୌର ରାଣାଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି । ଜାତିଗତ ପ୍ରମାଣ ପତ୍ର ମାମଲାରେ ସୁପ୍ରିମକୋର୍ଟ ଅମରାବତୀ ସାଂସଦ ନବନୀତ ରାଣାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ବମ୍ବେ ହାଇକୋର୍ଟ ଦେଇଥିବା ତାଙ୍କ ଜାତି ପ୍ରମାଣ ପତ୍ର ରଦ୍ଦ ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରି ଦେଇଛନ୍ତି । ୮ ଜୁନ୍ ୨୦୨୧ରେ ବମ୍ବେ ହାଇକୋର୍ଟ କହିଥିଲେ, 'ଫେକ୍ ଡକ୍ୟୁମେଣ୍ଟ ବ୍ୟବହାର କରି ହେରଫେର କରି ନବନୀତ ମୋଚି ଜାତିର ପ୍ରମାଣ ପତ୍ର ହାସଲ କରିଛନ୍ତି । ରେକର୍ଡରୁ ଜଣାପଡିଛି ଯେ, ସେ ସିଖ-ଚାମର ଜାତିର ଅଟନ୍ତି । ଏହା କହି ବମ୍ବେ ହାଇକୋର୍ଟ ତାଙ୍କ ଜାତିଗତ ପ୍ରମାଣ ପତ୍ରକୁ ରଦ୍ଦ କରିଦେଇଥିଲେ । ଏଥିସହ ୨ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଲଗାଇଥିଲେ । ବମ୍ବେ ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ନବନୀତ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହି ଆବେଦନର ଶୁଣାଣି କରି ଆଜି ସୁପ୍ରିମକୋର୍ଟ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ରଦ୍ଦ କରିଦେଇଛନ୍ତି । ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିବା ମହାରାଷ୍ଟ୍ରର ଅମରାବତୀ ଆସନରୁ ପ୍ରତିନିଧିତ୍ୱ କରୁଛନ୍ତି ଏହି ସ୍ୱାଧୀନ ସାଂସଦ । ଏବେ ସୁପ୍ରିମକୋର୍ଟରୁ ନବନୀତଙ୍କୁ ଆଶ୍ୱସ୍ତି ମିଳିବା ପରେ ଲୋକସଭା ନିର୍ବାଚନ ପାଇଁ ଅମରାବତୀ ଆସନରୁ ନାମାଙ୍କନ ଭରିବା ପାଇଁ ତାଙ୍କ ରାସ୍ତା ସଫା ହୋଇଯାଇଛି ।

ନିର୍ବାଚନରେ ହାରିବ ଋଷି ସୁନକଙ୍କ ଦଳ: ସର୍ଭେ



ନୂଆଦିଲ୍ଲୀ: ବ୍ରିଟେନର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ଦଳ କଞ୍ଜରଭେଟିଭ ପାର୍ଟିକୁ ଆଗାମୀ ନିର୍ବାଚନରେ ବଡ ପରାଜୟର ସମ୍ମୁଖୀନ ହେବାକୁ ପଡିପାରେ । ବ୍ରିଟେନରେ କରାଯାଇଥିବା ଏକ ଜନମତ ସର୍ଭେରେ ଏଭଳି ଦାବି କରାଯାଇଛି । ଏହି ସର୍ଭେ ୧୮ ହଜାର ଲୋକଙ୍କ ନମୂନା ଉପରେ ଆଧାରିତ । ଏହି ସର୍ଭେରେ କୁହାଯାଇଛି ଯେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ନେତୃତ୍ୱାଧୀନ କଞ୍ଜରଭେଟିଭ୍ ପାର୍ଟି ଆଗାମୀ ନିର୍ବାଚନରେ ହାରି କ୍ଷମତାଚ୍ୟୁତ ହେବ । ବିରୋଧୀ ଲେବର ପାର୍ଟି କୁ ୪୦୩ ଟି ଆସନ ମିଳିବ ବୋଲି ଆକଳନ କରାଯାଇଛି । ସୂଚନାଯୋଗ୍ୟ, ବ୍ରିଟେନ ସଂସଦରେ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ହେଲେ ୩୨୬ଟି ଆସନ ଜିତିବାକୁ ହେବ ।

ୟୁଗଭ୍ ଦ୍ୱାରା ଏହି ସର୍ଭେ କରାଯାଇଥିଲା । ଏହି ସର୍ଭେରେ ଟୋରି (କଞ୍ଜରଭେଟିଭ ଦଳ) ପରାଜୟର ପୂର୍ବାନୁମାନ କରାଯାଇଛି । ଟୋରିର ପୂର୍ବତନ ପ୍ରଧାନମନ୍ତ୍ରୀ ଜନ୍ ମେଜରଙ୍କ ୧୯୯୭ ଶାସନକାଳ ତୁଳନାରେ ଆଗାମୀ ନିର୍ବାଚନରେ ଟୋରିମାନେ ଅଧିକ ଖରାପ ପରାଜୟର ସମ୍ମୁଖୀନ ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି । ସେହି ସମୟରେ ଟୋନି ବ୍ଲେୟାରଙ୍କ ନେତୃତ୍ୱାଧୀନ ଲେବର ପାର୍ଟି ବହୁମତ ହାସଲ କରିଥିଲା ଓ ଟୋରି ଦଳ ମାତ୍ର ୧୬୫ ଟି ଆସନ ଜିତିପାରିଥିଲା ।

କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ଋଷି ସୁନକ ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ ଏକ ନିବେଦନ କରି ଚେତାବନୀ ଦେଇଥିଲେ ଯେ କଠୋରପନ୍ଥୀ ଶକ୍ତିମାନେ ଦେଶକୁ ଭାଙ୍ଗିବାକୁ ଚାହୁଁଛନ୍ତି ଏବଂ ଏହାର ବହୁଧାର୍ମିକ ପରିଚୟକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି ।

ଏୟାର ଇଣ୍ଡିଆର ବ୍ୟାଗ୍ ଟ୍ରାକ୍ ଓ ସୁରକ୍ଷା ସେବା



ନୂଆଦିଲ୍ଲୀ: ଏୟାର ଇଣ୍ଡିଆ ଏକ୍ସପ୍ରେସ ବ୍ଲୁ ରିବନ ବ୍ୟାଗ ସହ ସହଯୋଗିତାରେ 'ବ୍ୟାଗ୍ ଟ୍ରାକ୍ ଆଣ୍ଡ ପ୍ରୋଟେକ୍ଟ' ସେବା ଶୁଭାରମ୍ଭ କରିଛି। ଏହି ସେବା ଅତିଥିମାନଙ୍କ ପାଇଁ ସେମାନଙ୍କ ବ୍ୟାଗେଜ୍ ଯାଂଚ କରିବା ପାଇଁ ତମ ଯାତ୍ରା ସୁନିଶ୍ଚିତକରିବ। ଏୟାରଲାଇନ୍ସର ମୋବାଇଲ୍ ଆପ୍ ଏବଂ ୱେବସାଇଟ୍‌ରେ ଆଡ୍-ଅନ୍ସ ପେଜ୍‌ରୁ ଏହି ସେବା ପ୍ରି-ବୁକିଂ କରାଯାଇପାରିବ । ଏହି ସେବା ଅତିଥିମାନଙ୍କୁ ବିଳମ୍ବିତ ବ୍ୟାଗେଜ୍‌କୁ ଟ୍ରାକ୍ ଏବଂ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ ଏବଂ ଇମେଲ୍ ଏବଂଏସଏମଏସ ମାଧ୍ୟମରେ ବାସ୍ତବ ସମୟ ଅପଡେଟ୍ ପ୍ରଦାନ କରିବ। ଯଦି ବିମାନ ଗନ୍ତବ୍ୟ ସ୍ଥଳରେ ଅବତରଣ କରିବାର୯୬ ଘଂଟା ମଧ୍ୟରେ ବ୍ୟାଗେଜ୍ ଡେଲିଭରି କରାନଯାଏ ତେବେ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ପାଇଁ ଯଥାକ୍ରମେ ୧୯,୦୦୦ ଟଙ୍କା ଏବଂ ୬୬,୦୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ । ଘରୋଇ ବିମାନରେ ୯୫ ଟଙ୍କା ଓ ଅନ୍ତର୍ଜାତୀୟ ବିମାନରେ ୩୩୦ ଟଙ୍କାରେ ଏହି ସେବା ବୁକିଂ କରାଯାଇପାରିବ । ଏୟାର ଇଣ୍ଡିଆ ଏକ୍ସପ୍ରେସର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଡ. ଅଙ୍କୁର ଗର୍ଗ କହିଛନ୍ତି ଯେ, ଆମେ ଆମରଅତିଥିମାନଙ୍କୁ ବୈଷୟିକ ଜ୍ଞାନକୌଶଳରେ ସକ୍ଷମ ସେବା ପ୍ରଦାନ କରିବା ଉପରେ ନିରନ୍ତର କାର୍ଯ୍ୟ କରୁଛୁ ଯାହା ଆରାମଏବଂ ସୁବିଧାକୁ ବଢ଼ାଉଛି । ଆମର ବ୍ରାଣ୍ଡ ପ୍ରସ୍ତାବ ଫ୍ଲାଏ ଆଜ୍ ୟୁ ଆର'କୁ ପୂରଣ କରି ଆମେ କେବଳ ବିମାନ ନୁହେଁବରଂ ଅନୁଭୂତି ପ୍ରଦାନ କରିବାକୁ ଚେଷ୍ଟା କରୁଛୁ ଯାହା ଆମ ଅତିଥିଙ୍କ ଆବଶ୍ୟକତା ଏବଂ ପସନ୍ଦ ସହିତ ଅନୁକୂଳ, ବାଟରେ ସ୍ୱଚ୍ଛତା ଏବଂ ବ୍ୟକ୍ତିଗତ ସୁହାଇବା ଭଳି ପ୍ରଦାନ କରୁଛି ।

ସୂର୍ଯ୍ୟ କୁମାର ଫିଟ୍

ମୁମ୍ବାଇ,୪।୪(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ ତାରକା ବ୍ୟାଟର ସୂର୍ଯ୍ୟ କୁମାର ଯାଦବଙ୍କୁ ଜାତୀୟ କ୍ରିକେଟ୍ ଏକାଡେମୀ ଫିଟ୍ ଘୋଷିତ କରିଛି । ତେଣୁ ସେ ଖୁବ୍ ଶୀଘ୍ର ଦଳ ସହ ଯୋଗଦେବେ । ବିଧିବଦ୍ଧ ଭାବେ ଏସମ୍ପର୍କରେ ଏନ୍‌ସିଏ ପକ୍ଷରୁ କୌଣସି ବୟାନ ଜାରି କରାଯାଇନାହିଁ । ଚଳିତ ବର୍ଷ ଜାନୁଆରୀରେ ସୂର୍ଯ୍ୟ କୁମାରଙ୍କ ଗୋଇନ୍ ଅପରେସନ୍ ହୋଇଥିଲା । ଏପ୍ରିଲ ୭ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମୁକାବିଲାରେ ସୂର୍ଯ୍ୟ କୁମାର ମୁମ୍ବାଇ ପକ୍ଷରୁ ଖେଳିପାରନ୍ତି । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମୁମ୍ବାଇ କ୍ରମାଗତ ୩ଟି ମ୍ୟାଚ ହାରି ଥିଲା । ସୂର୍ଯ୍ୟଙ୍କ ଉପସ୍ଥିତ ଦଳର ବ୍ୟାଟିଂ ଲାଇନ୍‌କୁ ଆହୁରି ମଜଭୁତ କରିବ । ୫ ତାରିଖରେ ସେ ଦଳ ସହ ଯୋଗଦେବେ । ଟି-୨୦ କ୍ରିକେଟ୍‌ରେ ସୂର୍ଯ୍ୟଙ୍କ ପ୍ରଦର୍ଶନ ସର୍ବଦା ପ୍ରତିପକ୍ଷ ବୋଲରଙ୍କୁ ଚାପରେ ରଖିଥାଏ ।

ଧିମା ବୋଲିଂ ଯୋଗୁଁ ଅଡୁଆରେ ପନ୍ତ

କୋଲକାତା,୪।୪(ଏଜେନ୍ସି):ଚଳିତ ଆଇପିଏଲରେ ଧିମା ବୋଲିଂ ହାର ପନ୍ତଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି । ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତ ବାରମ୍ବାର ଦଣ୍ଡିତ ମଧ ହୋଇଛନ୍ତି । ବୁଧବାର କୋଲକାତା ବିପକ୍ଷ ମ୍ୟାଚରେ ଦିଲ୍ଲୀ ନିର୍ଦ୍ଧାରିତ ସମୟ ବୋଲିଂ ଶେଷ କରିପାରିନଥିଲା । ପ୍ରଥମ ମ୍ୟାଚରେ ପନ୍ତଙ୍କ ଉପରେ ୧୨ ଲକ୍ଷ ଟଙ୍କା ଓ ଏବେ ୨୪ ଲକ୍ଷ ଟଙ୍କାର ଜୋରିମାନା ଲାଗିଛି । ଆଗକୁ ଯଦି ସେ ଏଥିରେ ସୁଧାର ନଆଣନ୍ତି ତେବେ ତାଙ୍କୁ ମ୍ୟାଚ ଖେଳିବାରୁ ବଞ୍ଚିତ କରାଯିବ । ଅନ୍ୟ ଖେଳାଳିମାନଙ୍କ ଉପରେ ୨୫% ଜୋରିମାନା ଲଗାଯାଇଛି । ବୁଧବାର ମ୍ୟାଚରେ ପନ୍ତ ଆକର୍ଷଣୀୟ ଅର୍ଦ୍ଧଶତକ କରିଥିଲେ ମଧ କେକେଆର୍ ନିକଟରୁ ଦିଲ୍ଲୀ ଶୋଚନୀୟ ଭାବେ ପରାଜିତ ହୋଇଥିଲା ।

ଗୁଜରାଟ ହାତରୁ ମ୍ୟାଚ ଝାମ୍ପିନେଲା କିଙ୍ଗ୍ସ

ଆଇପିଏଲ୍ ମହାସମର

ଅହମ୍ମଦାବାଦ,୪।୪(ଏଜେନ୍ସି): ଗୁରୁବାର ଆଇପିଏଲ୍‌ର ୧୭ତମ ମ୍ୟାଚରେ ବଡ଼ ରୋଚକତା ଦେଖାଇଥିଲା ପଞ୍ଜାବ କିଙ୍ଗ୍ସ । ଗୁଜରାଟ ଟାଇଟନ୍ସ ପକ୍ଷରୁ ଧାର୍ଯ୍ୟ ହୋଇଥିବା ୨୦୦ ରନ୍‌ର ଟାର୍ଗେଟ୍ ବି ପଞ୍ଜାବ ପାଇଁ କମ୍ ପଡିଯାଇଥିଲା । ନିର୍ଦ୍ଧାରିତ କୋଟାର ମାତ୍ର ଗୋଟିଏ ବଲ୍ ବାକିଥାଇ ପଞ୍ଜାବ କିଙ୍ଗ୍ସ ୩ ୱିକେଟ୍ ବ୍ୟବଧାନରେ ଗୁଜରାଟ ଟାଇଟନ୍ସ ହାତରୁ ମ୍ୟାଚ ଝାମ୍ପି ନେଇଛି । ତେଣୁ ଚଳିତ ସିଜନ୍‌ରେ ଏହା ପଞ୍ଜାବ କିଙ୍ଗ୍ସର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଗୁଜରାଟ ଟାଇଟନ୍ସର ଦ୍ୱିତୀୟ ପରାଜୟ । ଶୁଭମନ ଗିଲଙ୍କ ଅପରାଜିତ ୮୯ ରନ୍ ସହାୟତାରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୯ ରନ୍ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ଶାଶାଙ୍କ ସିଂଙ୍କ ଅପରାଜିତ ୬୧ ରନ୍ ସହାୟତାରେ ୧୯.୫ ଓଭରରେ ୨୦୦/୭ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ମୋହିତ ଶର୍ମା ଓ ଦର୍ଶନ ନାଲକଣ୍ଡେଙ୍କ ଶେଷ ୨ ଓଭର ଦର୍ଶକଙ୍କ ହୃଦସ୍ପନ୍ଦନ ବଢ଼ାଇ ଦେଇଥିଲା । ଗୁଜରାଟ ଟାଇଟନ୍ସ ଭଲ ବ୍ୟାଟିଂ ସତ୍ତ୍ୱେ ଢ଼ିଲା କ୍ଷେତ୍ର ରକ୍ଷଣ ପାଇଁ ମ୍ୟାଚ ହାତ ଛଡା କରିଥିଲା । ଫିଲ୍ଡିଂ ସମୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ ହାତଛଡା କରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ତେଣୁ ଅଧିନାୟକ ଶୁଭମନ ଗିଲଙ୍କ ଏକତରଫା ଲଢ଼େଇ ବ୍ୟର୍ଥ ଯାଇଛି ।

ଟସ୍ ହାରିବା ପରେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା ଗୁଜରାଟ ଟାଇଟନ୍ସ । ରିଦ୍ଧିମାନ ଶାହାଙ୍କ ସହ ଅଧିନାୟକ ଶୁଭମନ ଗିଲ ପାଳି ଆରମ୍ଭ କରିଥିଲେ । ଗୋଟିଏ ଦୁଇଟି ଜୀବ ଦାନ ସତ୍ତ୍ୱେ ରିଦ୍ଧିମାନ ବଡ଼ ଇନିଂସ ଖେଳିବାକୁ ସକ୍ଷମ ହୋଇନଥିଲେ । କିନ୍ତୁ ଶୁଭମନ ଏକାକୀ ପଡ଼ିଆର ଚତୁଃ ଦିଗକୁ ଚୌକା ଓ ଛକା ମାରି ଦଳୀୟ ସ୍କୋରକୁ ୧୯୯ରେ ପହଞ୍ଚାଇଥିଲେ । ରିଦ୍ଧିମାନ ୧୩ ବଲ୍‌ରୁ ୧୧ ରନ୍ କରି ପାଭିଲିୟନ୍ ଫେରିଥିବା ବେଳେ କେନ ୱିଲିୟମ୍‌ସନ ୨୨ ବଲ୍‌ରୁ ୨୬, ସାଇ ସୁଦର୍ଶନ ୧୯ ବଲ୍‌ରୁ ୩୩, ବିଜୟ ଶଙ୍କର ୧୦ ବଲ୍‌ରୁ ୮ ଓ ଶେଷ ଭାଗରେ ରାହୁଲ ତେୱାତିଆ ୮ ବଲ୍‌ରୁ ଅପରାଜିତ ୨୩ ରନ୍ କରିଥିଲେ । ସବୁଠୁ ଆକର୍ଷଣୀୟ ଥିଲା ଶୁଭମନ ଗିଲଙ୍କ ଇନିଂସ । ୪୮ ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୬ଟି ଚୌକା ଓ ୪ଟି ଛକା ସହାୟତାରେ ୮୯ ରନ୍ କରିଥିଲେ । ବୋଲିଂରେ ପଞ୍ଜାବ କିଙ୍ଗ୍ସର କାଗିସୋ ରବାଡାଙ୍କୁ ସର୍ବାଧିକ ୨ଟି, ହରପ୍ରୀତ ବାର୍ ଓ ହର୍ସାଲ ପଟେଲ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୦୦ ରନ୍‌ର ବିଜୟଲକ୍ଷ୍ୟ କିଙ୍ଗ୍ସ ପଞ୍ଜାବ ପାଇଁ ଆଦୌ ସହଜ ନଥିଲା । କାରଣ ଅଧିନାୟକ ତଥା ଓପନର ଶିଖର ଧାୱନ ମାତ୍ର ଦୁଇଟି ବଲ୍‌ର ସମ୍ମୁଖୀନ ହୋଇ ଉମେଶ ଯାଦବଙ୍କ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଥିଲେ । ଜନୀ ବେୟାର ଷ୍ଟୋ ୨୨ ରନ୍, ପ୍ରଭସିମରନ ସିଂ ୨୪ ବଲ୍‌ରୁ ୩୫ ଓ ସାମ କୁରନ୍ ୮ ବଲ୍‌ରୁ ୫ ରନ୍ କରି ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୭୦ ରନ ଥିଲା । ଏପରିକି ଦଳ ୧୦ ଓଭରରେ ୮୦ ରନ୍ କରିଥିବା ବେଳେ ଆଉ ବାକି ୧୦ ଓଭରରେ ୧୨୦ ରନ୍‌ର ଆବଶ୍ୟକତା ଥିଲା । ତେଣୁ ଏଭଳି ଏକ ସମୟରେ ଶଶାଙ୍କ ସିଂ ଖେଳିଥିଲେ ମ୍ୟାଚ ବିଜୟୀ ଇନିଂସ । ସେ ୨୯ଟି ବଲ୍‌ରୁ ୬ଟି ଚୌକା ଓ ୪ଟି ଛକା ମାରି ୬୧ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅପରାଜିତ ଇନିଂସ ଖେଳିଥିଲେ । ତାଙ୍କର ଏହି ଇନିଂସ ବଳରେ ପଞ୍ଜାବ ମାତ୍ର ଗୋଟିଏ ବଲ୍ ବାକିଥାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା । ବୋଲର ଜିତେଶ ଶର୍ମା ୧୬ ରନ୍, ଆଶିତୋଷ ଶର୍ମା ଶେଷ ଭାଗରେ ୧୭ ବଲ୍‌ରୁ ୩୧ ରନ୍ ସଂଗ୍ରହ କରି ଶଶାଙ୍କଙ୍କୁ ଭରପୂର ସହଯୋଗ କରିଥିଲେ । ବୋଲିଂରେ ଗୁଜରାଟ ନୂରଅହମ୍ମଦ ଦୁଇଟି, ଅଜମତୁଲ୍ଲା ଓମାରଜାଇ, ଉମେଶ ଯାଦବ, ରସିଦ ଖାନ, ମୋହିତ ଶର୍ମା ଓ ଦର୍ଶନ ନାଲକଣ୍ଡେ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

ଆଜିର ମ୍ୟାଚ
ହାଇଦ୍ରବାଦ-ଚେନ୍ନାଇ
ସମୟ: ରାତି ୭.୩୦
ସ୍ଥାନ: ହାଇଦ୍ରାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ମୁମ୍ବାଇ ଇଣ୍ଡିଆନ୍ ଛାଡିପାରନ୍ତି ରୋହିତ

ମୁମ୍ବାଇ,୪।୪(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରୋହିତ ଶର୍ମାଙ୍କୁ ହଟାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ପଦ ଦେବା ବେଶ ମହଙ୍ଗା ପଡିଛି । କ୍ରମାଗତ ୩ଟି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଶୋଚନୀୟ ଭାବେ ହାରିବା ତଥା ବାରମ୍ବାର ଦର୍ଶକ ପାଣ୍ଡ୍ୟାଙ୍କୁ ଟ୍ରୋଲ କରିବା ଏବେ ସବୁଠୁ ଚର୍ଚ୍ଚା ହେଉଛି । ରିପୋର୍ଟ ମୁତାବକ ଅସନ୍ତୁଷ୍ଟ ରୋହିତ ଶର୍ମା ଏହି ସିଜିନ ପରେ ମୁମ୍ବାଇ ଇଣ୍ଡିଆନ୍ ପ୍ରଞ୍ଚାଇଜ ସହ ସମ୍ପର୍କ କରିବେ । ସେ ପରୋକ୍ଷରେ ଏସମ୍ପର୍କରେ ସୂଚନା । ରୋହିତଙ୍କ ନେତୃତ୍ୱରେ ମୁମ୍ବାଇ ୫ଥର ଟାଇଟଲ ହାତେଇଥିଲା । ତାଙ୍କୁ ଯେଉଁ ଭଳି ଶୈଳୀରେ ଅଧିନାୟକ ପଦରୁ ହଟାଗଲା । ତାହାକୁ ନେଇ ଟିମ୍ ଦୁଇ ଭାଗ ହୋଇଯାଇଛି । ହାର୍ଦ୍ଦିକ ନେତୃତ୍ୱ ଦକ୍ଷତା ପଦାରେ ପଡିସାରିଛି । ତାଙ୍କର କେତେକ ନିଷ୍ପତ୍ତିକୁ ନେଇ ରୋହିତ ଅସନ୍ତୋଷ ବ୍ୟକ୍ତ କରିବା ପରେ ଡ୍ରେସିଂ ରୁମ୍‌ରେ ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖାଯାଇଥିଲା । ଟିମ୍‌ର ଏକାଗ୍ରତା ଭଙ୍ଗ ହୋଇଥିବାରୁ ବଡ଼ ସମସ୍ୟା ସୃଷ୍ଟି କରିଛି । କେତେକ ଘଟଣାରେ ମଧ ପଡ଼ିଆ ଭିତରେ ରୋହିତ ଶର୍ମା ଓ ହାର୍ଦ୍ଦିକଙ୍କ ମଧ୍ୟରେ ବିବାଦ ଥିବା ପ୍ରତୀୟମାନ ହୋଇଛି ।

ମହିଳା ଫୁଟବଲ ଲିଗ୍: ନୀତା ଏକାଡେମୀ ଚାମ୍ପିଅନ୍

ଭୁବନେଶ୍ୱର,୪।୪(ସବ୍ୟୁ): ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ର ୧୭ ବର୍ଷରୁ କମ୍ ବର୍ଗରେ ନୀତା ଏକାଡେମୀ ଚାମ୍ପିଅନ୍ ହୋଇଥିବା ବେଳେ କିଟ୍/ କିସ୍ ରନର୍ସ ଅପ୍ ହୋଇଛି । ଚାମ୍ପିଅନ୍ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ସହ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିଭଳି ୧୫ ବର୍ଷରୁ କମ୍ ବର୍ଗରେ ଓଡ଼ିଶା ଏକାଡେମୀ ଚାମ୍ପିଅନ୍ ହୋଇଥିବା ବେଳେ ସ୍ପୋର୍ଟ୍ସ ଓଡ଼ିଶା ରନର୍ସ ଅପ୍ ହୋଇଥିଲା । ଚାମ୍ପିଅନ୍ ଦଳକୁ ୫୦,୦୦୦ ଟଙ୍କାର ଚେକ୍ ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩୦,୦୦୦ ଟଙ୍କାର ଚେକ୍ ଓ ଟ୍ରଫି ପ୍ରଦାନ କରାଯାଇଥିଲା । କଟକର ସିଡିଏ ସେକ୍ଟର-୬ ଫୁଟବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଫାଓ କୋଷାଧକ୍ଷ ଭକ୍ତ ବଲ୍ଲବ ଦାସ,

ଉପସଭାପତି ଦିଲ୍ଲୀପ ସାହୁ, ଯୁଗ୍ମ ସମ୍ପାଦକ ସହୀଦ ଜବାର, ବିଶ୍ୱ ରଞ୍ଜନ ଘଡେଇ, ନୀତା ଫୁଟବଲ ଏକାଡେମୀ ଅଧକ୍ଷ ଅରୁଣ ସାମଲ ଏବଂ ଅର୍ବାନ ଆଡଭେଞ୍ଚର କ୍ଳବ୍ ସମ୍ପାଦକ ରଞ୍ଜନ କୁମାର ସାମଲ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ଥୋମାସ/ଉବେର କପ୍ ଫାଇନାଲ୍ସ: ଶକ୍ତିଶାଳୀ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ,୪।୪(ଏଜେନ୍ସି): ଆଗାମୀ ବିଡବ୍ଲ୍ୟୁଏଫ୍ ଥୋମାସ/ଉବେର କପ୍ ଫାଇନାଲ୍ସ ନିମନ୍ତେ ଶକ୍ତିଶାଳୀ ଭାରତୀୟ ଦଳ ଘୋଷଣା ହୋଇଛି । ସିନିୟର ଚୟନ ସମିତି ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି । ଏହି ପ୍ରତିଯୋଗିତା ଚେନ୍ନାଇର ଚେଙ୍ଗଡୁରେ ଏପ୍ରିଲ ୨୭ରୁ ମେ' ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଥୋମାସ କପ୍ ନିମନ୍ତେ ୧୦ ଜଣିଆ ଦଳ ଘୋଷଣା ହୋଇଛି । ଏଥିରେ ୫ ଜଣ ସିଙ୍ଗଲ୍ସ ଖେଳାଳି ଅଛନ୍ତି । କିରଣ ଜର୍ଜ, ଏଚ୍‌ଏସ୍ ପ୍ରଣୟ, ଲକ୍ଷ୍ୟ ସେନ, କିଦାମ୍ବି ଶ୍ରୀକାନ୍ତ ଓ ପ୍ରିୟାଂଶୁ ରାଜୱତ ସିଙ୍ଗଲ୍ସରେ ଲଢ଼ିବେ । ସାଇ ପ୍ରତୀକ୍ ବ୍ୟାକ୍ ଅପ୍ ଖେଳାଳି ଭାବେ ଦଳରେ ସ୍ଥାନ ପାଇଛନ୍ତି । ସାତ୍ତ୍ୱିକ ସାଇରାଜ ରଣକୀ ରେଡ୍ଡୀ, ଚିରାଗ ସେଠୀ, ଏମ୍‌ଆର୍ ଅର୍ଜୁନ ଓ ଧ୍ରୁବ କପିଳା ଡବଲ୍ସ ରଣାଙ୍ଗନକୁ ଓହ୍ଲାଇବେ । ତେଣୁ ଡବଲ୍ସ ନିମନ୍ତେ ସାଇ ପ୍ରତୀକ ଭାବେ ବ୍ୟାକ୍‌ଅଫ୍ ଭାବେ ରଖାଯାଇଛି । ଥୋମାସ କପ୍ ନିମନ୍ତେ ଗଠନ ଚୟନ କମିଟିରେ ଜାତୀୟ କୋଚ୍ ପୁଲେଲା ଗୋପିଚାନ୍ଦ, ଯୁବିମଳ କୁମାର, ଜ୍ୱାଲା ଗୁଟ୍ଟା, ମଞ୍ଜୁସା କନୱର, ପାର୍ଥୋ ଗାଙ୍ଗୁଲି ଓ ମଲ୍ଲିକା ବରୁଆ ଶର୍ମା ଅଛନ୍ତି । ଅଲିମ୍ପିକ୍ସ ନିମନ୍ତେ ପ୍ରସ୍ତୁତି ହେବା ପାଇଁ ସମସ୍ତ ଖେଳାଳି ଉବେର କପ୍ ଉପରେ ବିଶେଷ ଧ୍ୟାନ ଦେବେ । ଉବେର କପ୍ ନିମନ୍ତେ ଘୋଷିତ ଦଳରେ ଅନମୋଲ୍ ଖର୍ବ, ତନଭି ଶର୍ମା, ଅସ୍ମିତା ଚାଲିହା ଓ ପିସା ରାଣୀ ବରୁହାଁ ସିଙ୍ଗଲ୍ସ ତଥା ଶ୍ରୁତି ମିଶ୍ର, ପ୍ରିୟା କୋନଜେଙ୍ଗବାମ, ସିମରନ୍ ସିଂ ଓ ରିତିକା ଥାକର ଡବଲ୍ସ ଲଢ଼ିବେ ।

ଏସୀୟ ରଗବୀ ପୁରୁଷ ଚାମ୍ପିଅନ୍‌ସିପ୍

ଜାତୀୟ ଶିବିରରେ କିସ୍‌ରୁ ୩

ଭୁବନେଶ୍ୱର,୪।୪(ସବ୍ୟୁ): ଏସିଆନ୍ ରଗବୀ ପୁରୁଷ ଚାମ୍ପିଅନ୍‌ସିପ୍ ଚଳିତ ମାସ ଏପ୍ରିଲ ୩୦ରୁ ମେ' ୪ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାର କଲମ୍ବୋରେ ଆୟୋଜନ ହେବାକୁ ଯାଉଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଭାରତୀୟ ସିନିୟର ପୁରୁଷ ଦଳ ଭାଗ ନେବେ । ଏହି କ୍ୟାମ୍ପ କୋଲକାତାର ସାଇ ନେତାଜୀ ସୁବାଷ ଇଷ୍ଟର ସେଣ୍ଟରରେ ଏପ୍ରିଲ ୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଆରମ୍ଭ ହୋଇଥିବା ଏହି କ୍ୟାମ୍ପରେ ମୋଟ୍ ୪୨ ଜଣ ରଗବୀ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ କିସ୍‌ରୁ ୩ ଜଣ ଅଛନ୍ତି । ଏମାନେ ହେଲେ ଗଣେଶ ଧାଙ୍ଗଡମାଝୀ, ଆଶିଷ ଶବର ଓ ଅଜିତ କୁମାର ହଂସଦା କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ସ୍ୱର୍ଗତା କାଦମ୍ବିନୀ ମହାନ୍ତି
ଗ୍ରାମ-ଆର୍ତ୍ତୁଂ, ବାସୁଦେବପୁର, ଜିଲ୍ଲା-ଭଦ୍ରକ
ତା. ୦୫.୦୪.୨୦୨୪ (ଶୁକ୍ରବାର)
ହେ ମହାନ୍ ଆତ୍ମା ତୁମ ଅଗାଢ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥିବ ଓ ତୁମେ ସବୁବେଳେ ମନେପଡୁଥିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ, ଏହାହିଁ ଭକ୍ତିଭରା ପ୍ରାର୍ଥନା ।
ଶୋକସନ୍ତପ୍ତ - ନିରୋଦ, କାଳିଆ, ନାଲି, ମମତା, ରବି, ବିଦ୍ୟା, ସାବିତ୍ରୀ, କମଳା, କୁନୁ ଓ ବୋହୂ ନାତି ଆଦିତ୍ୟ, ବଇଁଶୀ, ରିତିକ୍, ରାହୁଲ, ନାତୁଣୀ ପୂଜା, ସୋଟାଲିନ୍

ଜାତୀୟ ସବ୍‌ଜୁନିୟର, ଜୁନିୟର ଜୁଜିତସୁରେ ଓଡ଼ିଶାର ସଫଳତା

ଭୁବନେଶ୍ୱର,୪।୪(ସବ୍ୟୁ): ମାର୍ଚ୍ଚ ୨୯ରୁ ଏପ୍ରିଲ ୨ ତାରିଖ ମଧ୍ୟରେ ଲକ୍ଷ୍ନୌର ଚୋକ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ ସବ୍‌ଜୁନିୟର ଓ ଜୁନିୟର ଜୁଜିତସୁ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ସହ ମୋଟ୍ ୪ଟି ପଦକ ହାସଲ କରିଛନ୍ତି । ଜୁନିୟର ପୁରୁଷ ୭୭ କିଲୋ ବିଭାଗରେ ଅମ୍ଳାନ ରାଉତ ସ୍ୱର୍ଣ୍ଣ ଓ ନିବାଜାରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଉମାଶଙ୍କର ସାହୁ ୫୨ କିଲୋ ନିବାଜା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଜୁନିୟର ମହିଳା ବିଭାଗରେ ଶୁଭଲକ୍ଷ୍ମୀ ପାଲ ୪୮ କିଲୋ ନିବାଜାରେ ରୌପ୍ୟ ପଦକ ଜିତିଛନ୍ତି । ମୋଟ୍ ଉପରେ ଓଡ଼ିଶାକୁ ୪ଟି ପଦକ ମିଳିଛି । ଟିମ୍ ମ୍ୟାନେଜର ଓ କୋଚ ସ୍ୱରାଜ ଜାନୀଙ୍କ ନେତୃତ୍ୱରେ ଯାଇଥିବା ଓଡ଼ିଶା ଦଳର କୃତି ପ୍ରତିଯୋଗୀଙ୍କୁ ଓଡ଼ିଶା ଜୁଜିତସୁ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ସଭାପତି ଚିତରଞ୍ଜନ ସ୍ୱାଇଁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

ତେଜ୍ ହୋଣ୍ଡା ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ

ବ୍ୟାସନଗର,୪।୪(ଜିପ୍ର): କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡ୍ରେମୀ ଆନୁକୂଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମ ଠାରେ ଆସନ୍ତା ଏପ୍ରିଲ ୧୭ତାରିଖରୁ ଆରମ୍ଭ ହେବାକୁ ଥିବା କଳିଙ୍ଗନଗର ପ୍ରିମିୟର ଲିଗର ୪ର୍ଥ ସଂସ୍କରଣ କ୍ରୀଡ଼ାସୂଚୀ ଚୂଡ଼ାନ୍ତ ହୋଇଛି । ଏହି ବର୍ଷ ଏହି କେପିଏଲ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଦଳ ଭାଗ ନେବେ । ଗ୍ରୁପ୍ 'ଏ' ରେ (୧)ଏ ଏଣ୍ଡ ଏସ ରୟାଲ ଚ୍ୟାଲେଞ୍ଜର୍ସ ବ୍ୟାସନଗର ମାଲିକ ନସିମ୍ ଅହମ୍ମଦ ଓ ଏସ କେ ମୁସିଦ୍ (୨) ବ୍ୟାସ ଟାଇଗର୍ସ ଯୋଡ଼ାବର ମାଲିକ ବିଜୟ ଜେନା ଓ କଳିଙ୍ଗ ପହି (୩) ରାମେଶ୍ୱର ଫାଇଟରସ୍, ରାମଚନ୍ଦ୍ରପୁର, ମାଲିକ ପ୍ରଦୀପ ସାହୁ, ଗ୍ରୁପ୍ 'ବି' ରେ (୧)ଏମ ଏମ ସି ସି ସମ୍ବଲପୁର ମାଲିକ ରିକନ୍ ମହାନ୍ତି (୨)ଡୁବୁରୀ ଫାଇଟରସ୍, ମାଲିକ ଜୟନ୍ତ ରାଉତ (୩) ଏ ବି ୟୁନିକ୍ରନସ୍, ଭୁବନେଶ୍ୱର ମାଲିକ ଆଶିଷ ପାଣି ଭାଗ ନେଇଛନ୍ତି । ଉଦଘାଟନୀ ଉତ୍ସବ ସହିତ ୧୭ ତାରିଖ ସଂଧ୍ୟା ୭ଘଟିକା ସମୟରେ ୧ମ ମ୍ୟାଚ ଏ ଏଣ୍ଡ ଏସ୍ ରୟାଲ ଚ୍ୟାଲେଞ୍ଜର୍ସ ବନାମ ବ୍ୟାସ ଟାଇଗରସ୍, ୧୮ରେ ମ୍ୟାଚ ଅପରାହ୍ନ ୪ଟାରୁ ଏମ ଏମ ସି ସି ସମ୍ବଲପୁର ବନାମ ଡୁବୁରୀ ଫାଇଟରସ , ୨ୟ ମ୍ୟାଚ ରାତ୍ର ୮ଘଟିକାରେ ରାମେଶ୍ୱର ଫାଇଟରସ ବନାମ୍ ଏ ଏଣ୍ଡ ଏସ ରୟାଲ ଚ୍ୟାଲେଞ୍ଜର୍ସ, ୧୯ରେ ୧ମ ମ୍ୟାଚ ବ୍ୟାସ ଟାଇଗରର୍ସ ବନାମ ରାମେଶ୍ୱର ଫାଇଟରସ, ୨ୟ ମ୍ୟାଚ ଏମ ଏମ ସି ବନାମ ଏ ବି ୟୁନିକ୍ରନସ୍ ,୨୦ରେ ସଂଧ୍ୟା ୭ଘଟିକାରେ ଏବି ୟୁନିକ୍ରନସ୍ ବନାମ୍ ଡୁବୁରୀ ଫାଇଟରସ୍ ମଧ୍ୟରେ ଅନୁଷ୍ଠିତ ହେବ । ୨୧ ତାରିଖରେ ଦୁଇଟି ସେମିଫାଇନାଲ ହେବ । ୧ମ ସେମିଫାଇନାଲ ଗ୍ରୁପ୍ ଏ ର ଚମ୍ପିୟନ ବନାମ୍ ଗ୍ରୁପ୍ ବି ରନର୍ସ ଅପ୍ , ୨ୟ ସେମିଫାଇନାଲ ଗ୍ରୁପ୍ ବି ର ଚମ୍ପିୟନ ବନାମ୍ ଗ୍ରୁପ୍ ଏ ର ରନର୍ସ ଅପ୍ ମଧ୍ୟରେ ଅନୁଷ୍ଠିତ ହେବ । ୨୨ରେ ସଂଧ୍ୟା ୭ଘଟିକାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏହା ସହିତ ପ୍ରତ୍ୟେକ ଦିନ ଖେଳାଳୀଙ୍କୁ ଉତ୍ସାହିତ କରିବା ପାଇଁ ସିନେ ଅଭିନେତା ଓ ଅଭିନେତ୍ରୀ ଆସିବା ସହିତ ପ୍ରତିଷ୍ଠିତ ଖେଳାଳିମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପୁରାତନ ଖେଳାଳୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ କେପିଏଲ୍ ଆରମ୍ଭ ଦିନରୁ ଯେଉଁ ଫ୍ରାନଚାଇଜ୍ ମାନେ ଟିମ୍ ନେଇଥିଲେ ସେମାନଙ୍କୁ ମଧ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କେପିଏଲର ସଂଯୋଜକ ନିରଞ୍ଜନ ପୃଷ୍ଟି ଜଣାଇଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

ବନମାଳୀପୁର ଅକ୍ଷୟ ହତ୍ୟା ଘଟଣା
କେମିତି ମାରିଥିଲେ କହିଲା ହତ୍ୟାକାରୀ ଦିଲୁ

ବାଲିପାଟଣା,(ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ବନମାଳୀପୁର ନୂଆସାହି ବଜାରରେ ଗତମାସ ୧୭ ତାରିଖରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ପୁର୍ବ ଶତ୍ରୁତାକୁ କେନ୍ଦ୍ରକରି ମଝିହରା ପଞ୍ଚାୟତ ମହଲା ସାହିର ଅକ୍ଷୟ ମାଝୀ (୪୨) ଙ୍କୁ ଦଣ୍ଡାସାହି (ପଦପୋଖରୀ) ର ଦିଲୁ ଭୋଇ ଏବଂ ତାଙ୍କ ବାପା କାଳନ୍ଦୀ ଭୋଇ ମାରଣାସ୍ତ୍ର ଏବଂ ପଥରରେ ଛେଚି ହତ୍ୟା କରିଥିଲେ। ବାଲିପାଟଣା ପୁଲିସ ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇକୁ ୨ ଦିନିଆ ରିମାଣ୍ଡରେ ଆଣି ଆଜି ହତ୍ୟା କାଣ୍ଡ ସ୍ଥାନକୁ ନେଇ କିପରି ହତ୍ୟା କରିଥିଲେ ତଥ୍ୟ ସଂଗ୍ରହ କରିଛି ।ସେହି ଛାତି ଥରା କାହାଣୀ ସମ୍ପର୍କରେ ଦିଲୁ ପୁଲିସକୁ ଟିକିନିଖି କରି ବଖାଣିଛି । ହତ୍ୟାକାଣ୍ଡ ରାତିରେ ଦିଲୁ ଏବଂ ଅକ୍ଷୟ ନୁଆସାହି ବଜାରର ଏକ ସାର ଦୋକାନ ପିଣ୍ଡାରେ ବସି ନିଶା ସେବନ କରିଥିଲେ । ପରେ ସେମାନଙ୍କ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହୋଇଥିଲା । ଦିଲୁଙ୍କ କହିବା ଅନୁଯାୟୀ ମୃତ ଅକ୍ଷୟ ତାଙ୍କୁ ଏକ ଛୁରୀରେ ପ୍ରଥମେ ଆକ୍ରମଣ କରିଥିଲେ । ରାଗରେ ଜର୍ଜରିତ ହୋଇ କାଳନ୍ଦୀ ଏବଂ ଦିଲୁ ଆକ୍ରମଣ କରି ଅକ୍ଷୟକୁ ଗୁରୁତର କରିଥିଲେ। ଫଳରେ ଚିକିତ୍ସାଧୀନ ଅବସ୍ଥାରେ ଅକ୍ଷୟଙ୍କ ମୃତ୍ୟୁ ହୋଇଥିଲା । ମୃତ ଅକ୍ଷୟଙ୍କ ପତ୍ନୀ ଶ୍ରାବଣୀଙ୍କ ଅଭିଯୋଗ ଆଧାରରେ ବାଲିପାଟଣା ପୁଲିସ ଗତ ୧୯ ତାରିଖ ରେ ବାଲିପାଟଣା ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଫେରାର ଥିବା ମୁଖ୍ୟ ଆସାମୀ ଦିଲୁ ୨୮ ରେ କୋର୍ଟରେ ଆତ୍ମ ସମର୍ପଣ କରିଥିଲ । ଅକ୍ଷୟଙ୍କ ପତ୍ନୀଙ୍କୁ ଦିଲୁ ଏକତରଫା ପ୍ରେମ କରିବା କାରଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି।

ମହାନଦୀରେ ଡଙ୍ଗା ବୁଡି ଜଣେ ନିଖୋଜ : ୩ ଉଦ୍ଧାର

ଆଠଗଡ଼/ବାଙ୍କୀ, (ସବ୍ୟୁ) :ଗୁରୁବାର ମହାନଦୀରେ ଚାରି ଜଣ ଯୁବକ ଡଙ୍ଗା ନେଇ ଗାଧୋଇବା ପାଇଁ ଯାଇଥିବା ବେଳେ ଡ଼ଙ୍ଗା ବୁଡି ଯିବାରୁ ଜଣେ ଯୁବକ ନିଖୋଜ ହୋଇ ଥିବା ବେଳେ ଅନ୍ୟ ୩ଜଣ ସୁରକ୍ଷିତ ଭାବରେ ଉଦ୍ଧାର ହୋଇ ଥିବା ଜଣାପଡିଛି।ତେବେ ଉଦ୍ଧାର ୩ ଜଣ ଯୁବକ ଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଆଠଗଡ଼ ଏବଂ ପରେ କଟକ ବଡ ଡାକ୍ତରଖାନା କୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ଘଟଣା ରୁ ପ୍ରକାଶ ଯେ ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ସପ୍ତଶଯ୍ୟା ପଡା ଗ୍ରାମ ର ରଞ୍ଜନ ନାୟକ ଙ୍କ ପୁଅ ରଜତ ନାୟକ (୨୫) ,ଦାସରଥି ପ୍ରଧାନ ଙ୍କ ପୁଅ ଦୀପକ ପ୍ରଧାନ (୨୨), ମନୋଜ ସାହୁଙ୍କ ପୁଅ ଶିବୁ ସାହୁ (୨୫) ଏବଂ ତିଗିରିଆ ଥାନା ଅନ୍ତର୍ଗତ ଖଣ୍ଡହତା ଗ୍ରାମର ଧିରେନ୍ଦ୍ର ଖଟୁଆ ଙ୍କ ପୁଅ ଚିନ୍ମୟ ଖଟୁଆ (୨୨) ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ ଟା ସମୟରେ ବାଙ୍କୀ ଥାନା ଅନ୍ତର୍ଗତ ସହଙ୍ଗା ଗୋପାଳପୁର ନିକଟରେ ଥିବା ମହାନଦୀ କୁ ଗାଧୋଇବା ପାଇଁ ଯାଇଥିଲେ। ସେମାନେ କୂଳ ରେ ବନ୍ଧା ଯାଇଥିବା ଏକ ଡଙ୍ଗା ନେଇ ନଦୀ ଭିତରକୁ ଯାଇଥିବା ବେଳେ ଡ଼ଙ୍ଗା ଓଲଟି ପଡିବାରୁ ୪ ଜଣ ଯାକ ପାଣି ଭିତରେ ବୁଡ଼ି ଯାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ତିନି ଜଣ ସୁରକ୍ଷିତ ଭାବରେ ଉଦ୍ଧାର ହୋଇ ଥିବା ବେଳେ

ସେମାନଙ୍କ ମଧ୍ୟରୁ ରଜତ ନାୟକ ଉଦ୍ଧାର ହୋଇ ପାରି ନ ଥିଲେ। ଉଦ୍ଧାର ହୋଇ ଥିବା ଯୁବକଙ୍କ ମଧ୍ୟରୁ ଶିବୁ ସାହୁ ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଆଠଗଡ଼ ଏବଂ ପରେ କଟକ ବଡ ଡାକ୍ତରଖାନା କୁ ସ୍ଥାନାନ୍ତରିତ କରା ଯାଇଛି। ଖବର ପାଇ ଆଠଗଡ଼, ବାଙ୍କୀ ଏବଂ ଡମପଡା ଅଗ୍ନିଶମ ବିଭାଗ ପକ୍ଷରୁ ମିଳିତ ଭାବରେ ନଦୀ ଭିତରେ ଖୋଜାଖୋଜି କରିଥିଲେ ମଧ୍ୟ ରଜତ ଙ୍କ ପତ୍ତା ମିଳି ପାରିନାହିଁ।ପରେ ସୋମପଡାର କିଛି ମତ୍ସଜୀବୀଙ୍କୁ ଆଣି ନଦୀ ଭିତରେ ଜାଲ ପକାଇ ଖୋଜିବା ପାଇଁ ଚେଷ୍ଟା କରା ଯାଇଥିଲେ ମଧ୍ୟ ବିଫଳ ହୋଇଥିବା ଜଣାପଡିଛି। ଇତି ମଧ୍ୟରେ ଓଡ୍ରାଫ ଟିମ୍ ମଧ୍ୟ ଖୋଜାଖୋଜି ରେ ସାମିଲ ହୋଇଥିବା ବେଳେ ବାଙ୍କୀ ଥାନା ପୋଲିସ ଏବଂ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ସପ୍ତଶଯ୍ୟା ପଡାର ୩ ଜଣ ଯୁବକ ଗୁରୁବାର ଦିନ ଖଣ୍ଡହତା ଗ୍ରାମର ତାଙ୍କ ସାଙ୍ଗ ଘରକୁ ବୁଲିବାକୁ ଆସି ଏଭଳି ଦୁର୍ଘଟଣାର ଶିକାର ହୋଇ ଥିବା ଜଣାପଡିଛି।ଏ ବାବଦରେ ନିଖୋଜ ରଜତଙ୍କ ଭିଣୋଇ ଐଶ୍ୱର୍ଯ୍ୟ କୁମାର ସ୍ୱାଇଁ ବାଙ୍କୀ ଥାନା ରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

କାର୍ ଧକ୍କାରେ ଯୁବକ ମୃତ, ରାସ୍ତା ଅବରୋଧ

ନିମାପଡା,(ସବ୍ୟୁ) : ଗୁରୁବାର ଅପରାହ୍ନରେ ନିମାପଡା-ଗୋପ ରାସ୍ତାର ଧିରପୁର ଛକ ନିକଟରେ ଏକ କାର ଧକ୍କାରେ ଜଣେ ଯୁବକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ଯୁବକ ହେଲେ ହେଲେ ସ୍ଥାନୀୟ ବିଷ୍ଣୁପୁର କରଞ୍ଜିସାହିର ପ୍ରଭାତ କୁମାର ସ୍ୱାଇଁ(୩୫) ବୋଲି ଜଣାପଡିଛି । ପ୍ରକାଶ ଯେ, ନିମାପଡା ପଟୁ ଦ୍ରୁତ ଗତିରେ ଯାଉଥିବା ଏକ କାର ନଂ (ଓଡି ୦୨ବିଜେଡ ୯୯୧୭) ବିପରିତ ଦିଗରୁ ଏକ ବାଇକରେ ଆସୁଥିବା ପ୍ରଭାତଙ୍କୁ ଧକ୍କାଦେଇ ୧୦୦ ମିଟର ଦୂରକୁ ଘୋଷାଡି ନେଇଥିଲା । ଘଟଣା ସ୍ଥଳରେ ପ୍ରଭାତଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ କାରର ଆଗ ସଂପୂର୍ଣ୍ଣ

ଚୂରମାର ହୋଇଯାଇଛି । ଦୁର୍ଘଟଣା ଘଟିବା ପରେ କାର ଛାଡି ଚାଳକ ଫେରାର ହୋଇଯାଇଛି । କ୍ଷତିପୂରଣ ଦାବୀରେ ମୃତକଙ୍କ ସଂପର୍କୀୟ ଏବଂ ସ୍ଥାନୀୟ ବାସିନ୍ଦା ଦୁର୍ଘଟଣା ସ୍ଥଳରେ ରାସ୍ତା ଅବରୋଧ ଚଳାଇଛନ୍ତି । ଖବରପାଇ ନିମାପଡା ଥାନା ଆଇଆଇସି ବାମଦେବ ସ୍ୱାଇଁ ସେଠାରେ ପହଂଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ବୁଝାସୁଝା କରୁଛନ୍ତି । ରିପୋର୍ଟ ଲେଖା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଛି ।

ଦୋକାନରେ ପଶିଗଲା ହାଇୱା

ଆଠଗଡ଼ , (ସବ୍ୟୁ) : ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚଳାଇବା ଯୋଗୁଁ ଭାରସାମ୍ୟ ହରାଇ ଦୋକାନ ଭିତରକୁ ପଶିଗଲା ହାଇୱା।ଏଭଳି ଘଟଣା ଘଟିଛି କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ନୁଆପାଟଣା ବଜାର ନିକଟରେ। ବୁଧବାରି ସକାଳେ ଏକ ହାଇୱା ଦ୍ରୁତ ଗତିରେ ଆସି ରାସ୍ତା କଡ଼ରେ ଥିବା ୫ରୁ ଅଧିକ ମଟର ସାଇକେଲ ଉପରେ ଚଢ଼ାଇବା ସହ ଗୋଟିଏ ଦୋକାନ ଭିତରେ ପଶିଯାଇଥିଲା। ଏଥିରେ ହାଇୱା ଚାଳକ ସହ ଅନ୍ୟ ଦୁଇଜଣ ଲୋକ ଗୁରୁତର ଆହତ ହୋଇଥିଲେ। ଆହାତ ମାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ବିନ୍ଧାଣିମା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସେମାଙ୍କର ଚିକିତ୍ସା ଚାଲିଛି।

ବନ୍ଧୁକ ମୁନରେ ଲୁଟିନେଲେ
୨୭୦ ଗ୍ରାମ ସୁନା ଓ ୬କେଜି ରୁପା

ଡ଼େଲାଙ୍ଗ, (ସବ୍ୟୁ) :ବନ୍ଧୁକ ମୁନରେ ବ୍ୟବସାୟୀଙ୍କ ଠାରୁ ଲୁଟି ନେଲେ ୨୭୦ ଗ୍ରାମ ସୁନା ଓ ୬କେଜି ରୁପା। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଠାରୁ ମାତ୍ର ୫୦୦ମିଟର ଦୂରରେ ଏହି ଘଟଣା ଘଟିଛି। ଲୁଟ୍ ହୋଇଥିବା ଜିନିଷର ଅନୁମାନିକ ମୂଲ୍ୟ ୨୩ ଲକ୍ଷରୁ ଅଧିକ ହେବ।ଏନେଇ ବ୍ୟବସାୟୀ ଜଣଙ୍କ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।ସୁନା ବ୍ୟବସାୟୀ ପ୍ରଶାନ୍ତ ମହାପାତ୍ରଙ୍କ ଘର ଡେଲାଙ୍ଗରେ। ତାଙ୍କର ଡେଲାଙ୍ଗ ବଜାରରେ ସୁନା ଦୋକାନ ରହିଛି।ସବୁ ଦିନ ପରି ଗତକାଲି ମଧ୍ୟ ପ୍ରଶାନ୍ତ ।କୋନ ବନ୍ଦ କରି ସୁନା ଓ ରୁପା ଅଳଙ୍କାର ନେଇ ନିଜ ଘରକୁ ଯାଉଥିଲେ।ଏହି ସମୟରେ ୪ରୁ ୫ ଜଣ ଡକାୟତ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସୁନା ଓ ରୁପା ଅଳଙ୍କାର ନେଇ ଚମ୍ପଟ ମାରିଥିଲେଛ ଏନେଇ ପ୍ରଶାନ୍ତ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍ଭିନ୍ ଆରମ୍ଭ କରିଛି।

ନିଶାଦ୍ରବ୍ୟ ଅବାଧ ଚାଲାଣର ମାଧ୍ୟମ
ପାଲଟିଛି ସିଧାମୂଳା ମହାନଦୀ ସେତୁ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ବ୍ଲକ୍ ଅଧିନ ସିଧାମୂଳା ଗ୍ରାମ ଠାରେ ମହାନଦୀ ଉପରେ ସେତୁ ନିର୍ମାଣ ହେବା ପରେ ନୟାଗଡ଼, ଖୋର୍ଦ୍ଧା ଓ ଫୁଲବାଣୀ ଜିଲ୍ଲାସହ କଟକ, ଅନୁଗୁଳ ଓସମ୍ବଲପୁର ଜିଲ୍ଲା ମଧ୍ୟରେ ସଡ଼କ ପଥରେ ସମ୍ପର୍କ ବୃଦ୍ଧି ପାଇଛି। କିବା ଦିନ ଓ ରାତିରେ ଶହଶହସଂଖ୍ୟାରେ ଯାନବାହାନ ସିଧାମୂଳା ମହାନଦୀ ସେତୁ ଦେଇ ବିଭିନ୍ନ ସ୍ଥାନକୁ ଯାତାୟତକରୁଛି। ନିଶା ମାଫିଆମାନେ ମଧ ନିର୍ବିଘ୍ନରେ ଏହି ମହାନଦୀ ସେତୁ ଦେଇଚୋରାରେ ନିଶାଦ୍ରବ୍ୟର ଅବାଧ ଚାଲାଣ କରୁଥିବା ଜଣାପଡ଼ିଛି। ପୋଲିସ୍ ଓଅବକାରୀ କର୍ମଚାରୀମାନେ ଏ ସମ୍ପର୍କରେ ଅବଗତ ଥିଲେ ହେଁ ସେଭଳି କୌଣସିଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏହାର ସୁଯୋଗ ନେଇ ନିଶାମାଫିଆମାନଙ୍କ ଦୌରାତ୍ମ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ସୁଦୂର କନ୍ଧମାଳ, ମାଲ୍କାନାଗିରି ଓ ଫୁଲବାଣୀ ଅଂଚଳରୁ ଯାନବାହାନ ଯୋଗେ ସିଧାମୂଳା ସେତୁ ଦେଇନିଶାଦ୍ରବ୍ୟର ଅବାଧ କାରବାର ପଛରେ ବିଭିନ୍ନ ର୍ୟାକେଟ୍ କାର୍ଯ୍ୟ କରୁଥିବାସାଧାରଣରେ ଆଲୋଚନା ହେଉଛି। କେତେବେଳେ କେମିତି ପୋଲିସ୍ ଓ ଅବକାରୀକର୍ମଚାରୀମାନେ ଚଢ଼ାଉକରି ଗଂଜେଇ ଚାଲାଣ କରୁଥିବା ଯାନବାହାନ ଗୁଡ଼ିକୁଜବତ୍ କରୁଥିଲେ ହେଁ କର୍ମଚାରୀଙ୍କ ଆଖିରେ ଧୂଳିଦେଇ ନିଶାମାଫିଆମାନେଘଟଣାସ୍ଥଳରୁ ଫେରାର ହୋଇଯିବା ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଦକ୍ଷତା ପ୍ରତିଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଆଇନ୍‌ଶୃଙ୍ଖଳାପରିସ୍ଥିତିକୁ ଦୃଷ୍ଟିରେ ରଖି ସିଧାମୂଳା ଗ୍ରାମଠାରେ ଏକ ପୋଲିସ୍ ଫାଣ୍ଡି ପ୍ରତିଷ୍ଠାନିମନ୍ତେ ଅଂଚଳବାସୀ ଦୀର୍ଘବର୍ଷ ଧରି ଦାବି କରି ଆସୁଥିଲେ ହେଁ ଏଥିପ୍ରତି ପୋଲିସ୍‌ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି। କଂଟିଲୋ ଫାଣ୍ଡି ଅଧିନରେ ଏହି ସିଧାମୂଳା ସେତୁଟି ରହିଛି। କଂଟିଲୋଫାଣ୍ଡି ଠାରୁ ୧୦ କିଲୋମିଟର ଦୂରରେ ସେତୁଟି ଅବସ୍ଥିତ ହୋଇଥିବା ଯୋଗୁଁ ସମୟଅସମୟରେ ଅଂଚଳବାସୀଙ୍କ ଠାରୁ ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚିବା ବେଳକୁମାଫିଆ ଓ ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ କାଣ୍ଡ ଘଟାଇ ସେଠାରୁ ଆଖିପିଛୁଳାକେ ଫେରାର ହୋଇଯାଉଥିବାର ଅନେକ ନଜିର ରହିଛି। ସେହିପରି କୁଖ୍ୟାତ୍‌ଅପରାଧିମାନେ କଟକ ଓ ଅନୁଗୁଳ ଜିଲ୍ଲାରୁ ସିଧାମୂଳା ସେତୁ ଦେଇ ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଆସି ସମୟେ ସମୟେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟିକରୁଛନ୍ତି, ଯାହାକି ଖଣ୍ଡପଡ଼ା ପୋଲିସ୍ ପାଇଁ ମୁଣ୍ଡବଥାର କାରଣ ପାଲଟୁଛି। ପୋଲିସ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ସିଧାମୂଳା ଠାରେ ଏକ ଫାଣ୍ଡିପ୍ରତିଷ୍ଠା କରିବାକୁ ସିଧାମୂଳା ପଂଚାୟତବାସୀ ଦାବି କରିଛନ୍ତି। ସେହିପରି ସିଧାମୂଳା ଓରାଜକିଆରୀ ଛକରେ ରାତ୍ରକାଳୀନ ପୋଲିସ୍ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ସହନିଶାମାଫିଆମାନଙ୍କ କାର୍ଯ୍ୟକଳାପ ପ୍ରତି ଖଣ୍ଡପଡ଼ା ପୋଲିସ୍ ପ୍ରଶାସନ ଓ ଜିଲ୍ଲାଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଯାତ୍ରୀ ବିଶ୍ରାମାଗାର।

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଭଣ୍ଡାର ପ୍ରତିଷ୍ଠା ଦାବି

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ଅଂଚଳବାସୀଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ମହତ ଲକ୍ଷ୍ୟ ନେଇ ପ୍ରାକ୍ ସ୍ୱାଧୀନତା ସମୟରୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକାର୍ଯ୍ୟ କରିଆସୁଅଛି। ୧୯୨୭ ମସିହାରେ ପ୍ରତିଷ୍ଠିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଇତିମଧ୍ୟରେ ୯୬ ବର୍ଷ ଅତିକ୍ରମ କରିଥିବା ବେଳେ ସମୟାନୁକ୍ରମେ ଅଂଚଳବାସୀଙ୍କୁ ଉତ୍ତମସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସ୍ୱାସ୍ଥ୍ୟକେନ୍ଦ୍ରଟି ବିଫଳ ହୋଇଛି। ବିଭିନ୍ନ ସମସ୍ୟାମଧ୍ୟ ଦେଇ ଗତି କରୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହିପ୍ରତିନିଧି ମଣ୍ଡଳୀ ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ଅନୁକୂଳ ବ୍ୟବସ୍ଥା, ସଂକ୍ରମଣ ନିୟନ୍ତ୍ରଣ, ପ୍ରସୂତି ବିଭାଗ, ଓ ସଫାସୁତରା ୱାର୍ଡ ସମେତ ଡାକ୍ତରଖାନା ପରିସର ପରିଦର୍ଶନ କରିଥିଲେ ।ଡାକ୍ତର ବିଶ୍ୱଜିତ ମିଶ୍ର, ଡାକ୍ତର ଦେବାଶିଷ ନାୟକ, ଡାକ୍ତର ବାସନ୍ତୀ ଦେବୀ, ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ନନ୍ଦ, ଷ୍ଟାଫ ନର୍ସ କୁନି ସେଠୀ, କ୍ଷେତ୍ରମଣୀ ସେଠୀ, ସଂଯୁକ୍ତା କୁମାରୀ ଦେଇ, ରଶ୍ମି ସାହୁ,ଜ୍ୟୋତି ରଞ୍ଜନ ଶତପଥୀ,ସୁରେନ୍ଦ୍ର କୁମାର ବେହେରା, ଅଶୋକ କୁମାର ସେଠୀ ଓ ବାବନ ଗୋଛାୟତ ପ୍ରମୁଖଙ୍କ ସମେତ ଅନ୍ୟମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମାନେ ସହଯୋଗ କରିଥିଲେ ।

ଜଳର ସଦୁପଯୋଗ ହିଁ
ନଦୀକୁ ସ୍ରୋତସ୍ୱିନୀ କରିବ

ଫୁଲନଖରା, (ସବ୍ୟୁ) : ଘରେ ଓ କାର୍ଯାଳୟମାନଙ୍କରେ ଜଳ ଅପଚୟ ରୋକିବା ସହିତ ବର୍ଷା ଜଳର ସଂରକ୍ଷଣ ହେଲେ ଶୁଷ୍କ ପଡ଼ିଥିବା ନଦୀଗୁଡ଼ିକ ସ୍ରୋତସ୍ୱିନୀ ହୋଇପାରିବବୋଲି ବିଶିଷ୍ଟ ଚିକିତ୍ସକ ତଥା ଏମ୍ପର୍ବପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକକୁମାର ମହାପାତ୍ର ମତପୋଷଣ କରିଛନ୍ତି। କୁରାଙ୍ଗଶାସନସ୍ଥ ହୋଟେଲଆମ୍ରପଲ୍ଲୀ ରିସର୍ଟ୍ସ ପରିସରରେ ପ୍ରାଚୀ ପ୍ରଜ୍ଞା ପରିଷଦ ଆନୁକୂଲରେ ଆୟୋଜିତ ୭ମ ବାର୍ଷିକପ୍ରାଚୀ ମହୋତ୍ସବ-୨୦୨୪ର ଦ୍ୱିତୀୟ ସଂଧାରେ ଡା.ମହାପାତ୍ର ଯୋଗଦେଇ କେବଳ ପ୍ରାଚୀ ନୁହେଁ ଅନେକ ନଦୀଏବେ ଶୁଷ୍କ ଅବସ୍ଥାରେ ପହଂଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଦାୟିତ୍ୱ ଆମରବୋଲି କହିଥିଲେ। ଜଗତସିଂହପୁରସ୍ଥ ଅଣାକାର ଆଶ୍ରମ ମୁଖ ଡଃ.ଶ୍ରୁତିସାଗର ସରସ୍ୱତୀ ମହାରାଜ ମୁଖ ଅତିଥିଭାବେଉପସ୍ଥିତ ରହି ବାପକ ବୃକ୍ଷ ରୋପଣଦ୍ୱାରା ଜଳକଷ୍ଟ ଦୂରକରାଯାଇପାରିବ ଏବଂ ଏହାଦ୍ୱାରା ଉଭୟ ମଣିଷସମାଜ ଓ ପ୍ରାଣୀ ଜଗତର ଜୀବନ ରେଖା କୁହାଯାଉଥିବା ନଦୀଗୁଡ଼ିକୁ ଚିରସ୍ରୋତାକରାଯାଇପାରିବବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅଭିନେତା ତଥା ଚିକିତ୍ସକ ଡାକ୍ତର ଚିରଞ୍ଜନମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜପାଳଙ୍କ କାର୍ଯାଳୟ ଅଧିକାରୀ ରକ୍ଷକ ନାୟକ, ପୁରୀନିଗମାନନ୍ଦ ଆଶ୍ରମର ମହନ୍ତ ଡଃ.ଶଙ୍କରାନନ୍ଦ ସରସ୍ୱତୀ ଓ ଜଳସମ୍ପଦ ବିଭାଗ ଅବସରପ୍ରାପ୍ତ ଯନ୍ତ୍ରୀ ଇଂ.ସନ୍ତୋଷକୁମାରସ୍ୱାଇଁ ସମ୍ମାନିତ ଅତିଥିଭାବେ ମଂଚାସୀନ ଥିଲେ। ସରକାରୀ ଓକିଲ କବିନାରାୟଣ ଜେନା ସ୍ୱାଗତ ଭାଷଣ ଓଅଶ୍ୱିନୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ପୌରନିଗମ ଅଧିକାରୀତଥା ସହଯୋଗ ଓଡ଼ିଶାର ପ୍ରତିଷ୍ଠାତା ସଭାପତି ଗଣେଶପ୍ରସାଦ ଦାଶ ଓ ପ୍ରାଚୀ ଗବେଷକ ବାବା ହଂସନାଥସାହୁଙ୍କୁ ପ୍ରାଚୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ଅନୁପ ସାସମଲ, ଶ୍ରୀ ସନ୍ନାସୀଜୀ, ଅରୁଣକୁମାର ସାହୁ, ଅଜୟ କୁମାର ପତି, କଳ୍ପତରୁ ଖୁଣ୍ଟିଆ, ପ୍ରିୟଦର୍ଶନୀ ସ୍ୱାଇଁ, ଦିଲୀପ ବେହେରା,ଲଳିତକୁମାର ଦାଶ, କୈଳାସଚନ୍ଦ୍ର ସାହୁ, ବିଶ୍ୱଜିତ ବେହେରା ପ୍ରମୁଖ ପରିଷଦ ସଦସ କାର୍ଯକ୍ରମ ପରିଚାଳନା କରିଥିଲେ।

ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ ପାଲଟିଛି ଡ଼ମ୍ପିଂୟାର୍ଡ଼

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ସହରର ପରିମଳ ବ୍ୟବସ୍ଥା ଦିନକୁ ଦିନବିଗିଡ଼ିବାରେ ଲାଗିଛି। ସହରର ବିଭିନ୍ନ ସ୍ଥାନ, ଗଳିକନ୍ଦି ଓ ମୁଖ୍ୟରାସ୍ତାପାର୍ଶ୍ୱ ଡ଼ମ୍ପିଂୟାର୍ଡ଼ ପାଲଟିଛି। ଫଳରେ ପୁର୍ତିଗନ୍ଧମୟ ପରିବେଶ ସୃଷ୍ଟିହେଉଛି। ଉକ୍ତ ରାସ୍ତା ଦେଇ ଯାତାୟତ କଲାବେଳେ ଜନସାଧାରଣ ନାକରେ ହାତଦେଇଯିବାଆସିବା କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ାତହସିଲ କାର୍ଯ୍ୟାଳୟ ଠାରୁ ଗଡ଼ଭିତରସାହିକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ସ୍ଥାନୀୟ ବାସିନ୍ଦା ଦୈନିକ କୁଢ଼କୁଢ଼ ଅଳିଆ ଆବର୍ଜନା ଗଦାକରୁଛନ୍ତି। ସେହିପରି ଏନ୍‌ଏସି କାର୍ଯ୍ୟାଳୟ ପଛପାଖ ଓ କଂଗ୍ରେସ ଭବନ ସମ୍ମୁଖରେବିଭିନ୍ନ ସମୟରେ ଅଳିଆ ଆବର୍ଜନା ଗଦା ହୋଇ ରହୁଥିବାରୁ ୨ନଂୱାର୍ଡ଼ବାସୀ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଏନେଇ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ସହରାଂଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଏନ୍‌ଏସିକର୍ତ୍ତୃପକ୍ଷ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିଲେ ହେଁ ପରିମଳ ବ୍ୟବସ୍ଥାରେ ସୁଧାରଆସୁନାହିଁ ଫଳରେ ସ୍ୱଚ୍ଛଭାରତ ଅଭିଯାନର ସଫଳତା ନେଇ ସାଧାରଣରେ ପ୍ରଶ୍ନବାଚୀସୃଷ୍ଟି ହୋଇଛି। ଏଥିପ୍ରତି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧକ୍ଷାଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

ସାକ୍ଷୀଗୋପାଳ , (ସବ୍ୟୁ) : ସାକ୍ଷିଗୋପାଳ ମନ୍ଦିରରେ ପାନୀୟ ଜଳ ପାଇଁ ଯାତ୍ରୀ ହେଉଛନ୍ତି ହଟହଟା ।ସାକ୍ଷୀଗୋପାଳ ତା ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିର । ହିନ୍ଦୁ ମତବାଦ ଅନୁଯାଇ ଶ୍ରୀଜଗନ୍ନାଥ ଧାମ, ବଦ୍ରୀନାଥ ଧାମ, ରାମେଶ୍ୱର ଧାମ ଓ ଋଷିକେଶ ଧାମ ଚାରି ଧାମ ଦର୍ଶନ ପରେ ସାକ୍ଷୀଗୋପାଳରେ ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ କରି ସାକ୍ଷୀ ନ ରଖିଲେ ଦର୍ଶନ ଅଧୁରା ରହିଥାଏ ବୋଲି ବିଶ୍ୱାସ ରହିଅଛି ।ଫଳରେ ଦୈନିକ ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେଉଅଛି । ଦୈନିକ ବହୁତ ଯାନବାହାନ ମଧ୍ୟ ଆସୁଅଛି ।ମାତ୍ର ତୀର୍ଥ ଯାତ୍ରୀ , ମନ୍ଦିର ସେବାୟତ ,ସ୍ଥାନୀୟ ଲୋକଙ୍କ ନିମନ୍ତେ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ଦୁଇଟି ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ଖରାପ ହୋଇ ପଡିରହିଛି । ଯାହାଦ୍ୱାରା ଏଠାରେ ଯାତ୍ରୀମନେ ମନ୍ଦିର ବାହାରେ କିମ୍ବା ଭିତରେ ବିଶୁଦ୍ଧ ପନୀୟ ଜଳ ପାଇପାରୁନାହାନ୍ତି ଛ ମନ୍ଦିର ଭିତରେ ଥିବା ପ୍ରକଳ୍ପଟିର ମୋଟର ଦୀର୍ଘ ଦିନର ଓ ପୁରୁଣା ହୋଇଥିବାରୁ ଏହାର ଓଭର ହେଡ ଟାଙ୍କିକୁ ପାଣି ଉଠାଇ ପାରୁନାହିଁ ଛ ଯାହା ଦ୍ୱାରା ଉକ୍ତ ପ୍ରକଳ୍ପଟି ଅକାମି ହୋଇ ରହିଛି ଛଏହା ଛଡା ଏହି ପ୍ରକଳ୍ପର ଅନ୍ୟ କିଛି ଯନ୍ତ୍ରାଂଶ ଓ ଟ୍ୟାପ ଗୁଡ଼ିକ ନଷ୍ଟ ହୋଇଯାଇଛି ଛ ଅନ୍ୟପଟେ ମନ୍ଦିର ବାହାର ପରିସରରେ ଥିବା ପଦ ପ୍ରାକ୍ଷାଳନ ପ୍ରକଳ୍ପ ଓ ପାନୀୟ ଜଳ ପ୍ରକଳ୍ପଟି ରକ୍ଷଣ ବେକ୍ଷଣ ଅଭାବରୁ ଦୀର୍ଘ ଦିନ ହେଲା ଅଚଳ ଅବସ୍ଥାରେ ରହିଛି ।ଏହା ପ୍ରକଳ୍ପର ମଧ ମଟରଟି ଖରାପ ରହିଅଛି ଛ ଅନ୍ୟାନ୍ୟ ଯନ୍ତ୍ରାଂଶ ଗୁଡ଼ିକ ମଧ ନଷ୍ଟ ହୋଇଯାଇଛି ବୋଲି ସାକ୍ଷୀଗୋପାଳ ମନ୍ଦିର ସୁପରଭାଇଜର ତଥା ବରିଷ୍ଠ ସେବାୟତ ବିଶ୍ୱନାଥ ମହାପାତ୍ର ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ମନ୍ଦିର ଭିତରକୁ ଯାତ୍ରୀମାନେ ପ୍ରବେଶ କରିବା ସମୟରେ ପଦପ୍ରକ୍ଷାଳନ କେନ୍ଦ୍ରରେ ଗୋଡ଼ ହାତ ଧୋଇ ଶୁଦ୍ଧ ପୁତ୍ତ ହୋଇ ପ୍ରବେଶ କରିଥାନ୍ତି ।ମାତ୍ର ଏହାର ଅବସ୍ଥା ଶୋଚନୀୟ ହୋଇ ରହିଛି । ପଦପ୍ରକ୍ଷାଳନ ସ୍ଥାନଟ ଦୀର୍ଘ ଦିନରୁ ପରିଷ୍କାର ନହେବାରୁ ସେଠାରେ ପାନ ଛେପ ଠାରୁ ଆରମ୍ଭ କରି ଅନ୍ୟ ଅସନା ଦ୍ରବ୍ୟ ପଡିରହିଛି ।ଅଧିକାଂଶ ଟ୍ୟାପରେ ପାଣି ଆସୁନାହିଁ ତେଣୁ ଏହାକୁ ତୀର୍ଥ ଯାତ୍ରୀମାନେ ବ୍ୟବହାର କରିପାରୁନାହାନ୍ତି । ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ସତ୍ୟବାଦୀ ବିଡ଼ିଓ ଲିପ୍ସା ରାୟଙ୍କୁ ପଚାରିବାରୁ ସେ କହିଛନ୍ତି , ଯାତ୍ରୀ ଓ ସେବାୟତ ମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିଶୀଘ୍ର ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ ।ଆବଶ୍ୟକ ପଡ଼ିଲେ ମନ୍ଦିର ପାଣ୍ଠିରୁ ଅର୍ଥ ବ୍ୟୟ କରାଯିବ ।ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ କହିଛନ୍ତି ,ଏହି ପ୍ରକଳ୍ପ ଗୁଡ଼ିକ ନାଲକୋ କରିଥିଲା । ଏହାର ମରାମତି ମଧ ନାଲକୋ ପକ୍ଷରୁ କରାଯାଉଥିଲା । ଏହି ପ୍ରକଳ୍ପ ଗୁଡ଼ିକ ଅଚଳ ହୋଇ ପଡ଼ିଥିବା ସମ୍ପର୍କରେ ନାଲକୋ ସହିତ ଯୋଗଯୋଗ କରାଯାଇଛି । ହେଲେ ସେମାନେ ଏହା ପ୍ରତି କର୍ଣ୍ଣପାତ କରୁନାହାନ୍ତି । ତେବେ ଅଳ୍ପ ଦିନ ଭିତରେ ଏଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ବାର୍ଷିକୋତ୍ସବ

ନିମାପଡା,(ସବ୍ୟୁ): ଗତ ରବିବାର ସଂଧ୍ୟାରେ ନିମାପଡା ବ୍ଲକ ଅନ୍ତର୍ଗତ ଗୋପାଳପୁର ଠାରେ ଥିବା ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ୨୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥିଭାବେ ଘରୋଇ ହୋମିଓ ପାଥିକ ଚିକିତ୍ସକ ସଂଘର ରାଜ୍ୟ ସଭାପତି ତଥା ଶିକ୍ଷାବିତ୍ ଡଃ. ନେତ୍ରାନନ୍ଦ ଭୋଇ,ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର,ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ,ଶିକ୍ଷାବିତ୍ ମେଜର ଅମରେଶ ନନ୍ଦନ ସାହୁ,ପୂର୍ବତନ ସରପଂଚ ପ୍ରଦୀପ୍ତ କୁମାର ସ୍ୱାଇଁ,ସ୍କୁଲର ଅଧ୍ୟକ୍ଷ ନିରଂଜନ ଖଟୋଇ,ଶିକ୍ଷୟତ୍ରୀ କାଦମ୍ବିନୀ ମଲ୍ଲିକ ପ୍ରମୁଖ ଯୋଗ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ସ୍କୁଲର ଛାତ୍ରଛାତ୍ରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍କୁଲର ସଂପାଦକ ବିରଂଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ଶିକ୍ଷୟତ୍ରୀ ସଂଧ୍ୟାରାଣୀ ମଲ୍ଲିକ, ରାଜଶ୍ରୀ ପରିଡା, ଲୋପାମୁଦ୍ରା ପଟ୍ଟନାୟକ, ଦିପ୍ତିରେଖା ବେହେରା, ମାମାଲିସା ସେଠୀଙ୍କ ସମେତ ,ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅଭିଭାବକ ଉପସ୍ଥିତଥିଲେ ।

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ନିର୍ବାଚନ ସମୀକ୍ଷା

ନୟାଗଡ଼, (ସବ୍ୟୁ): ଆଜି ପୂର୍ବାହ୍ନରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀଯୁକ୍ତ ରଜଂନ କୁମାର ଦାସ ନୟାଗଡ଼ ଗସ୍ତରେ ଆସି ସାଧାରଣ ନିର୍ବାଚନ,୨୦୨୪ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିଛନ୍ତି।ମୁକ୍ତ, ନିରପେକ୍ଷ , ଅବାଧ ଓ ଶାନ୍ତିପୁର୍ଣ୍ଣ ନିର୍ବାଚନ ପରିଚାଳନା ଉପରେ ଆରଡିସି ଗୁରୁତ୍ୱଦେଇଛନ୍ତି। ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରି ନିର୍ବାଚନ କମିଶନରଙ୍କ ଆଦର୍ଶ ଆଚରଣ ବିଧି କଡ଼ା କଡ଼ି ପାଳନ କରିବା ପାଇଁ ଜିଲ୍ଲା ନିର୍ବାଚନଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ନିର୍ବାଚନ ପରିଚାଳନା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରା ଯାଇଥିବା ବିଭିନ୍ନ ବ୍ୟବସ୍ଥାରଆରଡିସି ଶ୍ରୀ ଦାସ୍ ସମୀକ୍ଷା କରିଥିଲେ। ଯଥାର୍ଥ କାରଣ ନ ଥାଇ ମେଡିକାଲ ସାର୍ଟିଫିକେଟସାହାଯ୍ୟରେ ବା ବିଶିଷ୍ଟ ବ୍ୟକ୍ତିଙ୍କ ଶୁପାରିଷରେ ନିର୍ବାଚନ କାର୍ଯ୍ୟରୁ ନିବୃତ ରହିବାକୁଚାହୁଁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ତଥା ଜିଲ୍ଲାନିର୍ବାଚନ ଅଧିକାରୀ ସ୍ୱାଧାଦେବ ସିଂଙ୍କୁ ଆରଡିସି ପରାମର୍ଶ ଦେଇଥିଲେ । ପୋଲିସ ଫ୍ଲାଗ୍ ମାର୍ଚ୍ଚ,ପେଣ୍ଡିଙ୍ଗ୍ ୱାରେଣ୍ଟି, ବନ୍ଧୁକ ଲାଇସେନସ୍ ଇତ୍ୟାଦି ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରଡିସି ଶ୍ରୀ ଦାସ୍ ପୋଲିସ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ସମୟରେମଦ, ଗଂଜେଇ, ଡ୍ରଗସ୍ ଆଦିର ଚୋରା ଚାଲାଣ ରୋକିବା ପାଇଁ ପୋଲିସ ଓ ଅବକାରୀ ସ୍ୱତନ୍ତ୍ରସ୍କ୍ୱାର୍ଡ କାର୍ଯ୍ୟକରିବା, ଉପରେ ଆରଡିସି ଗୁରୁତ୍ୱ ଦେଇଛନ୍ତି।ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ପୋଲିଙ୍ଗ ପାର୍ଟି ଡେସ୍‌ପାଚ୍ ସେ?ର, ଭୋଟ ଗ୍ରହଣ କେନ୍ଦ୍ର, ଭୋଟକେନ୍ଦ୍ର ମାନରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନପରିଚାଳନାରେ ଯାନ ବାହନ ବ୍ୟବସ୍ଥା ସଂପର୍କରେ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଥିଲା।ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ୱାଧାଦେବ ସିଂ, ଜିଲ୍ଲା ପରିଷଦ ମୁଖ୍ୟଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଦିଲିପ କୁମାର ବଳ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ସମେତ ଜିଲ୍ଲାସ୍ତରୀୟ ଅନ୍ୟକେତେକ ବିଭାଗୀୟ ଅଧିକାରୀ ଏଥିରେ ଉପସ୍ଥିତ ରହିଥିଲେ।

ଗାର୍ଡ଼ୱାଲ କାର୍ଯ୍ୟ ନିମ୍ନମାନର : ସ୍ଥାୟିତ୍ୱ ନେଇ ସନ୍ଦେହ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ୮ଇ-୧ କେନାଲ ବନ୍ଧ ପାର୍ଶ୍ୱରେ ୩ଲକ୍ଷ ଟଙ୍କା ଅନୁଦାନରେ ଏକ ଗାର୍ଡ଼ ୱାଲ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି ।

ନିର୍ମାଣ ସମୟରେ ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀ ଆସୁନଥିବାରୁ ଠିକାଦାର ତାଙ୍କ ମନମୁଖୀ ଭାବେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବାରୁ ଏହାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ନିଶ୍ଚିନ୍ତକୋଇଲି-କାଜିହାଟ ରାସ୍ତାରେ ଏହି କେନାଲ ବନ୍ଧ ରାସ୍ତାର କିଛି ଅଂଶ ରହିଛି । ଏହି କେନାଲ ବନ୍ଧକୁ ଓସାରିଆ କରିବା ପାଇଁ ଏହାର ପାର୍ଶ୍ୱରେ ଗତ ଦୁଇବର୍ଷ ହେବ ଗାର୍ଡ଼ ୱାଲ ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଶେଷ ହୋଇପାରୁନାହିଁ । ଅନ୍ତିମ ପର୍ଯ୍ୟାୟରେ ଯେଉଁ କାର୍ଯ୍ୟ ଚାଲିଛି ବିଭାଗୀୟ ପକ୍ଷରୁ ଅଧିକାରୀ ଓ ଠିକାଦାର ମଧ୍ୟରେ ସଲାସୁତୁରାରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଦେଖାଦେଇଛି । ସରକାରୀ ନିୟମ ଅନୁଯାୟୀ ଏହି ଗାଡ଼ର୍ୱାଲ ନିର୍ମାଣ ପୂର୍ବରୁ ପ୍ରଥମେ ଖୋଳାଯାଇ ୪ଇଂଚ ବାଲି ଓ ୪ ଇଂଚ କଂକ୍ରିଟ ଢଳେଇ ତିନି ଫୁଟ ଓସାରରେ ଦେବା କଥା । ହେଲେ ଏହା କରାଯାଉନାହିଁ ।

ଏହି ଗାଡ଼ର୍ୱାଲଟି କେନାଲ ଶଯ୍ୟାରେ ନିର୍ମାଣ କରାଯାଉଥିବାରୁ ଚାଷ ଜମି ଜଳସେଚିତ ହେବା ପାଇଁ ପାଣି ଯିବାକୁ ବହୁ ସମସ୍ୟା ଉପୁଜିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି କେନାଲଟି କେନ୍ଦୁପାଟଣା ଜଳସେଚନ ବିଭାଗ ଅଧିନରେ ରହିଥିବା ବେଳେ ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି । ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣଙ୍କୁ ପଚାରିବାର କର୍ମଚାରୀ ଅଭାବରୁ ନିର୍ମାଣ କାର୍ଯ୍ୟ ଜଗିବା ପାଇଁ କେହି ଯାଉନଥିଲେ ମଧ୍ୟ ଠିକାଦାର ଆକଳନ ଅନୁଯାୟୀ କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି

ଗହୀରମଥାରେ ଅଲିଭରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ଆରମ୍ଭ

ରାଜନଗର , (ସବ୍ୟୁ) : ବିରଳ ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଗହୀରମଥା ନାସୀ-୨ ବାଲୁକା ଶଯ୍ୟାଠାରେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଗତକାଲି ପ୍ରଥମ ଦିନରେ ପ୍ରାୟ ୮୦ ହଜାର କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବନବିଭାଗ ସୂତ୍ରରୁ ସୂଚନା ମିଳିଛି । ଅଲିଭ ରିଡଲେ ମାଆ କଇଁଛ ମାନେ କୂଳଠାରୁ ୧ କିମି ଭିତରେ ଦୀର୍ଘ ୨ମାସ ହେଲା ଭିଡ ଜମାଇଥିଲେ ମଧ୍ୟ ପାଗ ଅନୁକୂଳ ହେଉନଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଉନଥିଲେ । ଚଳିତମାସ ୩ ତାରିଖ ଠାରୁ ପାଗ ଶୁଖିଲା ସାଙ୍ଗକୁ ଦକ୍ଷିଣା ପବନ ବହିବାରୁ ଗୋଟିଏ ଦିନରେ ୮୦ ହଜାର ମାଆ ଅଲିଭରିଡଲେ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତ ।

ଆଜି ଭୋର ଯାଏଁ ଏହି ପ୍ରକ୍ରିୟା ଜାରି ରହିଥିଲା । ପ୍ରଥମ ଦିନରେ ଏହି ସଂଖ୍ୟା ଭଲ ଥିବାରୁ ଓ ମାଆ କଇଂଛ ମାନେ କୂଳରେ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣ ଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି । ମାଆ କଇଁଛମାନେ ବେଳାଭୂମିର ନରମ ବାଲିରେ ପଛପଟ ଗୋଡରେ ୧

ଫୁଟରୁ ଦେଢଫୁଟ ଗଭୀରର ମାଠିଆ ଆକୃତିର ଗାତ ଖୋଳି ଥାଏ । ଗାତ ଖୋଳିବା ପରେ ମାଆ କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ । ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାର ଗାତକୁ ବାଲି ଘୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ । ସୂର୍ଯ୍ୟଙ୍କ ଉତାପରେ ଉଷୁମ ହୋଇ ଅଣ୍ଡା ଗୁଡିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି । ବିରଳ ଅଲିଭରିଡଲେ କଇଂଛଙ୍କ ଗଣ ଅଣ୍ଡାଦାନ ପକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଅଣ୍ଡାଦାନ ସ୍ଥଳକୁ ବାଡ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି । ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ବ୍ୟବସ୍ଥାକଡାକଡିକରାଯାଇଛିଛ ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧାନ କରୁଛନ୍ତି । ଚଳିତବର୍ଷ ଶହ ଶହ ସଂଖ୍ୟାରେ ଅଲିଭରିଡଲେଙ୍କ ମୃତ୍ୟୁ ଉଦ୍‌ବେଗ ସୃଷ୍ଟି କରିଥିଲା । କଇଁଛଙ୍କ ମୃତ୍ୟୁ ସାଙ୍ଗକୁ ଠିକ୍ ସମୟରେ ପ୍ରତିକୂଳ ପାଗ ଯୋଗୁଁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା । କୂଳରେ କଇଁଛ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି ।

ବନବିଭାଗ ରିପୋର୍ଟ ମୁତାବକ ୨୦୧୭-୨୦୧୮ରେ ୬ ଲକ୍ଷ ୬୪ହଜାର ୯୭ କଇଁଛ ଗଣଅଣ୍ଡାଦାନ ପର୍କ୍ରିୟାରେ ସାମିଲ ହୋଇଥିବା ବେଳେ ୨୦୧୮-୧୯ରେ ୪ ଲକ୍ଷ ୫୦ ହଜାର ୯୪୯, ୨୦୧୯-୨୦ରେ ୪ ଲକ୍ଷ ୭ହଜାର ୨୦୪ଟି କଇଁଛ, ୨୦୨୦-୨୧ରେ ୩ ଲକ୍ଷ ୪୯ ହଜାର ୬୪୯, ୨୦୨୧-୨୨ରେ ୫ ଲକ୍ଷ ୧ହଜାର ୧୫୭ଟି କଇଁଛ, ୨୦୨୨-୨୩ରେ ୫ ଲକ୍ଷ ୧୨ ହଜାର ୧୩୫ କଇଁଛ ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିଲେ ।

୨୩ତମ ଭୁବନ ମେଲଣ ଉଦଯାପିତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଭୁବନ ଗ୍ରାମରେ ୨୩ତମ ଭୁବନ ମେଲଣ ଆଜି ଉଦଯାପିତ ହୋଇଯାଇଛି । ବୁଧୁବାର ରାତିରେ ଭୁବନ ଗ୍ରାମର ଥାନପତି ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀକୁ ବିମାନରେ ନେଇ ରୋଶଣୀ କରି ଭୁବନସ୍ଥିତ ମଠପଡିଆକୁ ଆସି ଚାରାରେ ବସିଥିଲେ । ପରେ ପରେ ଅନ୍ୟ ବିମାନ ଗୁଡିକ ଭଜନ କୀର୍ତନ ସହ ରୋଷଣୀ କରି ମେଲଣ ପଡିଆରେ ହୋଲି ଖେଳିଥିଲେ । ଏହି ମେଲଣରେ ଚୋରମୁହାଁ, ଚହଟା ମହାନ୍ତି ସାହି,ବାଲିଗରି, ସେବତୀପୁର, ସମ୍ପାରୁ, ଉତରପ୍ରତାପ, ଗୋପାଳପୁର, ବଡଚଣାବାରି ପ୍ରମୁଖ ଛୋଟବଡ ୨୦ ରୁ ଉର୍ଦ୍ଧ ବିମାନ ଯୋଗଦେଇ ହୋରି ଖେଳିଥିଲେ । ମେଲଣ କମିଟି ପକ୍ଷରୁ ସଭାପତି ଜ୍ୟୋତିର୍ମୟୀ ନାୟକ, ଉପସଭାପତି ଦାମୋଦର ନାୟକ , ସମ୍ପାଦକ ଶଶିଭୁଷଣ ନାୟକ, କୋଷାଧ୍ୟକ୍ଷ ଉମାକାନ୍ତ ମୁଦୁଲି, ସୁରେଶ ସାମଲ, ସଭ୍ୟ ଶରତ ନାୟକ, ଅକ୍ଷୟ ନାୟକ, ପ୍ରାଣକୃଷ୍ଣ ବିଶ୍ୱାଳ,ଚନ୍ଦ୍ରମଣି ନାୟକ, ଜଗନ୍ନାଥ ପାଢୀ,ଶ୍ରୀରାମଶଙ୍କର ରଣା ପାକୁନ ନାୟକ ପ୍ରମୁଖ ମେଲଣ ପରିଚାଳନା କରିଥିଲେ । ଠାକୁରଙ୍କୁ ଦର୍ଶନ କରିବା ସହିତ ମେଲଣରେ ବୁଲାବୁଲି କରିବା ପାଇଁ ଆଖପାଖ ଅଂଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଭିଡକୁ ନଜରରେ ରଖି କମିଟି ଓ ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ଅପରାହ୍ନରେ ସମସ୍ତ ବିମାନ ଠାକୁରବାଡିଆମାନେ କମିଟି ପକ୍ଷରୁ ଭୋଗ ଖାଇ ଫେରିଥିଲେ ।

ବିଜେଡି ଛାଡିଥିବା ଅମରେନ୍ଦ୍ର ବିଜେପିରେ ସାମିଲ ହେବେ

ଜଗତସିଂହପୁର, (ସବ୍ୟୁ) : ବିଜୁ ଜନତା ଦଳରୁ ଇସ୍ତଫା ଦେଇଛନ୍ତି ପୁର୍ବତନ କାଜୁ ନିଗମ ଅଧକ୍ଷ ତଥା ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ଅମରେନ୍ଦ୍ର ଦାସ ।ଅମରେନ୍ଦ୍ର ଦାସ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ଥିବା ବେଳେ ଗତ ୩ ତାରିଖରେ ଜଗତସିଂହପୁର ଆସନ ପାଇଁ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ପୁଣି ଥରେ ବିଜେଡି ପ୍ରାର୍ଥୀ କରିଛି ।ପ୍ରତିଶୃତି ଦେଇ ପ୍ରତାରଣା କରିଥିବା ହେତୁ ଅମରେନ୍ଦ୍ର ନିରାଶ ହୋଇ ଦଳର ପ୍ରାଥମିକ ସଦସ୍ୟ ପଦରୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଇସ୍ତଫା ପତ୍ର ପଠାଇବା ସହିତ ନିର୍ବାଚନରେ ଲଢ଼ିବା କାରଣରୁ ଇସ୍ତଫା ଦେବା କଥା ଲେଖିଥିଲେ । ସେନା ପକ୍ଷରୁ ସ୍ଥାନୀୟ ଗୋପାଳ ସାଗର ଠାରେ ଆୟୋଜିତ ହୋଇଯାଇଛି । ।ବିଶେଷ କରି ଏକ ଦଳୀୟ ବ୍ୟାନରରେ ନିର୍ବାଚନ ଲଢିବା ପ୍ରସଙ୍ଗରେ କହିଥିଲେ ଯେ କେନ୍ଦ୍ରରେ ମୋଦି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ସେ ପ୍ରଭାବିତ ହୋଇଛନ୍ତି । ଆସନ୍ତାକାଲି(ଶୁକ୍ରବାର)ଭାରତୀୟ ଜନତା ପାର୍ଟୀ ଅଫିସ ଭୁବନେଶ୍ୱରରେ ସାମିଲ ହେବେ ବୋଲି ଗଣମାଧ୍ୟମକୁ ସୁଚନା ଦେଇଥିଲେ ।ଅମରେନ୍ଦ୍ରଙ୍କ ସହିତ ରହିଥିବା ସମସ୍ତ ନେତୃବୃନ୍ଦ ଓ କର୍ମୀ ବିଜେଡି ଛାଡି ବିଜେପିରେ ସାମିଲ ହେବେ ସଂକଳ୍ପ ନେଇଥିଲେ ।ଅମରେନ୍ଦ୍ର ଦାସ ଗତ ୨୦୧୯ ନିର୍ବାଚନ ସମୟରେ ଜଗତସିଂହପୁର ପ୍ରାର୍ଥୀ ପାଇଁ ଲବିରେ ଥିବା ବେଳେ ତାଙ୍କୁ ଟିକେଟ ଦିଆଯାଇ ଦିଆଯାଇନଥିଲା ।

ସହାୟତାରୁ ବଞ୍ଚିତ ପରିବାରର ଭୋଟ୍ ବର୍ଜନ ଚେତାବନୀ

ସାଲେପୁର, (ସବ୍ୟୁ) : ଅସହାୟ ପରିବାର ଆବାସ ଯୋଜନା ପାଇବା ପାଇଁ ବାରମ୍ବାର ପ୍ରଶାସନଠୁ ଆରମ୍ଭ କରି ସ୍ଥାନୀୟ ରାଜନେତାଙ୍କ ପାଖରେ ଗୁହାରି କରିଥିଲେ ହେଲେ କୌଣସି ସୁଫଳ ମିଳିଲାନାହିଁ । ସରକାରୀ ସହାୟତାରୁ ବଞ୍ଚିତ ପରିବାର ଭୋଟ୍ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତ । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲାର ସାଲେପୁର ବ୍ଲକ ଅନ୍ତର୍ଗତ ପିକୋଳ ପଞ୍ଚାୟତ ମନୋହରପୁର ଗ୍ରାମରେ । ଏହି ଗ୍ରାମର ନୟନା ବେହେରା ତାଙ୍କ ପାଗଳ ସ୍ୱାମୀ ଓ ଦୁଇ ଛୁଆଙ୍କୁ ଧରି ଚାଳ ଛପର ଘରେ ରୁହନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସ୍ଥାନୀୟ ନେତୃବୃନ୍ଦ ଏବଂ ପ୍ରଶାସନକୁ ଗୁହାରି କରିଥିଲେ

ମଧ୍ୟ କେହି ତାଙ୍କ କଥାକୁ କର୍ଣପାତ କରିନଥିବା ସେ କହିଛନ୍ତି । ଆବାସ ଯୋଜନା ରେ ନୟନାଙ୍କ ପରିବାରକୁ ଅନ୍ତର୍ଭୁକ୍ତ କରାଗଲା ନାହିଁ ।

ଗତ ଏଇ କିଛିଦିନ ତଳେ ହଟାତ ଘରର ମାଟିକାନ୍ଥ ଭାଙ୍ଗି ଗଲା । ଘର ଭାଙ୍ଗି ଯିବାପରେ ସ୍ଥାନୀୟ ରାଜନେତା ଏବଂ ପ୍ରଶାସନ ପାଖରେ ସାହାଯ୍ୟ ପାଇଁ ଗୁହାରି କରିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି । ବାଧ୍ୟ ହୋଇ ସେହି ଭଙ୍ଗା ଘରେ ଜରି ପାଲ ଟାଙ୍ଗି ଯେଉଁଠି ନୟନାଙ୍କ ପରିବାର ଶୋଉଛନ୍ତି ସେଇଠି ଗାଈ ବାଛୁରୀ ଗୃହପାଳିତ ପଶୁ ବି ରହୁଛନ୍ତି । ସବୁଠାରୁ ନିରାଶ ହୋଇ ଶେଷରେ ଭୋଟ ବର୍ଜନ କରିବେ ବୋଲି ନୟନା ବେହେରା ଚରମ ନିଷ୍ପତ୍ତି ନେଇଛନ୍ତି ।

ଦୁଇଟି ପଞ୍ଚାୟତରେ ବିଜେଡ଼ିର ସାଂଗଠନିକ ବୈଠକ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ବନ୍ଧୁପୁର ଓ ଜନାର୍ଦ୍ଦନପୁର ପଞ୍ଚାୟତରେ ବିଜେଡ଼ିର ବୁଥ୍ ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇଙ୍କ ସଭାପତିତ୍ୱରେ ବନ୍ଧୁପୁର ରଘୁନାଥଜୀଉ ମଠ ପରିସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ଶ୍ରୀ ଚନ୍ଦ୍ରସାରଥୀ ବେହେରା ଯୋଗ ଦେଇ ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶଙ୍ଖ ଚିହ୍ନ କିପରି ବିପୁଳ ପରିମାଣରେ ବିଜୟ ଲାଭ କରିବ ସେ ନେଇ ଉପସ୍ଥିତ କର୍ମୀମାନେ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ନୃସିଂହ ଚରଣ ମୁଦୁଲି ,ପଞ୍ଚାୟତ ସଭାପତି ନାରାୟଣ ସ୍ୱାଇଁ ,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ତରଣୀସେନ ଜେନା,ବିଜେଡ଼ି ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ,ସରପଞ୍ଚ ଜୟନ୍ତୀ ଗୋଛାୟତ, ମାନଗୋବିନ୍ଦ ଦାସ,ଶରତ ସାମଲ,ରତିକାନ୍ତ ଭୂୟାଁ, କାଳିନ୍ଦୀ ଭୋଇ, ଚନ୍ଦ୍ରକାନ୍ତ ପରିଡ଼ା ସମେତ ଶହ ଶହ ସଂଖ୍ୟାରେ ବିଜେଡ଼ି ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ । ସେହିପରି ଜନାର୍ଦ୍ଦନପୁର ପଞ୍ଚାୟତ କାଯ୍ୟାଳୟ ନିକଟ ଶ୍ରୀ ଶ୍ରୀ ଶନିଶ୍ଚର ପୀଠରେ ସରପଞ୍ଚ ବିଶ୍ୱଭୂଷଣ ନାୟକଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା ଯୋଗ ଦେଇ ଏହି ପଞ୍ଚାୟତରେ ବିଜେଡ଼ିର ବିଭିନ୍ନ ଯୋଜନା ଘରେ ଘରେ ପହଞ୍ଚାଇ ଭୋଟ ପ୍ରଚାର ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ପୁର୍ନବାର ଗାଦିରେ ବସାଇବା ପାଇଁ କିଭଳି ଅଧିକରୁ ଅଧିକ ଭୋଟ ବିଜେଡ଼ି ସପକ୍ଷରେ ଆସିବ ସେଥିପାଇଁ ଉଦ୍ୟମ ଜାରି ରଖିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରଦୀପ୍ତ କିଶୋର ଷଡଙ୍ଗୀ,ବ୍ଲକ ବିଜେଡ଼ି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ଅକ୍ଷୟ ବେହେରା ସମେତ ଶହ ଶହ ସଂଖ୍ୟାରେ ବିଜେଡ଼ି କର୍ମୀ ଉପସ୍ଥିତ ହୋଇ ଏଥର ନିର୍ବାଚନରେ ବିଜେଡ଼ି ଦଳକୁ ବିପୁଳ ସଂଖ୍ୟାରେ ବିଜୟ କରିବା ପାଇଁ ବଜ୍ର ଶପଥ ନେଇଥିଲେ ।

ସତ୍ୟସାଇ ବିଦ୍ୟାବିହାରର ବାର୍ଷିକ ଉତ୍ସବ

ମାହାଙ୍ଗା , (ସବ୍ୟୁ) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣା, ଗୋକନସ୍ଥିତ ସତ୍ୟସାଇ ବିଦ୍ୟାବିହାର ପରିସରରେ ବିଦ୍ୟାବିହାରର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସରୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ସାଇ ସେବା ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶ ପାଇଁ ଛାତ୍ରଛାତ୍ରୀ ,ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ କଟକଜିଲ୍ଲା ସତ୍ୟସାଇ ସେବାସଂଗଠନର ସଭାପତି ବିଚିତ୍ରାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ନାୟକ, ସମ୍ମାନୀତ ବକ୍ତାଭାବେ ବିକଳାନନ୍ଦ ମେମୋରିଆଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ଶ୍ରୀ ସତ୍ୟସାଇ ବିଦ୍ୟାବିହାର,ଏରକଣାର ପ୍ରଶାନ୍ତ କୁମାର କର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସଂପାଦକ ସତ୍ୟସାଇ ବିଦ୍ୟାବିହାର,ଏରକଣା ତଥା ମହିମାଧର୍ମର ଗବେଷକ ଡଃ.ଏକାଦଶୀ ପ୍ରଧାନ ଯୋଗଦେଇ ସତ୍ୟସାଇ ବାବାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାପାଇଁ ସମସ୍ତ ଗୁରୁଜୀ,ଗୁରୁମା ଓ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସଂପାଦକ ଗଣେଶ୍ୱର ସ୍ୱାଇଁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ମହେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟସାଇ ବିଦ୍ୟାବିହାରର ଅଧ୍ୟକ୍ଷ ଚୈତନ୍ୟ ପାଲ ବିବରଣୀ ପାଠ କରିଥିଲେ। ପ୍ରଥମେ ଓଁକାର ସାଇ ଗାୟତ୍ରୀ ଭଜନ ସହିତ ବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ବିଦ୍ୟାବିହାରର ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାବିହାରର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାବିହାରର ପରିଚାଳନା କମିଟିର ସଭ୍ୟ ଶରତ ଚନ୍ଦ୍ର ଜେନା ଏବଂ ସମସ୍ତ ଗୁରୁଜୀ,ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାବିହାରର ଛାତ୍ରଛାତ୍ରୀ ଓ ଅଣଶିକ୍ଷାକର୍ମଚାରୀ ଉପସ୍ଥିତ ରହିଥିଲେ।

ଫ୍ରେଣ୍ଡସ୍ ୟୁନିଅନ ଦିବାରାତ୍ରି କ୍ରିକେଟ ଟ୍ରଫି ଉନ୍ମୋଚିତ

ନେମାଳ, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଫ୍ରେଣ୍ଡସ ୟୁନିୟନ ଆନୁକୂଲ୍ୟରେ ଆସନ୍ତା ୬ ଓ ୭ ତାରିଖ ଦୁଇ ଦିନ ଧରି ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଦିବାରାତ୍ରି କ୍ରିକେଟ ପ୍ରତିଯୋଗିତା ପାଇଁ ଟ୍ରଫି ଉନ୍ମୋଚନ ଉତ୍ସବ ସୋମବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଫ୍ରେଣ୍ଡସ ୟୁନିୟନ କ୍ଲବ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ କ୍ଲବର ସଭାପତି ରାଜକିଶୋର ପୃଷ୍ଟି, ବରିଷ୍ଠ କ୍ରିକେଟିୟର ସେକ୍ ଅକ୍ତର ଅଲୀ, ପ୍ରାକ୍ତନ ସରପଂଚ ଦିଲ୍ଲୀପ ସାହୁ, ବିମଳ କୁମାର ଦାସ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ସାମ୍ବାଦିକ ରତ୍ନାକର ବାରିକ, ଗୋବିନ୍ଦ ଦାସ, ଦିଲ୍ଲୀପ ପୂଝାରୀ, ରଶ୍ମିରଂଜନ ପୂଝାରୀ, ଦେବାଶିଷ ପୂଝାରୀ, ବନୋଜ ପ୍ରଧାନ, ଭାଗବତ ସାହୁ, ସୌରଭ ପୂଝାରୀ, ଦେବେନ୍ଦ୍ରନାଥ ରଣା, ବିଶାଳ ଦେ, ବିଶ୍ୱରଂଜନ ପତିଙ୍କ ସମେତ ଫ୍ରେଣ୍ଡସ ୟୁନିୟନ କ୍ରିକେଟ କ୍ଲବର ସମସ୍ତ ସଭ୍ୟମାନେ ଯୋଗଦେଇ ଏହି ଦିବାରାତ୍ରି ପ୍ରତିଯୋଗିତାକୁ ସଂଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

କୁଆଖିଆ ମେଳଣରେ ହେଲପିଂ ହ୍ୟାଣ୍ଡସ୍ ପକ୍ଷରୁ ଜଳଛତ୍ର

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆର ୪୬ ତମ ଦୋଳ ମେଲଣ ଆଂଚଳିକ ଶାନ୍ତି କମିଟି ଦ୍ୱାରା ସୂଚାରୁ ରୂପେ ସମ୍ପାଦିତ ହୋଇଥିବା ବେଳେ ଏଥିରେ ୩୫ ଟି ରୁ ଉର୍ଦ୍ଧ ଦୋଳ ବିମାନ ଫଗୁ ଖେଳି ସାରଙ୍ଗପୁର ପଡିଆରେ ଚାର ମଣ୍ଡପରେ ବିଜେ କରିଥିଲେ । ମେଲଣରେ ଯାଜପୁର ଜିଲ୍ଲାର ଅଗ୍ରଣି ସାମାଜିକ ଅନୁଷ୍ଠାନ ହେଲପିଂ ହ୍ୟାଣ୍ଡସ୍ ପକ୍ଷରୁ ଜଳଛତ୍ର ଆୟୋଜନ କରାଯାଇଥିଲା ।

ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଏହି ଜଳଛତ୍ରରେ ଦହି ସର୍ବତ ପାନ କରି ଆନନ୍ଦ ଲାଭ କରିଥିଲେ । ପ୍ରଚଣ୍ଡ ରୁଦ୍ର ତାପ ଗୁଲୁଗୁଳି ଲକ୍ଷ ରଖି ଶ୍ରଦ୍ଧାଳୁ ମାନଙ୍କ ଉପରେ ଜଳ ସିଂଚନ କରାଯିବା ସହ ଭକ୍ତ ମାନଙ୍କର ପ୍ରାଥମିକ ଚିକିତ୍ସା ମଧ୍ୟ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ଷଡଙ୍ଗି, ଅଭିମନ୍ୟୁ ନାୟକ, ସତ୍ୟରଂଜନ ସାହୁ, ଉମେଶ ସାହୁ, ଦାମୋଦର ମହାରଣା, ଅନନ୍ତ ନାୟକ, ଶୁବାଷ ବେହେରା, ପ୍ରଦୋଷ ମଲିକ, ସୁଶାନ୍ତ ପଲେଇ, ଅଶ୍ୱିନୀ ଦାସ, ଜିତେନ୍ଦ୍ର ସେଠୀ, ଇନ୍ଦ୍ରଜିତ ସ୍ୱାଇଁ, ପ୍ରତିଭା ନାୟକ, ସୁଶ୍ରୀ ସଂଗୀତା ସାହୁ, କୁମୁଦୁନୀ ନାୟକ, ବିଦ୍ୟାଭୂଷଣ କର, ବିଶ୍ୱଭୂଷଣ କର, ରୁଦ୍ର ପରିଡା, ଅମୁଲ୍ୟ କର ଆଦି ସଦସ୍ୟ ମାନଙ୍କ ସମେତ ଅନୁଷ୍ଠାନର ଯାଜପୁର ଟାଉନ ଶାଖା, ସିଂହାପୁର ଶାଖା, ଭଦ୍ରକ ଶାଖା, ଭୁବନେଶ୍ୱର ଶାଖାର ୧୦୦ ଉର୍ଦ୍ଧ ସଦସ୍ୟ ଏହି ସେବା କାର୍ଯ୍ୟ ପରିଚାଳନା କରିଥିଲେ ।

କ୍ରେଡିଟ୍ କୋ-ଅପରେଟିଭ ସୋସାଇଟିରେ ଇଫତାର ପାର୍ଟି

କେନ୍ଦ୍ରାପଡା, (ସବ୍ୟୁ) : ପବିତ୍ର ରମଜାନ ମାସ ଉପଲକ୍ଷେ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ ଆନୁକୂଲ୍ୟରେ ଇଫତାର ପାର୍ଟି ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଇଫତାର ପାର୍ଟିରେ ସଂପାଦକ ପ୍ରହ୍ଲାଦ ସାହୁ, ସହ ସଂପାଦକ ଅରବିନ୍ଦ ସାହୁ, ମୁଖ୍ୟ ପରିଚାଳକ ମନୋଜ କୁମାର ସାହୁ, ଲ ଅଫିସର ବିଜୟ ଦାସ, ନିର୍ଦ୍ଦେଶକ ସେକ ରିୟାଜତ, ଉପ ସଭାପତି ସାବନା ପରୱିନ, ଏଜିଏମ ରମେଶ ସେଠୀ, ଦେବାଶିଷ ସାହୁ, ରଣ ପରିଚାଳକ ସୟଦ ଅନୱାର, ନଜିମ ଅଖତରୀ ପ୍ରମୁଖଙ୍କ ସହିତ ଅନୁଷ୍ଠାନର ସମସ୍ତ କର୍ମକର୍ତା ଉପସ୍ଥିତ ରହି ଇଫତାର ପାର୍ଟିରେ ଅଂଶ ଗ୍ରହଣ କରିଥିଲେ ।

ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ଶପଥଗ୍ରହଣ ଉତ୍ସବ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥୀ ଭାବରେ ଜିଲ୍ଲା ଦୌରା ଜଜ ଅନୁପ କୁମାର ଚନ୍ଦନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଓଡିଶା ରାଜ୍ୟ ଆଇନଜିବୀ ପରିଷଦର ଚେୟାରମ୍ୟାନ ସିତାଂଶୁ ମୋହନ ଦ୍ୱିବେଦୀ, ସମ୍ମାନନୀୟ ଅତିଥୀ ଭାବରେ ରାଜ୍ୟ ଆଇନଜିବୀ ପରିଷଦର ସଭ୍ୟ ଦୀନେଶ ରାୟ ଯୋଗ ଦେଇ ଓକିଲାତି ବୃତ୍ତି ସହିତ ଜଡିତ ବ୍ୟକ୍ତିମାନଙ୍କର ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ବାବଦରେ ଆଲୋଚନା କରିଥିଲେ ।

ଏହି ଉତ୍ସବରେ ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ କାନୁନଗୋ ନବ ନିର୍ବାଚିତ ଓକିଲ ସଂଘର ସଭାପତି ରବିନ୍ଦ୍ର ନାଥ ମହାନ୍ତି, ଉପସଭାପତି ସରୋଜ କୁମାର ବିଶ୍ୱାଳ, ସଂପାଦକ ନରେଶ ଦାସ, ଯୁଗ୍ମ ସଂପାଦକ ଅମୀୟ କୁମାର ମହାପାତ୍ର, କୋଷାଧକ୍ଷ ଦୁର୍ଯ୍ୟୋଧନ ରାଉତଙ୍କୁ ଶପଥ ପାଠ କରାଇଥିବା ବେଳେ ଅନ୍ୟତମ ବରିଷ୍ଠ ଆଇନଜୀବୀ ଅତୁଲ୍ୟ ଚନ୍ଦ୍ର ଦାସ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପ୍ରମିଳା ମହାରାଜ, ସଦସ୍ୟ ପର୍ଶୁରାମ ରାଉତ, ରୁଦ୍ରନାରାୟଣ ନାୟକ, ପ୍ରକାଶ ଚନ୍ଦ୍ର ରାୟ, ସୁଦର୍ଶନ ଭୋଇ, ବିଭୁପ୍ରସାଦ ନନ୍ଦ ଓ ସ୍ମୃତି ରଞ୍ଜନ ପଣ୍ଡାଙ୍କୁ ଶପଥ ପାଠ କରାଇଥିଲେ । ପୂର୍ବତନ ସଭାପତି ଦେବେନ୍ଦ୍ରନାଥ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ନନ୍ଦ ଆନୁଷ୍ଠାନିକ ଫଳାଫଳ ଘୋଷଣା କରିଥିଲେ ।

ନୂତନ ସଭାପତି ରବିନ୍ଦ୍ରନାଥ ମହାନ୍ତି ଆଇନଜୀବୀମାନଙ୍କର ଉନ୍ନତି ଦିଗରେ ସେ ଯତ୍ନବାନ ହୋଇ କାର୍ଯ୍ୟକରିବା ସହିତ ବାକିଥିବା ସମସ୍ୟା ଗୁଡିକର ସମସ୍ୟା ଦିଗରେ ଦୃଷ୍ଟି ଦେବେ ବୋଲି କହିଥିଲେ । ଏହି ଉତ୍ସବରେ ସଂପାଦକ ନରେଶ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନିୟମିତତା

ଅଧା ହୋଇନି କାମ, ବିଲ୍ ଉଠିଲାଣି ୨୮୮ କୋଟି

ଚଣ୍ଡିଖୋଲ, (ବେଣୁଧର ପଣ୍ଡା) : ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ସମସ୍ତ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଓଡିଶା ସରକାର ଘୋଷଣା କରିବାସହ ଯୋଜନାର ସଫଳ ରୁପାୟନ ପାଇଁ ପାଣିପରି ଅର୍ଥ ଯୋଗାଇ ଦେଇଛନ୍ତି । ସରକାରଙ୍କ ଘୋଷଣା ଅନୁଯାଇ ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳା ବ୍ଲକରେ ମୋଟ ୪ଲକ୍ଷ ୮୨ ହଜାର ୫୨୨ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ୧ ଲକ୍ଷ ୨୫ ହଜାର ୯୩୯ ଘରକୁ ପାଇପ ସଂଯୋଗ କରାଯିବାକୁ ଯୋଜନା ହୋଇଛି । ଏହି ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ଦକ୍ଷୀଣ ଭାରତର ମେଘା କମ୍ପାନୀ ସହ ସରକାର ପ୍ରକଳ୍ପ ର୍ନିମାଣ ପାଇଁ ଚୁକ୍ତି କରିଛନ୍ତି ।

ଗତ ୨୦୧୯ ମସିହା ଡିସେମ୍ବର ମାସ ୩୦ ତାରିଖରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ ମସିହା ଡିସେମ୍ବର ୩୦ ତାରିଖ ସୁଦ୍ଧା ଶେଷ କରିବାକୁ ଉକ୍ତ କମ୍ପାନୀ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଥିଲା । ହେଲେ ଦୁର୍ଭାଗ୍ୟର ବିଷୟ ଇତିମଧ୍ୟରେ ଚୁକ୍ତିର ସମୟସୀମା ଦୁଇବର୍ଷ ତଳୁ ପୁରି ଯାଇଥିଲେ ମଧ୍ୟ ଏହି ଦୁଇ ବ୍ଲକରେ ର୍ନିମାଣ କାର୍ଯ୍ୟ ଅଧାବି ଶେଷ ହୋଇନାହିଁ । ଅପରପକ୍ଷରେ ସଂପୃକ୍ତ କମ୍ପାନୀ ର୍ନିମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରିବା ସହ ଟେଣ୍ଡର ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ନଥିବା ଅଭିଯୋଗ ହୋଇଛି । ବିଭିନ୍ନ ଆଳରେ କମ୍ପାନୀକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇ ପ୍ରକଳ୍ପର ଟେଣ୍ଡର ମୂଲ୍ୟ ଠାରୁ ୨୯କୋଟି ୭୪ଲକ୍ଷ ଟଙ୍କାର ଅଧିକ ମୂଲ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଥିବା ଜଣାପଡିଛି । ଏପରିକି ଉକ୍ତ କମ୍ପାନି ର୍ନିମାଣ କାର୍ଯ୍ୟ ଶେଷ କରିବାରେ ଅହେତୁକ ବିଳମ୍ବ କରୁଥିଲେ ମଧ୍ୟ ସେଥିନେଇ କାର୍ଯ୍ୟାନୁଷ୍ଠାନ ବଦଳରେ କମ୍ପାନୀକୁ ଇତି ମଧ୍ୟରେ ପୂରା ପ୍ରକଳ୍ପ ମୂଲ୍ୟର ୮୫ଭାଗରୁ ଉର୍ଦ୍ଧ୍ୱ ଅର୍ଥ ବିଲ କରିଦିଆଯାଇଛ । କାମଠାରୁ ବହୁ ଅଧିକ ବିଲ ପାଇ କମ୍ପାନୀ ମାଲାମାଲ ହୋଇଥିଲା ବେଳେ ପ୍ରକଳ୍ପ କାର୍ଯ୍ୟ ଦୀଶାହୀନ ହୋଇପଡିଛି । କମ୍ପାନୀର ଚୁକ୍ତି ଅନୁଯାଇ ବଡଚଣା ବ୍ଲକର ୪୩ ପଞ୍ଚାୟତର ମୋଟ ୬୨,୯୯୧ ଘର ଓ ଧର୍ମଶାଳା ବ୍ଲକର ୫୦ଟି ପଞ୍ଚାୟତରେ ଥିବା ମୋଟ ୬୨,୯୪୮ ଘରକୁ ଏହି ସମୟସୀମା ମଧ୍ୟରେ ପାଇପ ସଂଯୋଗ କରାଯାଇ ପିଇବାପାଣି ଯୋଗାଇଦେବା କଥା । ତେବେ ଅଦ୍ୟାବଧି ଅର୍ଦ୍ଧେକ ଘରକୁ ପାଇପ ସଂଯୋଗ ହୋଇପାରି ନାହିଁ । ଏହା ଭିତରେ ବଡଚଣା ବ୍ଲକର ମାତ୍ର ୩୮,୨୩୨ଟି ଘରକୁ ଓ ଧର୍ମଶାଳା ବ୍ଲକର ମାତ୍ର ୩୭,୨୩୩ ଘରକୁ ପାଣି ପାଇପ ସଂଯୋଗ ହୋଇପାରିଥିବା ସରକାରୀ ରିପୋର୍ଟରୁ ଜଣାପଡିଛି ।

ଏହି ରିପୋର୍ଟ ପ୍ରକୃତରେ ବାସ୍ତବତା ଠାରୁ ଭିନ୍ନ ବୋଲି ଲୋକେ ଅଭିଯୋଗ କରୁଛନ୍ତ ।ସୂଚନା ଅଧିକାର ତଥ୍ୟ ଅନୁଯାୟୀ ବଡଚଣା ଓ ଧର୍ମଶାଳା ବ୍ଲକରେ ଏହି ପ୍ରକଳ୍ପ ର୍ନିମାଣ ପାଇଁ ୩୦୫ କୋଟି ୯୮ଲକ୍ଷ ଟେଣ୍ଡର ମୂଲ୍ୟ ରହିଥିଲା । ହେଲେ ର୍ନିଦ୍ଧାରିତ ଟେଣ୍ଡର ମୂଲ୍ୟ ଠାରୁ ୨୯ କୋଟି ୭୪ଲକ୍ଷ ଅଧିକ ଅର୍ଥାତ ୩୩୫ କୋଟି ୭୨ ଲକ୍ଷ ଟଙ୍କାରେ ପ୍ରକଳ୍ପ କାର୍ଯ୍ୟ କରିବାକୁ ଉକ୍ତ ଠିକା କମ୍ପାନୀ ସରକାରଙ୍କ ସହ ଚୁକ୍ତି କରିଥିଲା । ଚୁକ୍ତି ଅନୁଯାଇ କମ୍ପାନୀ ବଡଚଣା ବ୍ଲକରେ ୩୨ଟି ଓ ଧର୍ମଶାଳା ବ୍ଲକରେ ୩୮ଟି ବଡ ଓଭରହେଡ ପାଣିଟାଙ୍କି ର୍ନିମାଣ କରି ସେଠାରୁ ସବୁ ଘରକୁ ଜଳଯୋଗାଣ କରିବା କଥା । ଇତିମଧ୍ୟରେ ବଡଚଣାରେ ମାତ୍ର ୨୭ ଓ ଧର୍ମଶାଳାରେ ୨୮ଟି ଟାଙ୍କିର ର୍ନିମାଣ ସରିଥିବା କୁହାଯାଇଛି । ତେବେ ଇତି ମଧ୍ୟରେ କମ୍ପାନୀକୁ ପ୍ରକଳ୍ପର ମୋଟ ମଞ୍ଜୁର ଅର୍ଥରୁ ପ୍ରାୟ ୮୦ଭାଗରୁ ଉର୍ଦ୍ଧ୍ୱ ଅର୍ଥାତ ୨୮୭ କୋଟି ୭୬ଲକ୍ଷ ଟଙ୍କା ବିଲ ପୈଠ କରାଯାଇ ସାରିଛି । ତେବେ ଏ ତେ କମ କାମ କରିଥିଲେ ମଧ୍ୟ କମ୍ପାନୀକୁ କେଉଁ ଉଦ୍ଦେଶ୍ୟରେ ଏତେ ପରିମାଣର ଅର୍ଥ ବିଲ ପ୍ରଦାନ କରାଯାଇଛି ତାହା ପ୍ରଶ୍ନବାଚୀ ହୋଇଛି ।

ଉକ୍ତ ଦୁଇ ବ୍ଲକରେ ମୋଟ ୧୩୫୨.୯୨ କିମି ପାଇପ ବିଛାଇ ଜଳଯୋଗାଣ କରିବାକୁ ଚୁକ୍ତି ଥିଲାବେଳେ ଇତିମଧ୍ୟରେ ସେଥିରୁ ୨୧୭.୫୮ କିମିରେ ପାଇପ ବିଛାଯାଇ ନଥିବା ମଧ୍ୟ ଜଣାଯାଇଛି । କରୋନା ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ଆଳକରି କମ୍ପାନୀ ଇତିମଧ୍ୟରେ ସରକାରଙ୍କ ଠାରୁ ଅଧିକ ଦୁଇବର୍ଷ ଅର୍ଥାତ ୨୦୨୩ ମସିହା ଡିସେମ୍ବର ମାସ ଶେଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ ସମୟସୀମା ବୃଦ୍ଧି କରାଇ ନେଇଥିବା ଜଣାପଡିଛି । ହେଲେ ଏହି ବୃଦ୍ଧି ସମୟସୀମା ଶେଷ ହେବାକୁ ବସିଥିଲେ ମଧ୍ୟ ପ୍ରକଳ୍ପ କାମ ଅଧାପାନ୍ତରା ହୋଇ ପଡିରହିଛି । ଫଳରେ ଲୋକମାନଙ୍କ ପାଖରେ ପିଇବା ପାଣି କେବେ ପହଞ୍ଚିବ ତାହା ଅନିଶ୍ଚିତତା ହୋଇପଡିଛି ।

ପାନୀୟ ଜଳ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କେନ୍ଦ୍ରାପଡା, (ସବ୍ୟୁ) : କନ୍ଦ୍ରୋପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଂଚାୟତର ପଲ୍ଲୀ ରଘୁନାଥପୁର ଗ୍ରାମର ଶତାଧିକ ମହିଳା ପାନୀୟ ଜଳ ନ ପାଇବାରୁ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ପ୍ରବଳ ଗ୍ରୀଷ୍ମରେ ଲୋକେ ପାନୀୟ ଜଳ ପାଇଁ ଛଟପଟ ହେଉଥିବା ବେଳେ ରଘୁନାଥପୁର ଗ୍ରାମର ୧ନଂ ଓ ୨ନଂ ୱାର୍ଡର ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପାନୀୟ ଜଳ ସମାସ୍ୟ ଘେରରେ ରହିଛନ୍ତି ।

ସ୍ଥାନୀୟ ଅଂଚଳର ମହିଳା ମାନେ ପାନୀୟ ଜଳ ପାଇଁ ନିକଟତମ ଗ୍ରାମକୁ ପାଣି ଆଣିବାକୁ ଯାଉଛନ୍ତି । ଏହି ଗ୍ରାମବାସୀ ମାନେ ଦୀର୍ଘଦିନ ହେଲା ବ୍ଲକ ପ୍ରଶାସନ ଓ

ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗକୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ନ ହେବାରୁ ଶତାଧିକ ମହିଳା ଗୁରୁବାର ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ତାଙ୍କ ୱାର୍ଡରେ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ପୁଷ୍ପଲତା ବରାଳ, ମିନାକ୍ଷୀ ମହାନ୍ତି, ଜୟନ୍ତୀ ଦାସ,ମିନତୀ ଦାସ, ମୁଲତା ବରାଳ, ଅନ୍ନପୂର୍ଣ୍ଣା ଦାସ ପ୍ରମୁଖ ଦାବି କରିଛନ୍ତି